# ଧରିତ୍ରୀ DHARITRI

ରାୟଗଡ଼ା, ରବିବାର, ଜାନୁୟାରୀ ୧୭/୨୦୨୧ (୧୬ ପୃଷ୍ଠା+ଛୁଟିଦିନ) Rayagada, Sunday, January 17/2021 ★

୧୦ମ ଭାଗ ୨୪୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-




**ଜୋ ରୁଟ୍‌ଙ୍କ ଦ୍ୱିଶତକ**

ଗାଲେଠାରେ ଚାଲିଥିବା ଶ୍ରୀଲଙ୍କା ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ଇଂଲଣ୍ଡ ଅଧିନାୟକ ଜୋ ରୁଟ୍ ଦ୍ୱିଶତକ ହାସଲ କରିଛନ୍ତି।

୧୫

୧୪

**ଗୁପ୍‌ଚୁପ୍ ପ୍ରେମରେ ସନି**

ବଲିଉଡ୍ ଅଭିନେତ୍ରୀ ସନି ଲିଓନି ନିଜ ଭ୍ୟାନିଟି ଭ୍ୟାନ୍‌ରେ କ୍ରୁ ମେମ୍ବରଙ୍କ ସହ ମସ୍ତି କରୁଥିବାବେଳେ ଗୁପ୍‌ଚୁପ୍ ଖାଉଥିବା ନଜରକୁ ଆସିଛନ୍ତି।



# ୧.୬ ଲକ୍ଷ ନେଲେ

## ଦେଶବ୍ୟାପୀ କୋଭିଡ୍ -୧୯ ଟିକାକରଣ ଶୁଭାରମ୍ଭ

## ମହାମାରୀ ବିରୋଧରେ ନିର୍ଣ୍ଣାୟକ ବିଜୟ ହେବ: ମୋଦି

**ନୂଆଦିଲ୍ଲୀ, ୧୬ା୧ (ପି.ଟି.)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଦେଶରେ ବିଶ୍ୱର ସର୍ବବୃହତ୍ କୋଭିଡ୍ ଟିକାକରଣ ଅଭିଯାନ ଶୁଭାରମ୍ଭ କରିଛନ୍ତି। ପ୍ରଥମ ଦିନରେ ପ୍ରାୟ ୩



ଟିକାକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

ଲକ୍ଷ ଜଣଙ୍କୁ ଟିକା ଦେବା ପାଇଁ ଧାର୍ଯ୍ୟ କରାଯାଇଥିବାବେଳେ ଅପରାହ୍ନ ୫ଟା ୩୦ ସୁଦ୍ଧା ୧,୬୫,୭୧୪ ସ୍ୱାସ୍ଥ୍ୟକର୍ମୀ ଓ ଆଗଧାଡ଼ିର କର୍ମଚାରୀ ଭାକ୍ସିନ୍ ନେଇଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଦେଶର ୩,୩୫୧ଟି ସ୍ଥାନରେ ଟିକାଦାନ କରାଯାଇଥିଲା। ଭାରତରେ ପ୍ରସ୍ତୁତ ଟିକା କରୋନା ମହାମାରୀ ବିରୋଧରେ ନିର୍ଣ୍ଣାୟକ ବିଜୟ ହେବ ବୋଲି ପ୍ରଧାନମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଅଭିନନ୍ଦନ ଜଣାଇବା ସହ ଯେଉଁମାନଙ୍କ ପାଇଁ ଟିକା ସର୍ବାଧିକ ଆବଶ୍ୟକ ସେମାନେ ପ୍ରଥମେ ପାଇବେ ବୋଲି କହିଥିଲେ। ଦେଶ ପାଇଁ ଏହା ଏକ ଐତିହାସିକ ମୁହୂର୍ତ୍ତ। ଏହା ଆତ୍ମନିର୍ଭର ଭାରତର ପ୍ରାମାଣିକତା ବୋଲି ଭାଜପାର ଶୀର୍ଷ ନେତା ଓ କେନ୍ଦ୍ରମନ୍ତ୍ରୀମାନେ କହିଛନ୍ତି।

ଭିଡିଓ କନ୍‌ଫରେନ୍ସ ଜରିଆରେ ଟିକାଦାନ କାର୍ଯ୍ୟକ୍ରମର ଶୁଭାରମ୍ଭ କରି ମୋଦି କହିଥିଲେ, ଟିକାର ଦୁଇଟି ଡୋଜ୍ ଅତି ଗୁରୁତ୍ୱପୂର୍ଣ୍ଣ। ଟିକା ନେବା ସହ ମାସ୍କ ପିନ୍ଧିବା ଓ ସାମାଜିକ ଦୂରତ୍ୱ ରକ୍ଷା କରିବାକୁ ହେବ ବୋଲି ସେ କହିଥିଲେ।



ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲରେ ପ୍ରଥମ ଟିକା ନେଉଛନ୍ତି ସଫେଇ କର୍ମଚାରୀ ବିରଞ୍ଚି ନାୟକ।

ମହାମାରୀ ସମୟରେ ଲୋକଙ୍କ ଦୁର୍ଦ୍ଦଶାକୁ ମନେ ପକାଇ ପ୍ରଧାନମନ୍ତ୍ରୀ ଭାବବିହ୍ୱଳ ହୋଇପଡ଼ିଥିଲେ। କରୋନା ସଂକ୍ରମିତଙ୍କୁ ଅନ୍ୟମାନଙ୍କଠାରୁ ଅଲଗା ରଖିବାକୁ ପଡୁଥିଲା ଓ ମୃତକଙ୍କ ପାଇଁ ପାରମ୍ପରିକ ଶେଷକୃତ୍ୟ କରାଯାଇପାରୁ ନ ଥିଲା। ଅନେକ ଲୋକ ଲକ୍‌ଡାଉନ ବେଳେ ଘରକୁ ଫେରିପାରି ନ ଥିଲେ। ☞ପୃଷ୍ଠା-୧୩

# ସ୍ୱାସ୍ଥ୍ୟକର୍ମୀଙ୍କ ସହ କଥା ହେଲେ ନବୀନ

- ରାଜ୍ୟର ୧୬୧ କେନ୍ଦ୍ରରେ ଟିକାଦାନ କାର୍ଯ୍ୟକ୍ରମ
- ପ୍ରଥମ ଦଫାରେ କୋଭିଡ୍ ଯୋଦ୍ଧା
- ଟିକାକରଣ ସଫଳ କରିବାକୁ ଆହ୍ୱାନ

**ଭୁବନେଶ୍ୱର, ୧୬ା୧ (ବ୍ୟୁରୋ)**

କୋଭିଡ୍-୧୯ ମହାମାରୀ ବିରୋଧରେ ଶନିବାରଠାରୁ ନିର୍ଣ୍ଣାୟକ ଲଢ଼େଇ ଆରମ୍ଭ ହୋଇଛି। ରାଜଧାନୀ ଭୁବନେଶ୍ୱର, କଟକ, ବ୍ରହ୍ମପୁର, ସମ୍ବଲପୁର, ରାଉରକେଲା ମହାନଗର ନିଗମ ସମେତ ରାଜ୍ୟର ୧୬୧ଟି କେନ୍ଦ୍ରରେ ଟିକାକରଣ ଆରମ୍ଭ କରାଯାଇଛି। ପୂର୍ବାହ୍ନ ୧୦ଟା ୩୦ ମିନିଟ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଟିକାଦାନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିବାବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମାଧ୍ୟମରେ କ୍ୟାପିଟାଲ ହସ୍ପିଟାଲର ପ୍ରଥମ ଟିକା ନେଇଥିବା ସଫେଇ କର୍ମଚାରୀ ବିରଞ୍ଚି ନାୟକ, ସୁନ୍ଦରଗଡ଼ର ଜଣେ ଷ୍ଟାଫ ନର୍ସ ଓ ଗଞ୍ଜାମର ଜଣେ



ନବୀନ ପଟ୍ଟନାୟକ

ଡାକ୍ତରଙ୍କ ସହ କଥା ହୋଇଛନ୍ତି।

ପୂର୍ବାହ୍ନ ୧୧ଟାରେ ଟିକାଦାନ ଆରମ୍ଭ ହୋଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଭିଡିଓ କନ୍‌ଫରେନ୍ସ ଜରିଆରେ ସ୍ୱାସ୍ଥ୍ୟକର୍ମୀମାନଙ୍କ ସହ କଥାହୋଇ ☞ପୃଷ୍ଠା-୧୩

# ନରୱେରେ ଟିକା ନେଇ ୨୩ ମଲେଣି

**ନୂଆଦିଲ୍ଲୀ, ୧୬ା୧**

ନରୱେରେ ଫାଇଜର ଟିକା ନେବାର କିଛି ସମୟ ପରେ ୨୩ ଜଣ ବର୍ଷୀୟାନ ବ୍ୟକ୍ତିଙ୍କର ମୃତ୍ୟୁ ଘଟଣା ସାରା ବିଶ୍ୱ ପାଇଁ ଚିନ୍ତାର କାରଣ ହୋଇଛି। ନରୱେ ସରକାର ସେମାନଙ୍କ ମୃତ୍ୟୁର ତଦନ୍ତ ଆରମ୍ଭ କରିଛନ୍ତି। ଏମାନଙ୍କ ବ୍ୟତୀତ ଆହୁରି ଅନେକ ଲୋକ ଟିକା ନେଇ ଅସୁସ୍ଥ ହୋଇପଡ଼ିଥିବା ଜଣାପଡ଼ିଛି। ୮୦ ବର୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ଉପରେ ଫାଇଜର ଟିକାର ପ୍ରତିକୂଳ ପ୍ରତିକ୍ରିୟା ଦେଖାଯାଇଥିଲା। ଯଦିଓ ଫାଇଜର ଟିକା ଓ ବୃଦ୍ଧାବୃଦ୍ଧଙ୍କ ମୃତ୍ୟୁ ମଧ୍ୟରେ ସିଧାସଳଖ ସମ୍ପର୍କ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ, ତେବେ ୨୩ ଜଣଙ୍କ ମଧ୍ୟରୁ ୧୩ ଜଣଙ୍କଠାରେ ଡାଇରିଆ, ଜ୍ୱର ଓ ବାନ୍ତି ହେବା ଭଳି ଟିକାର ସାଧାରଣ ଲକ୍ଷଣ ଦେଖାଯାଇଥିଲା। ଟିକା ନେବା ପରେ ମୃତ୍ୟୁକୁ ନେଇ ଉଦ୍‌ବେଗ ପ୍ରକାଶ ପାଇବାରୁ ଫାଇଜର ୟୁରୋପୀୟ ଦେଶଗୁଡ଼ିକୁ ଟିକା ଯୋଗାଣ କମାଇଦେଇଛି।

ନରୱେ ସରକାର ମଧ୍ୟ ବରିଷ୍ଠ ନାଗରିକମାନଙ୍କୁ ଟିକାଦାନ ବେଳେ ସତର୍କତା ଅବଲମ୍ବନ କରିବାକୁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ୮୦ ବର୍ଷରୁ ଊର୍ଦ୍ଧ୍ୱ, ଯେଉଁମାନଙ୍କର ଜୀବନକାଳ କମ୍ ଦିନ ରହିଛି, ସେମାନେ ଟିକାକରଣରୁ ବିଶେଷ ଲାଭବାନ ହେବେନାହିଁ ବୋଲି କୁହାଯାଇଛି। ଡିସେମ୍ବର ଶେଷଭାଗରେ ଟିକାକରଣ ଆରମ୍ଭ ହୋଇଥିବାବେଳେ ଏପର୍ଯ୍ୟନ୍ତ ୩୦ ହଜାରରୁ ଅଧିକ ଲୋକ ଫାଇଜର କିମ୍ବା ମଡର୍ନା ଟିକାର ପ୍ରଥମ ଡୋଜ୍ ନେଇଛନ୍ତି। କେଉଁମାନେ ଟିକା ନେବା ଉଚିତ ଏବେ ଡାକ୍ତର ତାହା ସ୍ଥିର କରନ୍ତୁ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।

# ସୁପ୍ରିମକୋର୍ଟ ଗଲା ବିକେୟୁ

## ବିଶେଷଜ୍ଞ କମିଟିରୁ ତିନି ସଦସ୍ୟଙ୍କୁ ହଟାଅ

**ନୂଆଦିଲ୍ଲୀ, ୧୬ା୧ (ପି.ଟି.)**

ବିବାଦୀୟ କୃଷି ଆଇନକୁ ନେଇ ଅଚଳାବସ୍ଥା ଜାରି ରହିଥିବାବେଳେ ଏହାର ସମାଧାନ ସୂତ୍ର ବାହାର କରିବା ଲାଗି ସୁପ୍ରିମକୋର୍ଟ ୪ ଜଣିଆ ବିଶେଷଜ୍ଞ କମିଟି ଗଠନ କରିଥିଲେ। ଉକ୍ତ କମିଟିରୁ ଭୂପିନ୍ଦର ସିଂ ମାନ୍ ଓହରିଯାଇଥିବାବେଳେ ଅନ୍ୟ ୩ ସଦସ୍ୟଙ୍କୁ କାଢ଼ିଦେବା ପାଇଁ କୃଷକ ସଂଗଠନ ସର୍ବୋଚ୍ଚ ଅଦାଲତଙ୍କୁ ଅନୁରୋଧ କରିଛି। କମିଟି ସଦସ୍ୟମାନେ ପୂର୍ବରୁ ଆଇନକୁ ସମର୍ଥନ କରୁଥିବାରୁ ସେମାନଙ୍କୁ ନିଯୁକ୍ତି ଦେବା ପକ୍ଷପାତବିହୀନ ନୀତିର ବିରୁଦ୍ଧ ହେବ ବୋଲି ଭାରତୀୟ କିଷାନ ୟୁନିୟନ ଲୋକଶକ୍ତି ପକ୍ଷରୁ କୁହାଯାଇଛି। ☞ପୃଷ୍ଠା-୧୩

**ଆଜିର ସମ୍ପାଦକୀୟ**

**ଏତେ ଘୃଣା କାହିଁକି**

# ତଥ୍ୟ ଦେଉନାହାନ୍ତି କେନ୍ଦ୍ରୀୟ ସଂସ୍ଥା



**ଭୁବନେଶ୍ୱର, ୧୬ା୧ (ବ୍ୟୁରୋ)**

ମହାନଦୀ ଜଳ ବିବାଦ ମାମଲା ଘୁଞ୍ଚି ଘୁଞ୍ଚି ଯାଉଛି। କେନ୍ଦ୍ରୀୟ ସଂସ୍ଥା ଉଭୟ ଓଡ଼ିଶା କିମ୍ବା ଛତିଶଗଡ଼କୁ ତଥ୍ୟ ଦେଉନାହାନ୍ତି। ମିଳିଥିବା ସୂଚନା ଅନୁଯାୟୀ ଏହି ବିବାଦକୁ ନେଇ କେନ୍ଦ୍ରୀୟ ସଂସ୍ଥା ଅକ୍ଷମତା ପ୍ରକାଶ କରୁଛନ୍ତି। ମହାନଦୀ ବିବାଦର ସମାଧାନ ପାଇଁ ଓଡ଼ିଶା ପକ୍ଷରୁ ୨୦୨୦ ଅଗଷ୍ଟରେ କେନ୍ଦ୍ରୀୟ ସଂସ୍ଥାଗୁଡ଼ିକୁ ତଥ୍ୟ ପ୍ରମାଣ ମଗାଯାଇଥିଲା। ଏହାଛଡ଼ା ମହାନଦୀ ବିବାଦ ଟ୍ରିବ୍ୟୁନାଲ ଉଭୟ ରାଜ୍ୟକୁ ଆବଶ୍ୟକ କାଗଜପତ୍ର ଯୋଗାଇ ଦେବାକୁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ୬ ମାସ ବିତିଯାଇଥିଲେ ସୁଦ୍ଧା କେନ୍ଦ୍ରୀୟ ଏଜେନ୍ସି କୌଣସି ପ୍ରମାଣ ପତ୍ର ଦେଉ ନ ଥିବା ରାଜ୍ୟ ସରକାରଙ୍କ ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

୧୯୫୦ରୁ ମହାନଦୀ ଉପରେ ହୋଇଥିବା ୨୩ଟି ପ୍ରକଳ୍ପ ସମ୍ପର୍କରେ ବୈଷୟିକ ପରାମର୍ଶଦାତା କମିଟି ଦେଇଥିବା ସୁପାରିସ ବିଷୟରେ ଓଡ଼ିଶା ସରକାର କେନ୍ଦ୍ରୀୟ ଜଳ ଆୟୋଗକୁ ତଥ୍ୟ ମାଗିଥିଲେ। ଏଥିସହିତ ହୀରାକୁଦ ଡ୍ୟାମ୍ ପାଇଁ ୧୯୪୮ ଏବଂ ୧୯୫୨ରେ କମିଟି ଦେଇଥିବା ଟର୍ମସ ଅଫ୍ ରେଫରେନ୍ସ ବିଷୟରେ ଓଡ଼ିଶା ସରକାର ଜଳ ଶକ୍ତି ମନ୍ତ୍ରଣାଳୟକୁ ମାଗିଥିଲେ। ଏହାଛଡ଼ା ହୀରାକୁଦ ଜଳ ଭଣ୍ଡାର ସମ୍ପର୍କରେ ପବ୍ଲିକ ଆକାଉଣ୍ଟ୍ସ କମିଟି ରିପୋର୍ଟ ଏବଂ ମହାନଦୀ ଉପରେ ହୋଇଥିବା ୩୫ଟି ପ୍ରକଳ୍ପର ପରିବେଶ ମଞ୍ଜୁରୀ ରିପୋର୍ଟ ପରିବେଶ ମନ୍ତ୍ରଣାଳୟକୁ ଓଡ଼ିଶା ସରକାର ମାଗିଥିଲେ। ସେହିପରି ଛତିଶଗଡ଼ ସରକାର ମଧ୍ୟ ଭାରତୀୟ ☞ପୃଷ୍ଠା-୧୩

**ମହାନଦୀ ଜଳ ବିବାଦ ମାମଲା**

# ଯୋଜନା ଅଛି, ସୁହାଉନାହିଁ

**ପ୍ରମୋଦ କୁମାର ନାୟକ**
**ଜଗତ୍‌ସିଂହପୁର ଅଫିସ, ୧୬ା୧**

କୃଷିଭିତ୍ତିକ ଉଦ୍ୟୋଗ ସ୍ଥାପନ ସାଙ୍ଗକୁ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପର ଦ୍ରୁତ ବିକାଶକୁ ଆଖି ଆଗରେ ରଖି ରାଜ୍ୟ ସରକାର 'ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା' (ଏମ୍‌କେୟୁୱାଇ) ୧୯୯୬ରେ କାର୍ଯ୍ୟକାରୀ କରିଛନ୍ତି। ପାରମ୍ପରିକ କୃଷିକୁ ବ୍ୟବସାୟିକ କୃଷିରେ ପରିଣତ କରିବା ଏହାର ଉଦ୍ଦେଶ୍ୟ। ରାଜ୍ୟ ସରକାରଙ୍କ ସଂସ୍ଥା ଓଡ଼ିଶା କୃଷି ପ୍ରୋତ୍ସାହନ ଓ ପୁଞ୍ଜିଲଗାଣ ନିଗମ ଲିଃ (ଆପିକଲ) ରାଜ୍ୟ କୃଷି ନୀତି ୨୦୧୩ ଅନୁଯାୟୀ ଏହି ଯୋଜନାକୁ ୨୦୧୮ରୁ କାର୍ଯ୍ୟକାରୀ କରିଆସୁଛି। କୃଷକ ତଥା ଉଦ୍ୟୋଗୀମାନଙ୍କୁ କୃଷିଭିତ୍ତିକ ଉଦ୍ୟୋଗ ପ୍ରତିଷ୍ଠା ନିମନ୍ତେ ବୈଷୟିକ ଜ୍ଞାନକୌଶଳ, ପ୍ରଶିକ୍ଷଣ, ପ୍ରୋତ୍ସାହନ ଓ ଅନୁକୂଳ ପରିବେଶ ଯୋଗାଇଦେବା ଯୋଜନାର ମୁଖ୍ୟ ଲକ୍ଷ୍ୟ। କିନ୍ତୁ ଯୋଜନାରୁ ସୁବିଧା ପାଇବାରେ କ୍ଲିଷ୍ଟତା ଏବଂ ଅନ୍ୟ ଯୋଜନାରେ ସହଜରେ ଅଧିକ ସୁବିଧା ମିଳୁଥିବାରୁ ଏମ୍‌କେୟୁୱାଇ କୃଷି ଉଦ୍ୟୋଗୀ ସୃଷ୍ଟି ପାଇଁ ଆକୃଷ୍ଟ କରିପାରୁନି। ଏଥିଯୋଗୁ ରାଜ୍ୟର ୧୩୩୨ ପ୍ରକଳ୍ପକୁ 'ଗୋ ଆହେଡ୍' ଅର୍ଥାତ୍ 'ଆଗକୁ ଯିବା' ପାଇଁ ଅନୁମତି ଦିଆଯାଇଥିବାବେଳେ ସେଥିମଧ୍ୟରୁ ମାତ୍ର ୨୯୬ଟି ଅନୁମୋଦନ ଲାଭ କରିଛି। ୯୩୪ ପ୍ରକଳ୍ପ ଉପରେ ସିଦ୍ଧାନ୍ତ ହୋଇପାରି ନ ଥିବାବେଳେ ୧୦୩ଟିକୁ ବିଭିନ୍ନ କାରଣରୁ ବାତିଲ କରି ଦିଆଯାଇଛି। ନିଜସ୍ୱ ଉଦ୍ୟମରେ ୪୧ଟି ପ୍ରକଳ୍ପ କାମ ଆଗେଇଛି।

ଯୋଜନା କାର୍ଯ୍ୟକାରୀ ହେବା ଦିନଠାରୁ ଏ ପର୍ଯ୍ୟନ୍ତ ମାତ୍ର ୯୬ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇପାରିଛି। ଜିଲାୱାରି ଦେଖିଲେ ନବରଙ୍ଗପୁର, କୋରାପୁଟ, ଗଜପତି ଓ ସମ୍ବଲପୁର ଜିଲାରେ ଗୋଟିଏ ବି ପ୍ରକଳ୍ପ ଅନୁମୋଦନ ଲାଭ କରିନାହିଁ। ବଲାଙ୍ଗୀର, କଳାହାଣ୍ଡି ଓ ନୂଆପଡ଼ା ଜିଲାରେ ଗୋଟିଏ ଲେଖାଏ ପ୍ରକଳ୍ପ ଅନୁମୋଦିତ ହୋଇଛି। ଯୋଜନା ସମ୍ପର୍କରେ ☞ପୃଷ୍ଠା-୧୩



**ଏମ୍‌କେୟୁୱାଇ**

- ନବରଙ୍ଗପୁର, କୋରାପୁଟ, ଗଜପତି ଓ ସମ୍ବଲପୁର ଜିଲାରେ ଗୋଟିଏ ବି ପ୍ରକଳ୍ପକୁ ଅନୁମୋଦନ ମିଳିନି




**ନୂଆ ଷ୍ଟ୍ରେନ୍‌ରେ ୧୧୬ ସଂକ୍ରମିତ**

ବ୍ରିଟେନରେ ପ୍ରଥମେ ଦେଖାଦେଇଥିବା କରୋନାର ନୂଆଷ୍ଟ୍ରେନ୍‌ରେ ଭାରତର ୧୧୬ ଜଣ ସଂକ୍ରମିତ ହୋଇଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସମସ୍ତ ଆକ୍ରାନ୍ତଙ୍କୁ ସମ୍ପୃକ୍ତ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରସ୍ତୁତ ଆଇସୋଲେଶନ କେନ୍ଦ୍ରରେ ରଖାଯାଇଛି। ସେମାନଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିଙ୍କୁ କ୍ୱାରାଣ୍ଟାଇନରେ ରଖାଯାଇ ନିରୀକ୍ଷଣ କରାଯାଉଛି।

## ସଂକ୍ଷେପରେ

### କୃଷକ ନେତାଙ୍କୁ ଏନ୍‌ଆଇଏ ନୋଟିସ

**ନୂଆଦିଲ୍ଲୀ, ୧୬।୧:** ନୂଆ କୃଷି ଆଇନକୁ ବିରୋଧ କରୁଥିବା କେତେଜଣ ଚାଷୀ ନେତା, ଖବରଦାତା ଏବଂ ଆନ୍ଦୋଳନରେ ଜଡ଼ିତ ପ୍ରାୟ ୪୦ ଜଣଙ୍କୁ ଜାତୀୟ ତଦନ୍ତକାରୀ ଏଜେନ୍ସି (ଏନ୍‌ଆଇଏ) ପକ୍ଷରୁ ନୋଟିସ୍ ଜାରି କରାଯାଇଛି। ଭାରତରେ ବିଚ୍ଛିନ୍ନତାବାଦୀ ଏବଂ ଖଲିସ୍ତାନୀ ସମର୍ଥକଙ୍କ କାର୍ଯ୍ୟକଳାପକୁ ସମର୍ଥନ କରୁଥିବା ଏକ ବିଦେଶୀ ଗୋଷ୍ଠୀ 'ଶିଖ୍ ଫର ଜଷ୍ଟିସ୍' ବିରୋଧରେ ଏମାନଙ୍କୁ ସାକ୍ଷୀ କରିବାକୁ ନୋଟିସ୍ ପଠାଯାଇଥିବା ଜଣାଯାଇଛି। ଅନୁସନ୍ଧାନ ସମ୍ବନ୍ଧୀୟ ବିବରଣୀ ପାଇଁ ଜଣେ କୃଷକ ନେତା, ଜଣେ ଟେଲିଭିଜନ ଖବରଦାତା, କେବୁଲ ଟିଭି ଅପରେଟର, ଟୁରିଷ୍ଟ ବସ୍ ମାଲିକ, ଜଣେ ଅଭିନେତା, ମିଠା ଦୋକାନ ମାଲିକ ଏବଂ ଅନ୍ୟ ବ୍ୟବସାୟୀ ଜାନୁୟାରୀ ୧୮ରୁ ୨୧ ତାରିଖ ମଧ୍ୟରେ ଏନ୍‌ଆଇଏର ଦିଲ୍ଲୀ କାର୍ଯ୍ୟାଳୟରେ ହାଜର ହେବାକୁ ନୋଟିସ୍ ହୋଇଛି। ୨୦୧୯ରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ 'ଶିଖ୍ ଫର ଜଷ୍ଟିସ୍' ଗୋଷ୍ଠୀକୁ ବ୍ୟାନ କରାଯାଇଥିଲା। ବିଗତ ୫ ବର୍ଷ ମଧ୍ୟରେ ଏହି ଗୋଷ୍ଠୀ ବିରୋଧରେ ୧୪ ଟି ମାମଲା ରୁଜୁ ହୋଇଛି। ଏଥିସହ ୪୦ରୁ ଅଧିକ ଲୋକଙ୍କୁ ଗିରଫ କରାଯାଇଛି।

### ଜର୍ମାନ ଶାସକ ଦଳର ନୂଆ ନେତା ଅର୍ମିନ



**ବର୍ଲିନ, ୧୬।୧:** ଜର୍ମାନ ଚାନ୍ସେଲର ଆଞ୍ଜେଲା ମର୍କେଲ୍‌ଙ୍କ ସେଣ୍ଟର-ରାଇଟ୍ ପାର୍ଟି ଗଭର୍ଣ୍ଣର ଅର୍ମିନ ଲାସେଟ୍‌ଙ୍କୁ ଦଳର ନୂଆ ନେତା ଚୟନ କରିଛି। ନିର୍ବାଚନ ପୂର୍ବରୁ ନୂଆ ନେତା ଚୟନ ହୋଇଥିବାରୁ ସେ ପରବର୍ତ୍ତୀ ଚାନ୍ସେଲର ହୋଇପାରନ୍ତି କିମ୍ବା ଚାନ୍ସେଲର ନିର୍ବାଚନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇପାରନ୍ତି ବୋଲି କୁହାଯାଉଛି।

### ପିଟିଭିରୁ ଇମ୍ରାନଙ୍କ ସହଯୋଗୀ ବିଦା

**ଇସଲାମାବାଦ, ୧୬।୧:** ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କ ଘନିଷ୍ଠ ସହଯୋଗୀ ନାଇମ ବୁଖାରୀଙ୍କୁ ପାକିସ୍ତାନ କ୍ୟାବିନେଟ ଜାତୀୟ ଟେଲିଭିଜନ ଚ୍ୟାନେଲ ପିଟିଭିର ଚେୟାରମ୍ୟାନ୍ ପଦରୁ ବିଦା କରିଛି। ସ୍ଥାନୀୟ ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଏହି ପଦକ୍ଷେପ ନିଆଯାଇଛି। ସୁପ୍ରିମକୋର୍ଟର ଓକିଲ, ରାଜନେତା ତଥା ପୂର୍ବତନ ଟିଭି ଉପସ୍ଥାପକ ବୁଖାରୀ ଗତ ବର୍ଷ ନଭେମ୍ବରରେ ପାକିସ୍ତାନ ଟେଲିଭିଜନର ମୁଖ୍ୟ ଭାବରେ ନିଯୁକ୍ତ ହୋଇଥିଲେ। ଇମ୍ରାନଙ୍କ ସୁପାରିସରେ ତାଙ୍କୁ ଏହି ପଦବୀ ମିଳିଥିଲା ବୋଲି ଆଲୋଚନା ହୋଇଥିଲା। ନାଇମଙ୍କ ନିଯୁକ୍ତିକୁ ନେଇ ଅଦାଲତରେ ପିଟିଶନ ଦାଏର କରାଯାଇଥିଲା।

## ହ୍ୱାଇଟ୍ ହାଉସ୍‌ରେ ସମୀରା


**ୱାଶିଂଟନ୍, ୧୬।୧:** ଆମେରିକାର ନବ ନିର୍ବାଚିତ ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ଟିମ୍‌ରେ ସାମିଲ ହୋଇଛନ୍ତି ଭାରତୀୟ ବଂଶୋଦ୍ଭବ ସମୀରା ଫେଜିଲି। ଭାରତୀୟ–ଆମେରିକୀୟ କମ୍ୟୁନିଟି ଏବଂ ଅର୍ଥନୈତିକ ବିକାଶ ବିଶେଷଜ୍ଞ ସମୀରାଙ୍କୁ ହ୍ୱାଇଟ୍ ହାଉସ୍‌ରେ ଜାତୀୟ ଅର୍ଥନୈତିକ ପରିଷଦର ଡେପୁଟି ନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଛି। ଏହି ପରିଷଦ ଅର୍ଥନୈତିକ ନୀତି ପ୍ରସ୍ତୁତ ପ୍ରକ୍ରିୟାରେ ଜଡ଼ିତ ଥାଏ ଏବଂ ଆମେରିକା ରାଷ୍ଟ୍ରପତିଙ୍କୁ ପରାମର୍ଶ ମଧ୍ୟ ଦେଇଥାଏ। କଶ୍ମୀରରେ ଜନ୍ମିତ ସମୀରା ପୂର୍ବରୁ ଫେଡେରାଲ ରିଜର୍ଭ ବ୍ୟାଙ୍କ ଅଫ୍ ଆଟଲାଣ୍ଟାର ଆର୍ଥିକ ବିକାଶ ଓ କମ୍ୟୁନିଟି ନିର୍ଦ୍ଦେଶକ ରହିଥିଲେ। ଗତ ଡିସେମ୍ବରରେ ଭାରତୀୟ ବଂଶୋଦ୍ଭବ ଆୟେଶା ଶାହାଙ୍କୁ ହ୍ୱାଇଟ୍ ହାଉସରେ ସ୍ଥାନିତ କରାଯାଇଛି।



## ୫ ଦିନରେ ହସ୍ପିଟାଲ ନିର୍ମାଣ କଲା ଚାଇନା

ବେଜିଂ, ୧୬।୧

ଚାଇନାକୁ କରୋନା ସଂକ୍ରମଣ ଫେରିଥିବାବେଳେ ସାଉଥବେଜିଂର ଏକ ସହରରେ ଆକ୍ରାନ୍ତ ସଂଖ୍ୟା ବଢ଼ିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ଚାଇନା ସେଠାରେ ଯୁଦ୍ଧକାଳୀନ ଭିତ୍ତିରେ ୧୫ ଶହ କୋଠରି ବିଶିଷ୍ଟ ହସ୍ପିଟାଲ ୫ ଦିନରେ ନିର୍ମାଣ କରିଛି। ଦେଶରେ ମୋଟ ୧୩୦ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ଗତ ୨୪ ଘଣ୍ଟାରେ ୯୦ଟି ମାମଲା ସାମ୍ନାକୁ ଆସିଛି। ନାଙ୍ଗୋଙ୍ଗ୍ ଓ ହେବେଇରେ ଅଧିକାଂଶ ସଂକ୍ରମିତ ରହିଛନ୍ତି। ୨୦୧୯ରେ କରୋନା ମହାମାରୀ ଆରମ୍ଭରେ ଚାଇନା ସମାନ ଢଙ୍ଗରେ ଉହାନରେ ହସ୍ପିଟାଲ ନିର୍ମାଣ କରିଥିଲା।



# ଦ୍ୱିତୀୟ ଲହର ରୋକିବ ଟିକା

ନୂଆଦିଲ୍ଲୀ, ୧୬।୧

ଭାରତରେ କରୋନା ସଂକ୍ରମଣ ହାର ଯଥେଷ୍ଟ ହ୍ରାସ ପାଇଥିବାବେଳେ ଶନିବାର ଟିକାକରଣ ଅଭିଯାନ ଆରମ୍ଭ ହୋଇଛି। ବ୍ରିଟେନର ନୂଆ ଷ୍ଟ୍ରେନ୍‌କୁ ନେଇ ସାରା ବିଶ୍ୱରେ ଉଦ୍‌ବେଗ ପ୍ରକାଶ ପାଇଥିବାବେଳେ ସମସ୍ତେ ଟିକା ନେବା ଜରୁରୀ ଏବଂ ଏହା ସଂକ୍ରମଣର ଦ୍ୱିତୀୟ ଲହରକୁ ରୋକିପାରିବ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ଦେଶରେ ଭୂତାଣୁ ସଂକ୍ରମଣର ପ୍ରଥମ ଲହର ଉଲ୍ଲେଖନୀୟ ଭାବେ ହ୍ରାସ ପାଇଥିବାବେଳେ ଟିକାକରଣ ଆରମ୍ଭ ହୋଇଥିବାରୁ ଦ୍ୱିତୀୟ ଲହର ଆସିବା ପୂର୍ବରୁ ଅଧିକାଂଶ ଦେଶବାସୀ ଟିକା ନେଇସାରିଥିବେ ବୋଲି ମେଦାନ୍ତ ଲଇଭର ଇନ୍‌ଷ୍ଟିଚ୍ୟୁଟର ଅଧ୍ୟକ୍ଷ ଡ. ଏ.ଏସ୍. ସୋଇନ୍ କହିଛନ୍ତି। ଦେଶରେ ଏପର୍ଯ୍ୟନ୍ତ ଗୋଷ୍ଠୀ ରୋଗ ପ୍ରତିରୋଧକ ଶକ୍ତି ସୃଷ୍ଟି ହୋଇ ନ ଥିବାବେଳେ ବିଦେଶ ଯାତ୍ରାଠାରୁ ଆରମ୍ଭ କରି ସମସ୍ତ ଆର୍ଥିକ କାରବାର ଖୋଲିଯାଇଥିବାରୁ ସଂକ୍ରମଣ ଅଧିକ ବ୍ୟାପିବା ଆଶଙ୍କା ସୃଷ୍ଟି ହୋଇଥିଲା। ସଂକ୍ରମଣ ଦ୍ୱିତୀୟ ଲହର କେବେ ଆରମ୍ଭ ହେବ ତାହା ମଧ୍ୟ କାହାକୁ ଜଣାନାହିଁ। ସେଥିପାଇଁ ଟିକାକରଣ ଜରୁରୀ ଥିଲା ବୋଲି ପବ୍ଲିକ୍ ହେଲ୍‌ଥ ଫାଉଣ୍ଡେଶନ ଅଫ୍ ଇଣ୍ଡିଆର ଅଧ୍ୟକ୍ଷ ପ୍ରଫେସର କେ. ଶ୍ରୀନାଥ ରେଡ୍ଡୀ କହିଛନ୍ତି। ଟିକାକରଣ ସଂକ୍ରମଣ ଓ ଏଥିଜନିତ ସାଙ୍ଘାତିକତାକୁ କମାଇବାରେ ସହାୟକ ହେବ ବୋଲି ଗଙ୍ଗାରାମ ହସ୍ପିଟାଲର ଇଣ୍ଟରନାଲ ମେଡିସିନ୍‌ର ଉପାଧ୍ୟକ୍ଷ ତଥା ବରିଷ୍ଠ ପରାମର୍ଶଦାତା ଡ. ଅତୁଲ କକର କହିଛନ୍ତି।




ନୂଆଦିଲ୍ଲୀର ରାଜୀବ ଗାନ୍ଧୀ ସୁପର ସ୍ପେଶିଆଲିଟି ହସ୍ପିଟାଲରେ ଜଣେ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ଟିକା ଦିଆଯାଉଛି।

### ଟିକା ନେଲେ ଅଦାର ପୁନାୱାଲା

ସିରମ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆ (ଏସ୍‌ଆଇଆଇ)ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଅଦାର ପୁନାୱାଲା ଶନିବାର କୋଭିଡ୍–୧୯ ଟିକାର ପ୍ରଥମ ଡୋଜ୍ ନେଇଛନ୍ତି। ଟିକାକରଣ କାର୍ଯ୍ୟକ୍ରମର ସଫଳତା ପାଇଁ ସେ ଦେଶବାସୀ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହି ଐତିହାସିକ ଉଦ୍ୟମରେ କୋଭିଶିଲ୍ଡ ସାମିଲ ହୋଇଥିବାରୁ ତାଙ୍କ ପାଇଁ ଗର୍ବ ଆଣିଥିବା ପୁନାୱାଲା ଟୁଇଟ୍ କରିଛନ୍ତି।

### ମନୀଷ କୁମାରଙ୍କୁ ପ୍ରଥମ ଟିକା

କୋଭିଡ୍ ଟିକା ନେବାରେ ଦେଶର ପ୍ରଥମ ବ୍ୟକ୍ତି ହୋଇଛନ୍ତି ଦିଲ୍ଲୀ ଏମ୍ସର ୩୩ ବର୍ଷୀୟ ସଫେଇ କର୍ମଚାରୀ ମନୀଷ କୁମାର। ତାଙ୍କ ପରେ ସ୍ୱାସ୍ଥ୍ୟସେବା କର୍ମଚାରୀ ଧୱଲ ଦ୍ୱିବେଦୀ, ଏମ୍ସର ନିର୍ଦ୍ଦେଶକ ରଣଦୀପ୍ ଗୁଲେରିଆ ଏବଂ ନୀତି ଆୟୋଗର ବରିଷ୍ଠ ସଦସ୍ୟ ଡ. ଭି.କେ. ପଲ୍ କୋଭିଡ୍ ଟିକା ନେଇଛନ୍ତି। ଏମ୍ସରେ ଏହି କାର୍ଯ୍ୟକ୍ରମ ବେଳେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡ. ହର୍ଷବର୍ଦ୍ଧନ ଉପସ୍ଥିତ ଥିଲେ। କରୋନା ମହାମାରୀ ବିରୋଧୀ ଲଢ଼େଇରେ ସ୍ୱଦେଶୀ ଟିକା କୋଭାକ୍ସିନ ଓ କୋଭିଶିଲ୍ଡ ସଞ୍ଜୀବନୀ ବୋଲି ସେ କହିଥିଲେ। ଉଭୟ ଟିକା ସୁରକ୍ଷିତ ଓ ଫଳପ୍ରଦ। ଚାରିଆଡ଼େ ଟିକାକୁ ନେଇ ଗୁଜବ ପ୍ରଚାର ହେଉଥିବାବେଳେ ଗଣମାଧ୍ୟମ ସେଥିରୁ ଦୂରେଇ ରହି ଲୋକମାନଙ୍କୁ ଠିକ୍ ତଥ୍ୟ ଦେବା ପାଇଁ ହର୍ଷବର୍ଦ୍ଧନ ଅନୁରୋଧ କରିଥିଲେ।



### ଦେଶ ପାଇଁ ସ୍ମରଣୀୟ ଦିନ

ବହୁଦିନର ପ୍ରତୀକ୍ଷାର ଅନ୍ତ ଘଟି କୋଭିଡ୍ ଟିକାକରଣ ଆରମ୍ଭ ହୋଇଥିବାରୁ ଦେଶବାସୀଙ୍କ ପାଇଁ ଏହା ଏକ ସ୍ମରଣୀୟ ଦିନ ବୋଲି ଉପରାଷ୍ଟ୍ରପତି ଏମ୍. ଭେଙ୍କାୟାନାଇଡୁ କହିଛନ୍ତି। ଖୁବ୍ କମ୍ ସମୟ ମଧ୍ୟରେ ଟିକାର ବିକାଶ କରିଥିବା ବୈଜ୍ଞାନିକମାନଙ୍କୁ ସେ ଉଚ୍ଚ ପ୍ରଶଂସା କରିଛନ୍ତି। ଅମିତ୍ ଶାହାଙ୍କ ସମେତ ବହୁ କେନ୍ଦ୍ରମନ୍ତ୍ରୀ ଟିକାକରଣ ଅଭିଯାନର ସଫଳତାକୁ ନେଇ ପ୍ରଶଂସା କରିଥିଲେ। ଭାରତ ପ୍ରସ୍ତୁତ ଟିକା ଆତ୍ମନିର୍ଭର ଭାରତ ନିର୍ଣ୍ଣୟର ପ୍ରତୀକ ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ଶାହା କହିଥିଲେ। ଆଜିର ଦିନ ସବୁଠୁ ମହତ୍ତ୍ୱପୂର୍ଣ୍ଣ ବୋଲି ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା କହିଛନ୍ତି। କରୋନା ମହାମାରୀ ବିରୋଧୀ ଲଢ଼େଇ ଜିତିବାରେ କେନ୍ଦ୍ର ସରକାର ଏକ ନିର୍ଣ୍ଣାୟକ ପଦକ୍ଷେପ ନେଇଥିବା ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କହିଛନ୍ତି। ମହାମାରୀ ବିରୋଧୀ ଲଢ଼େଇରେ ସାମିଲ ହୋଇଥିବା ଦେଶର ଡାକ୍ତର, ନର୍ସ, ପାରାମେଡିକାଲ କର୍ମଚାରୀ, ପୋଲିସ ଓ ଅନ୍ୟ ଆଗଧାଡ଼ିର କର୍ମଚାରୀମାନ ପାଇଁ ସୁରକ୍ଷା କବଚ ମିଳିଗଲା ବୋଲି ସେ ମତ ଦେଇଛନ୍ତି। ଟିକାକରଣ ଅଭିଯାନ ଐତିହାସିକ ଓ ସ୍ମରଣୀୟ ବୋଲି ଆଇନମନ୍ତ୍ରୀ ରବିଶଙ୍କର ପ୍ରସାଦ କହିଛନ୍ତି।

### ଗର୍ବ ଅନୁଭବ କରୁଛୁ: ହିତାଧିକାରୀ

ଟିକାକରଣର ଐତିହାସିକ ମୁହୂର୍ତ୍ତରେ ସାମିଲ ହୋଇଥିବାରୁ ଗର୍ବ ଅନୁଭବ କରୁଥିବା ଦିଲ୍ଲୀର ଏଲ୍‌ଏନ୍‌ଜେପି ହସ୍ପିଟାଲ ନର୍ସ ବିଜି ଟୋମି କହିଛନ୍ତି। ପ୍ରଥମ ଦିନରେ ଟିକା ନେଇଥିବା ଅଧିକାଂଶ ସ୍ୱାସ୍ଥ୍ୟ କର୍ମଚାରୀ ଖୁସି ବ୍ୟକ୍ତ କରିଛନ୍ତି। ଗୁଜବରେ ବିଶ୍ୱାସ ନ କରିବାକୁ ରାଜୀବ ଗାନ୍ଧୀ ସୁପର ସ୍ପେଶିଆଲିଟି ହସ୍ପିଟାଲର ପୁଲମୋନୋଲୋଜି ବିଭାଗ ମୁଖ୍ୟ ବିକାଶ ଡୋଗ୍ରା ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ଟିକା ସମ୍ପୂର୍ଣ୍ଣ ନିରାପଦ। ସେ ଟିକା ନେବା ପରେ କୌଣସି ଅସୁବିଧା ଅନୁଭବ କରୁ ନ ଥିବା କହିଛନ୍ତି। ଦେଶର ପ୍ରଥମ କୋଭିଡ୍ ଟିକା ନେଇଥିବା ଏମ୍ସ ସଫେଇ କର୍ମଚାରୀ ମନୀଷ କୁମାର କହିଛନ୍ତି, ଏଣିକି ସେ ବିନା ଦ୍ୱିଧାରେ ନିଜର କର୍ତ୍ତବ୍ୟ ସମ୍ପାଦନ କରିବେ।

### ଅଭିନନ୍ଦନ ଜଣାଇଲେ ଭୁଟାନ, ନେପାଳ

ଭାରତରେ ବିଶ୍ୱର ସର୍ବବୃହତ କୋଭିଡ୍ ଟିକାକରଣ ଅଭିଯାନ ଆରମ୍ଭ ହୋଇଥିବାରୁ ପଡୋଶୀ ଦେଶ ନେପାଳ ଓ ଭୁଟାନ ଅଭିନନ୍ଦନ ଜଣାଇଛନ୍ତି। ମହାମାରୀ କଷଣ ଦୂର କରିବାରେ ଏହା ସହାୟକ ହେବ ବୋଲି ଭୁଟାନ ପ୍ରଧାନମନ୍ତ୍ରୀ ଲୋଟୟ ଶେରିଙ୍ଗ ଆଶାବ୍ୟକ୍ତ କରିଛନ୍ତି। ଐତିହାସିକ ଟିକାକରଣ ଅଭିଯାନ ପାଇଁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଦେଶବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେହିପରି ନେପାଳ ବହିର୍ବ୍ୟାପାର ମନ୍ତ୍ରୀ ପ୍ରଦୀପ କୁମାର ଗ୍ୟାୱାଲି କୋଭିଡ୍ ଟିକାର ସଫଳ ବିକାଶ ପାଇଁ ଭାରତକୁ ଅଭିନନ୍ଦନ ଜଣାଇବା ସହ ମହାମାରୀରୁ ଶୀଘ୍ର ମୁକ୍ତି ମିଳିବା ନେଇ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।



ଲୋଟୟ ଶେରିଙ୍ଗ

### ଗୁଜବରେ ବିଶ୍ୱାସ କର ନାହିଁ: କେଜ୍‌ରିୱାଲ

କୋଭିଡ୍ ଟିକା ସମ୍ପୂର୍ଣ୍ଣ ନିରାପଦ ଓ ଏହାକୁ ନେଇ ଚିନ୍ତା କରିବାର କୌଣସି କାରଣ ନାହିଁ। ଟିକା ସମ୍ପର୍କରେ ବିଭିନ୍ନ ଗୁଜବ ପ୍ରଚାର କରାଯାଉଥିବାବେଳେ ସେଥିରେ ବିଶ୍ୱାସ ନ କରିବାକୁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି। ସେ ଲୋକନାୟକ ଜୟପ୍ରକାଶ ନାରାୟଣ (ଏଲ୍‌ଏନ୍‌ଜେପି) ହସ୍ପିଟାଲକୁ ଯାଇ ଟିକାଭିଯାନକୁ ଅନୁଧ୍ୟାନ କରିଥିଲେ। ମହାମାରୀ ବିରୋଧୀ ଲଢ଼େଇରେ ସ୍ୱାସ୍ଥ୍ୟସେବା କର୍ମଚାରୀମାନଙ୍କ ଅବଦାନକୁ ସେ ଭୂୟଶୀ ପ୍ରଶଂସା କରିଥିଲେ। ଦିଲ୍ଲୀର ୮୧ଟି ସେଣ୍ଟରରେ ଟିକା ଦିଆଯାଇଥିଲା। ଟିକା ନେଇଥିବା କେତେଜଣ ହିତାଧିକାରୀଙ୍କ ସହ କେଜ୍‌ରିୱାଲ କଥା ହୋଇଥିଲେ। ସମସ୍ତେ ଖୁସି ଓ କାହାର କୌଣସି ସମସ୍ୟା ନାହିଁ ବୋଲି ସେମାନେ ମୁଖ୍ୟମନ୍ତ୍ରୀଙ୍କୁ କହିଥିଲେ।

### କୋଭାକ୍ସିନ୍‌କୁ ନା କହିଲେ ଆର୍‌ଏମ୍‌ଏଲ୍ ଡାକ୍ତର

ଦିଲ୍ଲୀର ରାମମନୋହର ଲୋହିଆ (ଆର୍‌ଏମ୍‌ଏଲ୍) ହସ୍ପିଟାଲର ଡାକ୍ତରମାନେ ଭାରତ ବାୟୋଟେକ୍ ପ୍ରସ୍ତୁତ କୋଭାକ୍ସିନ୍ ଟିକା ନେବାକୁ ଅନିଚ୍ଛା ପ୍ରକାଶ କରିଛନ୍ତି। ସେମାନେ ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଚିଠି ଲେଖି କୋଭାକ୍ସିନ୍ ବଦଳରେ ସିରମ୍ ଇନ୍‌ଷ୍ଟିଚ୍ୟୁଟ୍‌ର କୋଭିଶିଲ୍ଡ ନେବାକୁ ଚାହାନ୍ତି ବୋଲି କହିଛନ୍ତି। କୋଭାକ୍ସିନ୍‌ର କ୍ଲିନିକାଲ ପରୀକ୍ଷା ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ଉକ୍ତ ଟିକା ନେବା ଲାଗି ଡାକ୍ତରମାନେ ଭୟଭୀତ ବୋଲି ଆର୍‌ଏମ୍‌ଏଲ୍ ହସ୍ପିଟାଲର ରେସିଡେଣ୍ଟ ଡକ୍ଟର୍ସ ଆସୋସିଏଶନ ପକ୍ଷରୁ କୁହାଯାଇଛି। ସମସ୍ତ ପରୀକ୍ଷା ଶେଷ କରିଥିବା କୋଭିଶିଲ୍ଡ ଟିକା ଦେବା ଲାଗି ଆସୋସିଏଶନ ପକ୍ଷରୁ ଅନୁରୋଧ କରାଯାଇଛି। ଅନ୍ୟପକ୍ଷରେ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡ. ଏ.କେ. ସିଂ ରାଣା ଶନିବାର କୋଭାକ୍ସିନ୍ ଟିକା ନେଇଛନ୍ତି।

## ବିଶ୍ୱଜିତ୍ ଚାଟାର୍ଜୀ ଶ୍ରେଷ୍ଠ ଚଳଚ୍ଚିତ୍ର ବ୍ୟକ୍ତିତ୍ୱ

ପଣଜୀ, ୧୬।୧

**୫୧ତମ ଭାରତୀୟ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ**

ଗୋଆରେ ଭାରତୀୟ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ସମାରୋହ (ଆଇଏଫଏଫଆଇ)ର ୫୧ତମ ସଂସ୍କରଣ ଆୟୋଜିତ ହୋଇଛି। ମହୋତ୍ସବରେ ହିନ୍ଦୀ ଓ ବଙ୍ଗଳା ଚଳଚ୍ଚିତ୍ର ଜଗତର ଜଣାଶୁଣା ଅଭିନେତା, ଫିଲ୍ମ ନିର୍ମାତା, ନିର୍ଦ୍ଦେଶକ ତଥା ଗାୟକ ବିଶ୍ୱଜିତ୍ ଚାଟାର୍ଜୀଙ୍କୁ ବର୍ଷର ଶ୍ରେଷ୍ଠ ଭାରତୀୟ ଚଳଚ୍ଚିତ୍ର ବ୍ୟକ୍ତିତ୍ୱ ପୁରସ୍କାରରେ ସମ୍ମାନିତ କରାଯାଇଛି। କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ପ୍ରକାଶ ଜାଭଡେକର ମହୋତ୍ସବର ଉଦ୍‌ଘାଟନୀ ସମାରୋହ ଅବସରରେ ପୁରସ୍କାର ଘୋଷଣା କରିଥିଲେ। ମାର୍ଚ୍ଚ ୨୦୨୧ରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ ସମାରୋହରେ ଚାଟାର୍ଜୀଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ।

ବିସ୍ ସାଲ୍ ବାଦ୍, କୋହରା, ଏପ୍ରିଲ ଫୁଲ୍, ମେରେ ସନମ, ନାଇଟ ଇନ ଲଣ୍ଡନ, ଦୋ କଲିୟାଁ ଏବଂ କିସ୍‌ମତ୍ ଚଳଚ୍ଚିତ୍ରରେ ଚାଟାର୍ଜୀଙ୍କ ଅଭିନୟ ଲୋକପ୍ରିୟ ହୋଇଥିଲା। ସେହିପରି ତାଙ୍କ ଅଭିନୀତ ପ୍ରସିଦ୍ଧ ବଙ୍ଗଳା ଚଳଚ୍ଚିତ୍ରଗୁଡ଼ିକ ମଧ୍ୟରେ ରହିଛି ଚୌରଙ୍ଗୀ, ଗଡ଼ ନସୀମପୁର, କୁହେଲି। ଏଥିସହ ଶ୍ରୀମାନ ପୃଥ୍ୱୀରାଜ, ଜୟ ବାବା ତାରକନାଥ, ଏବଂ ଅମର ଗୀତୀ ଭଳି ଲୋକପ୍ରିୟ ଚଳଚ୍ଚିତ୍ରରେ ମଧ୍ୟ ସେ ଅଭିନୟ କରିଛନ୍ତି। 'କେହତେ ହୈ ମୁଝକୋ ରାଜା'ର ପ୍ରଯୋଜନା ଏବଂ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇବା ସହ ନିଜେ ଏଥିରେ ଅଭିନୟ ମଧ୍ୟ କରିଥିଲେ।



ଗୋଆରେ ଭାରତୀୟ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ସମାରୋହର ୫୧ତମ ସଂସ୍କରଣକୁ କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭଡେକର ଉଦ୍‌ଘାଟନ କରୁଛନ୍ତି।

### ଅର୍ଣ୍ଣବ-ବିଏଆର୍‌ସି ପୂର୍ବତନ ସିଇଓଙ୍କ ଚାଟ୍ ଭାଇରାଲ



ଅର୍ଣ୍ଣବ ଗୋସ୍ୱାମୀ

ମୁମ୍ବାଇ, ୧୬।୧

ରିପବ୍ଲିକ୍ ଟିଭିର ମୁଖ୍ୟ ସମ୍ପାଦକ ଅର୍ଣ୍ଣବ ଗୋସ୍ୱାମୀ ଏବଂ ଗିରଫ ହୋଇଥିବା ଟିଭି ରେଟିଂ ସଂସ୍ଥା ବିଏଆର୍‌ସିର ପୂର୍ବତନ ସିଇଓ ପାର୍ଥୋ ଦାସଗୁପ୍ତାଙ୍କ ମଧ୍ୟରେ ହ୍ୱାଟ୍ସଆପ୍ ଚାଟ୍‌ର ସ୍କ୍ରିନ୍‌ଶଟ୍ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏହା ଅର୍ଣ୍ଣବଙ୍କ ଅଡୁଆ ବଢ଼ାଇପାରେ ବୋଲି ଚର୍ଚ୍ଚା ହେଉଛି। ୨୦୧୯ରେ ଅର୍ଣ୍ଣବ ଓ ଦାସଗୁପ୍ତାଙ୍କ ମଧ୍ୟରେ ଟିଆର୍‌ପିକୁ ନେଇ ଏହି କଥାବାର୍ତ୍ତା ହୋଇଥିବା ଜଣାପଡ଼ିଛି। ଟିଆର୍‌ପି ଦୁର୍ନୀତିରେ ମୁମ୍ବାଇ ପୋଲିସ ଦାଖଲ କରିଥିବା ଅତିରିକ୍ତ ଚାର୍ଜଶିଟ୍‌ରେ ଏହା ଉଲ୍ଲେଖ କରାଯାଇଛି।

## ଆମେରିକାରେ ସଶସ୍ତ୍ର ବିକ୍ଷୋଭ ଆଶଙ୍କା

ୱାଶିଂଟନ, ୧୬।୧

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ କାର୍ଯ୍ୟକାଳ ଶେଷ ହେବାକୁ ଯାଉଥିବାବେଳେ ଜାନୁୟାରୀ ୬ ଭଳି ହିଂସାତ୍ମକ ବିକ୍ଷୋଭ ଓ ଟ୍ରମ୍ପ ସପକ୍ଷ ରାଲି ବାହାରିବା ସମ୍ଭାବନା ଥିବାରୁ ୫୦ଟି ରାଜ୍ୟର ରାଜଧାନୀରେ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି। ରାଜଧାନୀ ସହରଗୁଡ଼ିକରେ ବାରିକେଡ୍ ନିର୍ମାଣ କରାଯିବା ସହ ହିଂସାତ୍ମକ ଆକ୍ରମଣ ରୋକିବା ଲାଗି ନ୍ୟାଶନାଲ୍ ଗାର୍ଡମାନଙ୍କୁ ଡକାଯାଇଛି। ନବନିର୍ବାଚିତ ରାଷ୍ଟ୍ରପତି ଜୋ ବାଇଡେନ୍ ୨୦ରେ ଶପଥ ନେବାକୁ ଥିବାବେଳେ ୧୬ରୁ ପ୍ରତି ରାଜ୍ୟ ରାଜଧାନୀରେ ବିକ୍ଷୋଭ ଆରମ୍ଭ ହେବା ସମ୍ଭାବନା ଥିବା ଏଫ୍‌ବିଆଇ ସତର୍କ କରିଦେଇଛି। ଟ୍ରମ୍ପଙ୍କ ମିଛ ଭୋଟ ଜାଲିଆତି ଅଭିଯୋଗକୁ ତାଙ୍କ ସମର୍ଥକମାନେ ବିଶ୍ୱାସ କରୁଥିବାରୁ ସେମାନେ ହିଂସାକାଣ୍ଡ ଘଟାଇପାରନ୍ତି।

ମିଚିଗାନ, ଭର୍ଜିନିଆ, ୱିସ୍‌କନ୍‌ସିନ୍, ପେନ୍‌ସିଲଭାନିଆ ଏବଂ ୱାଶିଂଟନରେ ସୁରକ୍ଷା ବଢ଼ାଇବା ପାଇଁ ନ୍ୟାଶନାଲ ଗାର୍ଡଙ୍କୁ ନିୟୋଜିତ କରାଯାଇଥିବାବେଳେ ଟେକ୍ସାସ୍ ଶନିବାରଠାରୁ ଶପଥ ଗ୍ରହଣ ଉତ୍ସବ ପର୍ଯ୍ୟନ୍ତ ଏହାର ରାଜଧାନୀକୁ ବନ୍ଦ କରିଦେଇଛି। ହିଂସାକାରୀ ଉଗ୍ରପନ୍ଥୀମାନେ ଅଷ୍ଟିନ୍‌ରେ ଯୋଜନାବଦ୍ଧ ସଶସ୍ତ୍ର ବିକ୍ଷୋଭ ଜରିଆରେ ଆପରାଧିକ କାର୍ଯ୍ୟ କରିପାରନ୍ତି। ରବିବାର ସବୁ ରାଜ୍ୟରେ ସରକାର ବିରୋଧୀ ବୁଗାଲୁ ମୁଭ୍‌ମେଣ୍ଟ ନାମରେ ରାଲି ବାହାରିବାକୁ ଥିବାରୁ ପୋଲିସ ଏହା ଉପରେ ତୀକ୍ଷ୍ଣ ନଜର ରଖିଛି।

**ସବୁ ରାଜ୍ୟ ରାଜଧାନୀରେ ବଢ଼ିଲା ସୁରକ୍ଷା**

### ଟ୍ରମ୍ପ୍ ସ୍ୱାସ୍ଥ୍ୟ ଅଧିକାରୀଙ୍କ ଇସ୍ତଫା

**ୱାଶିଂଟନ୍, ୧୬।୧:** ଆମେରିକା ବିଦାୟୀ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନରେ ଥିବା ସ୍ୱାସ୍ଥ୍ୟସେବା ଅଧିକାରୀ ଭାରତୀୟ ବଂଶୋଦ୍ଭବ ସୀମା ବର୍ମା ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି। ୪ ବର୍ଷ ଧରି ଆଡ୍‌ମିନିଷ୍ଟ୍ରେଟର ଅଫ ସେଣ୍ଟର ଅଫ ମେଡିକେୟାର ଏବଂ ମେଡିକେଡ୍ ପଦରେ ଥିବା ସୀମା ଗୁରୁବାର ତାଙ୍କ ଇସ୍ତଫା ପତ୍ର ଟ୍ରମ୍ପଙ୍କ ନିକଟକୁ ପଠାଇ ଦେଇଛନ୍ତି। ସୀମା ଗତ ବର୍ଷ ମେ'ରେ ହ୍ୱାଇଟ୍ ହାଉସ୍‌ର ପ୍ରମୁଖ ସଦସ୍ୟ ଭାବେ କରୋନାଭାଇରସ ଟାସ୍କ ଫୋର୍ସରେ ଟ୍ରମ୍ପଙ୍କ ଦ୍ୱାରା ନିଯୁକ୍ତ ହୋଇଥିଲେ।



ସୀମା ବର୍ମା

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୯,୪୫,୭୬,୮୬୬ | ୨୦,୨୩,୩୮୫ | ୬,୭୫,୨୫,୩୦୨ |
| ଭାରତ | ୧,୦୫,୫୬,୮୮୪ | ୧,୫୨,୨୭୭ | ୧,୦୧,୯୨,୫୮୮ |
| ଓଡ଼ିଶା | ୩,୩୩,୧୨୭ | ୧୮୯୯(+୫୩) | ୩,୨୯,୩୧୮ |

ଶନିବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ଚିତ୍ରକୋଣ୍ଡା, ଝରିଗାଁ ବିଡିଓ ନିଲମ୍ବିତ

## ପାଇଖାନା ନିର୍ମାଣରେ ଦୁର୍ନୀତି

**ମାଲକାନଗିରି/ଚିତ୍ରକୋଣ୍ଡା/ଝରିଗାଁ, ୧୬।୧(ଡି.ଏନ୍.ଏ.)**

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ସ୍ୱାଭିମାନ ଅଞ୍ଚଳରେ ପାଇଖାନା ନିର୍ମାଣରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗର ତଦନ୍ତ ପରେ ଶନିବାର ଚିତ୍ରକୋଣ୍ଡା ବିଡିଓ ଲରିମନ ଖରସେଲଙ୍କୁ ନିଲମ୍ବିତ କରାଯାଇଛି। ଏନେଇ ଖବର ପ୍ରକାଶ ପରେ ଜିଲା ପ୍ରଶାସନ ଏହାକୁ ଗୁରୁତର ରୂପେ ନେଇ ତଦନ୍ତ କରିଥିଲା। ଅଭିଯୋଗର ସତ୍ୟତା ଥିବାରୁ ଏନେଇ ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଥିଲା। ଜିଲା ପ୍ରଶାସନର ତଦନ୍ତ ରିପୋର୍ଟକୁ ଭିତ୍ତିକରି ଏକ ଉଚ୍ଚସ୍ତରୀୟ ଟିମ୍ ମଧ୍ୟ ଏହାର ତଦନ୍ତ କରିଥିଲା। ତଦନ୍ତ ପରେ ବିଡିଓ ଖରସେଲଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି। ଚିତ୍ରକୋଣ୍ଡା ବ୍ଲକରେ ୭୦୦ ପାଇଖାନା ନିର୍ମାଣ କରାଯାଇନାହିଁ। ଏ ବାବଦ ଅର୍ଥ ଆତ୍ମସାତ୍ କରାଯାଇଥିବା ଅଭିଯୋଗ ହୋଇଥିଲା।



ଝରିଗାଁ ବିଡିଓ ଦେବେନ୍ଦ୍ର ବାହାଦୁର ସିଂ ଧରୁଆ।



ଚିତ୍ରକୋଣ୍ଡା ବିଡିଓ ଲରିମନ ଖରସେଲ।

ପୂର୍ବରୁ ଏହି ଦୁର୍ନୀତିରେ ଜଣେ କନିଷ୍ଠ ଯନ୍ତ୍ରୀ ନିଲମ୍ବିତ ହୋଇଥିଲେ। ବିଡିଓ ଖରସେଲ ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ଡିଆରଡିଏ କାର୍ଯ୍ୟାଳୟରେ ରହିବେ। ବିନା ଅନୁମତିରେ ଜିଲା ବାହାରକୁ ଯାଇପାରିବେ ନାହିଁ ବୋଲି ନିର୍ଦ୍ଦେଶନାମାରେ କୁହାଯାଇଛି।

ହିତାଧିକାରୀଙ୍କ ଶୌଚାଳୟ ନିର୍ମାଣ ଟଙ୍କା ହରିଲୁଟ୍ ଓ ପିସି କାରବାର ଅଭିଯୋଗରେ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ନବରଙ୍ଗପୁର ଜିଲା ଝରିଗାଁ ବିଡିଓ ଦେବେନ୍ଦ୍ର ବାହାଦୁର ସିଂ ଧରୁଆଙ୍କୁ ନିଲମ୍ବିତ କରାଯାଇଛି। ପୁନଃ ଚାକିରିରେ ନିଯୁକ୍ତ ନ ହେବା ପର୍ଯ୍ୟନ୍ତ ବିଡିଓ ନବରଙ୍ଗପୁର ପିଡି ଡିଆରଡିଏଙ୍କ ଅଧୀନରେ ରହିବା ସହ ତାଙ୍କ ବିନା ଅନୁମତିରେ ଜିଲା ସଦରମହକୁମାରୁ ନ ଯିବା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରକାଶ ପାଇଥିବା ନିଲମ୍ବନ ପତ୍ରରେ ଉଲ୍ଲେଖ ରହିଛି। ବିଡିଓଙ୍କ ସହ ଝରିଗାଁ ବ୍ଲକ କନିଷ୍ଠ ଯନ୍ତ୍ରୀ ସୁନିଲ କୁମାର ସାମଲଙ୍କୁ ମଧ୍ୟ ନିଲମ୍ବିତ କରାଯାଇଥିବା ଜିଲାପାଳ ଅଜିତ୍ କୁମାର ମିଶ୍ର ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଝରିଗାଁ ବ୍ଲକରେ ସ୍ୱଚ୍ଛ ଭାରତ ମିଶନ(ଗ୍ରାମୀଣ) କାର୍ଯ୍ୟକ୍ରମରେ ପାଇଖାନା ନିର୍ମାଣ ନେଇ ବ୍ୟାପକ ଦୁର୍ନୀତି ହୋଇଥିବା କଂଗ୍ରେସ ରାଜ୍ୟ କାର୍ଯ୍ୟକାରିଣୀ ସଭାପତି ତଥା ନବରଙ୍ଗପୁର ପୂର୍ବତନ ଏମ୍‌ପି ପ୍ରଦୀପ ମାଝି ଅଭିଯୋଗ କରିଥିଲେ। ଏହାପରେ ବ୍ଲକର ପ୍ରାୟ ୨୫୯ ହିତାଧିକାରୀ ସେମାନଙ୍କର ପାଇଖାନା ଟଙ୍କାକୁ ବିଡିଓ ହଡପ କରିଥିବା ନେଇ ତାଙ୍କ ନାଁରେ ଝରିଗାଁ ଥାନାରେ ଏତଲା ଦେଇଥିଲେ। ଏହି ଘଟଣାର ଭିଜିଲାନ୍ସ ତଦନ୍ତ ମଧ୍ୟ ଆରମ୍ଭ ହୋଇଛି।

# ୭ ଜିଲାରେ ଘନକୁହୁଡ଼ି

## ୧୫ ଡିଗ୍ରୀ ତଳେ ୧୪ ସହର

**ଭୁବନେଶ୍ୱର, ୧୬।୧(ବ୍ୟୁରୋ)**

ରାଜ୍ୟରେ ସାମାନ୍ୟ ଶୀତ ବଢ଼ିଛି। ୧୪ଟି ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୫ ଡିଗ୍ରୀ ତଳେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୫.୮ ଡିଗ୍ରୀ ସେଲସିୟସ ଥିବା ବେଳେ ଝାରସୁଗୁଡା ୭.୬, କେନ୍ଦୁଝର ୯.୯, ସୁନ୍ଦରଗଡ଼ ୮.୫, ଭବାନୀପାଟଣା ୧୦.୫, ବଲାଙ୍ଗୀର ୧୦, ଅନୁଗୋଳ ୧୧, ହୀରାକୁଦ ୧୧.୫, କୋରାପୁଟ ୧୧.୬, ଟିଟିଲାଗଡ଼ ୧୧.୫, ବୌଦ୍ଧ ୧୨, ନୟାଗଡ଼ ୧୪.୩ ଏବଂ ତାଳଚେରରେ ସର୍ବନିମ୍ନ ତାପମାତ୍ରା ୧୩ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, କନ୍ଧମାଳ, ବୌଦ୍ଧ ଏବଂ ଗଞ୍ଜାମ ଜିଲାରେ ଘନକୁହୁଡ଼ି ହେବ। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିପରି କଟକ, କେନ୍ଦ୍ରାପଡ଼ା, ଭଦ୍ରକ, କୋରାପୁଟ, ମାଲକାନଗିରି, ରାୟଗଡ଼ା ଏବଂ କଳାହାଣ୍ଡି ଜିଲାର କେତେକ ସ୍ଥାନରେ କୁହୁଡ଼ି ହେବାର ସମ୍ଭାବନା ରହିଛି। ଘନକୁହୁଡ଼ିକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ରିଲିଫ କମିଶନର (ଏସ୍ଆର୍‌ସି)ଙ୍କ କାର୍ଯ୍ୟାଳୟ ପକ୍ଷରୁ ଜିଲାପାଳ, ଏସ୍‌ପିଙ୍କୁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଜାତୀୟ ରାଜପଥଗୁଡ଼ିକରେ ଯାନବାହନ ଯାତାୟାତକୁ ପରିଚାଳନା କରିବା ପାଇଁ ପରାମର୍ଶ ଦିଆଯାଇଛି।

## ସଂକ୍ଷେପରେ

### ବିରଳ ପ୍ରଜାତିର ମାଛ



**ବ୍ରହ୍ମପୁର ଅଫିସ, ୧୬।୧:** ଗଞ୍ଜାମ ଜିଲା ଗୋପାଳପୁରରେ ଥିବା ଭାରତୀୟ ପ୍ରାଣୀ ବିଜ୍ଞାନ ସର୍ବେକ୍ଷଣ (ଜେଡ୍ଏସ୍ଆଇ)କୁ ପୁଣି ଏକ ସଫଳତା ମିଳିଛି। ଜେଡ୍ଏସ୍ଆଇର ବୈଜ୍ଞାନିକ ଡ. ଅନିଲ ମହାପାତ୍ର ଗବେଷଣା କରି ବିରଳ ପ୍ରଜାତିର ଆରିଓଶୋମା ମାଜୁସ୍ ମାଛ ସମ୍ପର୍କରେ ସୂଚନା ଦେଇଛନ୍ତି। ଏହି ମାଛ ପ୍ରଶାନ୍ତ ମହାସାଗରରେ ଦେଖାଯାଉଥିବା ବେଳେ ପ୍ରଥମଥର ପାଇଁ ଭାରତ ମହାସାଗରରୁ ମିଳିଛି। ଏହାର ଲମ୍ବ ୨୪୬-୨୯୦ ମିଲିମିଟର। ସମ୍ୟକ ଧଳା ମିଶ୍ରିତ ବାଦାମୀ ରଙ୍ଗର ଏହି ମାଛ ଗଭୀର ସମୁଦ୍ର ମଧ୍ୟରେ ରହିଥାନ୍ତି। ଛୋଟ ଗେଣ୍ଡା ଓ ଗୁଳ୍ମ ଏମାନଙ୍କ ଖାଦ୍ୟ। ମାଛର ମେରୁଦଣ୍ଡ ରହିଛି। ଏଥିରେ ୧୪୧ରୁ ୧୪୪ ଖଣ୍ଡ ହାଡ଼ ରହିଥିବା ଡ. ମହାପାତ୍ର କହିଛନ୍ତି। ଏହି ମାଛ ବିଷାକ୍ତ ହୋଇ ନ ଥିଲେ ମଧ୍ୟ ଅଦରକାରୀ ଭାବେ ପରିଗଣିତ ହୋଇଥାନ୍ତି। ସୂଚନାଯୋଗ୍ୟ, ମାଛଟିକୁ ୨୦୨୦ ଜୁଲାଇ ୨୪ରେ ପଶ୍ଚିମବଙ୍ଗର ପେଟୁଆ ଘାଟଠାରୁ ଗୋପାଳପୁରସ୍ଥିତ ଜେଡ୍ଏସ୍ଆଇକୁ ଅଣାଯାଇଥିଲା।

### ଦ୍ରୌପଦୀ, ହେମନ୍ତଙ୍କୁ ଭେଟିଲେ ଧର୍ମେନ୍ଦ୍ର

**ଭୁବନେଶ୍ୱର, ୧୬।୧(ବ୍ୟୁରୋ):** କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ଝାଡ଼ଖଣ୍ଡ ରାଜ୍ୟପାଳ ଦ୍ରୌପଦୀ ମୁର୍ମୁ ଏବଂ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କୁ ଭେଟି ରାଜ୍ୟର ବିକାଶ ସହ ଜଡ଼ିତ ବିଭିନ୍ନ ବିଷୟ ଓ ଅନ୍ୟାନ୍ୟ ସମସ୍ୟା ଉପରେ ଆଲୋଚନା କରିଛନ୍ତି। ଏହି ଗସ୍ତ କାଳରେ ଧର୍ମେନ୍ଦ୍ର ଏବିଭିପିର ୨୧ତମ କ୍ଷେତ୍ରୀୟ ଅଧିବେଶନରେ ଯୋଗଦେଇ କହିଥିଲେ, ବର୍ତ୍ତମାନ ଦୁନିଆ ପରିବର୍ତ୍ତନ ହେଉଥିବା ବେଳେ ଭାରତ ଦୁନିଆର ନେତୃତ୍ୱ ନେଉଛି। କରୋନା ଟିକା ପ୍ରସ୍ତୁତ କରି ଭାରତ ବିଶ୍ୱବାସୀଙ୍କ ଦାୟିତ୍ୱ ନେଇଛି। କରୋନା ଟିକା ହେଉ କିମ୍ବା ମହାମାରୀ ସମୟରେ ପିପିଇ କିଟ୍ ଉତ୍ପାଦନ କରି ବିଶ୍ୱକୁ ରପ୍ତାନି କରିବାରେ ଭାରତ ଅଗ୍ରଣୀ ରାଷ୍ଟ୍ର ମଧ୍ୟରେ ଉଭା ହୋଇଛି ବୋଲି ଧର୍ମେନ୍ଦ୍ର କହିଛନ୍ତି।



ନବୀନ ପଟ୍ଟନାୟକ ୧ ନମ୍ବର ମୁଖ୍ୟମନ୍ତ୍ରୀ ହେବା ପରେ ଶୁଭେଚ୍ଛା ଜଣାଇବା ପାଇଁ ନବୀନ ନିବାସକୁ ଯାଇଥିବା ମନ୍ତ୍ରୀ, ବିଧାୟକ, ଦଳୀୟ କର୍ମୀ।

# ବିଜୁ ଯୁବ, ଛାତ୍ର ଜନତା ଦଳର ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ

**ଭୁବନେଶ୍ୱର, ୧୬।୧(ବ୍ୟୁରୋ)**

ସି ଭୋଟର ଏବଂ ଏବିପି ଦେଶକା ମୁଡ ସର୍ଭେରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧ ନମ୍ବର ମୁଖ୍ୟମନ୍ତ୍ରୀ ହେବାର ଗୌରବ ହାସଲ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇବାକୁ ମନ୍ତ୍ରୀ, ବିଧାୟକ, ଦଳୀୟ କର୍ମୀମାନେ ଶନିବାର ନବୀନ ନିବାସରେ ଭିଡ ଜମାଇଥିଲେ। ମୁଖ୍ୟମନ୍ତ୍ରୀ ଜିନ୍ଦାବାଦ ସ୍ଲୋଗାନ ଓ ହୁଳହୁଳିରେ ନବୀନ ନିବାସ ପ୍ରକମ୍ପିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ଦଳୀୟ ନେତା ଓ କର୍ମୀଙ୍କୁ ହାତ ହଲାଇ ଧନ୍ୟବାଦ ଦେଇଥିଲେ। କେବଳ ବରିଷ୍ଠ ନେତା ନୁହଁନ୍ତି ବିଜୁ ଯୁବ, ଛାତ୍ର ଜନତା ଦଳର ୧ ହଜାରରୁ ଊର୍ଦ୍ଧ୍ୱ ପ୍ରତିନିଧିମାନେ ବିଜୁ ଜନତା ଦଳର ରାଜ୍ୟ କାର୍ଯ୍ୟାଳୟରୁ ଶୋଭାଯାତ୍ରାରେ ନବୀନ ନିବାସ ଯାଇ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ। ହାତରେ ବ୍ୟାନର ଧରି ସ୍ଲୋଗାନ ଦେଇ ମୁଖ୍ୟମନ୍ତ୍ରୀଙ୍କ ଗୁଣଗାନ କରିଥିଲେ। ଏହି ଶୋଭାଯାତ୍ରାରେ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ(ଯୁବ ବ୍ୟାପାର) ପ୍ରଣବ ବଳବନ୍ତରାୟ, ବିଜୁ ଯୁବ ଜନତା ଦଳର ରାଜ୍ୟ ସଭାପତି ବ୍ୟୋମକେଶ ରାୟ, ବିଜୁ ଛାତ୍ର ଜନତା ଦଳ ରାଜ୍ୟ ସଭାପତି ଦେବୀ ରଞ୍ଜନ ତ୍ରିପାଠୀ, ବିଜେଡି ରାଜ୍ୟ ସମ୍ପାଦକ(ଯୁବ ବ୍ୟାପାର) ରଞ୍ଜିତ ମହାପାତ୍ର, ଅମରେଶ ପତ୍ରି, ଯୁଗ୍ମ ସମ୍ପାଦକ ଜ୍ୟୋତି ରଞ୍ଜନ ଜେନା, ବିଜୁ ଯୁବ ଜନତା ଦଳର ରାଜ୍ୟ ମହାସଚିବ ଏଲିନା ଦାଶଙ୍କ ସମେତ ବହୁ ଯୁବ ଓ ଛାତ୍ର ନେତାମାନେ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

# ସ୍ୱାସ୍ଥ୍ୟକର୍ମୀ ନେଲେନି ଟିକା

## କଳାବ୍ୟାଜ୍ ପିନ୍ଧି ପ୍ରତିବାଦ

**କୁଚ୍ଚିଡା, ୧୬।୧ (ଡି.ଏନ.ଏ)**

ବହୁ ପ୍ରତୀକ୍ଷିତ କରୋନା ଟିକାକରଣ ଅଭିଯାନ ଆରମ୍ଭ ହୋଇଥିବା ବେଳେ କୁଚ୍ଚିଡା ବ୍ଲକର ସମୁଦାୟ ୬୫୩ କରୋନା ଯୋଦ୍ଧାଙ୍କୁ ପ୍ରଥମ ପର୍ଯ୍ୟାୟରେ କରୋନା ଟିକା ପାଇଁ ଚିହ୍ନଟ କରାଯାଇଛି। ସେଥିମଧ୍ୟରୁ ୨୮୪ ଜଣ ମେଡିକାଲ ଷ୍ଟାଫ ରହିଥିବା ବେଳେ ୩୬୯ ଜଣ ଅଙ୍ଗନୱାଡ଼ି କର୍ମୀ ସହାୟିକା ରହିଛନ୍ତି। ତେବେ କୁଚ୍ଚିଡା ସିଏଚସିରେ କାର୍ଯ୍ୟରତ ୩୫ ଏଏନଏମ, ଏମପିଏଚଡବ୍ଲୁ, ଏମପିଏଚବି ସ୍ୱାସ୍ଥ୍ୟ କର୍ମଚାରୀ ସେମାନଙ୍କୁ ସରକାରଙ୍କ ଅବହେଳା ପ୍ରଦର୍ଶନ କରୁଥିବା ଅଭିଯୋଗ କରି ଶନିବାର କରୋନା ଟିକା ନ ନେଇ କଳା ବ୍ୟାଜ ପିନ୍ଧି ନିଜର କାର୍ଯ୍ୟ ସମ୍ପାଦନ କରିଛନ୍ତି। ସେମାନେ କରୋନା ସମେତ ଅନ୍ୟ ସମୟରେ ଲୋକଙ୍କୁ ସେବା ଦେବାରେ ଅବହେଳା ପ୍ରଦର୍ଶନ କରୁ ନ ଥିଲେ ହିଁ ସରକାର ସେମାନଙ୍କ ପ୍ରତି ଉଦାସୀନ ମନୋଭାବ ପ୍ରତିପୋଷଣ କରିଥିବାରୁ ସେମାନେ ଏଭଳି ପଦକ୍ଷେପ ନେଇଥିବା ପ୍ରକାଶ କରିଛନ୍ତି। ଏହି ମର୍ମରେ କୁଚ୍ଚିଡାରେ କାର୍ଯ୍ୟରତ କର୍ମଚାରୀ ଲିଖିତ ଭାବେ ଏକ ଦାବିପତ୍ର କୁଚ୍ଚିଡା ସିଏଚସିର ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି।

# ବାଇକ୍‌ରେ ବୁହାହେଲା ମୃତଦେହ



ବାଇକ୍‌ରେ ନିଆଯାଉଛି ମୃତଦେହ।

**ଜଗନ୍ନାଥପ୍ରସାଦ, ୧୬।୧(ଡି.ଏନ.ଏ.)**

ମୃତଦେହକୁ ସମ୍ମାନର ସହ ଘରେ ପହଞ୍ଚାଇବା ପାଇଁ ସରକାର ମହାପ୍ରୟାଣ ଯୋଜନା କରିଛନ୍ତି। କିନ୍ତୁ ଏହି ଯୋଜନା ସବୁ ସ୍ଥାନରେ କାର୍ଯ୍ୟ କରୁନାହିଁ। ଶନିବାର ଏଭଳି ଘଟଣା ଦେଖିବାକୁ ମିଳିଛି ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ଅଞ୍ଚଳରେ।

ଜଗନ୍ନାଥପ୍ରସାଦ ଥାନା ଜିରାବାଡ଼ି ଗ୍ରାମର ନୀଳମାଧବ ପ୍ରଧାନ(୭୦) ଶନିବାର ସକାଳେ ଗାଁ ଛକ ଦୋକାନରେ ଚା’ ପିଉଥିବା ବେଳେ ଛାତିରେ ଯନ୍ତ୍ରଣା ଅନୁଭବ କରିବା ସହ ପଡ଼ିଯାଇଥିଲେ। ଉପସ୍ଥିତ ଲୋକେ ତାଙ୍କୁ ଜଗନ୍ନାଥପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ନୀଳମାଧବଙ୍କୁ ମୃତ ଘୋଷଣା କରିଥିଲେ। ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ମହାପ୍ରୟାଣ ଗାଡ଼ି ଉପଲବ୍ଧ ନଥିବାରୁ ପରିବାର ଲୋକେ ମୃତଦେହ ନେବାକୁ ଏକ ଅଟୋ ଡାକିଥିଲେ।

### ମିଳିଲାନି ମହାପ୍ରୟାଣ ଗାଡ଼ି

ଅଟୋଚାଳକ ଦେଢ଼ କିଲୋମିଟର ରାସ୍ତାକୁ ୨ହଜାର ଟଙ୍କା ଭଡ଼ା କହିବାରୁ ପରିବାର ଲୋକେ ମୃତଦେହକୁ ବାଇକ୍‌ରେ ଘରକୁ ନେଇଥିଲେ। ସ୍ଥାନୀୟ ଲୋକେ ଏହାର ଫଟୋ ଉଠାଇ ଭାଇରାଲ କରି ଦେଇଥିଲେ। ମୃତଦେହ ଗ୍ରାମରେ ପହଞ୍ଚିବା ପରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା।

ଏ ନେଇ ଜଗନ୍ନାଥପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଦାସ କିରଣ କୁମାରଙ୍କ ସହ ଯୋଗାଯୋଗ କରିବାରୁ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ମହାପ୍ରୟାଣ ଗାଡ଼ିର ସୁବିଧା ନାହିଁ ଏବଂ ୧୦୨/୧୦୮ ଗାଡିରେ ମୃତଦେହ ନେବା ପାଇଁ ସରକାରଙ୍କ ନିର୍ଦ୍ଦେଶ ନାହିଁ। ତେଣୁ ମୃତକ ପରିବାର ଲୋକେ ନିଜ ବ୍ୟବସ୍ଥାରେ ମୃତଦେହକୁ ନେଇଛନ୍ତି ବୋଲି କହିଥିଲେ। ତେବେ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ଗୋଟିଏ ମହାପ୍ରୟାଣ ଗାଡି ଯୋଗାଇ ଦେବାକୁ ଦାବି ହୋଇଛି।


# ନବୀନ ୧ ନମ୍ବର ମୁଖ୍ୟମନ୍ତ୍ରୀ ରିପୋର୍ଟକୁ ବିରୋଧୀଙ୍କ ଟାର୍ଗେଟ

**ଭୁବନେଶ୍ୱର, ୧୬।୧(ବ୍ୟୁରୋ)**

ଏକ ଜାତୀୟ ଗଣମାଧ୍ୟମ ସଂସ୍ଥା ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦେଶର ଏକ ନମ୍ବର ମୁଖ୍ୟମନ୍ତ୍ରୀ ଭାବେ ବିବେଚିତ କରାଯାଇଛି। ଏଭଳି ସର୍ଭେକୁ କଂଗ୍ରେସ ସମାଲୋଚନା କରିଛି। ନିରଞ୍ଜନ ଏକ ଭିଡିଓ ବାର୍ତ୍ତା ଜରିଆରେ କହିଛନ୍ତି, ରାଜ୍ୟରେ ଚାଷୀମାନେ ହତାଶ ସ୍ଥିତିରେ ଅଛନ୍ତି। ବେକାରି, ଦାଦନ ସମସ୍ୟା ବଢ଼ି ଚାଲିଛି। ଏସବୁ ସତ୍ତ୍ୱେ ନବୀନଙ୍କୁ ଏକ ନମ୍ବର ମୁଖ୍ୟମନ୍ତ୍ରୀ କରାଯାଇଛି। କେବଳ ଲୋକମାନଙ୍କୁ ବିଭ୍ରାନ୍ତି କରିବା ସକାଶେ ଏଭଳି ଡ୍ରାମା କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ସେହିପରି ବରିଷ୍ଠ ବିଧାୟକ ସୁରେଶ କୁମାର ରାଉତରାୟ କହିଛନ୍ତି, ଉକ୍ତ ସଂସ୍ଥା କେଉଁଆଡୁ ମୁଖ୍ୟମନ୍ତ୍ରୀଙ୍କୁ ନମ୍ବର ୱାନ୍ କରିଛି ତାହା ବୁଝାପଡୁନାହିଁ। ଓଡ଼ିଶା ଏବେ ରଣଭାରରେ ବୁଡି ରହିଛି। ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଶିଶୁ ହତ୍ୟା, ନାବାଳିକାଙ୍କୁ ବଳାତ୍କାର ଆଦି ଘଟଣା ବାରମ୍ବାର ଘଟୁଛି। ୯ ମାସ ହେଲା ମୁଖ୍ୟମନ୍ତ୍ରୀ ଘରେ ରହିଛନ୍ତି। ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ। ଚାଷୀ ହନ୍ତସନ୍ତ ହେଉଛନ୍ତି। ଗଣତନ୍ତ୍ରକୁ ଏଠାରେ ହତ୍ୟା ଚାଲିଛି ବୋଲି ସେ କହିଛନ୍ତି। ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଭିନ୍ନ ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମରେ ଓଡ଼ିଶାକୁ ଅଗ୍ରାଧିକାର ଦେବା ସହିତ ପ୍ରାକୃତିକ ବିପର୍ଯ୍ୟୟ ଓ କରୋନା କାଳରେ ଅଧିକ ସମ୍ବେଦନଶୀଳତା ଦେଖାଇ ସହଯୋଗର ହାତ ବଢ଼ାଇଛନ୍ତି। ସରକାର ଯେଉଁଭଳି କେନ୍ଦ୍ରୀୟ ଯୋଜନାକୁ ନିଜସ୍ୱ ବ୍ରାଣ୍ଡିଂ ପାଇଁ ଅହରହ ଉଦ୍ୟମ କରୁଛନ୍ତି ତାହା ଲୋକମାନେ ବୁଝିସାରିଲେଣି ବୋଲି ମହାନ୍ତି କହିଛନ୍ତି।

## । ପିକ୍‌ନିକ୍ ସ୍ପଟ୍ ।

# ହାଣ୍ଡିଭଙ୍ଗା ଜଳପ୍ରପାତ




କେନ୍ଦୁଝର ଜିଲାର ଘଞ୍ଚ ଜଙ୍ଗଲ ଓ ପାହାଡ ପରିବେଷ୍ଟିତ ଖଣିଖାଦାନ ଯୋଡ଼ା ବ୍ଲକରେ ରହିଛି ବହୁ ପ୍ରାକୃତିକ ସୌନ୍ଦର୍ଯ୍ୟପୂର୍ଣ୍ଣ ଛୋଟ ବଡ଼ ଜଳପ୍ରପାତ। ଏଠାକାର ପ୍ରକୃତିଦତ୍ତ ଚିରସ୍ରୋତା ଝରଣା, ସବୁଜ ପାହାଡ, ଘଞ୍ଚ ଜଙ୍ଗଲ ତଥା ଥଣ୍ଡା ପରିବେଶ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ଏହି ବ୍ଲକର ବଡକାଳିମାଟି ପଞ୍ଚାୟତରେ ରହିଛି ଜଙ୍ଗଲ ଓ ପାହାଡ ଘେରା ହାଣ୍ଡିଭଙ୍ଗା ଜଳପ୍ରପାତ। ଏହି ଜଳପ୍ରପାତ ବର୍ଷ ତମାମ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଥିଲେ ହେଁ ବିଶେଷ କରି ଶୀତ ଋତୁରେ ଅଧିକ ପର୍ଯ୍ୟଟକ ବୁଲିବାକୁ ଓ ଭୋଜିଭାତ କରିବାକୁ ଆସିଥାନ୍ତି। ଏଠାରେ ଥିବା ଦୁଇ ପାହାଡର ସଂଯୋଗ ସ୍ଥଳିରୁ ଏବଂ ପ୍ରାୟ ୨୦୦ ଫୁଟ ଉପରୁ ଖସିଆସୁଥିବା ଏହି ଜଳ ଧାରର ପ୍ରପାତ ପାଲଟିଛି ସମସ୍ତଙ୍କ ଆକର୍ଷଣର କେନ୍ଦ୍ର ବିନ୍ଦୁ।

ଏଠାରେ ରହିଛି ବୀର ହନୁମାନ ମନ୍ଦିର ଓ ପଦ୍ମେଶ୍ୱର ମହାଦେବ ମନ୍ଦିର। ଶାନ୍ତସରଳ ପରିବେଶ ମଧ୍ୟରେ ଥିବା ଏହି ଜଳପ୍ରପାତ ପାଖକୁ ଯିବାକୁ ହେଲେ ଚାଲି ଚାଲି ଯିବାକୁ ପଡିଥାଏ। ଭଲ ରାସ୍ତା ନ ଥିବାରୁ ଝରଣାର ଉପର ପାଖକୁ ଯିବା ସୁବିଧାଜନକ ହୁଏ ନାହିଁ। ତେବେ ତଳୁ ଥାଇ ଝରଣା ଓ ଜଳପ୍ରପାତର ମନୋରମ ଦୃଶ୍ୟକୁ ଅନେକ ଉପଭୋଗ କରିଥାନ୍ତି। ବିଭିନ୍ନ ଜାତିପ୍ରଜାତିର ଗଛଲତା, ଜୀବଜନ୍ତୁ ଓ ସରୀସୃପ ଏଠାରେ ଦେଖିବାକୁ ମିଳେ। ଏଠାରେ ପର୍ଯ୍ୟଟକ ଥଣ୍ଡା ଜଳରେ ଗାଧୋଇବାର ମଜା ଉଠାଇଥାନ୍ତି। ପର୍ଯ୍ୟଟନ, ଜିଲା ପ୍ରଶାସନ ତଥା ସ୍ଥାନୀୟ ଲୋକଙ୍କ ସହାୟତାରେ ଉନ୍ନତି ମୂଳକ କାର୍ଯ୍ୟ କରାଯାଇଛି। ଏହି ଜଳପ୍ରପାତର ପାଣି ତଳକୁ ବୋହି ଯାଉଥିବାବେଳେ ଏହି ଝରଣା କୂଳରେ ଭୋଜିଭାତ ଓ ନାଚଗୀତ କରି ପର୍ଯ୍ୟଟକ ମଜାକରିଥାନ୍ତି। ରାଜ୍ୟ ତଥା ରାଜ୍ୟ ବାହାରୁ ଏଠାକୁ ପର୍ଯ୍ୟଟକ ଆସି ବୁଲି ପ୍ରକୃତିର ମନୋରମ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ସହ ବଣଭୋଜି କରି ନିଆରା ଅନୁଭୂତି ସାଉଁଟି ନେଇ ଯାଇଥାନ୍ତି। ଯିଏ ଥରେ ଆସିଛି ସେ ଆଉ ଥରେ ଆସିବାକୁ ମନା ବଳାଇଥାଏ। ଏହି ସ୍ଥାନକୁ ପାହାଡିଆ ରାସ୍ତାରେ ଯିବା ବେଳେ ଜଙ୍ଗଲ, ଝରଣା ଆଦି ମନରୋମ ଦୃଶ୍ୟ ସମସ୍ତଙ୍କୁ ବିମୋହିତ କରିଥାଏ।

### କେମିତି ଯିବେ

ଭୁବନେଶ୍ୱର ଠାରୁ କେନ୍ଦୁଝର ଦେଇ ଦୀର୍ଘ ପ୍ରାୟ ୨୭୫ କି.ମି. ଅତିକ୍ରମ କରି ଏହି ସ୍ଥାନକୁ ଯିବାକୁ ପଡିଥାଏ। କେନ୍ଦୁଝରରୁ ପଳାଶପଙ୍ଗା (ଏନ୍‌ଏଚ ୨୦) ଯାଇ ସେଠାରୁ ପଳାଶପଙ୍ଗା-ବାମେବାରୀ ରାସ୍ତାରେ କାଳିମାଟିକୁ ଯିବାକୁ ପଡିଥାଏ। ସେଠାରୁ ଅନ୍ୟ ଏକ ରାସ୍ତା ଦେଇ ହାଣ୍ଡିଭଙ୍ଗା ଯିବାକୁ ପଡିଥାଏ। ଯୋଡ଼ା କିମ୍ବା କେନ୍ଦୁଝର ଜିଲା ମୁଖ୍ୟାଳୟରେ ରହିବା ପାଇଁ ହୋଟେଲ, ପାନ୍ଥଶାଳା ରହିଛି। ଏହି ସ୍ଥାନଟି ଯୋଡାରୁ ପ୍ରାୟ ୨୨ କି.ମି. ଓ କେନ୍ଦୁଝରରୁ ପ୍ରାୟ ୫୦ କି.ମି. ଦୂରରେ ରହିଛି।

– ରିପୋର୍ଟ: ନରେଶ ଚନ୍ଦ୍ର ପଟ୍ଟନାୟକ, କେନ୍ଦୁଝର




# ରାସ୍ତା ଅବରୋଧ କଲା ଗଜରାଜ



ବେତନଟୀ ରେଞ୍ଜର କାଳିଆନାଳ ଜଙ୍ଗଲରୁ ଆସିଥିବା ହାତୀ ମାକୁନ୍ଦ-ଛାତନା ରାସ୍ତାରେ ଯାଉଛି।

**ଚିତ୍ରଡ଼ା, ୧୬।୧ (ଡି.ଏନ.ଏ)**

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକରେ ହାତୀ ଉପଦ୍ରବ ଦିନକୁ ଦିନ ବଢ଼ିବାରେ ଲାଗିଛି। ଫଳରେ ଲୋକେ ଭୟରେ ଦିନ କାଟୁଛନ୍ତି। ଶୁକ୍ରବାର ରାତିରେ ବେତନଟୀ ରେଞ୍ଜ ଅଧୀନ ଜୁଆଳିଭଙ୍ଗା ପଞ୍ଚାୟତ ମାକୁନ୍ଦ ଗ୍ରାମର କରୁଣାକର ମୁର୍ମୁଙ୍କ ଘରେ ଏକ ଦନ୍ତା ହାତୀ ପଶି ୫ରୁ ୧୦ କୁଇଣ୍ଟାଲ ଧାନ ନଷ୍ଟ କରିଥିବା ଜଣାପଡ଼ିଛି। ଶନିବାର ହାତୀଟି ମାକୁନ୍ଦ ଜଙ୍ଗଲରୁ ବାହାରି ମାକୁନ୍ଦ-ଛାତନା ରାସ୍ତାରେ ଥିବା ଭେଙ୍କ ରିସର୍ଚ୍ଚ ଆଣ୍ଡ ବ୍ରିଡିଙ୍ଗ ଫାର୍ମ ନିକଟରେ ଅପରାହ୍ନ ପ୍ରାୟ ସାଢ଼େ ୨ଟାରୁ ୫ଟା ପର୍ଯ୍ୟନ୍ତ ରାସ୍ତା ଅବରୋଧ କରି ରଖିଥିଲା। ଫଳରେ ଯାତାୟାତ ବାଧାପ୍ରାପ୍ତ ହେବାରୁ ରାସ୍ତାରେ ଲୋକଙ୍କ ଭିଡ଼ ଜମିଥିଲା। ସନ୍ଧ୍ୟାରେ ହାତୀଟି କାଳିଆନାଳ ଜଙ୍ଗଲକୁ ପଳାଇ ଯାଇଥିବା ସୂଚନା ମିଳିଛି। ହାତୀଟି ଜଙ୍ଗଲରୁ ବାହାରି ଗାଁ ଆଡ଼କୁ ମୁହାଁଇବା ବେଳେ ଘଉଡ଼ାଇବା ଲାଗି ବନ ବିଭାଗକୁ ବାରମ୍ବାର ଜଣାଇବା ସତ୍ତ୍ୱେ କର୍ମଚାରୀ ଆସି ନ ଥିଲେ। ବିଳମ୍ବରେ ଆସିବା ପରେ ବି ହାତୀକୁ ଘଉଡ଼ାଇବାରେ ସକ୍ଷମ ହୋଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବେତନଟୀ ବନ ବିଭାଗ ରେଞ୍ଜର ଘନଶ୍ୟାମ ସିଂଙ୍କୁ ଯୋଗାଯୋଗ କରିବାରୁ କହିଛନ୍ତି ଯେ, ହାତୀଟିର ଗତିବିଧି ଦେଖିବା ପାଇଁ ପାଖରେ ଦୁଇଜଣ କର୍ମଚାରୀ ଅଛନ୍ତି। ଯେଉଁ ଲୋକଙ୍କର କ୍ଷତି ହୋଇଛି, ଆକଳନ କରି ତାଙ୍କୁ ସହାୟତା ପ୍ରଦାନ କରାଯିବ।



**ଆଜିର ମନ୍ତବ୍ୟ**

ସ୍ୱଦେଶୀ କୋଭିଡ୍ ଟିକା 'ଆତ୍ମନିର୍ଭର ଭାରତ' ପାଇଁ ଦୃଢ଼ତାର ପ୍ରତୀକ।
-ଅମିତ ଶାହା, ସ୍ୱରାଷ୍ଟ୍ରମନ୍ତ୍ରୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ପ୍ରତିଭା ରାଣୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ସ୍ୱଧାର ଗୃହକୁ ଗଲେ ଜରି ଗୋଟାଉଥିବା ୨ ନାବାଳକ

**ଉଦ୍ଧାର କଲେ ଜିଲା ଶିଶୁ ସୁରକ୍ଷା ଅଧିକାରୀ**

**ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର, ୧୬।୧(ଡି.ଏନ.ଏ.)**

ଯାଜପୁର ଜିଲା ବଡ଼ଚଣା ବ୍ଲକ ବାଲିଚନ୍ଦ୍ରପୁରସ୍ଥିତ ପଙ୍କାମୁଣ୍ଡାଇ କେନାଲ ବନ୍ଧରେ ରହି ଜରି ଗୋଟାଉଥିବା ଏକ ଆଦିବାସୀ ପରିବାରର ଦୁଇ ନାବାଳକଙ୍କୁ ଶନିବାର ଉଦ୍ଧାର କରାଯାଇ ଶିଶୁ ସ୍ୱଧାର ଗୃହରେ ରଖାଯାଇଛି। ଯାଜପୁର ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲା ଶିଶୁ ସୁରକ୍ଷାଧିକାରୀ ନିରଞ୍ଜନ କର ଓ ସାମାଜିକ କର୍ମୀ ବିଭୁତି ଭୂଷଣ ଆଚାର୍ଯ୍ୟ ପହଞ୍ଚି ଉଭୟ ନାବାଳକଙ୍କୁ ଉଦ୍ଧାର କରିଥିଲେ। ପରେ ସେମାନଙ୍କୁ ବଡ଼ଚଣା ଶାସନ ପୁରୁଷୋତ୍ତମପୁରସ୍ଥିତ ବିଦ୍ୟା ଫାଉଣ୍ଡେସନ ଶିଶୁ ସ୍ୱଧାର ଗୃହରେ ଛାଡ଼ିଥିଲେ। ଏହି ଦୁଇ ନାବାଳକ ନିଜ ଜେଜମା'ଙ୍କ ନିକଟରେ ରହୁଥିଲେ। ସେମାନଙ୍କ ପିତାମାତା ୫ ବର୍ଷ ହେବ କେଉଁଆଡ଼େ ପଳାଇ ଯାଇଛନ୍ତି। ଜେଜମା ଉଭୟଙ୍କୁ ପାଳନ ପୋଷଣ କରିବା କଷ୍ଟକର ହୋଇପଡୁଥିଲା। ସେଥିପାଇଁ ଏହି ୧୦ ଓ ୭ବର୍ଷୀୟ ନାବାଳକ ଦ୍ୱୟ ପାଠ ପଢ଼ିବା ବଦଳରେ ଜରି ଗୋଟାଇବା କାମରେ ଲାଗିଥିଲେ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯାହାର ମାଙ୍କଡ଼ ,
ସେ ନଚାଇ ଜାଣେ।**

ଯାହାର ଯାହା ବୃତ୍ତି ହୋଇଥାଏ, ସେହି ବିଷୟରେ ତା'ର ଅଭିଜ୍ଞତା ଅଧିକ ରହିଥାଏ। ସହଜରେ ସେହି କାମକୁ ନେଇ ଆଣି ଥୋଇ ଦେଇ ପାରିଥାଏ। ଅନଭ୍ୟସ୍ତ ଲୋକ ସେଥିରେ ହାତ ଦେଲେ, ପରିଣତି ଶୁଭଙ୍କର ହୋଇ ନ ଥାଏ।ଯାହାର ଯେଉଁଥିରେ ଦକ୍ଷତା ସେଥିରେ ସେ ପାରଙ୍ଗମ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଯହିଁ ପାଇ
ତହିଁ ଗାଇ।**

ପର ଅନ୍ନରେ ପୋଷି ହେଉଥିବା ବ୍ୟକ୍ତି ସାଧାରଣତଃ ଋଣୀ ହୋଇଥାନ୍ତି। ଏପରିସ୍ଥଳେ ସାହା ଭରସା ଯୋଗାଉଥିବା ବ୍ୟକ୍ତିଙ୍କ ପ୍ରତି କୃତଜ୍ଞ ରହିବା ଉଚିତ ହୋଇଥାଏ। କୌଣସି ବ୍ୟକ୍ତିଙ୍କ ଠାରୁ କିଛି ସାହାଯ୍ୟ ସମର୍ଥନ ପାଇଲେ ତାଙ୍କର ଗୁଣ ଗାନ କରିବା ଶୋଭନୀୟ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢ଼ମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
– ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# କଟୁରି ଚୋଟରେ ଜଣେ ମୃତ

**ନୟାଗଡ଼ ଅଫିସ/ରଣପୁର,୧୬।୧(ସ୍ୱ.ପ୍ର.)**

ନୟାଗଡ଼ ଜିଲା ରଣପୁର ଥାନା ପାମ୍ପଡା ଗାଁରେ ଧାନ ଧୁଷ ଉଡିବାକୁ କେନ୍ଦ୍ରକରି ହତ୍ୟାକାଣ୍ଡ ଘଟିଛି। ବେଙ୍ଗଳା ପଡୁଥିବା ଧାନର ଧୁଷ ଉଡିବାରୁ ୨ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟିଥିଲା । ଅପରପକ୍ଷର କଟୁରି ଚୋଟରେ ସୁକାନ୍ତ ବେହେରା(୪୫) ଗୁରୁତର ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଶନିବାର ତାଙ୍କର ମୃତ୍ୟୁ ଘଟିଛି। ସୁକାନ୍ତଙ୍କ ଦାଦା ଚିକିତ୍ସାଧୀନ ଅଛନ୍ତି। ହତ୍ୟାକାରୀଙ୍କୁ ଗିରଫ ଓ ମୃତକଙ୍କୁ ସରକାରୀ ସହାୟତା ଦେବା ଦାବିରେ ପାମ୍ପଡାର ରଣପୁର-ଚାନ୍ଦପୁର ରାସ୍ତାକୁ ଅପରାହ୍ନ ୪ଟାରୁ ଅବରୋଧ କରାଯାଇଥିଲା। ଖବର ପାଇ ରଣପୁର ତହସିଲଦାର ସଞ୍ଜୟ ସାମନ୍ତରାୟ ଓ ରଣପୁର ଥାନା ଆଇଆଇସି ଜ୍ୟୋତି ପ୍ରକାଶ ପଣ୍ଡା ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ହତ୍ୟାକାରୀଙ୍କୁ ଗିରଫ ସହ ରେଡ୍‌କ୍ରସରୁ ୧୦ ହଜାର ଟଙ୍କା ସହାୟତା ପ୍ରଦାନର ପ୍ରତିଶ୍ରୁତି ମିଳିବା ପରେ ରାତି ୭ଟାରେ ରାସ୍ତା ଅବରୋଧ ହଟିଥିଲା। ଅଭିଯୋଗ ଅନୁଯାୟୀ, ଗତ ୭ ତାରିଖ ସକାଳେ ବୈକୁଣ୍ଠ ବେହେରା ନିଜ ବାଡ଼ିପଟେ ଧାନ ବେଙ୍ଗଳା ପକାଇଥିଲେ । ଏହି ସମୟରେ ଧାନ ଧୁଷ ଉଡି ପଡୋଶୀ ରାଜ କିଶୋର ପ୍ରଧାନଙ୍କ ବାଡ଼ିରେ ପଡିଥିଲା । ଏହାକୁ ନେଇ ଉଭୟ ପରିବାର ମଧରେ ପାଟିତୁଣ୍ଡ ହୋଇଥିଲା। ପରେ ବୈକୁଣ୍ଠଙ୍କ ପୁଅ ସୁକାନ୍ତଙ୍କୁ ରାଜ କିଶୋର, ତାଙ୍କ ବଡ଼ପୁଅ ଅରବିନ୍ଦ, ସାନ ପୁଅ ସନ୍ତୋଷ ଓ ୩ ଝିଅ ଗୋଡ଼େଇ ଗୋଡ଼େଇ କଟୁରିରେ ଆକ୍ରମଣ କରିଥିଲେ । ଏପରିକି ସୁକାନ୍ତଙ୍କୁ ରକ୍ଷା କରିବାକୁ ଯାଇ ଦାଦା ଶରତ ଆହତ ହୋଇଥିଲେ। ଦାଦା ଓ ପୁତୁରାଙ୍କୁ ଗୁରୁତର ଅବସ୍ଥାରେ ରଣପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥାରେ ଉନ୍ନତି ନ ଆସିବାରୁ ସୁକାନ୍ତଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା । ଶନିବାର ସୁକାନ୍ତଙ୍କ ମୃତ୍ୟୁ ଘଟିଥିଲା ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
କୌଣସି ପଦସ୍ଥ ବ୍ୟକ୍ତିଙ୍କ ସହଯୋଗରୁ ଅଟକିଥିବା କାମରେ ଅଗ୍ରଗତି ଘଟିବ। ଆର୍ଥିକ ସଂକଟ ଲାଗି ରହିଥିଲେ ମଧ୍ୟ ନୂତନ ଯୋଜନା ଆରମ୍ଭ ସକାଶେ ମନ ବଳାଇବେ। ସମ୍ପର୍କୀୟମାନେ କାଳେ ଦେବାକୁ ପଡିବ, ଏହି ଚିନ୍ତାରେ ପାଖ ମାଡିବେ ନାହିଁ। ମହିଳାମାନେ ମନକୁ ବୁଝାଇ ରହିବାକୁ ବାଧ ହେବେ ।

**ବୃଷ**
ପ୍ରତ୍ୟେକ ପ୍ରତିବନ୍ଧକକୁ ଦୃଢ଼ତାର ସହ ସମ୍ମୁଖୀନ ହୋଇ କାମ କରିବାକୁ ବାଧ ହେବେ। ଆନୁଷ୍ଠାନିକ କାମରେ ଅପ୍ରିୟ ସତ କହି ବିରୋଧୀ ହୋଇପାରନ୍ତି। ଆର୍ଥିକ ସ୍ଥିତି କମ୍‌ଜୋର୍ ରହିବ, ଫଳରେ ଅନ୍ୟର ସାହାଯ୍ୟ ନେବାକୁ ବାଧ ହେବେ। ଆନୁଷ୍ଠାନିକ କାମରେ ଯୋଗଦେଇ ପ୍ରଶଂସିତ ହେବେ ।

**ମିଥୁନ**
କର୍ମକ୍ଷେତ୍ରରେ ସାବଧାନତା ଅବଲମ୍ବନ କରିବା ଭଲ। ନଚେତ୍ ପରିସ୍ଥିତି ବଦଳି ଯାଇପାରେ। ବନ୍ଧୁଙ୍କ ମୁଡ୍ ପରଖି ଆଗକୁ ନ ବଢ଼ିଲେ କଳହର ସୂତ୍ରପାତ ହୋଇପାରେ। ଅପରାହ୍ନରେ ପୁରାତନ ରୋଗର ପୀଡା ଅନୁଭବ ହୋଇପାରେ। ପିଲାଙ୍କ ଅଭିଯୋଗକୁ ଗୁରୁତର ସହ ବିଚାର କରି କାମ କରିବା ଭଲ ହେବ।

**କର୍କଟ**
ଆଜିର କର୍ମାରମ୍ଭ ପ୍ରୀତିପଦ ହେବ। ନିକଟସ୍ଥ ବ୍ୟକ୍ତିଙ୍କ ସହାୟତାରେ ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ବ୍ୟଥିତ କରିପାରେ। ପରୋକ୍ଷ ଶତ୍ରୁତା ସାମୟିକ କଳହର କାରଣ ହୋଇପାରେ। କିନ୍ତୁ କାର୍ଯ୍ୟ ସାଧିତ ହେବାରେ କୌଣସି ପ୍ରତିବନ୍ଧକ ରହିବ ନାହିଁ।

**ସିଂହ**
ବନ୍ଧୁଙ୍କ ଅନୁରୋଧ ରକ୍ଷା କରିବାକୁ ଯାଇ ଆଜି ମାତ୍ରାଧିକ ଭ୍ରମଣ କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ଉଚ୍ଚ ପଦାଧିକାରୀଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ଅନ୍ୟମାନଙ୍କୁ ସାହାଯ୍ୟ କରିବାକୁ ଯାଇ ନିଜେ ହଇରାଣରେ ପଡିପାରନ୍ତି। ସମ୍ପର୍କୀୟଙ୍କ ଶତ୍ରୁତା ଘରେ କଳହର କାରଣ ହେବ ।

**କନ୍ୟା**
ଆଜି ଦିନଟିରେ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ମନୋଭାବ ବଦଳିଯିବା କାରଣରୁ ପ୍ରିୟ ବନ୍ଧୁଟି ସାହାଯ୍ୟ ପ୍ରତିଶ୍ରୁତି ଦେଇ ପାଖ ମାଡିବ ନାହିଁ। ବ୍ୟବସାୟରେ କ୍ରମଶଃ ଲାଭ ଅପେକ୍ଷା କ୍ଷତି ଅଧିକ ହେବାର ଆଶଙ୍କା ରହିଛି । କୌଣସି ଗୁରୁତ୍ୱପୂର୍ଣ୍ଣ କାରଣ ନ ଥାଇ ମଧ୍ୟ ଯାତ୍ରା ସମୟରେ ଝଗଡା ଲାଗିପାରେ।

**ତୁଳା**
କର୍ମକ୍ଷେତ୍ରରେ ଲାଗି ରହିଥିବା ସମସ୍ୟା ସମାଧାନ ହେବ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ଆଶଙ୍କା ରହିଛି। ପଡୋଶୀମାନେ ସ୍ୱାର୍ଥସାଧନ ପାଇଁ ନିଜ କାମକୁ ଅଗ୍ରାଧିକାର ଦେବେ। ପୁରୁଣା ରୋଗ, ଘର ଲୋକମାନଙ୍କ ଚୁପ୍ ଚାପ୍ କଥା ମନକୁ ବିଚଳିତ କରିବ।

**ବିଛା**
ଆଜି ସାଙ୍ଗସାଥୀମାନଙ୍କ ସହ କିଛି ନୂଆଁ ସ୍ଥାନକୁ ପରିଦର୍ଶନରେ ଯାଇ ପାରନ୍ତି। ଅନ୍ୟମନସ୍କ କାରଣରୁ କିମ୍ବା ଅସାବଧାନତା ହେତୁ ଟଙ୍କା ପଇସା ହଜି ଯାଇପାରେ। କର୍ମକ୍ଷେତ୍ରରେ ସାହସିକତା ପ୍ରଦର୍ଶନ କରି ଉଚ୍ଚ ପ୍ରଶଂସିତ ହେବେ। ସାହିତ୍ୟ, ରଚନାତ୍ମକ କାର୍ଯ୍ୟ ଓ ସଂଗୀତରେ ସୁନାମ ଅର୍ଜନ କରିବେ।

**ଧନୁ**
ଆଜିର ଆଲୋଚନା ପରିସରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧହେବେ। ବକେୟା ଅର୍ଥ ଆଦାୟରେ ସକ୍ଷମ ହେବେ, କିନ୍ତୁ ଏଥିପାଇଁ ବହୁତ ଟଣା ଓଟରା ଲାଗିବ। ବିବାଦୀୟ ଘଟଣାରେ, ପରିବହନରେ, ବ୍ୟବସାୟରେ ଯଥା ସମ୍ଭବ ଶତ୍ରୁଠାରୁ ଦୂରେଇ ରହିବା ଭଲ। ପରିବାରରେ ପ୍ରିୟ କଥା କହି ସମସ୍ୟା ସୁଧାରି ନେବେ।

**ମକର**
ସାମାନ୍ୟ ଥଣ୍ଡାକାରଣରୁ ଦେହଟା ଭଲ ଲାଗି ନ ପାରେ। ଶିଳ୍ପ, ବାଣିଜ୍ୟ, କଳା ସାହିତ୍ୟ, ପରିବହନରେ ସମସ୍ୟା ସମାଧାନ ହୋଇଯିବ । ଭଲ କଥା କହିଲେ ମଧ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିପାରନ୍ତି। ପରିବାରରେ ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି।

**କୁମ୍ଭ**
ଅନ୍ୟମାନଙ୍କ ସକାଶେ ଯାହା ସହଜ ଓ ସୁବିଧାଜନକ ହୋଇପାରୁଛି ତାହା ଆପଣଙ୍କ ପାଇଁ ନ ହୋଇପାରେ। ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ପାରିବାରିକ କ୍ଷେତ୍ରରେ ଜାଣିଶୁଣି ନୀରବ ରହିବାକୁ ବାଧ ହେବେ। କୌଣସି ନୀଚ ଜାତିର ବ୍ୟକ୍ତିଙ୍କ ସହାୟତାରୁ ଉପକୃତ ହୋଇପାରନ୍ତି।

**ମୀନ**
ଯେମିତି ଭାବୁଛନ୍ତି, ସେମିତି କରନ୍ତୁ, ସାମାନ୍ୟ ଅସୁବିଧା ଦେଖାଦେଲେ ମଧ ପର କ୍ଷଣରେ ସବୁ ଠିକ୍ ହୋଇଯିବ। ନିକଟତର ବନ୍ଧୁଟି ଦ୍ୱାରା କାମ ହାସଲ କରିବେ। ଅସୁବିଧା ନ ହେଲେ ମଧ କେତେକ କ୍ଷେତ୍ରରେ ବୃଥା ଆଶଙ୍କା କରି ମନ ଅସ୍ଥିର ରହିବ। ପ୍ରକୃତ ଘଟଣା ନ ବୁଝି ପଡୋଶୀ କ୍ରୋଧ ପ୍ରକାଶ କରିପାରନ୍ତି।

ଆଜି ପୌଷ ଶୁକ୍ଳ ଚତୁର୍ଥୀ ଯୁକ୍ତ ୫ମୀ ରବିବାର, ଜାନୁୟାରୀ ୧୭ ତାରିଖ, ରାଶିନକ୍ଷତ୍ର-ପୂର୍ବଭାଦ୍ରବ/କୁମ୍ଭ, ମେଷ ରାଶିର ଘାତବାର। ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୭.୧୧ମି. ଗତେ ଘ.୧୦.୦୭ମି. ମଧ୍ୟେ ଅମୃତବେଳା। ଦିବା ଘ.୦୬.୨୮ମି. ଗତେ ଘ.୦୭.୧୧ମି. ମଧ୍ୟେ, ଘ.୦୧.୦୨ମି. ଗତେ ଘ.୦୧.୪୬ମି. ମଧ୍ୟେ ମାହେନ୍ଦ୍ର ବେଳା। ଅପରାହ୍ନ ଘ.୦୪.୦୩ମି. ଗତେ ଘ.୦୫.୨୫ମି. ମଧ୍ୟେ ରାହୁକାଳ।


# classifieds Everyday

0674-2580101, 2549302



MATRIMONIAL

### BRIDE WANTED

Gopal Boy 30 B.Tech, Burla, MBA IIM Software Engineer Bangalore. 7377203805. D-19566

Khandayat, Karan caste ra kanyapatri abasyaka. Wanter:- Beautiful Khandayat bride required for Khandayat boy,33 years,5.6, Working as Software Engineer in reputed MNC Company Pune. Qualification :-BCA,Annual Package:- 19.25 lac. Contact: 9439836457. D-19567

**Groom Karan 34yrs, 5'6", fair, Co.Secretary completed, now in job Bharat Electronics, Bangalore (Central Govt.), 12lakhs pa, matching bride required fair, height 5'3", Software, Banking, highly qualified preferred. Contact: 8895605671, 9938679679.** D-69470

Handsome boy 42 Agriculture, business, caste no bar. "SUHAG". 7978399083, 6370269381. D-69474

### GROOM WANTED

ଭୁବନେଶ୍ୱର ବ୍ରାହ୍ମଣ ଘରର ଝିଅ BA, 35, ପାଇଁ suitable candidate ଆବଶ୍ୟକ। 9861135199. D-19558

କ୍ଷତ୍ରିୟ M.Sc. 32 year 5'3" ବୃଷ bank (PSU) Manager BBSR ଅବସ୍ଥାପିତ କନ୍ୟାଙ୍କ ପାଇଁ ସରକାରୀ ସମକକ୍ଷ ଚାକିରିଆ ପାତ୍ର ଆବଶ୍ୟକ। ଯୋଗାଯୋଗ: 9938384436. D-19612



automobile

### SALE

Hyundai Xcent 2017 with OLA attached well condition 5,20,000/- (Negotiable). 8249533255. D-69362



real estate

### SALE

2BHK flat at Biribandha (Sundarpada Jatni main road) 6 Kms from Lingaraj Railway Station. Price: 25lakhs. Contact: 9861267810. D-19609

**Available for sale 6000 sqft. on 100 feet road (500 meter from Nuagaon chhaka towards Gothapatna. Contact: 8480548039.** D-69676

3BHK flat 1600sqft. (2017 possession) Patia, opposite RTO-2, 1km KIIT Square @72lac, including all. 7978584549 (No Broker). D-70096

**ଭୁବନେଶ୍ୱର ଖଣ୍ଡଗିରିରୁ 10K.M distance ରେ ପିତାପଲ୍ଲୀ ଛକ NHକୁ ଲାଗି boundary, patta, registry cost ଏବଂ ମୋରମ୍ filling ସହ sqft. 1100/-ରେ ମିଳୁଛି। 9090963952.** D-70153

Residential house-1BHK and 3BHK with Parking near Cosmopolis, KHANDAGIRI for RENT. Contact: 9437151019/ 9437489455. D-19592

**3BHK flat super built area 1375 @ near Hanspal 45lakh. 9438299931.** D-70157

ଘରବାରି ପଟ୍ଟା plot sale at Puri bypass main road side near at Jharpada. Rs. 2200/- sqft. Mob:7538973070. D-19608

**Bhubaneswar Sum Hospital Gurukul ପାଖରେ yellowzone gharabari plot ବିକ୍ରି କରାଯାଉଅଛି। 9439206202.** D-70150

Contact for House Construction (Simplex/ Duplex/ Apartment) with Interior Design from the experts. MPlanets-7008550473. D-19527

**Gharabari Plot sale Kateni, Near Vikas School sqft.550/-. 9337766961, 8260171343.** D-19565

Bhubaneswar ସମ୍ ହସ୍ପିଟାଲ୍ ଗୋଠପାଟଣା ନିକଟରେ ଘରବାରି ପ୍ଲଟ୍ କିଣନ୍ତୁ। Sqft. 1300/-. 9861709689. D-19589

**ଘରବାରି ପାଚେରି Scheduledcaste plot Trinath Bazar ନଖରା ୧୨୦୦ବର୍ଗଫୁଟ ୯,୬୦,୦୦୦/- ଅନୁଗୁଳ station 2000sqft. 4,40,000/-, 9439006524, 9861281504.** D-69361

Leading Doctor desires 5400 Sqft. Sthitiban GA Plot preferably corner plot in Kalinga Nagar, Bhubaneswar for early registration. Contact: 9937156262. D-19580

**Ready to move Duplex for sale at DHPL Villa One Kalarahanga starting at 70 lakhs. Contact 9937059891.** D-19591

ଭୁବନେଶ୍ୱରରେ ପ୍ଲଟ୍ ବିକ୍ରି ହେବ। Near Rabi Talkies, ଘରବାରି, ପାଚେରି, ଲାଇନ ସହିତ। 9178660666. D-70094

**Ready to move 1BHK at DHPL Villa One Kalarahanga. Cost 2300000/- Contact 9937059891** D-19506

**Riverside gharabari plots beside Government road at Balianta 2.5K.M. from Balianta Bazar @360/- to 450/-. 9437277532.** D-19606

**Plot Hanspal sqft.-750/, Rangabazar sqft. 899/-, Madanpur sqft. 760/-, Sundarpada sqft. 199/. 9437522338.** D-19563

Residential plots (East facing) near Tankapani road Sai Temple sqft. Rs. 1400/- (Installment & out rate available). 7735738102. D-19588

**ଭୁବନେଶ୍ୱର ଜଟଣୀ ଗେଟ୍‌ରୁ 800mtr 100ft ପିଚୁରୋଡ୍‌କୁ ଲାଗି 30'ରାସ୍ତା ଇଲେକ୍ଟ୍ରିସିଟି ଥାଇ ସୁନ୍ଦର ଆକର୍ଷଣୀୟ ବାସୋପଯୋଗୀ boundary plot ବିକ୍ରିହେବ। 9439116553.** D-70147

ପିପିଲି ଫାୟାର ଷ୍ଟେସନ ଆଉ ବିଏସ୍‌ଏନ୍‌ଏଲ ଅଫିସ ସାମ୍ନାରେ ୫୨୦୦ sqft. ଘରବାରି ଜାଗା (ପଟ୍ଟା ସହିତ) ତୁରନ୍ତ ବିକ୍ରିହେବ। (୯୦୪୦୪୫୦୨୦, ୯୭୭୮୯୬୧୩୧). ଧ-୧୯୬୧୩

**Tankapani road Sai ମନ୍ଦିର ନିକଟରେ demarcated, developed gharabari plot କିଣନ୍ତୁ। 7008492511.** D-69359

**ଭୁବନେଶ୍ୱର ସୁନ୍ଦରପଦା Hi-Tech ଛକ ପାଖରେ ଘରବାରି boundary wall plot ମିଳୁଛି। 8338932027.** D-70156

**Immediate registration & possession with demarcated boundary wall 30' wide road plot for sale @ Rs. 650/- per sqft. at Gudiapokhari near Krupajal Engineering College and at Uttara Chhak, Bhubaneswar. Contact: 8917528470, 7008328766.** D-19562

**ଭୁବନେଶ୍ୱର ପାଖାପାଖି ବାଲିଅନ୍ତା କୁରୁଣ୍ଟିରେ ଘରବାରି ପ୍ଲଟ୍ ମିଳୁଅଛି। (Bank finance available) 9439902721, 9090432721.** D-70143

Bhubaneswar ସୁନ୍ଦରପଦା Xavier University ନିକଟରେ 2000sqft. plot 6,50,000/- (32 plot available) LIPSA. 9938016295. D-70151

**ଭୁବନେଶ୍ୱରରେ ସାମନ୍ତରାପୁର ନୂଆଗାଁ, ଗଙ୍ଗପଡ଼ା, ମଦନପୁରରେ ଘରବାରି ପ୍ଲଟ୍ ବିକ୍ରିହେବ। 9437287595, 7978747764.** D-19454

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,40,000/- ଅନୁଗୁଳ IIT ପାଖରେ 1200sqft. 1,44,000/-, 9776974912, 9348232008. D-70146

**କଟକ Highcourtରୁ 8K.M. ନନ୍ଦନକାନନ ପଛପଟେ ବାରଙ୍ଗଛକ ନିକଟରେ ମୁଖ୍ୟରାସ୍ତାରୁ 200mtr ସ୍ଥିତିବାନ୍ ପ୍ଲଟ୍ ସୁଲଭ ମୂଲ୍ୟରେ ମିଳୁଛି। 6372930002.** D-70148

2BHK simplex 30,00,000/- finishing Hanspal, Gharabari plot Atala (Hanspal)-8093465134. D-69675

**ଭୁବନେଶ୍ୱର ସହର ଉପକଣ୍ଠସ୍ଥ ଯେକୌଣସି ଅଞ୍ଚଳରେ ଗୃହୋପଯୋଗୀ ଜାଗା ଖଣ୍ଡିଏ କିଣିବାକୁ ଚାହୁଁଛନ୍ତି କି? 9040744989, 6371364640.** D-70160

**3000sqft. plot for immediate sale at Jagamara (Near ITER College) & 2900sqft. plot sale at Jharpada, Bhubaneswar, buyers contact- DEEPAK-9937329999.** D-69961

**Bhubaneswar Chintamaniswar Station ପାଖରେ yellowzone ଘରବାରି plot ବିକ୍ରିହେବ। 9861302460, 6370621085.** D-70159

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରୋ। ରଙ୍ଗୀନ ଟ୪୨୦/- ରୋ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

### GENERAL

### SALE

New steelracks- 8nos, 6.5'x 3feet new glass counter- 7feet x 3feet x15". 7205405312, 7735339577. D-19544



to-let

1200sqft. Hall at 1st floor near new Bus Stand, Nimapada for Bank, Office & others. Parking available. Contact: 9668470043. D-19585

54000 Sq.ft. land available in Sisolo (Near Balakati, Uttara Square). Mob.: 7978097047. D-19582

2BHK Flat available near Krupajala College in Gudia Pokhari. Mob.: 7978097047. D-19583

To let 1 room, kitchen, bathroom. Srivihar, Patia. 9437017426, 7205859421. D-69672

Ground floor one roomed independent house, Laxmi Sagar, Bhubaneswar. 9625392682, 9437557580. D-69473



healthcare

Newly open full body massage ladies and gents. 9337349409. D-70412

Only for 300 body massage ladies and gents therapist. 9583808247. 19594 D-19594

Refreshing your mind & body with best therapy at Lotus SPA. 8018234866. D-70411

Revitalize your self with our ayurvedic massage and refreshment, Call: 7381239385. D-70091

Experience full body massage with expert therapists. Call: 7377048581. D-70092

Swarna SPA newly open positively health benefits with expert therapist. 9556978408. D-70088

Rejuvenate and Ayurvedic full body massage by smart therapist. 9348123330. D-70089

Newly open SPA offer @799/-, positively health benefits, Jaydev Bihar. 7846814019. D-59974

### AFFIDAVIT

In the Court of the Executive Magistrate, Angul, I, Banya Baishali Mohanty, D/o- Tushar Kanta Mohanty of At/ Post- Turanga, Plot No.- 6175, Sital Vihar Angul, declare that all the Certificates, Marksheets (HSC, CHSE, B.Tech, M.Tech) are damaged by White ants.
Banya Baishali Mohanty.
D-19613

### LEGAL NOTICE

ସୁବାସ ପ୍ରଧାନ, ପି- ତ୍ରିନାଥ ପ୍ରଧାନ, ବୟସ-୫୬ବର୍ଷ, ଗ୍ରାମ: ରାମଗିରି, ପୋଷ୍ଟ/ ଥାନା- ଶେରଗଡ଼ ବହୁତ ଦିନହେଲା ନିଖୋଜ ଅଛନ୍ତି। ତାଙ୍କର ସ୍ତ୍ରୀ ଓ ପୁଅର ସ୍ୱାସ୍ଥ୍ୟ ଖରାପ ଅଛି। ତାଙ୍କ ନାମରେ ଥିବା ରାସ୍ତାପାଖ ଘର ବିକ୍ରି କରିବାକୁ ଚାହୁଁଛନ୍ତି। ଆପତ୍ତି ଥିଲେ ଏହି ମୋବାଇଲ 8280444189ରେ ଜଣା କରନ୍ତୁ। ଏକ ମାସ ମଧରେ ଜଣାନ୍ତୁ।
ଇତି
ରଂଜିତା ପ୍ରଧାନ, ରାମଗିରି, ଶେରଗଡ଼ । ଧ-୧୯୬୧୯


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in


କ୍ୟାପିଟାଲ ହସ୍ପିଟାଲରେ କୋଭିଡ୍ ଟିକାକରଣ ଶୁଭାରମ୍ଭ ଅବସରରେ ସ୍ୱାସ୍ଥ୍ୟ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ଓ ଅନ୍ୟମାନେ।

କରୋନା ଲଢ଼େଇ ପାଇଁ ଶନିବାର ସାରା ଦେଶରେ ଆରମ୍ଭ ହୋଇଛି ଟିକାକରଣ। ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୧୬୧ କେନ୍ଦ୍ରରେ କେବଳ ସ୍ୱାସ୍ଥ୍ୟକର୍ମୀଙ୍କୁ ଦିଆଯାଇଛି ଟିକା। ପ୍ରଥମ ଦିନରେ ୮୫% ଅର୍ଥାତ୍ ୧୩,୯୮୦ଜଣ ଏହି ଟିକା ନେଇଛନ୍ତି। ଏହାକୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି। ରାଜ୍ୟକୁ କରୋନାମୁକ୍ତ କରିବାରେ ଏହି ଟିକାକରଣ ବିଶେଷ ସହାୟକ ହେବ ବୋଲି କୁହଯାଉଛି। ରାଜ୍ୟର ବିଭିନ୍ନ ସ୍ଥାନରେ ଟିକାକରଣ କାର୍ଯ୍ୟକ୍ରମକୁ ଚିତ୍ରରେ ତୋଳି ଧରିବାର ପ୍ରୟାସ...



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିଡିଓ କନ୍‌ଫରେନ୍ସ ଜରିଆରେ କରୋନା ଟିକା ଶୁଭାରମ୍ଭ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଉଥିବାବେଳେ କଟକ ଏସ୍‌ସିବି ମେଡିକାଲ କଲେଜ ପରିସରରେ ଜିଲାପାଳ, ସିଏମ୍‌ସି କମିଶନର ଓ ଏସ୍‌ସିବିର ଅଧିକାରୀମାନେ ଦେଖୁଛନ୍ତି।



ଜାନୁୟାରୀ ୧୬ ଟିକାକରଣ କାର୍ଯ୍ୟକ୍ରମକୁ ସ୍ୟାଣ୍ଡ ଆନିମେଶନ ଜରିଆରେ ଐତିହାସିକ ଦିବସ ଭାବେ ଅଭିହିତ କରିଛନ୍ତି ବାଲୁକା ଶିଳ୍ପୀ ସୁଦାମ ପ୍ରଧାନ।


ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭାକ୍ସିନ ଆଇସ୍ ବାକ୍ସରୁ ଜଣେ ସ୍ୱାସ୍ଥ୍ୟକର୍ମୀ ଟିକା କାଢୁଛନ୍ତି।


ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ସିଡିଏମ୍‌ଓ ସୁଜାତା ମିଶ୍ର ଫିତା କାଟି ଟିକାକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରୁଛନ୍ତି। ନିକଟରେ ଅଛନ୍ତି ଜିଲାପାଳ ସମର୍ଥ ବର୍ମା।



ଟିକାକରଣ ଅପେକ୍ଷାରେ ଭୁବନେଶ୍ୱର ୟୁନିଟ-୪ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର।


କୋଭାକ୍ସିନ ଟିକା



କୋଭିଶିଲ୍ଡ ଟିକା


କଟକ ଏସ୍‌ସିବି ମେଡିସିନ ବିଭାଗ ମୁଖ୍ୟ ଜୟନ୍ତ କୁମାର ପଣ୍ଡା ଟିକା ନେଉଛନ୍ତି।


ସମ୍ବଲପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଜଣେ ସଫେଇ କର୍ମଚାରୀଙ୍କୁ ଟିକା ଦିଆଯାଉଛି।


କନ୍ଧମାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ତାଲିମଧାରୀ ଏଏନ୍‌ଏମ୍ ଛାତ୍ରୀମାନେ ଟିକା ନେବା ପାଇଁ ଧାଡ଼ିରେ ଛିଡା ହୋଇଛନ୍ତି।


କଟକରେ ଜଣେ ମହିଳା ସ୍ୱାସ୍ଥ୍ୟକର୍ମୀ ଟିକା ନେଉଛନ୍ତି।


ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଟିକା ପାଇଁ ସ୍ୱାସ୍ଥ୍ୟକର୍ମୀମାନେ ତାଲିକା ଯାଞ୍ଚ କରୁଛନ୍ତି।



ମୟୂରଭଞ୍ଜ ଜିଲା ଉଦଳା ଉପଖଣ୍ଡ ଚିକିତ୍ସାଳୟରେ ଜଣେ ସଫେଇ କର୍ମଚାରୀଙ୍କୁ ଟିକା ଦିଆଯାଉଛି।


ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟରେ ଜଣେ ସଫେଇ କର୍ମଚାରୀଙ୍କୁ ଟିକା ଦିଆଯାଉଛି।

ଏହା ସତ୍ୟ ଯେ, ଏହି ଜଗତ ଏକ ବିପଜ୍ଜନକ ସ୍ଥାନ, ଯେଉଁଠାରେ କି ମିଥ୍ୟା ଜୀବନ ଭାବେ ତିଷ୍ଠି ରହିଛି। ଶ୍ରୀଅରବିନ୍ଦ କହନ୍ତି- କେବଳ ସେଇମାନେ ହିଁ ନିରାପଦ, ଯେଉଁମାନେ ଭଗବାନଙ୍କୁ ସେମାନଙ୍କ ହୃଦୟରେ ଧରି ରଖିଛନ୍ତି। ନିର୍ଭୟ ହୁଅ। ଠିକ୍ ରାସ୍ତା ଅନୁକରଣ କର। -ଶ୍ରୀମା

# ଏତେ ଘୃଣା କାହିଁକି



ଆକାର ପଟେଲ

ମୋ ବହି ସମ୍ପର୍କରେ ମୋର ଏକ ସାକ୍ଷାତ୍କାର ନିଆଯିବାବେଳେ ଏହା ସହ ସମ୍ବନ୍ଧ ନ ଥିବା ଏକ ପ୍ରଶ୍ନ ପଚରାଯାଇଥିଲା। ପ୍ରଶ୍ନଟି ଥିଲା – କାହିଁକି ହିନ୍ଦୁତ୍ୱ ନେହେରୁଙ୍କୁ ଘୃଣା କରେ? ଏହା ଏକ ରୋଚକ ପ୍ରଶ୍ନ ଥିଲା ଏବଂ ଏହାର ଉତ୍ତର ଦୁଇଟି ଭାଗରେ ଦେବାକୁ ରହିଛି। ତେବେ ଏହା ଜାଣିବା ପୂର୍ବରୁ ଆମକୁ ପ୍ରଥମେ ବୁଝିବାକୁ ପଡ଼ିବ ନେହେରୁ କ'ଣ ଥିଲେ ଏବଂ କ'ଣ ଚାହୁଁଥିଲେ।

ସ୍ୱାଧୀନତା ପୂର୍ବରୁ ନେହେରୁ ଅନେକ ବହି ଲେଖିଥିଲେ ଯେଉଁଥିରେ ସେ ଭାରତକୁ ଏକ ସ୍ୱତନ୍ତ୍ର ସଭ୍ୟତାର ସତ୍ତା ଥିବା ରାଷ୍ଟ୍ର ଭାବରେ ପ୍ରତିପାଦିତ କରିଥିଲେ, ଯାହାକୁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସ୍ଏସ୍) ମଧ୍ୟ ସ୍ୱୀକାର କରିଛି। ଆଧୁନିକ ଭାରତ ସିନ୍ଧୁ ସଭ୍ୟତାରୁ ସୃଷ୍ଟି ହୋଇଛି ବୋଲି ସେ ତାଙ୍କ ଲେଖାରେ ସୂଚିତ କରିଥିଲେ । ଭାରତ ଏକ ପ୍ରାଚୀନ ସଭ୍ୟତା, ଏହା ସେ ସ୍ୱୀକାର କରୁଥିଲେ ବି ଏହି ରାଷ୍ଟ୍ରକୁ ଆଧୁନିକ ବିଶ୍ୱ ସହିତ ତାଳ ଦେଇ ସମ ରୂପରେ ଗଢ଼ି ତୋଳିବା ପାଇଁ ଚାହୁଁଥିଲେ। ଆଧୁନିକତା ପାଇଁ ନେହେରୁ ମୁଖ୍ୟତଃ ଦୁଇଟି ଦିଗ ଉପରେ ଅଧିକ ଜୋର୍ ଦେଉଥିଲେ ତାହା ହେଉଛି ଭାରି ଉଦ୍ୟୋଗ ଏବଂ ଉଚ୍ଚ ଶିକ୍ଷା। ଭାରତରେ ସୀମିତ ସମ୍ବଳ ଥିଲା, କିନ୍ତୁ ଏହି ଦୁଇଟି ଦିଗକୁ ଅଧିକ ଗୁରୁତ୍ୱ ଦେବାକୁ ସେ କହୁଥିଲେ।

ଆଧୁନିକ ଭାରତ ପାଇଁ ନେହେରୁଙ୍କ ଯୋଜନା ଭଲ କି ଖରାପ କିମ୍ବା ଅସାମାନ୍ୟ ଥିଲା ତା'ଉପରେ ତୁମେ ଯୁକ୍ତି ବାଢ଼ିପାର। କିନ୍ତୁ ସେ ଯାହା କରିବାକୁ ଚାହୁଁଥିଲେ,ତାହା ସେ କାର୍ଯ୍ୟକାରୀ କରି ନ ଥିଲେ ବୋଲି କହିପାରିବ ନାହିଁ। ଜଣେ ଦୂରଦୃଷ୍ଟିସମ୍ପନ୍ନ ବ୍ୟକ୍ତି ଓ କର୍ମବୀର ଭାବେ ଭାରତକୁ ଆଧୁନିକ ରୂପ ଦେବାକୁ ଯାଇ ସେ ବହୁ ଯୋଜନା କରିଥିଲେ, ଅନେକ ସଂସ୍ଥା ଗଢ଼ିଥିଲେ। ଏଗୁଡ଼ିକ ମଧ୍ୟରେ ଏବେ ନବରତ୍ନ କୁହାଯାଉଥିବା ସଂସ୍ଥାଗୁଡ଼ିକ ରହିଛି। ସେତେବେଳେ କ'ଣ ଏହାର ମୂଲ୍ୟ କିଛି ନ ଥିଲା ନା ନିର୍ମାଣ କରିବାର ଆବଶ୍ୟକତା ନ ଥିଲା? ଭାରତ ହେଭି ଇଲେକ୍ଟ୍ରିକାଲ୍ସ ଲିମିଟେଡ୍ (୧୯୬୪), ଅଏଲ ଆଣ୍ଡ୍ ନାଚୁରାଲ ଗ୍ୟାସ କର୍ପୋରେଶନ(୧୯୫୬), ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ (୧୯୫୪), ହିନ୍ଦୁସ୍ଥାନ ଏରୋନଟିକ୍ସ ଲିମିଟେଡ୍(୧୯୬୪), ଇଣ୍ଡିଆନ ଅଏଲ୍ କର୍ପୋରେଶନ(୧୯୫୯), ଇସ୍ରୋ (ପୂର୍ବରୁ ଏହା ଆଇଏନ୍ସିଓଏସ୍ପିଏଆର୍ ଥିଲା)୧୯୬୨, ଡିପାର୍ଟମେଣ୍ଟ ଅଫ୍ ଆଟମିକ ଏନର୍ଜି (୧୯୫୪), ଭାବା ଆଟମିକ ରିସର୍ଚ୍ଚ ସେଣ୍ଟର (୧୯୫୪) ସେ ଗଠନ କରିଥିଲେ। ନେହେରୁ ମଧ୍ୟ ଇଣ୍ଡିଆନ୍ ଇନ୍ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି (୧୯୫୧), ଇଣ୍ଡିଆନ୍ ଇନ୍ଷ୍ଟିଚ୍ୟୁଟ ଅଫ୍ ମ୍ୟାନେଜ୍ମେଣ୍ଟ(୧୯୬୧), ନ୍ୟାଶ୍ନାଲ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଡିଜାଇନ୍ (୧୯୬୧) ଏବଂ ସାହାତ୍ୟ ଏକାଡେମୀ (୧୯୫୪)ରେ ପ୍ରତିଷ୍ଠା କରିଥିଲେ। ଏମିତି ତାଲିକା ଆହୁରି ଲମ୍ବା ହେବ। ନେହେରୁ ଆଧୁନିକ ଭାରତ ଗଢ଼ିବା ପାଇଁ ଏଗୁଡିକୁ ପ୍ରତିଷ୍ଠା କରିଥିଲେ। ନେହେରୁ ଏକ ଟ୍ରିଲିୟନ ଡଲାର ଅର୍ଥ ବ୍ୟବସ୍ଥାକୁ ଗ୍ରହଣ କରି ନ ଥିଲେ। କିନ୍ତୁ ସେଠାରେ କିଭଳି ଭାରତ ପହଞ୍ଚିହେବ ତାହାର ନକ୍ସା ଆଙ୍କିଥିଲେ। ସମସ୍ୟା ହେଉଛି, ଆମ ପ୍ରଧାନମନ୍ତ୍ରୀଙ୍କ ସହ ନେହେରୁଙ୍କୁ ତୁଳନା କରିବାବେଳେ ହିନ୍ଦୁତ୍ୱରେ କାହାର ବି କୌଣସି ବିଚାର ରହୁନି। ମୋଦି ଆମ ସମ୍ମୁଖରେ '୫ ଟ୍ରିଲିୟନ ଅର୍ଥ ବ୍ୟବସ୍ଥା' ଭଳି ଅନେକ ପ୍ରସ୍ତାବ ରଖିପାରନ୍ତି, କିନ୍ତୁ ତାହା କିପରି ପ୍ରାପ୍ତ ହେବ ତାହା ସେ କହୁନାହାନ୍ତି। କାରଣ, ସେଠାରେ କେମିତି ପହଞ୍ଚି ହେବ ସେ ନିଜେ ବି ଜାଣନ୍ତି ନାହିଁ। ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି, ଦେଶକୁ କ'ଣ ସବୁ ଭିନ୍ନ କାର୍ଯ୍ୟ କରିବାକୁ ହେବ ତାହା ବି ତାଙ୍କ ଧାରଣାରେ ନାହିଁ। ମୋଦି କିଛି ବି ସଂସ୍ଥା ଗଢ଼ିନାହାନ୍ତି, କିନ୍ତୁ ନେହେରୁ ଏ ବାବଦରେ ପୂରା ସ୍ୱତନ୍ତ୍ର। ଆଧୁନିକ ଭାରତ ଗଠନ କରିବାରେ ନେହେରୁଙ୍କ ଆଦ୍ୟ ଚିନ୍ତାଧାରାକୁ ମୋଦି ଛୁଇଁ ପାରିନାହାନ୍ତି। ଭାଜପା ଓ ହିନ୍ଦୁତ୍ୱ ନେହେରୁଙ୍କୁ ଘୃଣା ଏବଂ ଈର୍ଷା କରିବାର ଏହାହିଁ ପ୍ରଥମ କାରଣ।

ନେହେରୁ ଥିଲେ ଜଣେ ଖାଣ୍ଟି ରାଷ୍ଟ୍ରବାଦୀ। ସେ କେବଳ ଚାଇନାର ନାମ ନେଉ ନ ଥିଲେ, ବରଂ ତାଙ୍କ ସୁନାର ଭାରତର କିଛି ବି ଜାଗା ଚାଇନା ହାତକୁ ଟେକି ନ ଦେବା ଲାଗି ତା'ସହ ଯୁଦ୍ଧ କରିଥିଲେ। ୧୪ ନଭେମ୍ବର,୨୦୧୯ରେ ଅନୁଷ୍ଠିତ ରାମନାଥ ଗୋଏଙ୍କା ବକ୍ତୃତାରେ ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର କହିଥିଲେ ଯେ, ୧୯୬୦ରେ ଝୋଓ ଏନ୍‌ଲାଇ ଭାରତ ଗସ୍ତରେ ଆସିଥିବାବେଳେ ନେହେରୁ ସୀମା ବିବାଦ ପ୍ରସ୍ତାବକୁ ଗ୍ରହଣ କରିବା ଉଚିତ ହୋଇଥା'ନ୍ତା। ଏ ପ୍ରସ୍ତାବ କ'ଣ ଥିଲା? କାରାକୋରମ ରେଞ୍ଜକୁ ସୀମା ଭାବେ ଗ୍ରହଣ କରିଥାଆନ୍ତେ! ବାସ୍ତବରେ ଏହାହିଁ ଆଜିର ଲାଇନ ଅଫ୍ କଣ୍ଟ୍ରୋଲ। କିନ୍ତୁ ନେହେରୁ ଏହାକୁ ଗ୍ରହଣ କରି ନ ଥିଲେ। ସେ ତିବ୍ବତର ବହୁ ଆଗକୁ ସୀମା ଭାବେ ଚାହିଁଥିଲେ। ଏଥିପାଇଁ ସେ ଯୁଦ୍ଧକୁ ଓହ୍ଲାଇଥିଲେ। ନେହେରୁ ହାରିଯାଇପାରିଥାଆନ୍ତି, କିନ୍ତୁ ସେ ଭାରତର ଦାବିକୁ ଛାଡ଼ି ନ ଥିଲେ। କିନ୍ତୁ ମୋଦିଙ୍କ କ୍ଷେତ୍ରରେ ଏଭଳି ଦେଖାଯାଇନାହିଁ। ସେ କେବଳ ଆମ ଦାବିକୁ ଛାଡିନାହାନ୍ତି, ବରଂ ଚାଇନା ଭୟରେ ତା'ନାମ ଧରିବାକୁ ଚାହୁଁନାହାନ୍ତି। ଭାଜପା ଓ ହିନ୍ଦୁତ୍ୱ ନେହେରୁଙ୍କୁ ଘୃଣା କରିବାର ଏହା ହେଉଛି ଦ୍ୱିତୀୟ କାରଣ।

ଦେଶ ପାଇଁ ନେହେରୁ କିଭଳି ଠିଆ ହୋଇଥିଲେ ଓ କ'ଣ ସବୁ କରିଥିଲେ ତାହା ନ ବୁଝିଶୁଝି ତାଙ୍କ ନାମକୁ ଏବେ ଅତି ହାଲୁକା ଭାବେ ବ୍ୟବହାର କରାଯାଉଛି। କାରଣ ସରଳରେ ଆମେ ତାଙ୍କ ବିଚାରଧାରକୁ ଠିକ୍ ଭାବେ ବୁଝିପାରିନୁ। ଭୁଶୁଡି ପଡିଥିବା ଆର୍ଥିକ ସ୍ଥିତି ଏବଂ ଜାତୀୟ ସୁରକ୍ଷାର ବିଫଳତା ଭଳି ପରିସ୍ଥିତିକୁ ଲକ୍ଷ୍ୟ କରି ଆମେ କହିପାରିବା ଯେ ଯାହାସବୁ ଏବେ ଘଟିଛି ତା'ଠାରୁ ନେହେରୁଙ୍କ ସମୟ ବହୁତ ଭଲ ଥିଲା। କେବଳ ଏତିକି ନୁହେଁ,ନେହେରୁ ଥିଲେ ଆଧୁନିକତାର ବିନ୍ଧାଣି। ୫୬ ବର୍ଷ ପୂର୍ବରୁ ତାଙ୍କ ଦେହାବସାନ ହେଲାଣି, କିନ୍ତୁ ତାଙ୍କ କଥା ଲୋକମୁଖରେ ରହିଛି ଏବଂ ଆମ ଚାରି ପାଖରେ ତାଙ୍କ ଶାସନ କାଳର ସ୍ୱାକ୍ଷର ଶୋଭା ପାଉଛି। କହିଲେ ଦେଖି, ଏବେକାର ପ୍ରଧାନମନ୍ତ୍ରୀଙ୍କ ସମେତ କେତେ ଜଣ ପ୍ରଧାନମନ୍ତ୍ରୀ ଏଭଳି କହିପାରିବେ?

Email:aakar.patel@gmail.com

# ଗଣତନ୍ତ୍ରରେ ଟ୍ରମ୍ପବାଦର ଦାଗ



ଅଧ୍ୟାପକ ଶରତ କୁମାର ଦାସ

ସମସ୍ତ କଳ୍ପନାଜଳ୍ପନାକୁ ଅନ୍ତଘଟାଇ ଶେଷରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଆମେରିକାର ସଂସଦରେ ପାରିତ ହେବା ବିଶ୍ୱର ଗଣତାନ୍ତ୍ରିକ ବ୍ୟବସ୍ଥା ପ୍ରତି ଏକ ସତର୍କ ଘଣ୍ଟି କହିଲେ ଅତ୍ୟୁକ୍ତି ହେବନାହିଁ। ଆମେରିକାର ଇତିହାସରେ ପ୍ରଥମଥର ପାଇଁ କୌଣସି ରାଷ୍ଟ୍ରପତିଙ୍କ ବିରୋଧରେ ଦୁଇଥର ମହାଭିଯୋଗ ପ୍ରସ୍ତାବ ଆସିବାରେ ଏହା ପ୍ରଥମ ଘଟଣା। ସଂସଦରେ ପାରିତ ହୋଇଥିବା ଏହି ପ୍ରସ୍ତାବ ସପକ୍ଷରେ ୨୩୨ ଭୋଟ୍ ମିଳିଥିବା ବେଳେ ବିପକ୍ଷରେ ମିଳିଛି ୧୯୭। ଏପରି କି ୧୦ ଜଣ ରିପବ୍ଲିକାନ ସାଂସଦ ମଧ୍ୟ ମହାଭିଯୋଗ ପ୍ରସ୍ତାବ ସପକ୍ଷରେ ମତ ପ୍ରଦାନ କରିବା ଟ୍ରମ୍ପ ଯେ ନିଜ ଦଳର ଆସ୍ଥା ହରାଇଛନ୍ତି ତାହାର ସ୍ପଷ୍ଟ ସୂଚନା ମିଳେ।

'ସଂସଦ' ଗଣତନ୍ତ୍ରର ପବିତ୍ର ମନ୍ଦିର ରୂପେ ବିବେଚିତ ହେଉଥିବା ବେଳେ 'ଜନାଦେଶ' ଏହାର ପବିତ୍ର ତଥା ଗୁରୁତ୍ୱପୂର୍ଣ୍ଣ ବିଭବ। ସଂସଦର ସମ୍ମାନ ତଥା ମର୍ଯ୍ୟାଦା ଗଣତନ୍ତ୍ରର ଗରିମାକୁ ବହୁଗୁଣିତ କରିଥାଏ ଓ ଶୃଙ୍ଖଳିତ ଜନାଦେଶ ଗଣତାନ୍ତ୍ରିକ ପରମ୍ପରା ଓ ଭିତ୍ତିଭୂମିକୁ ସୁଦୃଢ କରିଥାଏ। କ୍ଷମତା ହାସଲ ପାଇଁ ଜନାଦେଶ କବ୍‌ଜା କରିବାକୁ ଅନେକ ହିଂସା ସୃଷ୍ଟିହେବାର ନଜିର ଅଛି। ମାତ୍ର ଆଇନକୁ ବଳ ପ୍ରୟୋଗ ପୂର୍ବକ ଜୋର୍ ଜବରଦସ୍ତ ପାଦରେ ଦଳିମକଚି ଗଣତନ୍ତ୍ରକୁ କଣ୍ଠରୁଦ୍ଧ କରି ଶେଷକରିଦେବାର ହୀନ ପ୍ରୟାସ କେବେ ବି ବରଦାସ୍ତ କରାଯାଇପାରିବ ନାହିଁ। କ୍ଷମତାକୁ ଅନ୍ୟାୟ ଭାବରେ ଜାବୁଡି ଧରିବାର ଅପଚେଷ୍ଟା ଓ କୂଟ ଚକ୍ରାନ୍ତ ସହିତ ହିଂସା ଏବଂ ରକ୍ତପାତ ଯେ ସୁସ୍ଥ ଗଣତାନ୍ତ୍ରିକ ମୂଲ୍ୟବୋଧ ପାଇଁ ଏକ ନକାରାତ୍ମକ ବାର୍ତ୍ତା ପ୍ରଦାନ କରେ, ଏ କଥା ଆମେ ସମସ୍ତେ ମନେରଖିବା ଉଚିତ।

ସମଗ୍ର ବିଶ୍ୱକୁ ଗଣତନ୍ତ୍ରର ଗରିମାକୁ ନେଇ ମନ୍ତ୍ର ଫୁଙ୍କୁଥିବା ବିଶ୍ୱର ଅନ୍ୟତମ ଶକ୍ତିଶାଳୀ ତଥା ସର୍ବପୁରାତନ ଗଣତାନ୍ତ୍ରିକ ବ୍ୟବସ୍ଥା ଆମେରିକା ଇତିହାସରେ ଗତ ଜାନୁୟାରୀ ୬ ତାରିଖ ଥିଲା ଏକ ଅପଖ୍ୟାତି ତଥା ଲଜ୍ଜାର ଦିବସ। ନିଃସନ୍ଦେହରେ କହିଲେ ବିଶ୍ୱର ଗଣତାନ୍ତ୍ରିକ ବ୍ୟବସ୍ଥା ପ୍ରତି ଏହାଥିଲା ଏକ କଳା ଦିବସ। ଆମେରିକାର ସ୍ୱର୍ଣ୍ଣିମ ସଂସଦରେ ଦୀର୍ଘ ଚାରିଘଣ୍ଟାରୁ ଊର୍ଦ୍ଧ୍ୱ ଘଟିଥିବା ଅଭାବନୀୟ ତଥା ଆଶ୍ଚର୍ଯ୍ୟଜନକ ହିଂସାକାଣ୍ଡ, ପୋଡାଜଳା, ଭଙ୍ଗାରୁଜା ତଥା ରକ୍ତପାତ ସଂସଦ ରୂପକ ଗଣତନ୍ତ୍ରର ପବିତ୍ର ମନ୍ଦିରକୁ ରକ୍ତରଞ୍ଜିତ କରିଛି। କଳଙ୍କ ଲାଗିଛି ଗଣତନ୍ତ୍ରରେ।

ଗତ ନଭେମ୍ବର ୩ରେ ଅନୁଷ୍ଠିତ ହୋଇଥିବା ଆମେରିକାର ରାଷ୍ଟ୍ରପତି ନିର୍ବାଚନର ଫଳାଫଳକୁ ନେଇ ଉଭୟ ଦଳର ପ୍ରାର୍ଥୀ ଯଥା ରିପବ୍ଲିକାନ ଦଳର ପ୍ରାର୍ଥୀ ତଥା ବିଦାୟୀ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ଡେମୋକ୍ରାଟିକ ଦଳର ପ୍ରାର୍ଥୀ ତଥା ନବ ନିର୍ବାଚିତ ଜୋ ବାଇଡେନଙ୍କ ମଧ୍ୟରେ ଲାଗି ରହିଥିବା ଛକାପଞ୍ଝା ଯେ ଶେଷରେ ଲହୁଲୁହାଣ ହୋଇ ଆମେରିକାର ଇତିହାସରେ ଏକ କଳାଦାଗ ସୃଷ୍ଟି କରିବ ତାହା ଏବେ ବି ଅବିଶ୍ୱସନୀୟ। ଗତବର୍ଷ ନଭେମ୍ବରରେ ନିର୍ବାଚନ ଫଳାଫଳ ଡେମୋକ୍ରାଟିକ ଦଳର ପ୍ରାର୍ଥୀ ଜୋ ବାଇଡେନ୍‌ଙ୍କ ସପକ୍ଷରେ ଯାଇଥିଲା। ଅର୍ଥାତ୍ ସେ ବିଶ୍ୱର ସବୁଠାରୁ ଶକ୍ତିଶାଳୀ ରାଷ୍ଟ୍ର ଆମେରିକାର ପରବର୍ତ୍ତୀ ରାଷ୍ଟ୍ରପତି ହେବେ ବୋଲି ସ୍ପଷ୍ଟ ହୋଇଯିବା ପରେ କ୍ଷମତାସୀନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ତାଙ୍କର ସମର୍ଥକ ଏହି ଫଳାଫଳକୁ ସହଜରେ ଗ୍ରହଣ କରିପାରି ନ ଥିଲେ। ନିଜ ଜିଦ୍‌ରେ ଅଟଳ ରହିବା ପୂର୍ବକ ନିର୍ବାଚନରେ ଜାଲିୟାତି ହୋଇଥିବାର ଅଭିଯୋଗ ଆଣିଥିଲେ। ଏପରି କି ବିଧିବଦ୍ଧ ଭାବେ ନିର୍ବାଚନ ଫଳ ପ୍ରକାଶିତ ହେବାପୂର୍ବରୁ ନିଜକୁ ନିଜେ ବିଜୟୀ ଘୋଷଣା କରିବା କ୍ଷମତା ପ୍ରତି ଥିବା ତାଙ୍କର ଅହେତୁକ ମୋହ ତାଙ୍କୁ ସାରା ବିଶ୍ୱରେ ଲଜ୍ଜିତ କରିଛି କହିଲେ ଅତ୍ୟୁକ୍ତି ହେବନାହିଁ। ଶେଷ ପର୍ଯ୍ୟନ୍ତ ଜନାଦେଶକୁ ନିଜ ସପକ୍ଷକୁ ଆଣିବା ପାଇଁ ଅନେକେ ଚକ୍ରାନ୍ତ ବି ଆରମ୍ଭ କରିଦେଲେ। ପ୍ରଥମେ ଅଦାଲତ ଓ ପରେ ମାନ୍ୟବର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇ ବିଫଳ ହେବା ପରେ ଦେଶର ଉପରାଷ୍ଟ୍ରପତି ମାଇକ୍ ପେନ୍ସଙ୍କୁ ବିଜୟୀ ପ୍ରାର୍ଥୀ ଜୋ ବାଇଡେନଙ୍କୁ ବିଜୟ ପ୍ରମାଣ ପତ୍ର ନ ଦେବା ପାଇଁ ଟ୍ରମ୍ପ ଚାପ ପ୍ରୟୋଗ କରିବାକୁ ମଧ୍ୟ ପଶ୍ଚାତ୍‌ପଦ ହୋଇ ନ ଥିଲେ। ମାତ୍ର ମାଇକ୍ ପେନ୍ସ ତାଙ୍କ କଥାକୁ ଅଗ୍ରାହ୍ୟ କରି ସାମ୍ବିଧାନିକ ମର୍ଯ୍ୟାଦା ଅନୁପାଳନ ପୂର୍ବକ ବିଧିବ୍ୟବସ୍ଥା ଅନୁଯାୟୀ କାର୍ଯ୍ୟ କରିଥିଲେ। ଶେଷରେ ସବୁଥିରେ ନିରାଶ ହୋଇ ସେ ନିଜର ଯୋଜନା ମୁତାବକ ହିଂସା ଓ ଦଙ୍ଗା ସୃଷ୍ଟି କରି ଜନାଦେଶକୁ କ୍ଷତାକ୍ତ, ରକ୍ତାକ୍ତ ତଥା ବିକଳାଙ୍ଗ କରିବାର ନୀଚ ମାନସିକତା ଯେ ଏକାନ୍ତ ଭାବେ ନିନ୍ଦନୀୟ ତାହା ସହଜରେ ଅନୁମେୟ। ଉଦ୍ଦେଶ୍ୟ ଥିଲା ଦେଶରେ ହିଂସା ଓ ଅରାଜକତା ନାଁରେ 'ରାଜଦ୍ରୋହ' ଆଇନ ଲାଗୁ କରି ଶାସନ କ୍ଷମତାକୁ ନିଜ ହାତମୁଠାରେ ରଖିବା।

ନିର୍ବାଚନର ୬୪ ଦିନ ପରେ ଅର୍ଥାତ୍ ଜାନୁୟାରୀ ୬ ତାରିଖରେ ବିଜୟୀ ପ୍ରାର୍ଥୀ ଜୋ ବାଇଡେନଙ୍କ ବିଜୟକୁ ଆନୁଷ୍ଠାନିକ ସ୍ୱୀକୃତି ପ୍ରଦାନ ନିମନ୍ତେ ଆହୂତ କଂଗ୍ରେସର ଏକ ମିଳିତ ଅଧିବେଶନ ଚାଲିଥିବା ବେଳେ ଟ୍ରମ୍ପଙ୍କ ସମର୍ଥକମାନେ ହ୍ୱାଇଟ୍ ହାଉସ୍ ସଂଲଗ୍ନ ସଂସଦ ଭବନ 'କ୍ୟାପିଟୋଲ ହଲ'କୁ ଧସେଇ ପଶି ବ୍ୟାପକ ଭଙ୍ଗାରୁଜା ସହ ହିଂସା ଓ ରକ୍ତପାତ ସୃଷ୍ଟିକଲେ। ପରିସ୍ଥିତିକୁ ଆୟତ୍ତ କରିବା ପାଇଁ ସୁରକ୍ଷା କର୍ମୀଙ୍କୁ ପ୍ରଥମେ ଲାଠି, ପରେ ଲୁହବୁହା ଗ୍ୟାସ ଓ ଶେଷରେ ଗୁଳିଚାଳନା କରିବାକୁ ପଡିଥିଲା। ଏପରି ପରିସ୍ଥିତି ହେଲା ଯେ ନିଜର ଜୀବନ ବଞ୍ଚେଇବାକୁ ମିଳିତ ଅଧିବେଶନରେ ଅଧ୍ୟକ୍ଷତା କରୁଥିବା ଉପରାଷ୍ଟ୍ରପତିଙ୍କ ସମେତ ପ୍ରତିନିଧି ସଭା ଓ ସିନେଟର ସଦସ୍ୟମାନେ କିଛିକ୍ଷଣ ଲୁଚିଯାଇଥିଲେ। ମିଳିତ ଅଧିବେଶନରେ ଅଧ୍ୟକ୍ଷତା କରୁଥିବା ଉପରାଷ୍ଟ୍ରପତି ଓ ସେମାନଙ୍କୁ ଏକ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ଏଭଳି ହିଂସାକାଣ୍ଡ ଓ ବିକ୍ଷୋଭ ସତ୍ତ୍ୱେ ସଂସଦ ଦଳ ମତ ନିର୍ବିଶେଷରେ ଜୋ ବାଇଡେନଙ୍କୁ ବିଜୟୀ ଘୋଷଣା କରିବା ସହିତ ଇଲେକ୍ଟୋରାଲ୍ ବିଜୟ ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ତେବେ ବିଶ୍ୱର ଶକ୍ତିଶାଳୀ ରାଷ୍ଟ୍ର ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ଏତାଦୃଶ କ୍ଷମତାପିପାସୁ ଆଚରଣକୁ ସମଗ୍ର ବିଶ୍ୱରେ ନିନ୍ଦା କରାଯାଉଛି।

ଆମେରିକାର ପୂର୍ବତନ ରାଷ୍ଟ୍ରପତି ଆବ୍ରାହମ ଲିଙ୍କନ୍ କହିଥିଲେ- 'ଗଣତନ୍ତ୍ର ହେଉଛି ଲୋକମାନଙ୍କର, ଲୋକମାନଙ୍କ ଦ୍ୱାରା ଓ ଲୋକମାନଙ୍କ ପାଇଁ ସରକାର।' ଆମେରିକା ଭଳି ଗୌରବଶାଳୀ ଦେଶରେ 'ଲୋକମାନଙ୍କ ଗଣତନ୍ତ୍ର' ଆଜି ଜଣେ କ୍ଷମତାଲୋଭୀ ଜିଦଖୋର୍ ପୁଞ୍ଜିବାଦୀ କବଳରେ ରକ୍ତରଞ୍ଜିତ। ରାଷ୍ଟ୍ରର ତଥା ନିଜ ପଦ ମର୍ଯ୍ୟାଦାର ଗୌରବ ଓ ସମ୍ମାନ ରକ୍ଷା କରିବା ପାଇଁ ଶପଥ ନେଇଥିବା ରାଷ୍ଟ୍ରମୁଖ୍ୟ ଯଦି କ୍ଷମତା ଲୋଭରେ ହିଂସା ଓ ଅରାଜକତା ସୃଷ୍ଟି କରିବାର ମାର୍ଗ ହାତକୁ ନିଅନ୍ତି, ଏହା କେବେ ବି ଗ୍ରହଣୀୟ ନୁହେଁ। ଏହା ହୁଏତ କେଉଁ ଏକଚ୍ଛତ୍ରବାଦୀ ଶାସନରେ ହୋଇପାରେ। ମାତ୍ର ଆମେରିକା ଭଳି ସର୍ବପୁରାତନ ଗଣତନ୍ତ୍ର ତଥା ସ୍ଥିର ଓ ସମୃଦ୍ଧ ଅର୍ଥନୀତିରେ ଅନ୍ୟାୟ ଓ ଅନୁଚିତ ଭାବେ କ୍ଷମତାକୁ ଜାବୁଡି ଧରିବାର ଅପଚେଷ୍ଟା ସମଗ୍ର ବିଶ୍ୱର ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରତି ଏକ ଉପହାସ ନୁହେଁକି?

ଅନ୍ୟପକ୍ଷରେ ଡେମୋକ୍ରାଟମାନେ ଟ୍ରମ୍ପଙ୍କ ବିରୋଧରେ ସମ୍ବିଧାନର ୨୫ ତମ ସଂଶୋଧନର ଧାରା ଅନୁଯାୟୀ ତାଙ୍କୁ ତାଙ୍କ ପଦବୀରୁ ବହିଷ୍କୃତ କରିବା ପାଇଁ ଦାବି କରିଥିଲେ। ଅବଶ୍ୟ ପରେ ଟ୍ରମ୍ପ ତାଙ୍କର ପରାଜୟ ସ୍ୱୀକାର କରି ଜାନୁୟାରୀ ୨୦ରେ ଶାନ୍ତିପୂର୍ଣ୍ଣ ଭାବେ କ୍ଷମତା ହସ୍ତାନ୍ତର କରିବାକୁ ପ୍ରତିଶ୍ରୁତି ଦେବା ସହିତ ଚତୁରତାର ସହିତ ନିଜର ଭାବମୂର୍ତ୍ତିକୁ ସଜାଡିବା ପାଇଁ ହିଂସା ସୃଷ୍ଟି କରିଥିବା ନିଜ ସମର୍ଥକମାନଙ୍କୁ ନିନ୍ଦା କରିବା କେତେଦୂର ତାଙ୍କ ରାଜନୈତିକ ପରିପକ୍ୱତାକୁ ସୂଚନା ଦିଏ ତାହା ହୁଏତ ବିଚାର ସାପେକ୍ଷ।

ଗଣତନ୍ତ୍ର ଗଣର ଶାସନ। ଏହା କୌଣସି ନିର୍ଦ୍ଦିଷ୍ଟ ବା କିଛି ବ୍ୟକ୍ତିବିଶେଷଙ୍କ ବ୍ୟକ୍ତିଗତ ଇଚ୍ଛା ଅନିଚ୍ଛାର ଶାସନ ନୁହେଁ କିମ୍ବା ଏକଚ୍ଛତ୍ରବାଦୀ ଚିନ୍ତାଧାରା ସମ୍ବଳିତ 'ଗନ୍' ବା 'ବୁଲେଟ୍'ର ଶାସନ ନୁହେଁ। ଏହା ଶାନ୍ତି, ସ୍ଥିରତା, ପରସ୍ପର ବୁଝାମଣା ଓ ସହଯୋଗ ଏବଂ ସହନଶୀଳତାର ଶାସନ। ଗଣତନ୍ତ୍ରରେ ହିଂସାର ସ୍ଥାନ ନାହିଁ କିମ୍ବା ହିଂସାର କେବେ ବି ବିଜୟ ହୁଏ ନାହିଁ। ବିଜୟ ହୁଏ ସ୍ୱତନ୍ତ୍ରତାର। ଗଣତନ୍ତ୍ରରେ ଜନମତ ଯେ ସର୍ବୋଚ୍ଚ- ଏ କଥା ଟ୍ରମ୍ପ ଯେପରି ନ ଭୁଲନ୍ତି। ଆମେରିକାର ସ୍ୱର୍ଣ୍ଣାଭ ଗରିମାରେ ସେ ଲଗାଇଥିବା କଳାଦାଗ ଯେ ଲିଭିବା କଷ୍ଟ-ଏକଥା ବି ତାଙ୍କୁ ମନେରଖିବାକୁ ପଡିବ।

୨୦୧୬ ମସିହା ନିର୍ବାଚନ ବିଜୟ ବିଷୟକୁ ନେଇ ଟ୍ରମ୍ପ ଦ୍ୱନ୍ଦ୍ୱ ତଥା ଚର୍ଚ୍ଚାରେ ଥିଲେ। ତାଙ୍କ ବିଜୟ ପଶ୍ଚାତରେ ରୁଷିଆର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି ଅଭିଯୋଗ ହେଲାପରେ ଏହାର ତଦନ୍ତ ପାଇଁ ପୂର୍ବତନ ଏଫ୍.ବି.ଆଇ. ନିର୍ଦ୍ଦେଶକ ରବର୍ଟ ମୁଲରଙ୍କ ଅଧୀନରେ ଏକ ନ୍ୟାୟିକ କମିଟି ମଧ୍ୟ ଗଠନ ହୋଇଥିଲା। କମିଟି ରିପୋର୍ଟରୁ ସ୍ପଷ୍ଟ ଜଣାପଡିଥିଲା ଯେ, ଟ୍ରମ୍ପ ରୁଷିଆ ସାହାଯ୍ୟରେ ଶଠତାପୂର୍ବକ ଜୟ ଲାଭ କରିଥିଲେ। ସେହି କ୍ଷମତାଲୋଭୀ ଟ୍ରମ୍ପ ହୁଏତ କ୍ଷମତାରୁ ହଟିପାରନ୍ତି କିମ୍ବା ତାଙ୍କୁ ବରଖାସ୍ତ କରାଯାଇପାରେ। ମାତ୍ର ସେ ପୋତିଥିବା ହିଂସା ଓ ବୈଷମ୍ୟର ମଞ୍ଜି ଯେ ମହାଦ୍ରୁମରେ ପରିଣତ ହୋଇ ଆମେରିକା ତଥା ସମଗ୍ର ବିଶ୍ୱରେ ଶାଖା ପ୍ରଶାଖା ମେଲିବ- ଏକଥା ନବନିର୍ବାଚିତ ରାଷ୍ଟ୍ରପତି ଜୋ ବାଇଡେନଙ୍କୁ ମନେରଖିବାକୁ ପଡିବ। ଏହାସହିତ ଆମେରିକା ତଥା ସମଗ୍ର ବିଶ୍ୱର ହିତରେ 'ଟ୍ରମ୍ପବାଦ'ର ବିଲୋପ ଓ କବର ଉପରେ ଅଗ୍ରାଧିକାର ଆଧାରରେ ବିଚାର କରିବା ହୁଏତ ତାଙ୍କ ଶାସନ କାଳ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ ହୋଇପାରେ। ଏହାଦ୍ୱାରା ପୃଥିବୀର ଶକ୍ତିଶାଳୀ ଗଣତନ୍ତ୍ରର ସମୃଦ୍ଧ ପରମ୍ପରା ଦେଦୀପ୍ୟମାନ ହେବା ସହିତ ଆମେରିକା ତା'ର ହୃତ୍ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ପୁନଶ୍ଚ ଫେରିପାଇବ।

ରାଜନୀତି ବିଜ୍ଞାନ ବିଭାଗ,
ବଡ଼ବିଲ ମହାବିଦ୍ୟାଳୟ, ବଡ଼ବିଲ, କେନ୍ଦୁଝର
ମୋ-୮୨୪୯୧୩୭୦୯୧

# ନେପାଳର ଟେରେସା

ବ୍ୟକ୍ତିତ୍ୱ



ଅନୁରାଧା କୋଇରାଲା

ବିଶ୍ୱବ୍ୟାପୀ ଅପହରଣ ଓ ଯୌନ ଶୋଷଣ ବଢ଼ିଚାଲିଛି। ଅଳ୍ପ ବୟସର ଯୁବତୀ ହୁଅନ୍ତୁ ବା ମହିଳାଙ୍କୁ ଏହି କାର୍ଯ୍ୟରେ ଲଗାଇ ଦଲାଲମାନେ ଅର୍ଥ ଉପାର୍ଜନ କରୁଛନ୍ତି। ଆର୍ଥିକ ଦୁର୍ବଳ ଶ୍ରେଣୀର ଝିଅମାନଙ୍କୁ ପ୍ରଲୋଭିତ କରାଯିବା ସହ ସ୍ଥଳବିଶେଷରେ ଯୁବତୀଙ୍କୁ ଅପହରଣ କରାଯାଇ ଯୌନଯନ୍ତା ଭିତରକୁ ଠେଲି ଦିଆଯାଉଛି। ଥରେ ଜଣେ ଏହା ମଧ୍ୟକୁ ଚାଲିଗଲା ମାନେ ଫେରିବା ସହଜ ନୁହେଁ। ତେବେ ଜଣେ ଜଣେ ସାମାଜିକ କର୍ମୀ ଏଭଳି ପୀଡ଼ିତାଙ୍କୁ ଉଦ୍ଧାର ପାଇଁ ଆଗେଇ ଆସିଥାଆନ୍ତି। ସେମାନଙ୍କ ହାତର ସ୍ପର୍ଶରେ ଅନେକଙ୍କ ଜୀବନ ଏଭଳି ଯନ୍ତ୍ରଣାରୁ ମୁକ୍ତି ପାଇଥାଏ। ବିଶ୍ୱର ବିଭିନ୍ନ ପ୍ରାନ୍ତରେ ଏପରି ବ୍ୟକ୍ତିଙ୍କୁ ଖୋଜିଲେ ହାତଗଣତି ମିଳିବେ। ଏହି କ୍ରମରେ ଦେଖିଲେ ଜୀବନକୁ ବାଜି ଲଗାଇ ସମାଜର ମଙ୍ଗଳ ସକାଶେ କାର୍ଯ୍ୟ କରୁଥିବା ମହିଳା ହେଲେ ଅନୁରାଧା କୋଇରାଲା। ଇତିମଧ୍ୟରେ ହଜାର ହଜାର ଯୁବତୀ ଓ ପ୍ରାୟ ୪୫ ହଜାର ଶିଶୁ ଓ ମହିଳାଙ୍କୁ ଦଲାଲଙ୍କ କବଳରୁ ମୁକ୍ତ କରାଇ ସେମାନଙ୍କୁ ଥଇଥାନ କରି ବିଶ୍ୱ ସମ୍ମୁଖରେ ଦୃଷ୍ଟାନ୍ତ ସୃଷ୍ଟି କରିପାରିଛନ୍ତି। ନେପାଳ ରାଜଧାନୀ କାଠମାଣ୍ଡୁରେ ସେ ଏକ ଥଇଥାନ କେନ୍ଦ୍ର କରିଛନ୍ତି। 'ମାଇତି ନେପାଳୀ' (ନେପାଳୀ ଭାଷାରେ ମଦର୍ସ ହୋମ୍ ବା ମା' ଘର)ର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ରହି ସେ କରୁଥିବା କାର୍ଯ୍ୟ ଏବେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି।

୧୪ ଏପ୍ରିଲ ୧୯୪୯ରେ ଅନୁରାଧାଙ୍କ ଜନ୍ମ। ତାଙ୍କ ଜାତୀୟତା ନେପାଳୀ। କାଠମାଣ୍ଡୁରେ ମୁଖ୍ୟାଳୟ ଥିବାବେଳେ ଭାରତ-ନେପାଳ ସୀମାନ୍ତ ସହରରେ ତାଙ୍କ ସଙ୍ଗଠନର କେତେକ ଟ୍ରାଞ୍ଜିଟ୍ ହୋମ୍ ରହିଛି। ଭାରତୀୟ ବ୍ରୋଥେଲ୍ ବା ଗଣିକାଳୟରୁ ଉଦ୍ଧାର ହୋଇଥିବା ନେପାଳ ଯୁବତୀ ଓ ମହିଳାମାନଙ୍କୁ ଏହିସବୁ ଗୃହରେ ରଖାଯାଇଥାଏ। ସେମାନଙ୍କୁ ପରିବାର ନିକଟରେ ପହଞ୍ଚାଇବା ଲାଗି ବ୍ୟବସ୍ଥା କରାଯାଏ। ଯଦି ପରିବାର ଲୋକେ ପୀଡ଼ିତାଙ୍କୁ ନେବାକୁ ଅମଙ୍ଗ ହୁଏନ୍ତି, ସେତେବେଳେ ସେମାନେ ରୋଜଗାରକ୍ଷମ ହେବା ପର୍ଯ୍ୟନ୍ତ ମା' ଘରେ ରହିବାର ସୁଯୋଗ ପାଉଛନ୍ତି। ୧୯୯୩ରୁ ଅଦ୍ୟାବଧି ଅନୁରାଧା ଓ ତାଙ୍କ ସଙ୍ଗଠନ ଅସଂଖ୍ୟ ପୀଡ଼ିତାଙ୍କୁ ଥଇଥାନ କରିପାରିଛନ୍ତି। ନେପାଳ-ଭାରତ ସୀମାନ୍ତରେ ପୋଲିସ ଓ ଅନ୍ୟାନ୍ୟ ପ୍ରବର୍ତ୍ତନ ସଂସ୍ଥା ସହ ମିଶି 'ମାଇତି ନେପାଳୀ'ର କର୍ମକର୍ତ୍ତାମାନେ ଝିଅ ଓ ମହିଳାଙ୍କୁ ଉଦ୍ଧାର କରିଥାଆନ୍ତି। ଭାରତର ଗଣିକାଳୟରୁ ଯେଉଁମାନଙ୍କୁ ଉଦ୍ଧାର କରାଯାଇଥାଏ, ସେଥିଲାଗି ଭାରତୀୟ କର୍ତ୍ତୃପକ୍ଷଙ୍କ ସହାୟତା ଲୋଡ଼ାଯାଇଥାଏ। ନିକଟରେ ଫିକି ଲେଡିଜ୍ ଅର୍ଗାନାଇଜେଶନ ପକ୍ଷରୁ ଆୟୋଜନ କରାଯାଇଥିବା ଏକ ମତବିନିମୟ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ଅନୁରାଧା କହିଥିଲେ ଯେ, ତାଙ୍କ ଉଦ୍ୟମ ସେତେଦିନ ଯାଏ ଚାଲିଥିବ; ଯେତେବେଳ ପର୍ଯ୍ୟନ୍ତ ସମାଜ ଏଭଳି ସାମାଜିକ ବ୍ୟାଧିରୁ ଦୂର ନ ହୋଇଛି। ସେ କହିଥିଲେ, ତାଙ୍କ ଜୀବନ ପ୍ରତି ଅନେକ ବିପଦ ରହିଛି। ଅତୀତରେ ଦଲାଲଙ୍କ ପାଖରୁ ଧମକ ପାଇଛନ୍ତି। ଏବେ ଜେଲରେ ଥିବା ଅଭିଯୁକ୍ତମାନେ ତାଙ୍କୁ ଓ ତାଙ୍କ ପରିବାର ସଦସ୍ୟଙ୍କୁ ଜାଣିଛନ୍ତି ଏବଂ ସେମାନେ କେଉଁଠି ରୁହନ୍ତି କହି ଫୋନ୍ ମାଧ୍ୟମରେ ଡରାଉଛନ୍ତି ବୋଲି ଅନୁରାଧା ପ୍ରକାଶ କରିଥିଲେ। ଦମ୍ଭ ନ ହରାଇ ସର୍ବଦା ସେ ସେମାନଙ୍କୁ କହିଥାଆନ୍ତି 'ଯାହା ହେବାର ଥିବ'।

ଏଭଳି ସାହସିକତା ପ୍ରଦର୍ଶନ କରୁଥିବା ନାରୀଙ୍କ କ୍ୟାରିୟର ଦେଖିଲେ ସେ ପିଲାବେଳୁ ଜଣେ ନିର୍ଭୀକ ମହିଳା ରହିଆସିଛନ୍ତି । ସାମାଜିକ ସେବା ଯୋଗୁ ସେ ପ୍ରସିଦ୍ଧି ଅର୍ଜନ କରିଛନ୍ତି। ଫଳରେ ନେପାଳ ସରକାର ତାଙ୍କୁ ୧୭ ଜାନୁୟାରୀ ୨୦୧୮ରୁ ୩ ନଭେମ୍ବର ୨୦୧୯ ପର୍ଯ୍ୟନ୍ତ ବାଗ୍‌ମତି ପ୍ରଦେଶର ଗଭର୍ନର ଆସନ ସମ୍ଭାଳିବାକୁ ଦାୟିତ୍ୱ ଦେଇଥିଲେ। ସାମ୍ବିଧାନିକ କର୍ତ୍ତବ୍ୟ ତୁଲାଇବା ପରେ ପୁଣି ସେ ନିଜ ସଙ୍ଗଠନ ପ୍ରତି ସର୍ବାଧିକ ଗୁରୁତ୍ୱ ଦେବା ସୂଚାଇ ଦେଉଛି ଯେ, ଜୀବନର ଲକ୍ଷ୍ୟ ସ୍ଥିର ଥିଲେ ମଣିଷ ସିଦ୍ଧି ଆଡ଼କୁ ଯାଏ। ଏଠାରେ ଅନୁରାଧାଙ୍କ ସେବା ପ୍ରତି ଅଙ୍ଗୀକାରବଦ୍ଧତା ଓ ନେପାଳ ପୀଡ଼ିତାଙ୍କ ଉଦ୍ଧାର ଲାଗି ଅହରହ ପ୍ରୟାସ ତାଙ୍କୁ ମା'ର ଆସନରେ ବସାଇ ସାରିଲାଣି। ଭାରତୀୟ ସେନା ଅଧିକାରୀଙ୍କ ଝିଅ ହୋଇଥିବାରୁ ସେ ପିତାଙ୍କଠାରୁ ସାହସ କ'ଣ ଶିଖିଛନ୍ତି। ଗତ ୧୨ ବର୍ଷ ମଧ୍ୟରେ ୧୨୦୦ ଅପରାଧୀଙ୍କୁ ଦୋଷୀ ସାବ୍ୟସ୍ତ କରିବାରେ ତାଙ୍କ ସଙ୍ଗଠନ ଯେଉଁ ଐତିହାସିକ କାର୍ଯ୍ୟ କରିଛି, ତାହା ଅନ୍ୟ ସାମାଜିକ କର୍ମୀଙ୍କୁ ପ୍ରେରଣା ଯୋଗାଇବ। ଶିଶୁ ଓ ମହିଳାଙ୍କ ଅଧିକାର ପାଇଁ ଲଢ଼େଇ କରୁଥିବା ଅନୁରାଧାଙ୍କୁ ୩୮ଟି ଜାତୀୟ ଓ ଅନ୍ତର୍ଜାତୀୟ ପୁରସ୍କାର ମିଳିପାରିଛି। ସେଥିମଧ୍ୟରେ ରହିଛି ୨୦୧୪ରେ 'ମଦର ଟେରେସା ପୁରସ୍କାର' ଓ ୨୦୧୭ରେ ଭାରତ ସରକାରଙ୍କ ଚତୁର୍ଥ ଶ୍ରେଷ୍ଠ ବେସାମରିକ ସମ୍ମାନ 'ପଦ୍ମଶ୍ରୀ'। ଅତଏବ, ତାଙ୍କ ଉଲ୍ଲେଖନୀୟ କାର୍ଯ୍ୟ ଯୋଗୁ ଯଥାର୍ଥରେ ସେ ନେପାଳର ମଦର ଟେରେସା ଆଖ୍ୟା ପାଇପାରିଛନ୍ତି।

-ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ପାନୀୟ ଜଳ ସଙ୍କଟ ଦୂର କରିବା ସହ ଜଳସେଚନର ବିକାଶ ପାଇଁ ଝାଡ଼ଖଣ୍ଡର ଅଜୟ ଶର୍ମା ଯାହା କରୁଛନ୍ତି ତାହା ସମସ୍ତଙ୍କ ପାଇଁ ପ୍ରେରଣା ପାଲଟିଛି। ଖୁଣ୍ଟି ଜିଲାରେ ସେ ଅଖାରେ ବାଲି,ମାଟି ଓ ଘାସ ଭର୍ତ୍ତି କରି ସେଥିରେ ଆଡ଼ିବନ୍ଧ ନିର୍ମାଣ କରୁଛନ୍ତି,ଯାହା ଦ୍ୱାରା ଏହି ଅଞ୍ଚଳରେ ଜଳ ସଙ୍କଟ ସମ୍ପୂର୍ଣ୍ଣ ଦୂର ହେବା ସହ ଜଳସେଚନର ଲାଭ କୃଷକମାନେ ପାଉଛନ୍ତି। ଖୁଣ୍ଟି ଜିଲାର ୭୦ଟି ଗାଁରେ ପ୍ରାୟ ୮,୦୦୦ କୃଷକ ଏହାଦ୍ୱାରା ଉପକୃତ ହେଉଛନ୍ତି। ଖୁଣ୍ଟି ଜିଲାର ବହୁ ଗ୍ରାମରେ ଦୀର୍ଘ ବର୍ଷ ହେବ ଜଳ ସଙ୍କଟ ଲାଗି ରହିଥିଲା। ଏପରିକି ଲୋକମାନେ ପିଇବା ଓ ଗାଧୋଇବା ଲାଗି ପାଣି ପାଉ ନଥିଲେ। ଛୋଟ ନଈ, ଝରଣା ଓ ନାଳୀରେ ସରକାର କଂକ୍ରିଟ ଆଡ଼ିବନ୍ଧ ନିର୍ମାଣ କରିଥିଲେ ବି ସେଗୁଡ଼ିକ ପ୍ରଖର ସ୍ରୋତରେ ନଷ୍ଟ ହୋଇଯାଉଥିଲା। କିନ୍ତୁ ୨୦୧୮ରେ ଅଜୟ ସେୱା ୱେଲଫେୟାର ଏନ୍‌ଜିଓ ପ୍ରତିଷ୍ଠା କରି ତା' ମାଧ୍ୟମରେ ଏହିସବୁ ଆଡିବନ୍ଧ ନିର୍ମାଣ ଆରମ୍ଭ କରିଥିଲେ। ସବୁଠୁ ବଡ ଆଡ଼ିବନ୍ଧର ଲମ୍ବ ୮୦ ଫୁଟ୍। ପ୍ରଥମେ ସେ ୨୦୦୦ ଟଙ୍କା ସଂଗ୍ରହ କରି ପ୍ରଥମ ଆଡ଼ିବନ୍ଧ ନିର୍ମାଣ କରିବା ପରେ ତାଙ୍କୁ ଅନୁଦାନ ମିଳିବାରେ ଲାଗିଲା। ଏହାକୁ ଉପଯୋଗ କରି ଆଡ଼ିବନ୍ଧ ନିର୍ମାଣ କରି ଚାଲିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୭ ଜାନୁୟାରୀ ୧୯୯୬

- ସୋମାଲିଆରୁ ବିଚ୍ଛିନ୍ନ ହୋଇଥିବା ସୋମାଲିଲାଣ୍ଡର ସରକାର ବିରୋଧୀ ଓ ସପକ୍ଷବାଦୀ ସୈନ୍ୟମାନଙ୍କ ମଧ୍ୟରେ ପ୍ରବଳ ସଂଘର୍ଷ ଘଟି ୩୯ ମୃତ।
- ୬୫ କୋଟି ଟଙ୍କାର ହାୱାଲା କାରବାର ମାମଲାରେ କେନ୍ଦ୍ରୀୟ ତଦନ୍ତବ୍ୟୁରୋ ଦେଶର ୭ ଜଣ ନେତାଙ୍କ ବିରୋଧରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିବା ସହ ୩ ଜଣ କେନ୍ଦ୍ରମନ୍ତ୍ରୀଙ୍କ ବିରୋଧରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିବା ପାଇଁ ରାଷ୍ଟ୍ରପତିଙ୍କ ଅନୁମୋଦନ ପ୍ରାର୍ଥନା କରିଛନ୍ତି।

## ଚିରନ୍ତନୀ

କପୋତ ଡାକେ ଡାହୁକ ଡାକେ
ଡାକଇ ସାରୀ ଶୁକ,
ତଥାପି ଧରା ଲାଗଇ କିବା
ରହିଛି ପଡ଼ି ମୂକ।

(କୁହୁ ପ୍ରାସ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 9 | 8 | | | | | | B | | | | | |
| | | | C | 7 | 4 | | 1 | 2 | | 0 | | | | |
| | 4 | | B | | | 5 | | | | | 1 | | | |
| | 0 | 1 | | E | A | | 7 | 9 | 4 | 6 | D | | | |
| 5 | | 7 | 6 | 0 | | 8 | | 4 | 9 | | | | | C |
| | | | 7 | | | 4 | 5 | A | | | | 0 | | D |
| | 8 | 4 | | A | | | C | B | | 5 | | | 6 | |
| | D | 3 | | | | | | | 8 | 1 | | | | 7 |
| | A | | 9 | | 3 | | | | | | 6 | | | |
| C | | 5 | 2 | 6 | 8 | | | | | | | | | 4 |
| | | | | 8 | 0 | | B | 5 | | 2 | A | | C | |
| | | D | | | C | | 6 | | 7 | 9 | | | | |
| | | 6 | 3 | 2 | | | A | 7 | | | | | B | E |
| | B | | | | | | | | 1 | 4 | E | | | |
| 0 | | | | | | | | | 6 | | | 8 | 1 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | 3 | 7 | 5 | 0 | 2 | E | C | A | 4 | 9 | 6 | B | 1 | 8 |
| C | 6 | E | 9 | B | D | 1 | 3 | 5 | 7 | 8 | A | 0 | 2 | 4 |
| 1 | A | 0 | 7 | 6 | E | 4 | 8 | 2 | 5 | B | D | C | 9 | 3 |
| 2 | B | 8 | 4 | C | A | 7 | D | 9 | 3 | 0 | 1 | E | 6 | 5 |
| 5 | 4 | 9 | 3 | 1 | 8 | 6 | 0 | B | C | 2 | E | 7 | A | D |
| A | 0 | 5 | C | 2 | 3 | 9 | 7 | 8 | 6 | 4 | B | D | E | 1 |
| 7 | 8 | 1 | E | D | 5 | 0 | B | 3 | 9 | A | C | 2 | 4 | 6 |
| B | E | 4 | 0 | 9 | 6 | D | A | 1 | 8 | 5 | 2 | 3 | 7 | C |
| 3 | 9 | 2 | 1 | 4 | 7 | 5 | 6 | C | E | D | 0 | 8 | B | A |
| 6 | C | D | A | 8 | B | 2 | 4 | E | 1 | 7 | 3 | 5 | 0 | 9 |
| 0 | D | A | 6 | 7 | 1 | C | E | 4 | 2 | 3 | 8 | 9 | 5 | B |
| E | 2 | 3 | B | 5 | C | A | 9 | D | 0 | 6 | 4 | 1 | 8 | 7 |
| 4 | 5 | 6 | 8 | 3 | 0 | B | 1 | 7 | D | E | 9 | A | C | 2 |
| 9 | 7 | C | D | A | 4 | 8 | 2 | 0 | B | 1 | 5 | 6 | 3 | E |
| 8 | 1 | B | 2 | E | 9 | 3 | 5 | 6 | A | C | 7 | 4 | D | 0 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଅପମିଶ୍ରଣ ଧରପଗଡ଼ ହେଉ

ମହାଶୟ,

କଟକରୁ ବିଭିନ୍ନ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ନକଲି କାରଖାନା ଠାବ କରାଯାଇ ଥିବା ବେଳେ ସମଗ୍ର ରାଜ୍ୟରେ ଅପମିଶ୍ରିତ ସାମଗ୍ରୀର କାରବାର ବଢ଼ିଚାଲିଛି। ଏହି ଅପମିଶ୍ରିତ ସାମଗ୍ରୀର ବେଧଡ଼କ କାରବାର ଚାଲିଥିଲେ ମଧ୍ୟ ରାଜ୍ୟ ସରକାରଙ୍କଠାରୁ ଆରମ୍ଭ କରି ପୋଲିସ ପ୍ରଶାସନ ହାତବାନ୍ଧି ବସିବା ଆଶ୍ଚର୍ଯ୍ୟ ଲାଗେ। ଦୀର୍ଘବର୍ଷର ଏହି ନକଲି ସାମଗ୍ରୀ ପ୍ରସ୍ତୁତ ହେଉଥିବା ଏବଂ କାଁ ଭାଁ ଧରପଗଡ଼ ହେଲେ ଅପମିଶ୍ରଣକାରୀମାନେ ଏହାକୁ ଗୁରୁତ୍ୱ ଦେଉ ନ ଥିବାରୁ ସମଗ୍ର ରାଜ୍ୟବାସୀ ଏହି ଅପମିଶ୍ରଣ ବିଷ ଖାଉଛନ୍ତି। ଏହାଦ୍ୱାରା ଲୋକମାନେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ସେହିଭଳି ଅପମିଶ୍ରିତ ଖାଦ୍ୟ ସାମଗ୍ରୀ ଧରିବା ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗୁରୁତ୍ୱ ଦିଆ ନ ଯିବା ଚିନ୍ତାର ବିଷୟ। ଅପମିଶ୍ରଣକାରୀମାନେ ନିର୍ବିଘ୍ନରେ ନିଜର ବ୍ୟବସାୟ ଚଳାଇଛନ୍ତି। ଅନ୍ୟପକ୍ଷରେ ଅଧିକାରୀଙ୍କ ଜ୍ଞାତସାରରେ ଏଭଳି କାରବାର ଚାଲୁଥିବା ସଚେତନ ନାଗରିକ ଏବଂ ବିଶେଷଜ୍ଞଙ୍କ ମତକୁ ଅସ୍ୱୀକାର କରାଯାଇ ନ ପାରେ। ଏଣୁ ନିୟମିତ ଭାବେ ସମଗ୍ର ରାଜ୍ୟରେ ଏହି ଧରପଗଡ଼ କରାଗଲେ ଅପମିଶ୍ରଣ ସାମଗ୍ରୀକୁ ରୋକାଯାଇପାରିବ।

ବିଷ୍ଣୁ ପ୍ରସାଦ ମହାରଣା, ବାଜିଚୌକ, ଢେଙ୍କାନାଳ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ବଢୁଛି ବାଲ୍ୟବିବାହ

ରତନ ନାୟାର
ଢେଙ୍କାନାଳ ଅଫିସ, ୧୬।୧

କଅଁଳ କାନ୍ଧ ବୋହୁଛି ଜଞ୍ଜାଳ। ସଂସାରର ନୀତିନିୟମ, ଚାଲିଚଳଣ ବୁଝିବା ଆଗରୁ ମୁଣ୍ଡରେ ଲଦି ଦିଆଯାଉଛି ବୋଝ। କୋମଳମତି ବୟସରେ ପାଠପଢ଼ି ଆଗକୁ ବଢ଼ିବା ସମୟରେ ମାତୃତ୍ୱ ଲାଭ କରୁଛନ୍ତି ସେମାନେ। ଅପରିପକ୍ୱ ବୟସରେ ମା' ହେବା ପରେ ଯେଉଁ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହେଉଛି, ତାହା ସେମାନଙ୍କ ବାକି ଜୀବନକୁ କରିଦେଉଛି ଦୁର୍ବିଷହ। ଶିକ୍ଷା, ସଚେତନତାର ଘୋର ଅଭାବ ଏବଂ ପ୍ରଚଳିତ ମାନସିକତା ବଦଳୁ ନ ଥିବାରୁ ବାଲ୍ୟବିବାହ ଉପରେ ଲାଗିପାରୁନି ଅଙ୍କୁଶ।

ଏଭଳି କୁପ୍ରଥା ବିରୋଧରେ ଆରମ୍ଭ ହୋଇଥିବା ଅଭିଯାନ ଦୁର୍ଗମ ଅଞ୍ଚଳବାସୀଙ୍କ ଉପରେ କୌଣସି ପ୍ରଭାବ ପକାଉ ନ ଥିବାବେଳେ ଢେଙ୍କାନାଳକୁ ବାଲ୍ୟବିବାହ ମୁକ୍ତ କରିବା ସ୍ୱପ୍ନ ଏବେ ବି ଅଧୁରା।

ଢେଙ୍କାନାଳରେ ବାଲ୍ୟବିବାହକୁ ନେଇ ରହିଥିବା ମାନସିକତା ପରିବର୍ତ୍ତନ ହେଉନି। ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକ ପକ୍ଷରୁ ବର୍ଷତମାମ ସଚେତନତା କାର୍ଯ୍ୟକ୍ରମ ଜାରି ରହିଥିଲେ ମଧ୍ୟ ଲୋକଙ୍କ ଉପରେ ଏହାର ପ୍ରଭାବ ପଡୁନି। ବିଶେଷକରି ଆଦିବାସୀ ଅଧ୍ୟୁଷିତ ଏବଂ ଆଭ୍ୟନ୍ତରୀଣ ଗ୍ରାମଗୁଡ଼ିକରେ ଖୁବ୍ କମ୍ ବୟସରୁ ଝିଅଙ୍କ ବିବାହ କରି ଦିଆଯାଉଛି। ଗତ ୩ବର୍ଷର ତଥ୍ୟକୁ ଦେଖିଲେ ଏଭଳି ଘଟଣା ବୃଦ୍ଧି ପାଉଥିବା ସ୍ପଷ୍ଟ ଅନୁମେୟ। ସଦର, ଓଡ଼ାପଡ଼ା, ହିନ୍ଦୋଳ, ଗଁଦିଆ, ଭୁବନ, କାମାକ୍ଷାନଗର, ପରଜଙ୍ଗ ଏବଂ କଙ୍କଡ଼ାହାଡ଼ ବ୍ଲକରେ ଏଭଳି ଅନେକ ଘଟଣା ସାମ୍ନାକୁ ଆସିଛି। ଜିଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ, ଜିଲାରେ ଗତ ୩ ବର୍ଷରେ ୫୬ ବାଲ୍ୟବିବାହ ରୋକାଯାଇପାରିଛି। ପ୍ରଶାସନିକ ଅଧିକାରୀଙ୍କ ଉଦ୍ୟମରେ ୨୦୧୮ରେ ୭, ୨୦୧୯ରେ ୧୬ ଏବଂ ୨୦୨୦ରେ ୩୩ଟି ବାଲ୍ୟବିବାହ ପଣ୍ଡ କରାଯାଇଛି। ପ୍ରାୟ ସମସ୍ତ କ୍ଷେତ୍ରରେ ବିବାହ କରୁଥିବା ଝିଅ ନାବାଳିକା। ଏହାକୁ ପ୍ରୋତ୍ସାହିତ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ଜିଲାରେ ବାଲ୍ୟବିବାହ ବଢ଼ିବାରେ ଲାଗିଛି। ହେଲେ ସେଥିରୁ ଅଧିକାଂଶ ସରକାରୀ ନଥିକୁ ଆସୁ ନ ଥିବା ଅଭିଯୋଗ ହେଉଛି। ବାଲ୍ୟବିବାହ ରୋକିବା, ଅସୁରକ୍ଷିତ ପରିବେଶରେ କାର୍ଯ୍ୟ କରୁଥିବା ଶିଶୁଙ୍କୁ ଉଦ୍ଧାର ଏବଂ ନିର୍ଯାତିତ ଶିଶୁଙ୍କୁ ଥଇଥାନ କରିବା ଲାଗି ୨୦୧୮ ମେ ମାସରୁ ଢେଙ୍କାନାଳ ଜିଲାରେ ଚାଇଲ୍ଡ ଲାଇନ କାର୍ଯ୍ୟ କରୁଛି। ଏଥିଲାଗି ୨୪ ଘଣ୍ଟିଆ ଜାତୀୟ ଜରୁରିକାଳୀନ ଟେଲି ସେବା (ନଂ. ୧୦୯୮) ଉପଲବ୍ଧ। ବ୍ଲକସ୍ତରରେ ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରୀ (ସିଡିପିଓ)ଙ୍କୁ ଏଭଳି ବେଆଇନ କାର୍ଯ୍ୟ ରୋକିବା ଲାଗି ଚାଇଲ୍ଡ ମ୍ୟାରେଜ ପ୍ରୋହିବେଶନ ଅଫିସର ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ପ୍ରଶାସନିକସ୍ତରରେ ସମୀକ୍ଷା ମଧ୍ୟ ହେଉଛି। ଏସବୁ ସତ୍ତ୍ୱେ ବାଲ୍ୟ ବିବାହ ଉପରେ ଅଙ୍କୁଶ ଲାଗି ପାରୁନାହିଁ। ଏଭଳି ବେଆଇନ ବିବାହ ନଜରକୁ ଆସିଲେ ସ୍ଥାନୀୟ ଅଙ୍ଗନୱାଡି କର୍ମୀ ସମ୍ପୃକ୍ତ ବ୍ଲକର ସିଡିପିଓଙ୍କୁ ଅବଗତ କରାଇବେ। ଏହାପରେ ପୋଲିସ ସହାୟତାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତେବେ ଆକ୍ରମଣ, ବାସନ୍ଦ ଭୟ ଏବଂ ଭାଇଚାରା ପ୍ରଭାବିତ ହେବା ଆଶଙ୍କାରେ ସୂଚନା ପ୍ରଦାନ କରିବାରେ ଅଙ୍ଗନୱାଡି କର୍ମୀ କୁଣ୍ଠାବୋଧ କରୁଛନ୍ତି। ଜନପ୍ରତିନିଧି ମଧ୍ୟ ଆବଶ୍ୟକ ତତ୍ପରତା ଦେଖାଉନାହାନ୍ତି। ଅନ୍ୟପଟେ ସୂଚନା ମିଳିଲେ ଚାଇଲ୍ଡ ଲାଇନ୍ ସଦସ୍ୟ ଭଡ଼ାଗାଡ଼ିରେ ସମ୍ପୃକ୍ତ ଅଞ୍ଚଳକୁ ଯାଇଥାନ୍ତି। ଗାଡ଼ି ନ ମିଳିଲେ କିମ୍ବା ପ୍ରଶାସନିକ କାର୍ଯ୍ୟ ତୁଟାଇ ଯିବାବେଳକୁ ବାହାଘର ଶେଷ କରି ବର ଓ କନ୍ୟାପକ୍ଷ ପଳାଇ ଯାଉଥିବା ନଜିର ମଧ୍ୟ ରହିଛି। ସ୍ଥାନୀୟ ପୋଲିସ, ଜନପ୍ରତିନିଧି, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏ ଦିଗରେ ତତ୍ପରତା ଦେଖାଇଲେ ଢେଙ୍କାନାଳ ବାଲ୍ୟବିବାହ ମୁକ୍ତ ଜିଲା ହୋଇପାରିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

ଏ ସଂକ୍ରାନ୍ତରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ କୁହନ୍ତି, ବାଲ୍ୟ ବିବାହ ରୋକିବାକୁ ସଚେତନ କାର୍ଯ୍ୟକ୍ରମ ଜାରିରହିଛି। ଚାଇଲ୍ଡ ଲାଇନ୍ ସଦସ୍ୟମାନେ କାମ କରୁଛନ୍ତି। ମାନସିକତା ବଦଳିଲେ ଏହାକୁ ରୋକିହେବ। ଅତିରିକ୍ତ ଏସ୍‌ପି ବିନୟକୃଷ୍ଣ କାମିଲା କୁହନ୍ତି, ପୋଲିସ ନିକଟକୁ ଅଭିଯୋଗ ଆସିଲେ ନିହାତି ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ୨୦୨୧ ଜାନୁୟାରୀରେ ବାଲ୍ୟ ବିବାହ ସମ୍ପର୍କିତ ଗୋଟିଏ ମାମଲା ରୁଜୁ ହୋଇଥିବା ସେ ସୂଚନା ଦେଇଛନ୍ତି।

### କ'ଣ କୁହେ ଆଇନ

ଭାରତୀୟ ଆଇନ ବ୍ୟବସ୍ଥାରେ ଝିଅକୁ ୧୮ ଏବଂ ପୁଅକୁ ୨୧ ବର୍ଷ ହୋଇଥିଲେ ବିବାହ ଯୋଗ୍ୟ ବୋଲି ବିଚାର କରାଯାଏ। ଏଥିରେ ଉଲ୍ଲଂଘନ ହେଲେ ଏହାକୁ ନାବାଳିକା ବା ନାବାଳକ ବିବାହ ବୋଲି ଧରାଯାଏ। କନ୍ୟା ନାବାଳିକା ଏବଂ ବର ସାବାଳକ ହୋଇଥିଲେ ପୁଅ ଘରକୁ ଦୋଷୀ ବୋଲି ବିବେଚନା କରାଯାଏ। ସେହିପରି କନ୍ୟା ବରଠାରୁ ବୟସରେ ବଡ଼ ହୋଇଥିଲେ ଝିଅପକ୍ଷକୁ ଅଭିଯୁକ୍ତ ବୋଲି ଧରାଯାଏ। ଏପରି ସ୍ଥଳେ ଅଭିଯୁକ୍ତଙ୍କୁ ସର୍ବନିମ୍ନ ୨ବର୍ଷ ଜେଲଦଣ୍ଡ ଏବଂ ଘଟଣାବଳୀକୁ ସମୀକ୍ଷା କରି ଜରିମାନା ବ୍ୟବସ୍ଥା ରହିଛି।




- କୋହଳ କାର୍ଯ୍ୟାନୁଷ୍ଠାନ ଦେଉଛି ପ୍ରୋତ୍ସାହନ
- ଆଦିବାସୀ ଅଧ୍ୟୁଷିତ ଦୁର୍ଗମ ଅଞ୍ଚଳରେ ଅଧିକ
- ୩ ବର୍ଷ ଭିତରେ ରୋକାଗଲାଣି ୫୬
- ଚଳିତ ଜାନୁୟାରୀରେ ମାତ୍ର ୧ ମାମଲା

### ଚାଇଲ୍ଡଲାଇନ୍‌କୁ ଆବଶ୍ୟକ ସହାୟତା କରାଯିବ



"ବାଲ୍ୟବିବାହ ଭଳି କୁପ୍ରଥା ରୋକିବା ଲାଗି କେନ୍ଦ୍ର ସରକାରଙ୍କ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଚାଇଲ୍ଡଲାଇନ କାର୍ଯ୍ୟ କରୁଛି। ସଚେତନତା ସହିତ ମାନସିକତାରେ ପରିବର୍ତ୍ତନ ଆସିଲେ ଏହାକୁ ରୋକାଯାଇପାରିବ। ଏଥିଲାଗି ଚାଇଲ୍ଡଲାଇନକୁ ଆବଶ୍ୟକ ସହାୟତା ପ୍ରଦାନ କରାଯିବା।

– ଉଦୟେନ୍ଦୁ ମିଶ୍ର, ନିର୍ଦ୍ଦେଶକ 'ଶୋଭା'

### ଆଇନ କଡ଼ାକଡ଼ି ହେଉନି



"ଆଇନ କଡ଼ାକଡ଼ି କରାଯାଉ ନ ଥିବାରୁ କେହି ଭୟ କରୁନାହାନ୍ତି। ସଚେତନତା କାର୍ଯ୍ୟକ୍ରମ ଜୋର୍‌ଦାର ହେଉ ନ ଥିବାରୁ ଏ ବିଷୟରେ ଅନେକେ ଜାଣି ପାରୁନାହାନ୍ତି। ପ୍ରତି ପଞ୍ଚାୟତରେ ଚାଇଲ୍ଡ ଲାଇନର ନିୟମାବଳୀ ଏବଂ ତୁରନ୍ତ ଖବର ଦେବା ଲାଗି ସୂଚନା ଫଳକ ରହିବା ଦରକାର। ଜନପ୍ରତିନିଧି, ଏସ୍‌ଏଚ୍‌ଜି ଏବଂ ଯୁବଗୋଷ୍ଠୀକୁ ସଚେତନ କରାଇବା ଜରୁରୀ।

– ପୁଷ୍ପାଞ୍ଜଳି ଜେନା, ସମ୍ପାଦିକା 'ଇଶୋ'

### ପଞ୍ଚାୟତ ପ୍ରତିନିଧିଙ୍କ ଗୁରୁଦାୟିତ୍ୱ ରହିଛି



"ସଚେତନତାର ବ୍ୟାପକ ଆବଶ୍ୟକତା ରହିଛି। ଘଟଣା ଘଟୁଥିବା ଅଞ୍ଚଳର ଥାନା, ଫାଣ୍ଡି ପୋଲିସ ପକ୍ଷରୁ ମାମଲା ରୁଜୁ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ। ସୂଚନା ପ୍ରଦାନକାରୀଙ୍କ ପରିଚୟ ଗୁପ୍ତ ରଖାଯିବା ଜରୁରୀ। ଏ କ୍ଷେତ୍ରରେ ପଞ୍ଚାୟତ ପ୍ରତିନିଧିଙ୍କ ଗୁରୁଦାୟିତ୍ୱ ରହିଛି।

– ପ୍ରତାପ ଆଚାର୍ଯ୍ୟ, ସିଡବ୍ଲୁସି ଅଧ୍ୟକ୍ଷ

## ସଂକ୍ଷେପରେ

### ବିଷ ପିଇଲେ ପ୍ରେମୀଯୁଗଳ
#### ପ୍ରେମିକ ମୃତ, ପ୍ରେମିକା ଗୁରୁତର



**ଲଖନପୁର,୧୬।୧(ଡି.ଏନ୍.ଏ.):** ପାରିବାରିକ ସ୍ୱୀକୃତି ନ ମିଳିବାରୁ ଶେଷରେ ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେଇ ବିଷପାନ କରିଥିଲେ ପ୍ରେମୀଯୁଗଳ। ହେଲେ ଏଥିରେ ପ୍ରେମିକଙ୍କ ମୃତ୍ୟୁ ଘଟିଥିବାବେଳେ ପ୍ରେମିକା ଗୁରୁତର ହୋଇ ଚିକିତ୍ସିତ ହେଉଛନ୍ତି। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ଝାରସୁଗୁଡା ସଦର ଥାନା ଅଧୀନ ମରାକୁଟା ଗ୍ରାମରେ। ଗ୍ରାମ ନିକଟରୁ ପୋଲିସ ପ୍ରେମିକଙ୍କ ମୃତଦେହ ଜବତ କରିଛି। ସେ ହେଲେ ଲଖନପୁର ଥାନା ଉବୁଡା ଗ୍ରାମର ଗୋବର୍ଦ୍ଧନ ଓରାମ(୩୦)। ପ୍ରେମୀଯୁଗଳ ପରସ୍ପରକୁ ଭଲପାଇ ଆସୁଥିଲେ। ଏପରିସ୍ଥଳେ ଗତ ଶୁକ୍ରବାର ରାତିରେ ସେମାନେ ଘରୁ ବାହାରି ଗ୍ରାମର ଅନତି ଦୂରରେ ବିଷପାନ କରିଥିଲେ। ଏଥିରେ ଉଭୟ ଗୁରୁତର ହୋଇ ପଡିଥିଲେ। ଏଭଳି ଅବସ୍ଥାରେ ପ୍ରେମିକା ଘରକୁ ଫୋନ କରି ଘଟଣା ସମ୍ପର୍କରେ ପରିବାରକୁ ଜଣାଇଥିଲେ। ଖବରପାଇ ତାଙ୍କ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ଝିଅକୁ ଉଦ୍ଧାର କରି ଝାରସୁଗୁଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ସେଠାରୁ ବୁର୍ଲା ଭିଏସ୍‌ଏସ୍‌କୁ ସ୍ଥାନାନ୍ତର କରାଯାଇଛି। ମୃତ ଗୋବର୍ଦ୍ଧନଙ୍କ ବଡ଼ଭାଇ ସନ୍ତୋଷଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଝାରସୁଗୁଡା ସଦର ଥାନାରେ ଅପମୃତ୍ୟୁ ମାମଲା (ନଂ.୨/୨୧) ରୁଜୁକରି ତଦନ୍ତ ଚଳାଇଛି। ପ୍ରେମୀଯୁଗଳ ଭିନ୍ନ ଜାତିର ହୋଇଥିବାବେଳେ ଉଭୟ ପରିବାର ଏହାକୁ ସ୍ୱୀକୃତି ଦେଇ ନ ଥିଲେ। ଫଳରେ ଉଭୟ ଆତ୍ମହତ୍ୟା ନିଷ୍ପତ୍ତି ନେଇଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି।

### ମହେନ୍ଦ୍ରଗିରି ଯିବାକୁ ବାରଣ କଲା ପ୍ରଶାସନ

**ପାରଳାଖେମୁଣ୍ଡି,୧୬।୧(ଡି.ଏନ୍.ଏ.):** ଗଜପତି ଜିଲା ପ୍ରଶାସନ ତରଫରୁ ଶନିବାର ଏକ ପ୍ରେସ ବିଜ୍ଞପ୍ତି ଜରିଆରେ ମହେନ୍ଦ୍ରଗିରି ପାହାଡକୁ ନଯିବାପାଇଁ ଜନ ସାଧାରଣଙ୍କୁ ଅନୁରୋଧ କରାଯାଇଛି। ପୁରାଣ ପ୍ରସିଦ୍ଧ ମହେନ୍ଦ୍ରଗିରି ପାହାଡକୁ ଥିବା ରାସ୍ତା କାମ ହେଉଥିବାରୁ ଜିଲାପାଳ ଏହି ନିର୍ଦ୍ଦେଶ ଜାରି କରିଛନ୍ତି। ମାଟି କାମ ପ୍ରାୟତଃ ଶେଷ ହୋଇଥିବାବେଳେ ପିଚୁ ଓ କଲଭର୍ଟ କାମ ଆରମ୍ଭ ହୋଇଛି। ଗାଡିମୋଟର ଯାତାୟାତ କରୁଥିବାରୁ କାମ କରିବାରେ ଅସୁବିଧା ହେଉଛି। ତେଣୁ ଏପରି ନିର୍ଦ୍ଦେଶନାମା ପ୍ରଶାସନ ଜାରି କରିଛି।

### ବାଲି ବୋଝେଇ ହାଇୱାକୁ ୭୦ ହଜାର ଜରିମାନା

**ଧର୍ମଶାଳା,୧୬।୧(ଡି.ଏନ.ଏ.):** ଧର୍ମଶାଳା ବ୍ଲକ ଜେନାପୁର ଥାନା ବ୍ରାହ୍ମଣୀ ନଦୀର ବୃନ୍ଦାଦେଈପୁର ବାଲିଘାଟରୁ ଏକ ବାଲି ବୋଝେଇ ହାଇୱାକୁ ଶନିବାର ପୋଲିସ ଜବତ କରି ଚଣ୍ଡିଖୋଲ ଆରଟିଓକୁ ହସ୍ତାନ୍ତର କରିଛି। ଚଣ୍ଡିଖୋଲ ଆରଟିଓ ଉକ୍ତ ହାଇୱାଠାରୁ ୬୯,୭୬୦ ଟଙ୍କା ଜରିମାନା ଆଦାୟ କରିଛି। ହାଇୱା (ନଂ.ଓଆର-୦୪-ଏଲ-୯୮୫୫)ବାଲି ବୋଝେଇ କରି ବୃନ୍ଦାଦେଈପୁରରୁ ଜଖପୁରା ଅଞ୍ଚଳକୁ ଯାଉଥିବା ବେଳେ ପୋଲିସ ଧରିଥିଲା। ପୋଲିସ ଗାଡ଼ି ଅଟକାଇ ଯାଞ୍ଚ କରିବାବେଳେ ଡ୍ରାଇଭର ପରିବହନ ହେଉଥିବା ବାଲିର ଆବଶ୍ୟକ କାଗଜପତ୍ର ଦେଖାଇ ପାରି ନ ଥିଲେ।

## ବୈଷ୍ଣବ ମହାନ୍ତି, ରଘୁନାଥ ମିଶ୍ରଙ୍କ ପୁସ୍ତକ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୬।୧(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ନବୀନ ନିବାସ ଠାରେ ସୂଚନା ଓ ଲୋକ ସମ୍ପର୍କ ବିଭାଗର ପୂର୍ବତନ ନିର୍ଦ୍ଦେଶକ ବୈଷ୍ଣବ ପ୍ରସାଦ ମହାନ୍ତିଙ୍କର ୩ଟି ପୁସ୍ତକ ବ୍ୟାସଦେବଙ୍କ କୃତ ଶ୍ରୀମଦ ଭାଗବତ ଗୀତର ଓଡିଆ ଅନୁବାଦ, ବିଭୋର ମାଟିର ବାସ୍ନା- କବିତା ସଂକଳନ ଏବଂ ଚମ୍ପାଫୁଲର ମହକକୁ ଲୋକାର୍ପଣ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଲେଖକ ମହାନ୍ତିଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସାରସ୍ୱତ ସାଧନା ଜାରି ରଖିବାକୁ ପରାମର୍ଶ ଦେଇଛନ୍ତି।

ସେହିପରି ରଘୁନାଥ ମିଶ୍ରଙ୍କ ରଚିତ ସ୍ୱଜଳ ସ୍ମୃତି ସାଉଟା ସମ୍ପତ୍ତି ପୁସ୍ତକର ଶୁଭ ଉନ୍ମୋଚନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଲେଖକ ରଘୁନାଥ ମିଶ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ତାଙ୍କର ଦୀର୍ଘ ପ୍ରସାଶନିକ ଅନୁଭୂତିକୁ ଲେଖା ମାଧ୍ୟମରେ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ଉଦ୍ୟମର ସଫଳତା କାମନା କରିଥିଲେ।

ସୂଚନା ଯୋଗ୍ୟ ଯେ ରଘୁନାଥ ମିଶ୍ର ତାଙ୍କର ଦୀର୍ଘ ପ୍ରଶାସନିକ କାର୍ଯ୍ୟକାଳ ମଧ୍ୟରେ କଟକ, ଖୋର୍ଦ୍ଧା ଜିଲାପାଳ ସହିତ ବିଧାନସଭା ସଚିବ ଭାବେ ଦାୟିତ୍ୱ ତୁଲାଇଛନ୍ତି।

## ଅସଲି ବ୍ରାଣ୍ଡରେ ନକଲି ସର୍ଫ



ନକଲି ସର୍ଫ ଜବତ କରାଯାଉଛି।

### ୨୪୪ ବସ୍ତା ଜବତ, ମାଲିକ ଗିରଫ

ସମ୍ବଲପୁର, ୧୬।୧ (ବ୍ୟୁରୋ)

କଟକ, ସୋନପୁର, ବରଗଡ ପରେ ସମ୍ବଲପୁର ଜିଲାରେ ନକଲି ସାମଗ୍ରୀ କାରଖାନା ଠାବ ହୋଇଛି। ଶନିବାର ସନ୍ଧ୍ୟାରେ ଜିଲା ପୋଲିସ ପକ୍ଷରୁ ଅଇଁଠାପାଲି ଥାନା ନୂଆଁପଡା ନିକଟ ଏକ ଗୋଦାମରେ ଚଢ଼ାଉ କରାଯାଇ ୨୪୪ ବସ୍ତା ନକଲି ସର୍ଫ ଜବତ କରାଯାଇଛି। ସର୍ଫ ଏକ୍ସେଲ୍ ପ୍ୟାକେଟରେ ନକଲି ସର୍ଫ ପ୍ୟାକିଂ କରି ବିକ୍ରି କରାଯାଉଥିଲା। ଏହି ଘଟଣାରେ ପୋଲିସ ଗୋଦାମ ମାଲିକ ଆକାଶ ଅଗ୍ରୱାଲଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଜଣଙ୍କୁ ଅଟକ ରଖିଛି। ଏ ନେଇ ଥାନାରେ ୩୧/୨୧ରେ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ କରାଯାଉଛି ବୋଲି ପୋଲିସ କହିଛି। ସୂଚନାଯୋଗ୍ୟ, ହିନ୍ଦୁସ୍ଥାନ ଲିଭର୍ କମ୍ପାନୀ ପକ୍ଷରୁ ଅଇଁଠାପାଲି ଥାନାରେ ନକଲି ସର୍ଫ ତିଆରି କରାଯାଇ ବିକ୍ରି କରାଯାଉଥିବା ଅଭିଯୋଗ ହୋଇଥିଲା। ଅତିରିକ୍ତ ଏସ୍‌ପି ଅମରେଶ ପଣ୍ଡା, ଅଇଁଠାପାଲି ଥାନା ଅଧିକାରୀ ଯୋଗେଶ ପଣ୍ଡାଙ୍କୁ ନେଇ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ଅତର୍କିତ ଚଢ଼ାଉ ସମୟରେ ନକଲି ସର୍ଫ ତିଆରି କରି ପ୍ୟାକିଂ କରାଯାଉଥିବା ଦେଖିବାକୁ ପାଇଥିଲା। ଘଟଣାସ୍ଥଳରୁ ୨୪୪ ବସ୍ତା ନକଲି ସର୍ଫ (ସର୍ଫ ଏକ୍ସେଲ୍) ପ୍ୟାକେଟ ଜବତ ହୋଇଥିଲା। ପ୍ରତ୍ୟେକ ବସ୍ତାରେ ୯୦ ଗ୍ରାମ ଓଜନର ୧୨୦ ପ୍ୟାକେଟ ରହିଛି। ପ୍ରତି ପ୍ୟାକେଟକୁ ବଜାରରେ ୧୦ ଟଙ୍କାରେ ବିକ୍ରି କରାଯାଉଥିଲା। ଘଟଣାରେ ଅନ୍ୟ କେତେଜଣ ସମ୍ପୃକ୍ତ ଥିବା ନେଇ ତଦନ୍ତ କରାଯାଉଛି ବୋଲି ଥାନା ଅଧିକାରୀ ପଣ୍ଡା କହିଛନ୍ତି।

## ୬.୫ ଲକ୍ଷର ଗଞ୍ଜେଇ ଜବତ: ଜଣେ ଗିରଫ

ପାରାଦୀପ,୧୬।୧(ସ୍ୱ.ପ୍ର.)

ପାରାଦୀପ ଅବକାରୀ ବିଭାଗ ପକ୍ଷରୁ ଶୁକ୍ରବାର ରାତିରେ ତିର୍ତ୍ତୋଲ ଥାନା ଅନ୍ତର୍ଗତ ନାଳିଆ ସାହି ଗ୍ରାମରେ ଚଢ଼ାଉ କରାଯାଇ ୬୫ କିଲୋଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ଏହି ଅଭିଯୋଗରେ ଜଣଙ୍କୁ ଗିରଫ କରାଯାଇ ଶନିବାର କୋର୍ଟ ଚାଲାଣ କରାଯାଇଛି। ସେ ହେଲେ ଭବାନୀ ଶଙ୍କର ମହାନ୍ତି। ସେ ତାଙ୍କ ଘର ଓ ବାଡ଼ିରେ ଏସବୁ ଗଞ୍ଜେଇ ରଖିଥିଲେ ବୋଲି ଏସ.ଆଇ. ପ୍ରଭାକର ସେଠୀ କହିଛନ୍ତି। ଜବତ ଗଞ୍ଜେଇର ମୂଲ୍ୟ ୬.୫୦ଲକ୍ଷ ଟଙ୍କା ବୋଲି ସେ ସୂଚନା ଦେଇଛନ୍ତି। ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କ ନିର୍ଦ୍ଦେଶ କ୍ରମେ ଏହି ଚଢ଼ାଉ କରାଯାଇଥିଲା।

## ଭର୍ଚୁଆଲ ଟୁର୍‌ରେ ଦେଖିହେବ ଲାଞ୍ଜିଆ ସଉରାଙ୍କ ପୋଷାକ

ଭୁବନେଶ୍ୱର,୧୬।୧(ବ୍ୟୁରୋ)

ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ପକ୍ଷରୁ ଅଗଷ୍ଟ ୨ରୁ ପ୍ରତ୍ୟେକ ରବିବାର ରାଜ୍ୟ ଜନଜାତି ସଂଗ୍ରହାଳୟକୁ ଭର୍ଚୁଆଲ ଟୁର୍‌ର ବ୍ୟବସ୍ଥା କରାଯାଇଛି। ଜାନୁୟାରୀ ୧୭ରେ ଦର୍ଶକମାନେ ଭିଡିଓ ଯୋଗେ ଲାଞ୍ଜିଆ ସଉରାଙ୍କ ପୋଷାକ ସମ୍ପର୍କରେ ଜାଣିପାରିବେ ବୋଲି ଅନୁସୂଚିତ ଜାତି, ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ନିର୍ଦ୍ଦେଶକ ଅଖିଳ ବିହାରୀ ଓତା ପ୍ରକାଶ କରିଛନ୍ତି। ଗଜପତି ଓ ରାୟଗଡ଼ା ଜିଲାରେ ଲାଞ୍ଜିଆ ସଉରା ଜନଜାତି ସମ୍ପ୍ରଦାୟ ମୁଖ୍ୟତଃ ବସବାସ କରିଥାଆନ୍ତି। ଏହି ଜନଜାତି ପୁରୁଷମାନେ ସେମାନଙ୍କ ନିଆରା ପୋଷାକ ଯୋଗୁ ଚିହ୍ନା ପଡ଼ନ୍ତି। ସେମାନେ ସୂତା ଲୁଗା ସହ ଧଳା ଲିଓନ କପଡ଼ାରେ ନାଲି ଧଡ଼ି 'ଆର୍‌ସି ଓଲେକାନ' ପରିଧାନ କରିଥାଆନ୍ତି। ପୃଷ୍ଠଭାଗ ଲୁଗା ଲାଞ୍ଜ କିମ୍ବା ଲାଞ୍ଜିଆ ଭଳି ପରିଧାନ କରାଯାଇଥାଏ। ଏହି ସମ୍ପ୍ରଦାୟ ବସ୍ତ୍ର ଝୁଲାଇ ପରିଧାନ କରୁଥିବାରୁ ସେମାନଙ୍କୁ ଲାଞ୍ଜିଆ ସଉରା ନାମରେ ନାମିତ କରାଯାଇଛି। ମହିଳାମାନଙ୍କ ପୋଷାକ ଧଳା ସୂତା ସ୍କାର୍ଟ ଆଣ୍ଠୁ ପର୍ଯ୍ୟନ୍ତ ଲମ୍ବିଥାଏ। ଶରୀରର ଉପର ଭାଗକୁ ଆଉ ଏକ ବସ୍ତ୍ର କିମ୍ବା ବ୍ଲାଉଜ୍ ବ୍ୟବହାର କରିଥାନ୍ତି। ଏହି ସାଧାରଣ ପୋଷାକରେ ଦୃଷ୍ଟି ଆକର୍ଷଣ ନିମନ୍ତେ ଲାଞ୍ଜିଆ ସଉରା ଜନଜାତି ମହିଳାମାନେ କାଠରେ ତିଆରି କାନ ପ୍ଲଗ୍ ପିନ୍ଧିଥାନ୍ତି। ଏହା ସେମାନଙ୍କୁ ଶବ୍ଦରୁ ସୁରକ୍ଷା ଦେଇଥାଏ । ସେମାନେ ମୁଣ୍ଡରେ ଏକ ବନ୍ ପିନ୍ ପରିଧାନ କରିଥାନ୍ତି ଓ ତାହାକୁ ଅସ୍ତ୍ରଭାବେ ମଧ୍ୟ ବ୍ୟବହାର କରାଯାଇଥାଏ। ସୌନ୍ଦର୍ଯ୍ୟ ବୃଦ୍ଧି ନିମନ୍ତେ ସେମାନେ ଅନେକ ଚେନ୍ ବ୍ୟବହାର କରିଥାନ୍ତି। ବହୁ ପୂର୍ବରୁ ସେମାନେ ମଧ୍ୟ ମୁହଁରେ ଚିତା କୁଟାଉଥିଲେ।



ରାଜ୍ୟ ଜନଜାତି ସଂଗ୍ରହାଳୟ

## ଟାୟାର ଜାଳି ରାସ୍ତା ଅବରୋଧ କଲେ ଚାଷୀ

ଛତ୍ରପୁର,୧୬।୧(ଡି.ଏନ୍.ଏ.)

ଛତ୍ରପୁର ବ୍ଲକ ପୋଡ଼ାପଦର ଗ୍ରାମର ଶତାଧିକ ଚାଷୀ ଶନିବାର ବିଭିନ୍ନ ଦାବି ନେଇ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଫଳରେ ଛତ୍ରପୁର – ବଡମାଧପୁର ମୁଖ୍ୟରାସ୍ତାରେ ୩ ଘଣ୍ଟା ଯାତାୟାତ ବନ୍ଦ ରହିଥିଲା। ବୁଝାଶୁଝା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି।

ଗାଁର ଶତାଧିକ ଚାଷୀ ଧାନ ଅମଳ କରି ସାରିଥିଲେ ମଧ୍ୟ ଧାନକିଣା ଯାଉନାହିଁ। ଏ ନେଇ କିଛିଦିନ ତଳେ ଚାଷୀମାନେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇଥିଲେ। ତଥାପି କୌଣସି ପଦକ୍ଷେପ ନିଆଗଲାନି। ଏପରିକି ଚାଷୀଙ୍କୁ ନ ଜଣାଇ ଅନ୍ୟ ଏକ ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠୀକୁ ଚଳିତବର୍ଷ ଧାନ କିଣିବା ପାଇଁ ଚୁକ୍ତି କରାଯାଇଛି। ସେହିପରି ୭ରୁ ୮ କି.ମି. ଦୂରରେ ଥିବା ମିଲର ଧାନ ନେବାକୁ ଚୁକ୍ତି ହୋଇଛି। ସେଠାକୁ ଗାଡି ଭଡା ଦେଇ ଧାନ ନେବା ବୋଝ ଉପରେ ଲଳିତା ବିଡା ସଦୃଶ୍ୟ। ଗ୍ରାମର ୧୫ ଚାଷୀଙ୍କ ଟୋକନ ଆସିଥିଲେ ବି ଧାନ କିଣାଯାଉ ନାହିଁ। ଟୋକେନ୍ ଅବଧି ସରିଲେ ଧାନ ବିକିବା ସମ୍ଭବ ହୋଇପାରିବ ନାହିଁ ବୋଲି ଚାଷୀମାନେ କହିଛନ୍ତି। ୫ବର୍ଷ ହେଲା ଚାଷୀଙ୍କୁ ଅଖା ବାବଦ ଟଙ୍କା ଓ ଗାଡି ଭଡା ମିଳିନାହିଁ। ଏସବୁର ପ୍ରତିବାଦ ଜଣାଇ ଟାୟାର ଜାଳି ରାସ୍ତା ଅବରୋଧ କରାଯାଇଥିଲା। ଏସିସିଓ ପିତାମ୍ବର ସେଠୀ ଓ ବ୍ଲକ ଏମଆଇ ଜୟରାମ ଲେଙ୍କା ପହଞ୍ଚି ଚାଷୀଙ୍କୁ ବୁଝାଇଥିଲେ। ପରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଧାନ ସଂଗ୍ରହ କରିବାରୁ ରାସ୍ତା ଅବରୋଧ ହଟିଥିଲା।



ରାସ୍ତା ଅବରୋଧ କରାଯାଇଛି।

**e-procurement Notice**

**OFFICE OF THE NOTIFIED AREA COUNCIL, GOPALPUR**

Tender Call Notice No.:- 80 dt.: 15.01.21

**Bid Identification No.:- 03/2020-21**

Bid document consisting of work, estimated cost, cost of Tender paper, E.M.D., time of completion, class of contractors and the set of terms and condition and condition of contract and other necessary documents can be seen in Govt. website i.e. www.tendersorissa.gov.in

| | |
|---|---|
| Total Number of Civil works | 4 Nos. |
| Estimated Cost | Rs.4.00 to Rs.16.00 lakhs |
| Date & time of availability of Bid Documents in the portal | 11.00 A.M. of dt. 18.01.2021 to 6.00 P.M. of dt. 28.01.2021 for online bidding |
| Last Date of receive of Bid through Online | 6.00 P.M. of dt. 28.01.2021 |
| Date of opening of Bid | 11.00 A.M. on Dt. 01.02.2021 |

Sd./- Executive Officer, N.A.C., Gopalpur

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |



ତାନ୍ତ୍ରିକ ଶକ୍ତିର ବାଦ୍‌ଶାହା
ବାବା ମୟୁର ସାହା
ସ୍ୱତନ୍ତ୍ର ବଶୀକରଣ, ବ୍ୟବସାୟ, ପ୍ରେମ ବିବାହ, ସ୍ୱାମୀ-ସ୍ତ୍ରୀ ସମସ୍ୟା, ଶତ୍ରୁ ସମସ୍ୟା, ସ୍ୱପ୍ନରେ ଖେଳିବା ଇତ୍ୟାଦି ପାଇଁ ସମସ୍ତ ସ୍ଥାନରୁ ନିରାଶରେ ଫେରିଥିଲେ ଥରେ ମାତ୍ର ସାକ୍ଷାତ କରନ୍ତୁ । ସମସ୍ତ ପ୍ରକାର ସମସ୍ୟାରୁ ମୁକ୍ତିପାଇଁ ୧୦୦% ଫଳ ମିଳିବ ।
SAHEED NAGAR, RUPALI SQUARE, BHUBANESWAR
Ph.: 8144114249

ନିଜର ଜମିକୁ ରୋଜଗାରର ମାଧ୍ୟମରେ ପରିଣତ କରନ୍ତୁ
DIGITAL DEVICES
କମ୍ପାନୀ ଦ୍ୱାରା ଖାଲି ଜମି, ଛାତ, ଖେତ ଓ ପ୍ଲଟ୍‌ରେ ସିଧାସଳଖ କମ୍ପାନୀ ସିନିୟର ଅଧିକାରୀଙ୍କ ସହ କଥା ହୋଇ



5G ମୋବାଇଲ୍ ଟାୱାର୍ ଲଗାନ୍ତୁ
ଅଗ୍ରିମ : 85 ଲକ୍ଷ
ଭଡା : 1,10,000/-
Contact : Swati-9990677851

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ସମ୍ବଲପୁରୀ ବସ୍ତ୍ରାଳୟ



ପବିତ୍ର ମକର ଓ ପୋଙ୍ଗଲ ଉପଲକ୍ଷେ
ସରକାରୀ ରିହାତି
10% + 20%
ଅବଧି
ତା୦୯।୦୧।୨୦୨୧ରୁ ତା୨୬।୦୧।୨୦୨୧ ପର୍ଯ୍ୟନ୍ତ
ନୂତନ ବସ୍ତ୍ରର ସମ୍ଭାର
ସମ୍ବଲପୁରୀ, ବମକେଇ, ଖଣ୍ଡୁଆ ଶାଢ଼ୀ, ଟସର ବସ୍ତ୍ର ତଥା ଲୁଙ୍ଗି, ଗାମୁଛା, ବେଡ୍‌ସିଟ୍, ସୁଟ ସେଟ୍ ଇତ୍ୟାଦି
ଏହି ରିହାତି ସମ୍ବଲପୁରୀ ବସ୍ତ୍ରାଳୟର ରାଜ୍ୟ ଭିତରେ ଥିବା ସମସ୍ତ ବିକ୍ରୟ କେନ୍ଦ୍ର, ବିକ୍ରୟ ପ୍ରତିନିଧିମାନଙ୍କଠାରେ ଉପଲବ୍ଧ ଅଟେ।

**୫୩ କେଜି ଗଞ୍ଜେଇ ଜବତ: ୨ ଗିରଫ**

କାଲିମେଲା,(ଡି.ଏନ.ଏ.)- କାଲିମେଲା ପୋଲିସ ଶୁକ୍ରବାର ରାତିରେ ପାଟ୍ରୋଲିଂ କରୁଥିବା ସମୟରେ ଏମ୍‌ଭି-୬୩ ଛକ ନିକଟରୁ ୫୩ କେଜି ଗଞ୍ଜେଇ ଜବତ କରିଛି। ଏହି କାରବାରରେ ବ୍ୟବହୃତ ଗାଡି (ସି.ଜି. ୦୪ ଜେଡି-୫୩୩) ଜବତ ହୋଇଛି। ୨ ଜଣଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ ମୟୂର ଖୁଣ୍ଟିଆ ଓ ମନୋଜ ଶର୍ମା। ଉଭୟଙ୍କ ଘର ଛତିଶଗଡର ରାୟପୁର ଅଞ୍ଚଳରେ। କେସ୍ ନଂ. ୧୭/୨୧ରେ ଏକ ମାମଲା ରୁଜୁ ହୋଇଛି। ଏସଆଇ ଏଟଏସ ବେନିଆଙ୍କ ନେତୃତ୍ୱରେ ପାଟ୍ରୋଲିଂ ଚାଲିଥିବା ବେଳେ ଗଞ୍ଜେଇ ଚୋରା ଚାଲାଣ ଧରାପଡିଛି।

## ସଂକ୍ଷେପରେ

### ଭେଣ୍ଟିଲେଟର ତାଡି ଚୋରି ଉଦ୍ୟମ

ନବରଙ୍ଗପୁର,୧୬।୧(ବି.ପ୍ର.) ନବରଙ୍ଗପୁରସ୍ଥିତ କୋଣାର୍କ ଆଇଟିଆଇର କାର୍ଯ୍ୟାଳୟର ଭେଣ୍ଟିଲେଟର ତାଡି ଚୋରି ଉଦ୍ୟମ କରାଯାଇଛି। ଶୁକ୍ରବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଥିବା ଅନୁମାନ କରାଯାଉଛି। ଶନିବାର ସକାଳୁ ଆଇଟିଆଇର ନିର୍ଦ୍ଦେଶକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଏହା ଦେଖିବାପରେ ନବରଙ୍ଗପୁର ଥାନାଧିକାରୀଙ୍କୁ ଜଣାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

### ଆୟାପ୍ପା ସଂଘର କର୍ମକର୍ତ୍ତା ଚୟନ

ଉମରକୋଟ,୧୬।୧(ସ୍ୱ.ପ୍ର.) ଉମରକୋଟସ୍ଥିତ ପେଣ୍ଡ୍ରାଣୀ ମନ୍ଦିର ପ୍ରାଙ୍ଗଣରେ ଉମରକୋଟ ଆୟାପ୍ପା ସେବା ସଂଘର ନୂତନ କାର୍ଯ୍ୟକର୍ତ୍ତା ଚୟନ କରାଯାଇଛି। ନଳିନୀ ରଞ୍ଜନ ମିଶ୍ର ସଭାପତି, କୋଟେଶ୍ୱର ପଟ୍ଟନାୟକ ଉପସଭାପତି, ଇତିନ ପଣ୍ଡା ସମ୍ପାଦକ, ଶ୍ରୀନିବାସ ରାଓ ଉପସମ୍ପାଦକ ସନ୍ତୋଷ ପଣ୍ଡାଙ୍କୁ କୋଷାଧକ୍ଷଭାବେ ମନୋନୀତ କରାଯାଇଛି। ଉପଦେଷ୍ଟାଭାବେ ସତ୍ୟ ସୁନ୍ଦର ସାମଲ, କୁମାର ସ୍ୱାମୀ, ଆନନ୍ଦ ରାଓ, ରାଜେଶ ରାଜୁଙ୍କୁ ଚୟନ କରାଯାଇଛି। ସୁରେଶ ରାଓ, ଅମିତ ସ୍ୱାମୀ, ପିଣ୍ଟୁ ମହାପାତ୍ର, ଟିଂକୁ ସ୍ୱାମୀ, ପିଣ୍ଟୁ ଶତପଥୀ ପ୍ରମୁଖ ଆୟୋଜକ ଭାବେ ଉପସ୍ଥିତ ଥିଲେ।

### ବ୍ଲକ କଂଗ୍ରେସ କର୍ମକର୍ତ୍ତା ଚୟନ

ଉମରକୋଟ, ୧୬।୧(ସ୍ୱ.ପ୍ର.) - ଉମରକୋଟରେ ବରିଷ୍ଠ କଂଗ୍ରେସ ନେତା ଇଷା ଲାଠିଆଙ୍କ ତତ୍ତ୍ୱାବଧାନରେ ଏକ ବୈଠକ କରାଯାଇଛି। ଉମରକୋଟ ନଗର କଂଗ୍ରେସ ସଭାପତିଭାବେ ମାର୍କଣ୍ଡ ସାହୁ ଏବଂ ଉପସଭାପତି ଭାବେ ଏସ୍ ବିଜୟ କୁମାରଙ୍କୁ ନିର୍ବାଚିତ କରାଯାଇଛି। ପୂର୍ବତନ କାଉନ୍‌ସିଲର ନୀଳମାଧବ ନାୟକ ଯୁବ କଂଗ୍ରେସ ସଭାପତି, କୃଷ୍ଣଚନ୍ଦ୍ର ନାୟକ ଛାତ୍ର କଂଗ୍ରେସ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଆଗାମୀ ଦିନରେ ପୌରପରିଷଦରେ ହେଉଥିବା ଦୁର୍ନୀତିକୁ ଜୋରସୋର ବିରୋଧ କରାଯିବ ବୋଲି ଯୁବ କଂଗ୍ରେସ ସଭାପତି କହିଛନ୍ତି। ଉମରକୋଟରେ ଦଳକୁ ସୁଦୃଢ଼ କରାଯିବ ବୋଲି ନଗର ସଭାପତି କହିଛନ୍ତି। ବୈଠକରେ ଜିଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ, ଜିଲା ଯୁବ କଂଗ୍ରେସ ସଭାପତି ଅଖିଳ ଭତ୍ରା, ରାଜ୍ୟ ଯୁବ କଂଗ୍ରେସ ସମ୍ପାଦକ ଦ୍ୱାରିକା ମହାପାତ୍ର, ତପନ ଦେବନାଥ, ବିଷମ ହରିଜନଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

### ମୃତ୍ତିକା ସଂରକ୍ଷଣ, ଜଳ ବିଭାଜିକା ନିର୍ଦ୍ଦେଶକଙ୍କ କୋରାପୁଟ ଜିଲା ଗସ୍ତ

ଜୟପୁର,୧୬।୧(ନି.ପ୍ର.)- ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ନିର୍ଦ୍ଦେଶକ ହେମନ୍ତ କୁମାର ପଣ୍ଡା ୨ଦିନିଆ କୋରାପୁଟ ଜିଲା ଗସ୍ତରେ ଶନିବାର ଆସିଛନ୍ତି। ଫାର୍ମପଣ୍ଡ ଯୋଜନା କୃଷି ସହିତ ଆନୁଷଙ୍ଗିକ କୃଷି କ୍ଷେତ୍ରରେ ଆୟ ବୃଦ୍ଧି ଦିଗରେ ବିଶେଷ ସହାୟକ ହୋଇପାରୁ ଥିବାରୁ ସରକାର ଫାର୍ମପଣ୍ଡ ଖନନକୁ ପ୍ରାଥମିକତା ଦେଉଛନ୍ତି। ପ୍ରାରମ୍ଭିକ ପର୍ଯ୍ୟାୟରେ ଜୟପୁର ବ୍ଲକ ଫାମ୍ପୁଣି ପଞ୍ଚାୟତର ଗଉଡ଼ଗୁଡ଼ା ଗ୍ରାମକୁ ପରିଦର୍ଶନ କରି ଗ୍ରାମରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଶେଷ ହୋଇଥିବା ୭ଟି ଫାର୍ମପଣ୍ଡ ଖନନ କାର୍ଯ୍ୟ ଦେଖିଥିଲେ। ଏହି କାର୍ଯ୍ୟ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା କରାଯାଇଥିଲା। ବ୍ୟବସ୍ଥା ଅନୁଯାୟୀ ସେମାନଙ୍କୁ ଆର୍ଥିକ ପ୍ରୋତ୍ସାହନ ମିଳିବ ବୋଲି ସେ ପ୍ରକାଶ କରିଥିଲେ। ଜିଲା ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଭବାନୀ ଶଙ୍କର କାଲୋ, କଫି ଉନ୍ନୟନ ଉପନିର୍ଦ୍ଦେଶକ ଶୈଳେନ୍ଦ୍ର କୁମାର ନାୟକ, ଉପନିର୍ଦ୍ଦେଶକ ଅଶୋକ କୁମାର ସେନାପତିଙ୍କ ସହ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

### ୮୦ ଲକ୍ଷ ଗଞ୍ଜେଇ ଗଛ ନଷ୍ଟ

ଚିତ୍ରକୋଣ୍ଡା,୧୬।୧(ଡି.ଏନ୍.ଏ.)- ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଥାନା ପୋଲିସ ଏବଂ ଜିଲା ଅବକାରୀ ବିଭାଗର ମିଳିତ ଉଦ୍ୟମରେ ଚିତ୍ରକୋଣ୍ଡା ଥାନା ଅନ୍ତର୍ଗତ ଗୁଣ୍ଠାୱାଡ଼ା ପଞ୍ଚାୟତର ଆର୍‌ଏସ୍‌ସି -୧୫, ଦାତନୁଗୁଡ଼ା ଗ୍ରାମ ନିକଟ ଜମି ଓ ଜଙ୍ଗଲ ଜମିରୁ ୮୦ଲକ୍ଷ ଗଞ୍ଜେଇ ଗଛ ନଷ୍ଟ କାରାଯାଇଥିବା ଜଣାପଡ଼ିଛି। ୫୦ ଏକର ଜମିରୁ ଗଞ୍ଜେଇ ଗଛ ନଷ୍ଟ କରାଯାଇଥିବାବେଳେ ଏହାର ମୂଲ୍ୟ ୮କୋଟିରୁ ଉର୍ଦ୍ଧ୍ୱ ଟଙ୍କା ହେବ ବୋଲି ଚିତ୍ରକୋଣ୍ଡା ଥାନାଧିକାରୀ ସୂର୍ଯ୍ୟ ପ୍ରକାଶ ନାୟକ ସୂଚନା ଦେଇଛନ୍ତି।

# ଧାନବସ୍ତା ରଖି ଚାଷୀଙ୍କ ରାସ୍ତାରୋକୋ

ନବରଙ୍ଗପୁର/ଚନ୍ଦାହାଣ୍ଡି, ୧୬।୧(ବି.ପ୍ର./ଡି.ଏନ୍.ଏ.)


ଚାଷୀମାନେ ରାସ୍ତାରୋକୋ କରିଛନ୍ତି।

**ମଣ୍ଡିରେ ଅବ୍ୟବସ୍ଥା**
- ୧୫ ଦିନ ହେବ ଉଠୁନି ଧାନ
- ଚାଷୀଙ୍କ ସହ ଆଲୋଚନା କଲେ ପ୍ରଶାସନ ଓ ପୋଲିସ
- ୫ ଦିନରେ ମଣ୍ଡିରୁ ଉଠିବ ସମସ୍ତ ଧାନ

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକର ୪ଟି ମଣ୍ଡିରୁ ଚାଷୀଙ୍କ ଧାନ ଉଠୁନାହିଁ। କୁଇଣ୍ଟାଲ ପିଛା ୩ କିଲୋ ଧାନ କଟାଯାଉଛି। ଚାଷୀଙ୍କୁ ଅଖା ଯୋଗାଇବା ନିୟମ ରହିଥିବା ବେଳେ ତାହା ମିଳୁନି। ମଣ୍ଡିରେ ଧାନ ବିକିବାର ୨୪ଘଣ୍ଟା ମଧ୍ୟରେ ଚାଷୀଙ୍କ ଆକାଉଣ୍ଟକୁ ଟଙ୍କା ଆସିବା ବ୍ୟବସ୍ଥା ରହିଛି। ଏଠାରେ ଏଥିରେ ମଧ ବ୍ୟତିକ୍ରମ ଦେଖାଦେଉଛି। ମଣ୍ଡିରେ ବିଭିନ୍ନ ଅବ୍ୟବସ୍ଥା ରହିଛି। ଏହା ବିରୋଧରେ ଶନିବାର ଚାଷୀ ନିଜର ହକ୍ ପାଇଁ ଚନ୍ଦାହାଣ୍ଡି ହନୁମାନ ମନ୍ଦିର ଛକ ନିକଟ ମୁଖ୍ୟ ରାସ୍ତା ଉପରେ ଧାନବସ୍ତା ରଖି ଅପରାହ୍ନ ୧ଟାରୁ ରାସ୍ତାରୋକ କରିଛନ୍ତି। ତହସିଲଦାର ହୃଦାନନ୍ଦ ସିଂ ମାଝି, ଲ୍ୟାମ୍ପସ ଏମ୍‌ଡି ଉମେଶ ଚନ୍ଦ୍ର ତ୍ରିପାଠୀ, ଚନ୍ଦାହାଣ୍ଡି ଯୋଗାଣ ନିରୀକ୍ଷକ ଦେବେନ୍ଦ୍ର ସେଠିଆ, ଆର୍‌ଏମ୍‌ସି କର୍ମଚାରୀ ଓ ଚନ୍ଦାହାଣ୍ଡି ଥାନାଧିକାରୀ ପରମାନନ୍ଦ ସୁନାନୀ, ଏଏସ୍‌ଆଇ ବିଜୁରାମ ବାଘ, ଅମର ମିଶ୍ର, ସନ୍ତୋଷ ପାତ୍ର ଘଟଣାସ୍ଥଳରେ ପହଞ୍ଚି ଚାଷୀଙ୍କ ସହ ଆଲୋଚନା କରିଥିଲେ। ସମସ୍ତ ଚାଷୀଙ୍କ ଧାନ ମଣ୍ଡିରୁ ଉଠିବା ପାଇଁ ପ୍ରଶାସନ ଲିଖିତ ପ୍ରତିଶ୍ରୁତି ଦେଲେ ଆନ୍ଦୋଳନ ହଟିବ ବୋଲି ଚାଷୀମାନେ କହିଥିଲେ।

ବ୍ଲକର ଚନ୍ଦାହାଣ୍ଡି, ପୂଜାରିଗୁଡା, କୋଇଲିମୁଣ୍ଡା ଓ ଧଡିପାଣି ମଣ୍ଡିରେ ୧୫ ଦିନ ହେବ ଚାଷୀଙ୍କ ଧାନ ପଡିରହିଛି। ଚନ୍ଦାହାଣ୍ଡି ବ୍ଲକରେ ୩୪୫୩ ଜଣ ଚାଷୀ ଧାନ ବିକ୍ରି ପାଇଁ ନାମ ପଞ୍ଜୀକରଣ କରିଛନ୍ତି। ୨ ଲକ୍ଷ କୁଇଣ୍ଟାଲ ଧାନ କିଣାଯିବାକୁ ଲକ୍ଷ୍ୟ ରହିଛି। ଏବେ ୧୫ ଦିନ ହେବ ମିଲର୍ସ ମଣ୍ଡିରୁ ଧାନ ଉଠାଉନାହାନ୍ତି। ମିଲର୍ସ ଧାନ ନ ଉଠାଇବାରୁ ଚାଷୀ ସେମାନଙ୍କ ପ୍ରାପ୍ୟ ପାଇ ପାରୁନାହାନ୍ତି। କେତେକ ଚାଷୀ ମଣ୍ଡିରେ ଧାନ ଦେବା ପରେ ମଧ ସେମାନେ ତାହାର ଟଙ୍କା ପାଇନାହାନ୍ତି ବୋଲି ଅଭିଯୋଗ ହୋଇଛି। ମଣ୍ଡିରେ ଚାଷୀଙ୍କୁ ପାଣି, ଚେୟାର ଓ ଟାର୍ପୋଲିନ ଯୋଗାଯାଉନି। କୁଇଣ୍ଟାଲ ପିଛା ୩ କିଲୋ ଧାନ କଟାଯାଉଛି ଓ ଚାଷୀଙ୍କୁ ଅଖା ଦିଆଯାଉ ନାହିଁ। ଏହି ଟଙ୍କା କାହା ପକେଟକୁ ଯାଉଛି ତାହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଦାବି ହୋଇଛି। ଆର୍‌ଏମ୍‌ସି ପକ୍ଷରୁ ଚାଷୀଙ୍କୁ ପାଣି ଓ ବସିବା ପାଇଁ ବ୍ୟବସ୍ଥା ନାଁରେ ଅର୍ଥ ବ୍ୟୟ ହେଉଛି। ତେବେ ଏହି ସୁବିଧା ମଣ୍ଡିରେ ନାହିଁ। ତାହା ମଧ ତଦନ୍ତ କରାଯାଉ ବୋଲି ଦାବି ହୋଇଛି। ଚାଷୀ ନେତା ଖେମରାଜ ବାଘ, ଦିଲୀପ ଦାସ, ମୋତିଲାଲ ହଂସ, ଛୁମେଶ୍ୱର ହଂସ, ଡମ୍ବରୁ ଧର ହରିଣା, ପୀତାମ୍ବର ନାୟକ, ଅମରୁ ନାୟକ, ବଂଶୀ ଝଙ୍କାର, ରସିକ ନାଗ, ସଦାନନ୍ଦ କାଣ୍ଡ, ଜୟଦେବ ନିଆଲ, ଜଗଦୀଶ ବାଘଙ୍କ ସମେତ ଶତାଧିକ ଚାଷୀ ରାସ୍ତାରୋକୋ କରିଥିଲେ। ଅଧିକାରୀ ଓ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଚାଷୀଙ୍କ ସହ ଆଲୋଚନା କରି ୫ ଦିନରେ ଧାନ ଉଠାଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ପରେ ଏହି ଧାରଣା ହଟିଥିଲା। ସନ୍ଧ୍ୟା ସୁଦ୍ଧା ୯ଟି ଟ୍ରକ ଧାନ ଉଠାଇବାକୁ ପହଞ୍ଚିଥିବା ଜଣାପଡିଛି।

# ୧୮ରେ କୃଷକ ମହିଳା ଦିବସ

ନବରଙ୍ଗପୁର,୧୬।୧(ବି.ପ୍ର.)

ରାଷ୍ଟ୍ରୀୟ କିଷାନ ମଜଦୁର ମହାସଂଘ ନବରଙ୍ଗପୁର ଜିଲା ଶାଖା ପକ୍ଷରୁ ୧୮ରେ ହିର୍ଲିସ୍ଥିତ ନୂତନ ମଣ୍ଡେଇ ପଡିଆରେ କୃଷକ ମହିଳା ଦିବସ ପାଳିତ ହେବ। ଅବିଭକ୍ତ କୋରାପୁଟ ଓ ଜିଲାର ୧୦ ବ୍ଲକରୁ ଚାଷୀମାନେ ଏଥିରେ ଯୋଗଦେବେ। ନବରଙ୍ଗପୁର ଜିଲାରରେ କୃଷକ ମହିଳା ଦିବସ ପ୍ରଥମ ଥର ପାଇଁ ଆୟୋଜିତ ହେବାକୁ ଯାଉଛି ବୋଲି ସଂଘର ଜିଲା ସଭାପତି ଦିବାକର ପୂଜାରୀ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ କୃଷକଙ୍କ ସମସ୍ୟା, କେନ୍ଦ୍ର ସରକାରଙ୍କ କୃଷି ଆଇନ୍ ସମ୍ପର୍କରେ ଆଲୋଚନା କରାଯିବ ବୋଲି ରାଜ୍ୟ ମହାସଂଘର ସଭାପତି ସଚିନ ମହାପାତ୍ର କହିଛନ୍ତି। କୃଷକଙ୍କ ପ୍ରତି ଦରଦ ନ ଥାଇ କେନ୍ଦ୍ର ସରକାର କମ୍ପାନୀ ହାତରେ ଦେଶକୁ ଟେକି ଦେବାକୁ ଯାଉଛନ୍ତି ବୋଲି ସେ କହିଛନ୍ତି। ଜିଲା ସମ୍ପାଦକ ଭଗବାନ ବୈରାଗୀ ଚାଷୀଙ୍କ କଷ୍ଟ, ଶ୍ରମ ଓ ଉତ୍ପାଦନ ଉପରେ ଆଲୋକପାତ କରିଥିଲେ। ନବରଙ୍ଗପୁର ଜିଲାରେ ଚାଷୀଙ୍କ ଉତ୍ପାଦିତ ଦ୍ରବ୍ୟ ପାଇଁ ମଣ୍ଡି ବ୍ୟବସ୍ଥା ନାହିଁ। ଫଳରେ ଚାଷୀ ମକା, ଆଖୁ ଆଦିକୁ ସରକାରଙ୍କ ଧାର୍ଯ୍ୟ ମୂଲ୍ୟରୁ କମ୍‌ରେ ବିକ୍ରି କରିବାକୁ ବାଧ ହେଉଛନ୍ତି। ଖବରଦାତା ସମ୍ମିଳନୀରେ ରାଜ୍ୟ କମିଟି ସଦସ୍ୟ ଦୁର୍ଗା ପରିଡା, ରବି ସାହୁ, ସନାତନ ପ୍ରଧାନ, ସତ୍ୟଜିତ ପ୍ରଧାନ, ନବରଙ୍ଗପୁର ବ୍ଲକ ସଭାପତି ନରହରୀ ମାଝି, ଉପସଭାପତି ଦେବେନ୍ଦ୍ର ନାଗ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ରାଷ୍ଟ୍ରୀୟ କିଷାନ ମଜଦୁର ମହାସଂଘର ସଦସ୍ୟମାନେ।

# ଲୋକଙ୍କୁ ଉଚିତ ନ୍ୟାୟ ଦେବା ଆଇନଜୀବୀଙ୍କ କର୍ତ୍ତବ୍ୟ

କୋରାପୁଟ,୧୬।୧(ସ୍ୱ.ପ୍ର.)


ଜେଏମ୍‌ଏଫ୍‌ସି କୋର୍ଟକୁ ବିଚାରପତି ଜଷ୍ଟିସ କୃଷ୍ଣରାମ ମହାପାତ୍ର ଉଦ୍‌ଘାଟନ କରୁଛନ୍ତି।

**ଲମତାପୁଟ ଜେଏମ୍‌ଏଫ୍‌ସି କୋର୍ଟ ଉଦ୍‌ଘାଟିତ**

ଲମତାପୁଟ ଜେଏମ୍‌ଏଫ୍‌ସି କୋର୍ଟ କୋରାପୁଟଠାରେ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ଜଷ୍ଟିସ କୃଷ୍ଣରାମ ମହାପାତ୍ର ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଜନସାଧାରଣଙ୍କୁ ଉଚିତ ନ୍ୟାୟ ଦେବା ସମସ୍ତ ଆଇନଜୀବୀଙ୍କ କର୍ତ୍ତବ୍ୟ ହେବା ଆବଶ୍ୟକ ବୋଲି ପ୍ରକାଶ କରି କୋର୍ଟ ହେଉଛି ଏକ ମନ୍ଦିର ସଦୃଶ, ଏହାର ଗରିମା ବଜାୟ ରଖିବାକୁ ଜଷ୍ଟିସ ମହାପାତ୍ର ଉପସ୍ଥିତ ଆଇନଜୀବୀମାନଙ୍କୁ ପରାମର୍ଶ ଦେଇଥିଲେ। ଦୂରଦୂରାନ୍ତ ତଥା ଗ୍ରାମାଞ୍ଚଳର ଲୋକଙ୍କୁ ତ୍ୱରିତ ନ୍ୟାୟ ଦେବା ଉଦ୍ଦେଶ୍ୟରେ ପ୍ରତ୍ୟେକ ବ୍ଲକ ସଦର ମହକୁମାରେ କୋର୍ଟ ପ୍ରତିଷ୍ଠା କରାଯାଉଛି। ଲମତାପୁଟରେ ଭିତ୍ତିଭୂମି ସୁବିଧା ନ ଥିବାରୁ ଏହା କୋରାପୁଟ କୋର୍ଟ ପରିସରରେ କାର୍ଯ୍ୟ କରିବ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଜଜ୍ ବିମଳ କୁମାର ଚାନ୍ଦ, ଅତିରିକ୍ତ ଜିଲା ଦୌରାଜଜ୍ ଅଜୟ କୁମାର ପ୍ରଧାନ, ସବ୍‌ଜଜ୍ ହୃଷୀକେଶ ସାହୁ, ରେଜିଷ୍ଟ୍ରାର ଶରତ କୁମାର ଜେନା, ଅତିରିକ୍ତ ଜିଲାପାଳ ଦେବେନ କୁମାର ପ୍ରଧାନ, ଏସ୍‌ପି ବରୁଣ ଗୁଣ୍ଟୁପାଲି, ରାଜ୍ୟ ବିହନ ନିଗମ ଅଧ୍ୟକ୍ଷ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ବିଧାୟକ ରଘୁରାମ ପଡ଼ାଲ ପ୍ରମୁଖ ଉପସ୍ଥିତ ଥିଲେ। ଓକିଲ ସଂଘ ସଭାପତି ଅଜିତ କୁମାର ପାତ୍ର ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ମନୋରଞ୍ଜନ ରାଉତରାୟ ପରିଚାଳନା କରିଥିଲେ। ଉପସଭାପତି ନୃପେନ୍ଦ୍ର ନାରାୟଣ ବାଙ୍ଗ, ବରିଷ୍ଠ ସଦସ୍ୟ ଟି. ନାରାୟଣ ମୂର୍ତ୍ତି, ନିହାର ରଞ୍ଜନ ପଟ୍ଟନାୟକ, ଗୁପ୍ତେଶ୍ୱର ପାଣିଗ୍ରାହୀ, ଉତ୍ତମ ମିଶ୍ର, ଅଶୋକ ଷଡ଼ଙ୍ଗୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। କୋର୍ଟ ଉଦ୍‌ଘାଟନ କାର୍ଯ୍ୟକ୍ରମ ପୂର୍ବରୁ ଜଷ୍ଟିସ ମହାପାତ୍ରଙ୍କୁ ପୋଲିସ ବାହିନୀ ପକ୍ଷରୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା।

### ଜିଲା କୋର୍ଟରେ ସମୀକ୍ଷା କଲେ ହାଇକୋର୍ଟ ବିଚାରପତି

ଜୟପୁର,୧୬।୧(ନି.ପ୍ର.)

ଜୟପୁରସ୍ଥିତ ଜିଲା କୋର୍ଟରେ ଶନିବାର ହାଇକୋର୍ଟର ବିଚାରପତି କେ.ଆର୍. ମହାପାତ୍ର ପହଞ୍ଚି ସମୀକ୍ଷା କରିଥିଲେ। ଜିଲା ଜଜ୍ ବିମଳ କୁମାର ଚାନ୍ଦ, ଭିଜିଲାନ୍ସ ଜଜ୍ ରାଜେଶ କୁମାର ନାୟାର, ସ୍ୱତନ୍ତ୍ର ଜଜ୍ ଭିଜିଲାନ୍ସ ଶ୍ରୀକାନ୍ତ ମିଶ୍ର, ପରିବାରିକ କୋର୍ଟ ଜଜ୍ ଦିଗାମ୍ବର ପୁଷ୍ଟି ଚିଫ୍ ଜୁଡିସିଆଲ ମାଜିଷ୍ଟ୍ରେଟ ପ୍ରଣତି ପଟ୍ଟନାୟକ, ରେଜିଷ୍ଟ୍ରାର କମ୍ ସ୍ପେଶାଲ ଟ୍ରାକ୍ କୋର୍ଟ ଶରତ କୁମାର ଜେନା, ସିନିୟର ଡିଭିଜନ ସିଭିଲ ଜଜ୍ ମୁସରତ ଜାହିନ, ଡିଏଲ୍‌ଏସ୍‌ଏ ସେକ୍ରେଟାରି ଶୋଭା ଗୌତମ ମିଶ୍ର, ସବ୍ ଡିଭିଜନାଲ ଜୁଡିସିଆଲ ମାଜିଷ୍ଟ୍ରେଟ ଜନ୍ମେଜୟ ପଲେଇ, ଜୁଡିସିଆଲ ମାଜିଷ୍ଟ୍ରେଟ ଫାଷ୍ଟକ୍ଲାସ୍ ଭାନୁ ପ୍ରତାପ ମିଶ୍ର, ସୁନୀତା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ହାଇକୋର୍ଟର ବିଚାରପତିଙ୍କ ଗସ୍ତ ସମୟରେ ଓକିଲ ସଂଘର ସଭାପତି ସରୋଜ ଦାସ, ଉପସଭାପତି ହରିଶ ମୁଦୁଲି, ସମ୍ପାଦକ ଆନନ୍ଦ ରଥ, କେ. ଦିବାକର ରାଓ, ନାନାଜୀ ଆଚାରୀ, ବଳରାମ ଖରା ପ୍ରମୁଖ ଆଇନଜୀବୀ ଉପସ୍ଥିତ ଥିଲେ।

# ସାମାନ୍ୟ ବଚସାରୁ ସାଙ୍ଗକୁ ହତ୍ୟାକଲା ସାଙ୍ଗ

ନବରଙ୍ଗପୁର/ତେନ୍ତୁଳିଖୁଣ୍ଟି, ୧୬।୧(ବି.ପ୍ର./ଡି.ଏନ୍.ଏ.)

- ଚେନ୍ନାଇରୁ ଆସିଲା ମୃତଦେହ
- ଦୋଷୀଙ୍କୁ ଦଣ୍ଡ ଦାବିକରି ଗାଁରେ ଟାପା ଉତ୍ତେଜନା

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ଥାନା ଅଧୀନ ହିର୍ଲାଗୁଡ଼ା ଗ୍ରାମର କେତନ ହରିଜନ ଓ ବନମାଳୀ ହରିଜନ ଦାଦନ ଖଟିବାକୁ ଚେନ୍ନାଇ ଯାଇଥିଲେ। ସେଠାରେ ଗତ ୧୩ ତାରିଖରେ ଉଭୟଙ୍କ ମଧ୍ୟରେ କୌଣସି କଥାକୁ ନେଇ ବଚସା ହୋଇଥିଲା। ସେଥିରେ ଉତ୍କ୍ଷିପ୍ତ ହୋଇ କେତନଙ୍କୁ ବନମାଳି ଧାରୁଆ ଛୁରୀରେ ଆକ୍ରମଣ କରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଚେନ୍ନାଇସ୍ଥିତ ଏକ ଡାକ୍ତରଖାନରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ କେତନଙ୍କ ମୃତ୍ୟୁ ହୋଇଥିଲା। କେତନଙ୍କ ପରିବାର ନବରଙ୍ଗପୁର ଜିଲାପାଳ, ଏସ୍‌ପି, ନବରଙ୍ଗପୁର ବିଧାୟକ ଓ ଡାବୁଗାଁ ବିଧାୟକଙ୍କୁ ଭେଟି ମୃତଦେହ ଆଣିବାକୁ ଅନୁରୋଧ କରିଥିଲେ। ସମସ୍ତଙ୍କ ସହଯୋଗରେ ସେଠାରୁ ଏକ ଆମ୍ବୁଲାନ୍ସ ଯୋଗେ ଶନିବାର ହିର୍ଲାଗୁଡ଼ାକୁ ମୃତଦେହ ଆସିଥିଲା। କେତନଙ୍କ ମୃତଦେହ ଆସିବା ପରେ ପରିବାର ଲୋକେ ନ୍ୟାୟ ଓ କ୍ଷତିପୂରଣ ଦାବିକରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଅଭିଯୁକ୍ତଙ୍କୁ ଧରି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି। ଥାନାଧିକାରୀ, ଜଣେ ଏସ୍‌ଡିପିଓ, ନବରଙ୍ଗପୁର ବିଧାୟକ ଓ ଡାବୁଗାଁ ବିଧାୟକ ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ସତ୍କାର କରାଯାଇଥିଲା।

# ମାଲକାନଗିରି: ପ୍ରଥମ ପର୍ଯ୍ୟାୟରେ ୩ଶହ ନେଲେ ଟିକା


ଜିଲାପାଳ ଟିକାଦାନ କେନ୍ଦ୍ରକୁ ଉଦ୍‌ଘାଟନ କରୁଛନ୍ତି।

ମାଲକାନଗିରି, ୧୬।୧(ଡି.ଏନ୍.ଏ.)

ମାଲକାନଗିରି ଜିଲାରେ ଶନିବାର କରୋନା ଟିକାକରଣ ଆରମ୍ଭ ହୋଇଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ଜିଲାପାଳ ୱାଇ. ବିଜୟ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରଫୁଲ୍ଲ କୁମାର ନନ୍ଦ, ବରିଷ୍ଠ ଭେଷଜ ବିଶେଷଜ୍ଞ ତଥା କୋଭିଡ୍ ନୋଡାଲ ଅଧିକାରୀ କୃଷ୍ଣଚନ୍ଦ୍ର ମହାପାତ୍ର ଉପସ୍ଥିତ ଥିଲେ। ସେହିପରି କୋରୁକୋଣ୍ଡା, ମାଥିଲିରେ ମଧ ଟିକାକରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ସ୍ୱାସ୍ଥ୍ୟକର୍ମୀ, ଏଏନ୍.ଏମ୍., ଓ ସଫେଇ କର୍ମଚାରୀ ଏହି ଟିକା ନେଇଛନ୍ତି। ଦ୍ୱିତୀୟ ପର୍ଯ୍ୟାୟରେ ପୋଲିସ ଓ ଅନ୍ୟ କରୋନା ଯୋଦ୍ଧାଙ୍କୁ ଟିକା ପ୍ରଦାନ କରାଯିବ ବୋଲି ଡା. ନନ୍ଦ କହିଛନ୍ତି।

### ଟ୍ରେନ୍ ଧକ୍କାରେ ଯୁବକ ମୃତ

ବିଷମକଟକ/ମୁନିଗୁଡ଼ା,୧୬।୧(ଡି.ଏନ୍.ଏ.) ରାୟଗଡ଼ା ଜିଲା ବିଷମକଟକ ଥାନା ତଥା ମୁନିଗୁଡ଼ା ଜିଆର୍‌ପି ଅଧୀନ ମଟକାବାଡ଼ି ନିକଟ ରେଳ ଲାଇନରେ ଟ୍ରେନ୍ ଧକ୍କାରେ ଶନିବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନୟାଗଡ଼ ଜିଲା ଓଡ଼ଗାଁର ବିଜୟ କୁମାର ଆଚାରୀ(୩୦)। ସୂଚନା ଅନୁଯାୟୀ, ବିଜୟ କିଛି ଦିନ ହେଲା ମଟକାବାଡ଼ିସ୍ଥିତ ଏକ କୁକୁଡ଼ା ଫାର୍ମ ପରିଚାଳନା ଦାୟିତ୍ୱରେ ଥିଲେ। ଶନିବାର ସକାଳେ ଫାର୍ମହାଉସରୁ ବାହାରି ରେଳ ଲାଇନ ଦିଗକୁ ଯାଉଥିବା ସ୍ଥାନୀୟ ଲୋକେ ଦେଖିଥଲେ। ପରେ ଟ୍ରେନ୍‌ରେ କଟି ତାଙ୍କର ମୃତ୍ୟୁ ହୋଇଥିବା ରାୟପୁରରୁ ବିଶାଖାପାଟଣା ଯାଉଥିବା ଏକ ମାଲ୍‌ବାହୀ ଟ୍ରେନ୍‌ର ଲୋକୋପାଇଲଟ୍ ଷ୍ଟେଶନ ମାଷ୍ଟରଙ୍କୁ ଖବର ଦେଇଥିଲେ। ମୁନିଗୁଡ଼ା ରେଲୱେ ପୋଲିସ ପହଞ୍ଚି ମୃତଦେହ ଜବତ କରିଛି। ତେବେ ବିଜୟଙ୍କ ପରିବାର ଲୋକେ ପହଞ୍ଚିନ ଥିବାରୁ ମୃତଦେହ ସଂରକ୍ଷିତ ରଖାଯାଇଛି ବୋଲି ଏଏସ୍‌ଆଇ ମକର ସାହୁ ସୂଚନା ଦେଇଛନ୍ତି।

# ଚାଷୀଙ୍କଠାରୁ ଧାନ କିଣାଯାଉ ନ ଥିବା ଅଭିଯୋଗ

ଦଶମନ୍ତପୁର, ୧୬।୧ ( ଡି.ଏନ୍.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକରେ ଲ୍ୟାମ୍ପସ ପକ୍ଷରୁ ମଣ୍ଡିରେ ଧାନକିଣାରେ ଚାଷୀଙ୍କୁ ପାତରଅନ୍ତର କରାଯାଉଥିବା ଅଭିଯୋଗ ହେଉଛି। ଲ୍ୟାମ୍ପସ କର୍ତ୍ତୃପକ୍ଷ ଏବଂ କେତେଜଣ କର୍ମଚାରୀ ଦଲାଲଙ୍କ ସହ ସଲାସୁତୁରା କରି ଚାଷୀଙ୍କଠାରୁ ଧାନ କିଣୁନାହାନ୍ତି। ଦଶମନ୍ତପୁର ବ୍ଲକରେ ଥିବା ୧୬ଟି ପଞ୍ଚାୟତ ମଧ୍ୟରୁ ଦଶମନ୍ତପୁର ଲ୍ୟାମ୍ପସ ଉପରେ ୮ଟି ପଞ୍ଚାୟତର ଚାଷୀ ନିର୍ଭର କରିଥାନ୍ତି। ୮ ପଞ୍ଚାୟତରେ ୪୩୩ଜଣ ଚାଷୀ ଲ୍ୟାମ୍ପସରେ ପଞ୍ଜୀକୃତ ହୋଇଥିବା ବେଳେ ମାତ୍ର ୧୨୮ ଚାଷୀଙ୍କଠାରୁ ଟୋକନ ଦ୍ୱାରା ଧାନ ସଂଗ୍ରହ କରାଯାଉଥିବା ଲ୍ୟାମ୍ପସ ପକ୍ଷରୁ କୁହାଯାଇଛି। କିନ୍ତୁ ଉପଯୁକ୍ତ ଚାଷୀଙ୍କୁ ଟୋକନ ମିଳି ନ ଥିବା ଜଣାପଡ଼ିଛି। ତେବେ ଟୋକନ ପାଇଥିବା ଚାଷୀଙ୍କଠାରୁ ମଣ୍ଡିରେ ଏଯାଏ ଧାନ କିଣା ଯାଉ ନ ଥିବା ଚାଷୀ ଅଭିଯୋଗ କରିଛନ୍ତି। ଏ ନେଇ ଶନିବାର ଲ୍ୟାମ୍ପସଠାରେ ଚାଷୀମାନେ ଏକାଠି ହୋଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ଧାନ ଯାଞ୍ଚ କରିବାକୁ ଆସିଥିବା ଅଧିକାରୀ ପ୍ରଫୁଲ୍ଲ ଦେବତାଙ୍କୁ ଭାଜପା କର୍ମୀମାନେ ଘେରାଉ କରିଥିଲେ। ମୁଁ ଧାନ ଯାଞ୍ଚ ପାଇଁ ଆସିଛି ମଣ୍ଡିରେ ଧାନ କିଣାରେ ମୁଁ ସାମିଲ ନୁହେଁ କହି ଦେବତା ଭାଜପା କର୍ମୀମାନଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ। ଏ ସମ୍ପର୍କରେ ପଚାରିବା ଲାଗି ଲ୍ୟାମ୍ପସ ଏମ୍‌ଡି ପ୍ରଫୁଲ୍ଲ କୁମାର ମିଶ୍ରଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ସେ ଫୋନ ଉଠାଇ ନ ଥିଲେ।

### ଛଟେଇ ସିକ୍ୟୁରିଟି ଗାର୍ଡଙ୍କ ସମସ୍ୟା ନେଇ ୨୧ରେ ଆଲୋଚନା

ଜୟପୁର,୧୬।୧(ନି.ପ୍ର.)– ଓପିସିଏଲରୁ ଛଟେଇ ହୋଇଥିବା ସିକ୍ୟୁରିଟି ଗାର୍ଡମାନେ ସେମାନଙ୍କୁ ନିଯୁକ୍ତି ଦାବିରେ ଗତ ୩ ଦିନ ହେଲା ଧାରଣାରେ ବସିଥିଲେ। ଆସନ୍ତା ୨୧ ରେ ସିକ୍ୟୁରିଟି ସଂସ୍ଥାର ଏମଡି, ଜିଲା ଶ୍ରମ ଅଧିକାରୀଙ୍କ ଉପସ୍ଥିତିରେ ସେମାନଙ୍କ ସମସ୍ୟା ନେଇ ଆଲୋଚନା ହେବ। ଏଥିରେ ସମାଧାନର ପନ୍ଥା ବାହାର କରାଯିବ ବୋଲି ଜିଲା ଶ୍ରମ ଅଧିକାରୀ ପ୍ରସନ କୁମାର ପାଣିଗ୍ରାହୀ ପ୍ରତିଶ୍ରୁତି ଦେଇଛନ୍ତି। ଫଳରେ ଧାରଣାରେ ବସିଥିବା ସିକ୍ୟୁରିଟି ଗାର୍ଡମାନେ ଧାରଣା ପ୍ରତ୍ୟାହାର କରିନେଇଛନ୍ତି।

# ଖଣି ଖନନକୁ ଗ୍ରାମବାସୀଙ୍କ ବିରୋଧ

ପଟ୍ଟାଙ୍ଗୀ,୧୬।୧(ଡି.ଏନ.ଏ.)

**ପ୍ରତି ଗ୍ରାମରେ ବୈଠକ କରି ସଚେତନ କରୁଛି ସେରୁବନ୍ଧ ସୁରକ୍ଷା ସଂଘ**

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକରେ ଥିବା ଖଣି, ପାହାଡ଼କୁ ସୁରକ୍ଷା ଦେବାକୁ ପୁଣି ଥରେ ଅଣ୍ଟା ଭିଡ଼ିଛି ସେରୁବନ୍ଧ ସୁରକ୍ଷା ସଂଘ। ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ସେରୁବନ୍ଧ ଖଣି, ପାହାଡ଼ ଖନନ ନେଇ ସମସ୍ତ ପ୍ରକାର ପ୍ରସ୍ତୁତି ସରିଛି। ଏନେଇ ବିଗତ ଦିନରେ ନାଲ୍‌କୋ ପକ୍ଷରୁ ଗ୍ରାମାଞ୍ଚଳରୁ ଆରମ୍ଭକରି ବ୍ଲକ ସ୍ତରରେ ପଲ୍ଲିସଭା ଓ ଗ୍ରାମସଭା ହୋଇଥିଲା। ଏହାକୁ ଦୁଇଟି ବ୍ଲକର ୬ ପଞ୍ଚାୟତ ବାସିନ୍ଦା ବିରୋଧ କରିଥିଲେ। ଏହା ସତ୍ତ୍ୱେ ରାଜ୍ୟ ସରକାର ଗ୍ରାମାଞ୍ଚଳର ସମସ୍ୟାକୁ ଗୁରୁତ୍ୱ ନ ଦେଇ ନାଲ୍‌କୋକୁ ସେରୁବନ୍ଧ ଖଣି ଖନନ କରିବା ଦିଗରେ ସହଯୋଗ କରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ସେରୁବନ୍ଧ ସୁରକ୍ଷା ସଂଘ ଖଣି ଓ ପାହାଡ଼ ନିକଟରେ ବସବାସ କରୁଥିବା ୬୬ଟି ଗ୍ରାମର ଗ୍ରାମବାସୀଙ୍କ ନିକଟରେ ପହଞ୍ଚି ଏକ ବୈଠକ କରି ସୁରକ୍ଷା କମିଟି ଗଠନ କରିଛି। ପାହାଡ଼ ଭିତରେ ରହିଥିବା ଔଷଧୀୟ ଗଛ କିପରି ନଷ୍ଟ ନ ହେବ, ଜୀବଜନ୍ତୁ କିପରି ପ୍ରଭାବିତ ନ ହେବେ ଏବଂ ଜଙ୍ଗଲ ଜମି ଉପରେ ନିର୍ଭର କରୁଥିବା ଗ୍ରାମବାସୀ ଯେପରି ନିଜ ଜୀବିକା ନ ହରାଇବେ ସେଥିପ୍ରତି ଗୁରୁତ୍ୱ ଦେବା ଆମର ଲକ୍ଷ୍ୟ ବୋଲି ସେରୁବନ୍ଧ ସୁରକ୍ଷା ସଂଘର ସଭାପତି ରବି ଖରା ଓ ପୂର୍ବତନ ସଭାପତି ଭଗବାନ ଗୋଲରି କହିଛନ୍ତି। ମାଳିପୁଟ ପଞ୍ଚାୟତର ସିପାଇପୁଟ ଗ୍ରାମରେ ହୋଇଥିବା ବୈଠକରେ ସଂଘର ସାଧୁ ଗୁଣ୍ଠା, ସିଙ୍ଗୁରୁ ଗୁଣ୍ଠା, ବୈଦ୍ୟନାଥ ଗେମେଲ, କୋରାପୁଟ ଜିଲା ସୁରକ୍ଷା ସଂଘ ସଭାପତି ଦାସୀ ନନ୍ଦିବାଲି, ମାଳି ପର୍ବତ ସୁରକ୍ଷା ସମିତି ସଭାପତି ବିଜୟ ଖିଲ, ହରି ଝାଡୁଦାର, କିତା ଗୁଣ୍ଠା, ରାଜୁ ଗୁଣ୍ଠା, କମୁଲୁ ଖରା, ମୁରଲୀ ଗୁଣ୍ଠାଙ୍କ ସମେତ ୨୦୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଉପସ୍ଥିତ ଥିଲେ। ସେରୁବନ୍ଧ ଖଣି ପାହାଡ଼କୁ ସୁରକ୍ଷା ଦେବାକୁ ସେମାନେ ଶପଥ ନେଇଥିଲେ।

# ପ୍ରଥମ ଦିନରେ ଟିକାନେଲେ ୨୮୬ ଜଣ

ନବରଙ୍ଗପୁର/ଉମରକୋଟ/ ପାପଡାହାଣ୍ଡି, ୧୬।୧ (ବି.ପ୍ର./ସ୍ୱ.ପ୍ର./ଡି.ଏନ୍.ଏ)




ଫାର୍ମାସିଷ୍ଟ ଜଗନ୍ନାଥ ରଥ ଟିକା ନେଉଛନ୍ତି। ଉମରକୋଟରେ ପ୍ରଥମେ ଟିକା ନେଇଥିବା କିଶୋର ନାୟକଙ୍କୁ ଉପଜିଲାପାଳ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରୁଛନ୍ତି।

ନବରଙ୍ଗପୁର ଜିଲାର ୪ଟି କେନ୍ଦ୍ରରେ ଶନିବାର ଟିକାକରଣ ଆରମ୍ଭ ହୋଇଛି। ଜିଲାପାଳ ଡ. ଅଜିତ କୁମାର ମିଶ୍ର ନବରଙ୍ଗପୁର ଜିଲା ସଦର ମହକୁମା ଡାକ୍ତରଖାନାରେ ଟିକାକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଜିଲା ସଦର ମହକୁମା ସମେତ ଉମରକୋଟ, ପାପଡାହାଣ୍ଡି ଓ ନନ୍ଦାହାଣ୍ଡି କେନ୍ଦ୍ରରେ ୨୮୬ ଜଣ ଟିକା ନେଇଥିବା ସୂଚନା ମିଳିଛି। ଟିକା ନେଇଥିବା କୌଣସି ବ୍ୟକ୍ତିଙ୍କଠାରେ ପାର୍ଶ୍ୱ ପ୍ରତିକ୍ରିୟା ନ ଥିଲା। ଜିଲାପାଳ ନିଜେ ଡାକ୍ତରଖାନା ପରିସରରେ ରହି ଅନୁଧ୍ୟାନ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ଅଭି ଭତରା ଓ ଫାର୍ମାସିଷ୍ଟ ଜଗନ୍ନାଥ ରଥ ପ୍ରଥମେ ଟିକା ନେଇଥିଲେ। ଟିକା ପାଇଁ ଜିଲାରେ ୯୩୪୫ ଜଣ ନାମ ପଞ୍ଜୀକରଣ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ୬୩୦୦ ଜଣଙ୍କୁ ଟିକା ଦିଆଯିବ। ଟିକାକରଣ କେନ୍ଦ୍ରରେ ସମ୍ଭାବ୍ୟ ପାର୍ଶ୍ୱପ୍ରତିକ୍ରିୟା ପାଇଁ ମେଡିକାଲ ଟିମ୍‌କୁ ପ୍ରସ୍ତୁତ ରଖାଯାଇଛି। ୭ ଦିନ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ଟିକାକରଣ ଚାଲିବ। କାର୍ଯ୍ୟକ୍ରମରେ ସିଡିଏମ୍‌ଓ ଚୌଧୁରୀ ଶୋଭାରାଣୀ ମିଶ୍ର, ଅତିରିକ୍ତ ଜିଲା ଚିକିତ୍ସାଧିକାରୀ (ପରିବାର ନିୟୋଜନ) ଆର୍. ବିଜୟ କୁମାର, ଏଡିଏମ୍‌ଓ (ମେଡିକାଲ) ସୁଶାନ୍ତ କୁମାର ବେହେରା, ଏଡିଏମ୍‌ଓ (ଜନସ୍ୱାସ୍ଥ୍ୟ) ମଳୟ କୁମାର ତ୍ରିପାଠୀ, ଜିଲା ଲେପର୍ସି ଅଫିସର ସୁକାନ୍ତ ଶତପଥୀ, ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲା ପ୍ରୋଗ୍ରାମ ମ୍ୟାନେଜର ସୁଶାନ୍ତ କୁମାର ପ୍ରହରାଜ ଓ ହସ୍ପିଟାଲ ମ୍ୟାନେଜର ରୂପସୀ ମଧୁମିତା ନାୟକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ନବରଙ୍ଗପୁର ଥାନାଧିକାରୀ ତାରିକ ଅହମ୍ମଦ, ଏଏସ୍‌ଆଇ ଅଶୋକ ଦେଓ ପ୍ରମୁଖ ଉପସ୍ଥିତ ଥିଲେ। ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୫୯ଜଣଙ୍କୁ ଟିକା ଦିଆଯାଇଛି। ୨୮ ଦିନ ପରେ ସେମାନଙ୍କୁ ପୁଣି ଦ୍ୱିତୀୟ ଡୋଜ ଦିଆଯିବ ବୋଲି ସୂଚନା ମିଳିଛି। ନବରଙ୍ଗପୁର ଜିଲା ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୬୬ ଜଣଙ୍କୁ ଟିକା ଦିଆଯାଇଛି। ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ଜିଲା ପରିଷଦ ଅଧ୍ୟକ୍ଷା ଭଗବତି ଭତରା, ବ୍ଲକ ଅଧ୍ୟକ୍ଷା ସେବତୀ ସାନ୍ତା, ଉପାଧ୍ୟକ୍ଷ ତ୍ରିନାଥ ପ୍ରଧାନ, ଉପଜିଲାପାଳ ଭାସ୍କର ରଇତ, ସିଡିଏମ୍‌ଓ ଶୋଭାରାଣୀ ମିଶ୍ର, ଏଡିଏମଓ ନୀଳମଣି ସେନାପତି, ମେଡିକାଲ ଇନଚାର୍ଜ ପ୍ରିୟରଞ୍ଜନ ବାହାଲି, ସିଡିପିଓ ଗୀତାରାଣୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସଫେଇ କର୍ମଚାରୀ କିଶୋର ନାୟକ ପ୍ରଥମେ ଟିକା ନେଇଥିଲେ।

ଧରିତ୍ରୀ
DHARITRI
ରାୟଗଡ଼ା, ରବିବାର, ଜାନୁୟାରୀ ୧୭, ୨୦୨୧



## ଏସ୍ଏସ୍ଡି ବିଦ୍ୟାଳୟ ଘଟଣା:ଜିଲାପାଳଙ୍କ ନିର୍ଦ୍ଦେଶରେ ତଦନ୍ତ ଆରମ୍ଭ

ଚିତ୍ରକୋଣ୍ଡା,(ଡି.ଏନ.ଏ.)-ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଏସଏସଡି ବିଦ୍ୟାଳୟ ପ୍ରଧାନଶିକ୍ଷକ ରବୀନ୍ଦ୍ର ନାଥ ସେଠୀଙ୍କ ବିରୋଧରେ ବିଦ୍ୟାଳୟର ୬ ଜଣ ଶିକ୍ଷୟିତ୍ରୀ, ମହିଳା କିରାଣି, ମାଟ୍ରନ, ୱାର୍ଡେନ ଓ ସିସି କର୍ମଚାରୀ ଆଣିଥିବା ଅଭିଯୋଗର ତଦନ୍ତ ଆରମ୍ଭ ହୋଇଛି। ପ୍ରଧାନଶିକ୍ଷକ ସେମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା, ପ୍ରତିବାଦ କଲେ ଅନ୍ୟତ୍ର ବଦଳି କରି ଦେବାକୁ ଧମକ ଦେଉଥିବା ନେଇ ମାଲକାନଗିରି ଜିଲାପାଳ ୱାଇ. ବିଜୟଙ୍କୁ ଜଣାଇଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶରେ ଶନିବାର ଜିଲା ମଙ୍ଗଳ ଅଧିକାରୀ ପ୍ରଦୀପ୍ତ ପଣ୍ଡା ଓ ଜିଲା ସମାଜ ମଙ୍ଗଳ ଅଧିକାରୀ ସୌଦାମିନୀ ପ୍ରଧାନ ଏସଏସଡି ବିଦ୍ୟାଳୟରେ ପହଞ୍ଚି ଅଭିଯୋଗର ତଦନ୍ତ କରିଛନ୍ତି। ଅଭିଯୋଗର ତଦନ୍ତ ଚାଲିଛି। ତଦନ୍ତ ପରେ ଜିଲାପାଳଙ୍କୁ ସବିଶେଷ ରିପୋର୍ଟ ଦେବୁ। ସେ ଯାହା କାର୍ଯ୍ୟାନୁଷ୍ଠାନ ନେବେ ବୋଲି ଉଭୟ ଅଧିକାରୀ ପ୍ରକାଶ କରିଛନ୍ତି।

# ଜିଲାରେ ଆରମ୍ଭ ହେଲା କରୋନା ଟିକାକରଣ

**କୋରାପୁଟ/ଜୟପୁର/ଦାମନଯୋଡ଼ି, ୧୬।୧ (ସ୍ୱ.ପ୍ର./ଡି.ଏନ୍.ଏ.)**

କରୋନା ବିରୋଧରେ ବିଶ୍ୱରେ ଆରମ୍ଭ ହୋଇଛି ସର୍ବବୃହତ୍ ଲଢ଼େଇ । ଶନିବାରଠାରୁ ଦେଶରେ ଆରମ୍ଭ ହୋଇଛି ଟିକାକରଣ। 'ହାରିବ କରୋନା–ଜିତିବ ଜୀବନ' ଏହି ବାର୍ତ୍ତା ଦେଇ ପ୍ରଧାନମନ୍ତ୍ରୀ ଭିଡିଓ କନଫରେନ୍ସ ଜରିଆରେ ଟିକାକରଣର ଶୁଭାରମ୍ଭ କରିବା ପରେ ଜିଲା ସଦର ମହକୁମାସ୍ଥିତ ଗାନ୍ଧୀନଗର ନିକଟରେ ଥିବା ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଟିକାକରଣ ଆରମ୍ଭ ହୋଇଥିଲା। ଏହି ସ୍ୱାସ୍ଥ୍ୟକେନ୍ଦ୍ରର ସଫେଇ କର୍ମଚାରୀ ପଦ୍ମନ ହରିଜନ ପ୍ରଥମେ ଟିକା ନେଇଥିଲେ। ଦ୍ୱିତୀୟରେ ଆଶାକର୍ମୀ ସୁଶୀଳା ଦାସ ଓ ତୃତୀୟରେ ଅଙ୍ଗନୱାଡିକର୍ମୀ ଲଳିତା ସୁନାନି କରୋନା ଟିକା ନେଇଥିଲେ। ଟିକା ନେବା ପରେ ସମସ୍ତେ ସୁସ୍ଥ ରହିଥିବା ଜଣାଯାଇଛି । ଏହି କେନ୍ଦ୍ରରେ ଶନିବାର ୧୦୦ ଜଣଙ୍କୁ ଟିକାକରଣ କରାଯିବାକୁ ଲକ୍ଷ୍ୟ ରଖାଯାଇଥିଲା। ଜିଲାପାଳ ମଧୁସୂଦନ ମିଶ୍ର, ସିଡିଏମ୍ଓ ଡା. ମକରନ୍ଦ ବେଉରା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜଗନ୍ନାଥ ପ୍ରସାଦ ରାୟଗୁରୁ, ପୌର ନିର୍ବାହୀ ଅଧିକାରୀ ଆଲୋକ ରଞ୍ଜନ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ । ଶନିବାର ଜିଲାର କୋରାପୁଟ ମେଡିକାଲ କଲେଜ, ବୋରିଗୁମ୍ମା ଓ ମାଥାଲପୁଟ ସିଏଚ୍ସି ଆଦି ୪ଟି ସ୍ଥାନରେ ଟିକାକରଣ କାର୍ଯ୍ୟକ୍ରମ ହୋଇଛି। ପ୍ରତ୍ୟେକ କେନ୍ଦ୍ରରେ ୧୦୦ ଜଣଙ୍କୁ ଟିକା ଦେବା ନେଇ ସମସ୍ତ ବ୍ୟବସ୍ଥା କରାଯାଇଛି। ଏବେ ଜିଲାକୁ ୮ ହଜାର ୩୦୦ କୋଭିଶିଲ୍ଡ ଟିକା ଆସିଛି ବୋଲି ସିଡିଏମ୍ଓ ବେଉରା କହିଛନ୍ତି।


କୋରାପୁଟରେ ଅଙ୍ଗନୱାଡି କର୍ମୀମାନେ ଟିକା ନେବା ପରେ ବିଶ୍ରାମ ନେଉଛନ୍ତି ।

ଜୟପୁରସ୍ଥିତ ଜିଲା ଚିକିତ୍ସାଳୟରେ ମଧ୍ୟ ସକାଳ ୧୦ଟାରୁ ୫ଟା ଯାଏ କରୋନା ଟିକା ପ୍ରଦାନ କରାଯାଇଛି । ଟିକାଦାନ କେନ୍ଦ୍ରକୁ ଜୟପୁର ଉପଜିଲାପାଳ ଦାୟିତ୍ୱରେ ଥିବା ପିଏ ଆଇଟିଡିଏ ଗୋପୀନାଥ ସାରକା ଉଦ୍‌ଘାଟନ କରିଥିଲେ । ଏଠାରେ ଶହେ ଜଣଙ୍କୁ ଟିକା ଦେବା ବ୍ୟବସ୍ଥା ହୋଇଥିଲା। ପ୍ରଥମ ଟିକା ସିକ୍ୟୁରଟି ସୁପରଭାଇଜର ଉମାକାନ୍ତ ଖରା ନେଇଥିଲେ । ସେ ଟିକା ନେବା ପରେ କିଛି ଅନୁଭବ କରିନାହାନ୍ତି। ଭୟ ମଧ ତାଙ୍କୁ ଲାଗି ନ ଥିଲା ବୋଲି ପ୍ରତିକ୍ରିୟାରେ କହିଛନ୍ତି ଉମାକାନ୍ତ। ଟିକାଦାନ କେନ୍ଦ୍ରରେ ୨ଟି ଆବଜର୍ଭେଶନ ରୁମ୍ କରାଯାଇଛି । ଟିକା ନେବା ପରେ ସେହିଠାରେ ଅଧଘଣ୍ଟା ବିଶ୍ରମ ନେବା ପରେ ଘରକୁ ଯିବା ବ୍ୟବସ୍ଥା ହୋଇଛି। କୋଭିଡ୍ ନିୟମ ଅନୁଯାୟୀ ସମସ୍ତେ ଟିକା ନେଇବାକୁ ଅପେକ୍ଷା କରିଥିଲେ। ଜିଲାରେ ୧୨ ହଜାର ଲୋକଙ୍କୁ ଟିକା ଦେବାକୁ ଲକ୍ଷ୍ୟ ରଖାଯାଇଛି। ବର୍ତ୍ତମାନ ୮ ହଜାର ଭାକ୍ସିନ ଆସିଛି । ଅବଶିଷ୍ଟ ଟିକା ଦ୍ୱିତୀୟ ପର୍ଯ୍ୟାୟରେ ଆସିବ। ଜଣେ ବ୍ୟକ୍ତି ୨ଟି ଟିକା ୨୮ ଦିନ ବ୍ୟବଧାନରେ ନେବେ ବୋଲି ଏଡିଏମ୍ଓ ଅରୁଣ ପାଢ଼ୀ କହିଛନ୍ତି। ଏହି ସମୟରେ ଟିକାଦାନ କେନ୍ଦ୍ରରେ ସୁପରିଣ୍ଟେଣ୍ଡେଣ୍ଟ ରବୀନ୍ଦ୍ର ମିଶ୍ର, ଡାକ୍ତର ରାମ ମହାନ୍ତି, ଆଶିଷ ପାଣିଗ୍ରାହୀ ପ୍ରମୁଖ ତଦାରଖ କରିଥିଲେ। ଦାମନଯୋଡ଼ି ନିକଟସ୍ଥ ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ ଶହେ ଜଣ ଟିକା ନେଇଥିଲେ। ଏନେଇ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିଲା।

# ଲାଲଗଡ଼ରେ ନୂଆ ବିଏସ୍ଏଫ୍ କ୍ୟାମ୍ପ


ବିଏସ୍ଏଫ୍ କ୍ୟାମ୍ପରେ ଏସ୍ପି ଓ ଯବାନମାନେ ଜାତୀୟ ପତାକା ଉତ୍ତୋଳନ କରୁଛନ୍ତି ।

**ମାଲକାନଗିରି, ୧୬।୧(ଡି.ଏନ୍.ଏ.)**

ମାଲକାନଗିରି ଜିଲା ଖଇରପୁଟ ବ୍ଲକ ବଣ୍ଡାଘାଟିର ଅଣ୍ଡ୍ରାହାଲଠାରେ ନୂତନ ଭାବେ ଶନିବାର ଏକ ବିଏସ୍ଏଫ୍ କ୍ୟାମ୍ପ ପ୍ରତିଷ୍ଠା ହୋଇଛି। ଫଳରେ ଏଠାରେ ଆଗକୁ ମାଓବାଦୀଙ୍କୁ ଦମନ କରାଯାଇପାରିବ। ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଆଗେଇପାରିବ ବୋଲି ଆଶା ପ୍ରକାଶ ପାଇଛି। ମାଲକାନଗିରି ଏସ୍ପି ହୃଷିକେଶ ଡି. ଖିଲାରିଙ୍କ ସହ ବିଏସ୍ଏଫର ବହୁ ଅଧିକାରୀ ଉପସ୍ଥିତ ଥିଲେ। ପୂର୍ବରୁ ସ୍ୱାଭିମାନ ଅଞ୍ଚଳର ଜୋଡାମ୍ବ, ପାପରମେଟଲା, ହନ୍ତାଳଗୁଡା ଭଳି ଦୁର୍ଗମ ଅଞ୍ଚଳରେ ବିଏସଏଫ କ୍ୟାମ୍ପ ପ୍ରତିଷ୍ଠା ହୋଇଛଇ। କରରି ଲୋକଙ୍କୁ ସୁର ୭। ଦେଇଥିବା ବେଳେ ଅତ୍ୟ' ଜନଜାତି ବାସ କରୁଥିବା ବଣ୍ଡାଘାଟିରେ ଅଣ୍ଡ୍ରାହାଲ ପଞ୍ଚାୟତରେ ବିଏସଏଫ ପହଞ୍ଚିବା ପରେ ୫ଟି ପଞ୍ଚାୟତବାସୀ ଉପକୃତ ହେବେ।

## ସଂକ୍ଷେପରେ

### ଦୁର୍ଘଟଣାର କାରଣ ପାଲଟିଛି ଜାତୀୟ ରାଜପଥ

ସୁନାବେଡା,୧୬।୧(ସ୍ୱ.ପ୍ର.)-କୋରାପୁଟ ଜିଲାର ସୁନାବେଡ଼ା ଓ ସେମିଳିଗୁଡ଼ା ସହର ଦେଇ ଯାଇଥିବା ଜାତୀୟ ରାଜପଥ ୨୬ର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇ ମରଣଯନ୍ତା ପାଲଟିଛି। ଘାଟିଗୁଡ଼ା ପାହାଡ଼ ପାଖ ରାସ୍ତା, ଟିମ୍ବର ବ୍ରିଜ୍ ନିକଟ ରାସ୍ତା,ପଚ୍ଛିକା ରାସ୍ତା, ଗେଷ୍ଟ ହାଉସ ରାସ୍ତା, ସେମିଳିଗୁଡ଼ା କଲେଜ ଛକ,ଓସିସି ନଗର ଛକ ସହ ଅନ୍ୟାନ୍ୟ ସ୍ଥାନରେ ଏହି ରାସ୍ତା ଅବସ୍ଥା ଏପରି ଖରାପ ହୋଇପଡ଼ିଛି ଯେ, ବାଇକ୍ରେ ଯାତାୟାତ କରିବା ସମ୍ଭବ ହେଉନାହିଁ। ଅନେକ ସମୟରେ ଦୁର୍ଘଟଣା ଘଟୁଛି। ଏହାକୁ ସୁଧାରିବାରେ ଜାତୀୟ ରାଜପଥ କର୍ତ୍ତୃପକ୍ଷ ବିଶେଷ ଧାନ ଦେଉ ନ ଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ଜାତୀୟ ରାଜପଥ ବିଭାଗ ଏସ୍ଡିଓ ପ୍ରଶାନ୍ତ କୁମାର ପାତ୍ରଙ୍କୁ ପଚାରିବାରୁ ସେ କହିଲେ, ଜାତୀୟ ରାଜପଥ କାର୍ଯ୍ୟ ଉଭୟ ପଡ଼ୋଶୀ ରାଜ୍ୟ ଛତିଶଗଡ଼ ଏବଂ ଆନ୍ଧ୍ରର ଓଡ଼ଶା ବର୍ଡ଼ରଠାରୁ କାର୍ଯ୍ୟ ଆରମ୍ଭ ହୋଇଯାଇଛି। ଖୁବ୍ଶୀଘ୍ର ଘାଟଗୁଡ଼ାଠାରୁ ଦାମନଯୋଡ଼ି ଛକ ପର୍ଯ୍ୟନ୍ତ ମରାମତି କରାଯିବ।

### ଜିଲାପାଳ କଲେ ଭାରତମାଳା ପ୍ରକଳ୍ପର ସମୀକ୍ଷା

କୋରାପୁଟ,୧୬।୧(ସ୍ୱ.ପ୍ର.)- କେନ୍ଦ୍ର ଜାତୀୟ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ଭାରତମାଳା ଏକ୍ସପ୍ରେସ୍ ହାଇୱେ ପ୍ରକଳ୍ପର ସମୀକ୍ଷା ଜିଲାପାଳ ମଧୁସୂଦନ ମିଶ୍ର କରିଛନ୍ତି। ଡିଆର୍ଡିଏ ସଦ୍ଭାବନା ସଭାଗୃହରେ ଆୟୋଜିତ ବୈଠକରେ ଜିଲାପାଳଙ୍କ ସହ ଏସ୍ପି ବରୁଣ ଗୁଣ୍ଟୁପାଲି, ଉପଜିଲାପାଳ ଲଳିତ କୁମାର କହଁର, ଜୟପୁର ଉପଜିଲାପାଳ ହେମକାନ୍ତ ସାଏ , ଜାତୀୟ ରାଜପଥ ବିଭାଗର ନିର୍ବାହୀଯନ୍ତ୍ରୀ ଓ ଅନ୍ୟାନ୍ୟ ବିଭାଗର ଅଧିକାରୀମାନେ ଉପସ୍ଥିତ ରହିଥିଲେ। ଭାରତମାଳା ପ୍ରକଳ୍ପରେ ଯାଉଥିବା ଜଙ୍ଗଲ ଜମିରେ କେତେ ଗଛ ରହିଛି ତାହା ତୁରନ୍ତ ସର୍ଭେ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ ।

### ଜଳସେଚନ କଲୋନି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍ଯାପିତ ଏମ୍ପିଭି ୮୧ ବିଜୟୀ

ଏମ୍ଭି ୭୯,୧୬।୧(ଡି.ଏନ୍.ଏ.)- ମାଲକାନଗିରି ଜିଲା ମୋଟୁ ତହସିଲ ଅନ୍ତର୍ଗତ ଏମ୍ଭି-୭୯ ଗ୍ରାମ ବିଏସ୍ଏଫ୍ ପଡ଼ିଆରେ ଚାଲିଥିବା ଜଳସେଚନ କଲୋନି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍ଯାପିତ ହୋଇଯାଇଛି। ଶନିବାର ଫାଇନାଲ ମ୍ୟାଚ୍ ଆୟୋଜକ ଦଳ ଜଳସେଚନ କଲୋନି ଓ ଏମ୍ପିଭି-୮୧ ମଧରେ ହୋଇଥିଲା। ଏମ୍ପିଭି ୮୧ ଦଳ ୫ ଉଇକେଟରେ ବିଜୟୀ ହୋଇଥିଲା। ବିଜୟୀ ଦଳର ହରିଚାନ୍ଦ ଢାଲିଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ମ୍ୟାଚକୁ ମିଲନ ହାଲ୍ଦାର ଓ କିଶୋର ସୁନା ଅମ୍ପାୟର ରୂପେ ପରିଚାଳନା କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅଶୋକ କୁମାର ଜେନା, ସମ୍ମାନିତ ଅତିଥି ଭାବେ ଜଳସେଚନ ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁଧାଂଶୁ ଶେଖର ସେନାପତି, ମାନସ ରଞ୍ଜନ ଜେନା, ଜିତେନ୍ଦ୍ର ଷଡ଼ଙ୍ଗୀ, ରଞ୍ଜିତ ମହାରଣା, ଧବଳେଶ୍ୱର ରାଉତ ଓ ପୁଷୁଗୁଡ଼ା ସିଆର୍ସିସି ପ୍ରମୁଖ ଯୋଗ ଦେଇଥିଲେ । ଟୁର୍ଣ୍ଣାମେଣ୍ଟକୁ ଶିବରାମ ନାଗ, ଜଗା ପଟି, ହରିଚାନ୍ଦ ଦାସ, ସୁନାଥନ ମାଛ,ଆକାଶ ହିଆଲ, ଦେବେନ୍ଦ୍ର କ୍ଷେତ୍ରୀ, ରାଜା ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### ଜିଲାସ୍ତରୀୟ ଶିଳ୍ପ ଓ ଏମ୍ଏସ୍ଏମ୍ଇ କର୍ମଶାଳା

ସୁନାବେଡ଼ା,୧୬।୧(ସ୍ୱ. ପ୍ର.)-ଓଡ଼ିଶା ଦକ୍ଷତା ବିକାଶ କ୍ଷମତା ଏବଂ ଜିଲା ଦକ୍ଷତା ବିକାଶ ସମିତି ଆନୁକୂଲ୍ୟରେ ଶନିବାର ସୁନାବେଡ଼ା ହାଲ୍ ପରିସରସ୍ଥ ବୈଷୟିକ ତାଲିମ କେନ୍ଦ୍ରଠାରେ ଜିଲାସ୍ତରୀୟ ଶିଳ୍ପ ଏବଂ ଏମ୍ଏସ୍ଏମ୍ଇ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପିଡି ଡିଆର୍ଡିଏ ପ୍ରବୀର କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ କର୍ମଶାଳାକୁ ଉଦ୍ଘାଟନ କରିଥିଲେ। ସ୍ଥାନୀୟ ଯୁବତୀଯୁବକଙ୍କୁ ଦକ୍ଷତା ତାଲିମ ବିକାଶ ଯୋଜନାରେ ସ୍ଥାନୀୟ ଶିଳ୍ପାୟନଗୁଡ଼ିକରେ କର୍ମନିଯୁକ୍ତିରେ ପ୍ରୋତ୍ସାହନ ମିଳିବା ଆବଶ୍ୟକ ବୋଲି ନାୟକ କହିଥିଲେ। ଅନ୍ୟ ଅତିଥିମାନଙ୍କ ମଧରେ ନାଲ୍କୋର ଜେନେରାଲ ମ୍ୟାନେଜର ଏଚ୍ ଆଣ୍ଡ ଏ ଅମରେନ୍ଦ୍ର କୁମାର ମିଶ୍ର, କୋରାପୁଟ ଲିଡ୍ବ୍ୟାଙ୍କର ମୁଖ୍ୟ ପ୍ରବନ୍ଧକ ଗୌର ଚନ୍ଦ୍ର ଶତପଥୀ, ଜୟପୁର ଚାମ୍ବର ଅଫ୍ କମର୍ସର ଡାଇରେକ୍ଟର ଲକ୍ଷ୍ମଣ ରାଓ , ଡିଟିଇଟିର ବିଜୟ ପ୍ରସାଦ ପ୍ରଧାନ, ହାଲ୍ ଡିଜିଏମ୍ ଏଚ୍ଆର୍ କେ. ଅଶୋକାନ, ନୋଡାଲ ଅଫିସର ଏସ୍.ଭି.ଏନ୍. ରାଓ , ଜିଆଇଟିଆଇ ଅଧକ୍ଷ ଶିଶିର କୁମାର ଦଳାଇ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ନିଯୋଜନ ଅଧିକାରୀ ଶୁଭେନ୍ଦୁ ମିଶ୍ର ପରିଚାଳନା କରିଥିଲେ।

# ଉନ୍ନୟନ କାର୍ଯ୍ୟ ସମୀକ୍ଷା କଲେ ପୂର୍ତ୍ତ ସର୍ବୋଚ୍ଚ ଯନ୍ତ୍ରୀ

**ରାୟଗଡ଼ା ଅଫିସ,୧୬।୧**

ପୂର୍ତ୍ତ ବିଭାଗର ମୁଖ୍ୟ ଓ ରାଜ୍ୟ ପୂର୍ତ୍ତ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଅନିଲ୍ ତ୍ରିପାଠୀଙ୍କ ନେତୃତ୍ୱରେ ଏକ ଟିମ୍ ଦିନିକିଆ ରାୟଗଡ଼ା ଜିଲା ଗସ୍ତ କରି ଉନ୍ନୟନ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିଛନ୍ତି। ବର୍ଷ ବର୍ଷ ଧରି ପଡ଼ି ରହିଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟ ତ୍ୱରାନ୍ୱିତ କରିବା ନିମନ୍ତେ ସେ ଏଠାରେ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟ ରାଜପଥକୁ ସଂଯୋଗ କରୁଥିବା ରାସ୍ତା ଗୁଡ଼ିକର ସ୍ଥିତି ସମୀକ୍ଷା କରିଥିଲେ। ଏହି ଟିମ୍ ରାୟଗଡ଼ାସ୍ଥିତ ମଝିଘରୀଆଣୀ ମନ୍ଦିର ନିକଟ ଝଞ୍ଜାବତୀ ବ୍ରିଜ୍ କାମ ବୁଲି ଦେଖିବା ସହ ରାସ୍ତା କାମର ଅନୁଧ୍ୟାନ କରିଥିଲେ। ୧୬ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେଉଥିବା ଏହି ବ୍ରିଜ୍ କାମ ତ୍ୱରାନ୍ୱିତ ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଜେକେପୁର–କଲ୍ୟାଣସିଂହପୁର କୋଲନରା–ସାନ୍ଦୁବାଡ଼ି ରାସ୍ତା କାମରେ ବ୍ୟାପକ ଅନିୟମିତତା ହୋଇଥିବାରୁ ଏହାର ତଦନ୍ତ କରାଯାଇ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଇଂ. ତ୍ରିପାଠୀ କହିଛନ୍ତି। ବାଇପାସ ରାସ୍ତା ଜାତୀୟ ରାଜପଥକୁ ହସ୍ତାନ୍ତର କରାଯିବ। ପୂର୍ତ୍ତ ବିଭାଗର ଏଥିରେ କୌଣସି ସମ୍ପର୍କ ରହିବ ନାହିଁ ବୋଲି ସେ କହିଛନ୍ତି। ଅମ୍ଲାଭଟା ଛକ ଠାରୁ ଚାଟିକଣା ପର୍ଯ୍ୟନ୍ତ ୩୦ କି.ମି. ରାସ୍ତା ନିର୍ମାଣ ନିମନ୍ତେ ୩୦କୋଟି ଟଙ୍କାର ଟେଣ୍ଡର ସରିଛି। ଠିକାଦାର କାମ କରିବାରେ ବିଳମ୍ବ କରୁଛନ୍ତି। ୩ଥର ନୋଟିସ କରାଯାଇଛି। ଏବେ ଫାଇନାଲ ନୋଟିସ କରାଯିବ। କାର୍ଯ୍ୟ ଆରମ୍ଭ ନ ହେଲେ ଟେଣ୍ଡର ରଦ୍ଦ କରାଯିବ ବୋଲି ସେ କହିଛନ୍ତି। ଏହି ଅବସରରେ ମୁଖ୍ୟ ଯନ୍ତ୍ରୀ ନାରାୟଣ ଚନ୍ଦ୍ର ପାଲ ଅଧୀକ୍ଷଣ ଯନ୍ତ୍ରୀ କିଶୋର କୁମାର ନନ୍ଦ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଜମୁନା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।


ସର୍ବୋଚ୍ଚ ଯନ୍ତ୍ରୀ ଓ ତାଙ୍କ ଟିମ୍ ଉନ୍ନୟନ କାର୍ଯ୍ୟ ଅନୁଧ୍ୟାନ କରୁଛନ୍ତି ।

## ପ୍ରଶଂସା, ପୁରସ୍କାର ସାଉଣ୍ଟୁଛି 'ଗପ ହେଲେବି ସତ'

**ଉମରକୋଟ,୧୬।୧(ସ୍ୱ.ପ୍ର.)**

ଲେଖକ ହିମାଂଶୁ ଆଚାରୀ ଓ ଉମରକୋଟର କିଛି ଯୁବକ ଏକାଠି ହୋଇ କରୋନା ଭୟବହତା ଓ ସଚେତନତା ଦେଖାଇବାକୁ ଏକ ସଚେତନାତା ଧର୍ମୀ କ୍ଷୁଦ୍ର ଫିଲ୍ମ 'ଗପ ହେଲେବି ସତ' ନିର୍ମାଣ କରିଛନ୍ତି। ଅନନ୍ୟା କ୍ରିଏଶନ ଦ୍ୱାରା ପ୍ରସ୍ତୁତ ଏହି କ୍ଷୁଦ୍ର ଚଳଚ୍ଚିତ୍ରଟି ଏବେ ପ୍ରଶଂସା ଓ ପୁରସ୍କାର ସାଉଣ୍ଟୁଛି। ଫିଲ୍ମ ଫେଷ୍ଟିଭାଲ ୨୦୨୦ରେ ଏଥିରେ ଅଭିନୟ କରିଥିବା ୪ଜଣ କଳାକାରଙ୍କୁ ପୁରସ୍କାର ଦିଆଯାଇଥିବା ପ୍ରଯୋଜକ ନଳିନୀ ରଞ୍ଜନ ମିଶ୍ର କହିଛନ୍ତି। ରାଉରକେଲା ଫିଲ୍ମ ଫେଷ୍ଟିଭାଲ ପୁରସ୍କାର ପାଇଁ ଅନ୍ଲାଇନ ମାଧ୍ୟମରେ 'ଗପ ହେଲେବି ସତକୁ' ସର୍ବାଧିକ ଦର୍ଶକ ପସନ୍ଦ କରିଛନ୍ତି। ଏଥିପାଇଁ ଫିଲ୍ମ ନିର୍ଦ୍ଦେଶକ ଚନ୍ଦନ ସଭାପତି, କ୍ୟାମେରାମ୍ୟାନ ଜିତୁ ମାଳି, ଲଳିତ ସେଠୀ ପ୍ରମୁଖ ଧନ୍ୟବାଦ ଦେଇଛନ୍ତି।

# ଦୁର୍ଘଟଣା ପ୍ରବଣ ସ୍ଥାନ ଚିହ୍ନଟ, ଲୋକଙ୍କୁ ସଚେତନ କରାଯିବ

**ରାୟଗଡ଼ା ଅଫିସ,୧୬।୧**

ରାୟଗଡା ଜିଲାପାଳ ସରୋଜ କୁମାର ମିଶ୍ରଙ୍କ ଅଧକ୍ଷତାରେ ସ୍ଥାନୀୟ ସଦ୍ଭାବନା ସଭାଗୃହରେ ଏକ ବୈଠକ କରାଯାଇଛି। ଚଳିତ ବର୍ଷ ସଡ଼କ ସୁରକ୍ଷା କାର୍ଯ୍ୟକ୍ରମ ଏକ ମାସ ଧରି ଚାଲିବ। ଆସନ୍ତା ୧୮ରୁ ଏହା ଆରମ୍ଭ ହୋଇ ଫେବୃୟାରୀ ୧୭ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିବ। ଜାତୀୟ ସଡ଼କ ସୁରକ୍ଷା ମାସରେ ଜନ ସଚେତନତା ସୃଷ୍ଟି କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି।

ଜିଲାରେ କିପରି ଦୁର୍ଘଟଣା ହ୍ରାସ, ଧନ ଜୀବନ ରକ୍ଷା କରାଯାଇ ପାରିବ ସେ ସମ୍ପର୍କରେ ବୈଠକରେ ବିସ୍ତୃତଭାବେ ଆଲୋଚନା କରାଯାଛି। ସଚେତନତା ସପ୍ତାହ ପାଳନ ପରେ ନୂତନ ଏମ୍ଭିଆଇ ଆକ୍ଟ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥିନିମନ୍ତେ ଆରଟିଓ ଏବଂ ପୋଲିସ୍ ଟିମ ବିଭିନ୍ନ ସ୍ଥାନରେ ଯାନବାହାନ ଯାଞ୍ଚ କରିବେ। ଜିଲାର ଦୁର୍ଘଟଣା ପ୍ରବଣ ସ୍ଥାନ ଗୁଡିକ ଚିହ୍ନଟ କରି ସେଠାରେ ସଚେତନ କରାଯିବାକୁ ଆଲୋଚନା ହୋଇଛି। ଚଳିତ ବର୍ଷ ସଚେତନତା ମାଧ୍ୟମରେ ଯେପରି ୨୦%ଦୁର୍ଘଟଣା ରୋକଯାଇ ପାରିବ ସେଥିପାଇଁ ସତର୍କ ହେବାକୁ ଜିଲାପାଳ କହିଥିଲେ। ଗାଡି ଚାଳକମାନଙ୍କ ଚକ୍ଷୁ ପରକ୍ଷା, ମାଦ୍ୟପାନ କରି ଗାଡି ଚଳାଉଥିବା ଡ୍ରାଇଭରଙ୍କୁ ଯାଞ୍ଚ କରାଯିବ ବୋଲି ଆରଟିଓ ଦିଲ୍ଲୀପ ଦଳାଇ କହିଛନ୍ତି। ବୈଠକରେ ଏସ୍ପି ବିବେକାନନ୍ଦ ଶର୍ମା,ପୌର ନିର୍ବାହୀ ଅଧିକାରୀ ସଚ୍ଚିଦାନନାଦ ଶତପଥୀ, ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଉତ୍କଳ ହସ୍ପିଟାଲ ହେଲା ଟିକାକରଣ କେନ୍ଦ୍ର

**ରାୟଗଡ଼ା ଅଫିସ/ ଟିକିରି, ୧୬।୧(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ଟିକିରିସ୍ଥିତ ଓଷାପଡ଼ାସ୍ଥିତ ଉତ୍କଳ ହସ୍ପିଟାଲକୁ ପ୍ରଶାସନ ପକ୍ଷରୁ ଟିକାକରାଣ କେନ୍ଦ୍ର ରୂପେ ଚୟନ କରାଯାଇଛି। ଆଦିତ୍ୟ ବିର୍ଲା ଗ୍ରୁପ୍ ହିଣ୍ଡାଲ୍କୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ର ଏକ ୟୁନିଟ୍ ଉତ୍କଳ ଆଲୁମିନା ଇଣ୍ଟରନ୍ୟାସନାଲ ଲିମିଟେଡର ଏହା ଏକ ପ୍ରୟାସ। ଟିକାକରଣ ପାଇଁ ଏଠାରେ ସମସ୍ତ ସୁବିଧା ରହିଛି। ତେଣୁ ଜିଲାର ଅନ୍ୟତମ ଟିକାକରଣ କେନ୍ଦ୍ରଭାବେ ଏଠାରେ ଟିକାକରଣ ଆରମ୍ଭ ହୋଇଛି। ଏହି ଅବସରରେ ଉତ୍କଳ ହସ୍ପିଟାଲର ସିଏମ୍ଓ ଡା. ଅରବିନ୍ଦ ରାୟ ଚୌଧୁରୀ, ୟୁଏଆଇଏଲ୍ ୟୁନିଟ ମୁଖ୍ୟ ମଜହର୍ ବେଗ୍, ଏଚ୍ଆର୍ ମୁଖ୍ୟ ରାକେଶ ପ୍ରତାପଙ୍କ ସମେତ ସରକାରୀ ଅଧିକାରୀମାନେ ଉପସ୍ଥିତ ଥିଲେ। ଏଠାରେ ଉତ୍କଳ ହସ୍ପିଟାଲର ସିଏମ୍ଓ ଡା. ଅରବିନ୍ଦ ରାୟ ଚୌଧୁରୀ ପ୍ରଥମେ ଟିକା ନେଇଥିଲେ। ଏହାଦ୍ୱାରା ସମଗ୍ର ଅଞ୍ଚଳ ଉପକୃତ ହେବ ବୋଲି ଟିକା ନେବାପରେ ସେ କହିଛନ୍ତି। ସମୁଦାୟ ହିଣ୍ଡାଲକୋରେ ଉତ୍କଳ ହସ୍ପିଟାଲ ଏକମାତ୍ର ହସ୍ପିଟାଲଭାବେ କୋଭିଡ୍ କେୟାର ସେଣ୍ଟର ଏବଂ ଏବେ ଟିକାକରଣ କେନ୍ଦ୍ର କରିବାର ସୌଭାଗ୍ୟ ଲାଭ କରିଛି ବୋଲି ୟୁଏଆଇଏଲ୍ର ୟୁନିଟ ମୁଖ୍ୟ କହିଛନ୍ତି। ଏଥିସହ କରୋନା ମୁକାବିଲା ଦିଗରେ ସେ ଉତ୍କଳ ହସ୍ପିଟାଲର ପରିଚାଳନା କର୍ତ୍ତୃପକ୍ଷ ଓ କର୍ମଚାରୀଙ୍କ କାର୍ଯ୍ୟକୁ କୃତଜ୍ଞତା ଜଣାଇଛନ୍ତି।


ଜଣଙ୍କୁ ଟିକା ଦିଆଯାଉଛି ।

## ନରସିଂହମୁଣ୍ଡା ଦଳ ଚାମ୍ପିୟନ

**ଗୁଣପୁର,୧୬।୧(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ଗୁଣପୁର ବ୍ଲକ୍ ନରସିଂହମୁଣ୍ଡା ଠାରେ ଚାଲିଥିବା ପଞ୍ଚାୟତ ସ୍ତରୀୟ ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍ଯାପିତ ହୋଇ ଯାଇଛି। ଫାଇନାଲ୍ ମ୍ୟାଚ୍ ନରସିଂହମୁଣ୍ଡା ଏବଂ ରେଗେଡ଼ା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ନରସିଂହମୁଣ୍ଡା ଦଳ ଚାମ୍ପିୟନ ହୋଇଛି। ଏହି ଅବସରରେ ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ, ଜିଲା ପରିଷଦ ସଭ୍ୟ ଅଶ୍ୱିନି ଗମାଙ୍ଗ, ରେଗେଡ଼ା ସମିତି ସଭ୍ୟ ବାଳି ଗମାଙ୍ଗ ପ୍ରମୁଖ ଉପସ୍ଥିତ ରହି ବିଜୟୀ ଏବଂ ରନର୍ସ ଅପ୍ ଦଳକୁ ସିଲ୍ଡ ପ୍ରଦାନ କରିଥିଲେ। ଜାନୁୟାରୀ ୧୦ରେ ଏହି ଟୁର୍ଣ୍ଣାମେଣ୍ଟକୁ ସମିତିସଭ୍ୟ ଗମାଙ୍ଗ ଏବଂ ଶିକ୍ଷକ ଦାଶରଥି ଶବର ଯୋଗଦେଇ ଉଦ୍ଘାଟନ କରିଥିଲେ। ଏଥିରେ ୧୬ ଦଳ ଭାଗ ନେଇଥିଲେ। ରେଗେଡ଼ା ସରପଞ୍ଚ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

# ବିଜେଡିର ବ୍ଲକସ୍ତରୀୟ କର୍ମୀ ସମ୍ମିଳନୀ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**କୁନ୍ଦୁରା,୧୬।୧(ଡି.ଏନ୍.ଏ.)**

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଜଗନ୍ନାଥ ମନ୍ଦିର କଲ୍ୟାଣ ମଣ୍ଡପଠାରେ ବ୍ଲକ ବିଜୁଜନତା ଦଳ ସଭାପତି ବୃନ୍ଦାବନ ମଲ୍ଲିକଙ୍କ ଅଧକ୍ଷତାରେ ବ୍ଲକ ସ୍ତରୀୟ କର୍ମୀ ସମ୍ମିଳନୀ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ଜିଲା ବିଜୁ ଜନତାଦଳ ସଭାପତି ଈଶ୍ୱର ପାଣିଗ୍ରାହୀ, ରାଜ୍ୟ ହସ୍ତତନ୍ତ୍ର ବନୟଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ, ବିଜେଡି ଜିଲା ଉପସଭାପତି ସଞ୍ଜୟ କୁମାର ସାହୁ, ନରେନ୍ଦ୍ର ପ୍ରଧାନ, ପୂର୍ବତନ ବ୍ଲକ ଉପାଧକ୍ଷା କନକଲତା ପେଣ୍ଟିଆ, ବ୍ଲକ ଯୁବ ସଭାପତି ରମାକାନ୍ତ ମିଶ୍ର, ପୀତାମ୍ବର ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ରାଜ୍ୟ ସରକାରଙ୍କ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନମୂଳକ ଯୋଜନାର ସୁଫଳ ଲୋକଙ୍କ ନିକଟରେ କିପରି ପହଞ୍ଚିବ ଏବଂ ଆଉ କେଉଁଠି ପ୍ରକଳ୍ପର ଆବଶ୍ୟକତା ରହିଛି ସେସମ୍ପର୍କରେ କର୍ମୀମାନେ ଧ୍ୟାନ ଦେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ବିକ୍ରମ ବେହେରା, ସଂଜୟ କୁମାର ପ୍ରଧାନ, ଜଗତ ନାୟକ, ପର୍ଯ୍ୟବେକ୍ଷକ ବୈକୁଣ୍ଠ ମଣ୍ଡଳ ପ୍ରମୁଖ ସହଯୋଗ କରିଥିଲେ ।

# ଛାତ୍ରୀଙ୍କ ଆତ୍ମହତ୍ୟା

**କାଳିମେଳା,୧୬।୧ (ଡି.ଏନ୍.ଏ)–**

ମାଲକାନଗିରି ଜିଲା କାଳିମେଳା ଥାନା କୋଇମେଟଲା ପଞ୍ଚାୟତ ଅନ୍ତର୍ଗତ ଏମଭି–୬୨ ଗ୍ରାମରେ ଜଣେ ଦଶମ ଶ୍ରେଣୀ ଛାତ୍ରୀ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ତାଙ୍କ ନାମ ଆରତି ଭକ୍ତ । ସେ ଏମ.ଭି–୬୮ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ପଢୁଥିଲେ। ସେ ଶନିବାର ସ୍କୁଲ ଫି ପାଇଁ ମା'ଙ୍କୁ ଟଙ୍କା ମାଗିଥିଲେ। ମା' ଟଙ୍କା ନ ଦେବାରୁ ସକାଳେ ଘରୁ ଚାଲିଯାଇ ଗାଁ ନିକଟସ୍ଥ ଏକ ଜଙ୍ଗଲିଆ ସ୍ଥାନରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ତାଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖି କେତେକ ଗ୍ରାମବାସୀ ପରିବାର ଲୋକଙ୍କୁ ଖବର ଦେଇଥିଲେ। ଏସମ୍ପର୍କରେ କାଳିମେଳା ପୋଲିସ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ୪।୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ସୁରଜ କୁମାର ଝାଙ୍କର କହିଛନ୍ତି।

## ମୃତ୍ତିକା ସ୍ୱାସ୍ଥ୍ୟପତ୍ର ପ୍ରସ୍ତୁତି ନେଇ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

**ଜୟପୁର,୧୬।୧ (ନି.ପ୍ର.)**

କୋରାପୁଟ ଜିଲା ସୁନାବେଡ଼ାସ୍ଥିତ ଭାରତୀୟ ମୃତ୍ତିକା ଓ ଜଳ ସଂରକ୍ଷଣ ପ୍ରତିଷ୍ଠାନ ଏବଂ ଜୟପୁରସ୍ଥିତ ଏମ୍.ଏସ୍.ସ୍ୱାମୀନାଥନ ଗବେଷଣା କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ମୃତ୍ତିକା ସ୍ୱାସ୍ଥ୍ୟପତ୍ର ଉପରେ କର୍ମଶାଳା ଅନୁଷ୍ଠିତ ହୋଇଛି । ଡିବିଟି କିଷାନ ହବ୍ ପ୍ରୋଜେକ୍ଟ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମକୁ ଭାରତୀୟ ମୃତ୍ତିକା ଓ ଜଳ ସଂରକ୍ଷଣ ପ୍ରତିଷ୍ଠାନର ମୁଖ୍ୟ ଓ.ଏମ୍.ମଧୁ ପରିଚାଳନା କରିଥିଲେ । ଏଥିରେ ମାଲକାନଗିରି ଜିଲାର ମୃତ୍ତିକା ଓ ରସାୟନବିତ୍ ସୁଧାଂଶୁ ନନ୍ଦ ଏବଂ ବ୍ଲକ କୃଷି ଅଧିକାରୀ କିଶୋର ଚନ୍ଦ୍ର ଦ୍ୱିବେଦୀ, ରାୟଗଡ଼ା ଜିଲାର ମୃତ୍ତିକା ଓ ରସାୟନବିତ୍ ଶରତ ଚନ୍ଦ୍ର ଘୋଷ ଏବଂ ଡିଏଡବ୍ଲ୍ୟୁ ମଞ୍ଜୁଶ୍ରୀ ସିଂ, କୋରାପୁଟ ଜିଲାର ମୃତ୍ତିକା ଓ ରସାୟନବିତ୍ ଜି. ଭେଙ୍କଟ ରେଡ୍ଡି ଅତିଥି ଭାବେ ଯୋଗଦେଇଥିଲେ । ଏହି କର୍ମଶାଳାରେ ମାଟିର ନମୁନା ସଂଗ୍ରହର ପ୍ରଣାଳୀ, ମାଟିର ବିଭିନ୍ନ ଉପାଦାନ ଉପରେ ଆଲୋଚନା ହେବା ସହିତ ୩ଟି ଜିଲାରେ ମୃତ୍ତିକା ସ୍ୱାସ୍ଥ୍ୟପତ୍ର ପ୍ରସ୍ତୁତି ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇଥିଲା।

# ରାୟଗଡ଼ା ଜିଲାର ୭ କେନ୍ଦ୍ରରେ ଟିକାକରଣ

**ରାୟଗଡ଼ା ଅଫିସ/ଗୁଣପୁର/ପଦ୍ମପୁର/ ମୁନିଗୁଡ଼ା/ଗୁଡାରି,୧୬।୧(ଡି.ଏନ୍.ଏ.)**

ସମଗ୍ର ଦେଶରେ ଶନିବାର କୋଭିଡ୍ ଟିକାକରଣ ଆରମ୍ଭ ହୋଇଛି। ରାୟଗଡ଼ା ଜିଲା ସଦରଠାରେ ଜିଲାପାଳ ସରୋଜ କୁମାର ମିଶ୍ର ଟିକାକରଣ କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ଜିଲା ସଦର ଚିକିତ୍ସାଳୟରେ ସଫେଇ କର୍ମଚାରୀ ସତ୍ୟମୁଖୀ ପ୍ରଥମେ ଟିକା ନେଇଥିଲେ। ଏହାପରେ ପର୍ଯ୍ୟାୟକ୍ରମେ ଡାକ୍ତର, ନର୍ସ, ଆଶା କର୍ମୀ, ଆଇସିଡିଏସ୍ କର୍ମଚାରୀଙ୍କୁ ଟିକା ଦିଆଯାଇଥିଲା। ରାୟଗଡ଼ା ଜିଲାର ୭ଟି କେନ୍ଦ୍ର ଯଥା ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ, ସହରାଞ୍ଚଳ ସ୍ୱାସ୍ଥ୍ୟ କେନ୍ଦ୍ର, ମୁନିଗୁଡ଼ା ସିଏଚ୍ସି, ଗୁଣପୁର ସିଏଚ୍ସି, ପଦ୍ମପୁର ସିଏଚ୍ସି, ଗୁଡାରି ସିଏଚ୍ସି ଏବଂ ଟିକିରିସ୍ଥିତ ଉତ୍କଳ ହସ୍ପିଟାଲରେ ଟିକାକରଣ କରାଯାଇଥିଲା। ସପ୍ତାହ ଧରି ପ୍ରଥମ ପର୍ଯ୍ୟାୟ ଟିକାକରଣ ଜାରି ରହିବ। ଟିକା ନେଇଥିବା ସ୍ୱାସ୍ଥ୍ୟ କର୍ମୀଙ୍କୁ ୨୮ ଦିନ ପରେ ୨ୟ ଡୋଜ୍ ଟିକା ଦିଆଯିବ। ପ୍ରଥମ ଦିନରେ ଜିଲାର ୭ କେନ୍ଦ୍ରରେ ୭୦୦ ଟିକା ପ୍ରଦାନ ଲକ୍ଷ୍ୟ ରହିଥିବାବେଳେ ମୋଟ ୬୦୯ଜଣଙ୍କୁ ଟିକା ଦିଆଯାଇଥିବା ସୂଚନା ମିଳିଛି। ଟିକାକରଣ କାର୍ଯ୍ୟକ୍ରମରେ ସିଡିଏମ୍ଓ ଡା. ଆର୍ତ୍ତବନ୍ଧୁ ନାୟକ, ଡା. ସୁରେଶ ଦେଓ, ଡା. ଲକ୍ଷ୍ମୀ ନାରାୟଣ ପୃଷ୍ଟି, ଟିକାକରଣ କାର୍ଯ୍ୟକ୍ରମ ପରିଚାଳନା ନିମନ୍ତେ ଆସିଥିବା ପର୍ଯ୍ୟବେକ୍ଷକ ଡା. ଅଶୋକ କୁମାର ପାଇକରାୟ, ଜନ ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ଏବଂ ପରିବାର କଲ୍ୟାଣ ନିର୍ଦ୍ଦେଶାଳୟର ପ୍ରଶିକ୍ଷଣ ପରାମର୍ଶଦାତା ଡା. ମୃତ୍ୟୁଞ୍ଜୟ ରଥ, ଏନ୍ଏଚ୍ଏମ୍ର ଡ଼ିପିଏମ ରାଜେଶ ପଟ୍ଟନାୟକ, ଡାକ୍ତରଖାନା ପରିଚାଳକ, ଡିଆଇପିଆର୍ଓ ପ୍ରମୁଖ ଉପସ୍ଥିତ ଥିଲେ।

ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧୀକ୍ଷକ ଡା. ରମେଶ ଚନ୍ଦ୍ର ସାହୁ ଟିକାକରଣର ଶଭାରମ୍ଭ କରିଛନ୍ତି। ଡାକ୍ତର ରତିକାନ୍ତ ସାହୁ ପ୍ରଥମ ଟିକା ନେଇଥିଲେ। ପ୍ରଥମେ ଟିକା ନେଇ ସେ ଗର୍ବିତ ବୋଲି କହିଥିଲେ। ଶନିବାର ଏଠାରେ ୧୦୦ଜଣଙ୍କୁ ଟିକା ଦିଆଯାଇଛି। ପଦ୍ମପୁରରେ ୧୦୦ଜଣ ଟିକା ନେଇଛନ୍ତି। ଗୁଣପୁର ଆଇଟିଡିଏର ଗୋରାଚାନ୍ଦ ଗମାଙ୍ଗ, ପଦ୍ମପୁର ବିଡିଓ ଦୟାମୟ ପାଢୀ, ତହସିଲଦାର ନୀଳମାଧବ ମାଝି, ଜିଲା ସ୍ୱାସ୍ଥ୍ୟବିଭାଗର ମମତା ଚୌଧୁରୀ(ଡିଏସଏମଓ), ବାସୁଦେବ ରଥ (ଆର୍ବିଏସ୍କେ) ପ୍ରମୁଖ ଉପସ୍ଥିତ ରହି ଟିକାକରଣର ଶୁଭାରମ୍ଭ କରିଥିଲେ। ପ୍ରଥମେ ପଦ୍ମପୁର ବିପିଓ ମନୋଜ ପଣ୍ଡା ଟିକା ନେଇଥିଲେ। ମୁନିଗୁଡା ସ୍ୱାସ୍ଥ୍ୟ କେନ୍ଦ୍ର ପରିସର ସଭା କକ୍ଷରେ ଡିଆର୍ଡିଏର ଭାରପ୍ରାପ୍ତ ପିଡି ଭୀମସେନ ଶବର, ମୁନିଗୁଡ଼ା ତହସିଲଦାର ଦେବାଶିଷ ଗୌଡ଼, ବିଡିଓ ଦିଲ୍ଲୀପ କୁମାର ବେହେରା, ସିଏଚ୍ସିର ମୁଖ୍ୟ ଚିକିତ୍ସାଧିକାରୀ ଡ଼ା.ସଞ୍ଜୟ କୁମାର, ଡିପିଏଚ୍ ଡା.ଭି.ଏଲ୍.ଏମ୍. ରାଜୁ, ଏପିଡି ପ୍ରଭାତ କୁମାର ଲେଙ୍କା ଓ ଜନ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସଞ୍ଜୁକ୍ତା ଗମାଙ୍ଗ ଉପସ୍ଥିତ ରହି ଟିକାକରଣର ଶୁଭାରମ୍ଭ କରିଥିଲେ। ଏଠାରେ ମୁଖ୍ୟ ଚିକିତ୍ସାଧିକାରୀ ଡା.ସଞ୍ଜୟ କୁମାର ପ୍ରଥମେ ଟିକା ନେଇଥିଲେ। ଗୁଡାରି ସିଏଚ୍ସିରେ ୯୦ କରୋନା ଯୋଦ୍ଧା କୋଭିଡ୍ ଟିକା ନେଇଛନ୍ତି। ବିଡିଓ ନୃସିଂହ ଚରଣ ସେଠୀ ଟିକାକରଣର ଶୁଭାରମ୍ଭ କରିଥିଲେ। ନୋଡାଲ ଅଧିକାରୀ ତଥା ମେଡିକାଲ ଅଫିସର ଡା. ଅରୁପାନନ୍ଦ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସୁଚାରୁ ରୂପେ ଟିକା ଦିଆଯାଇଥିଲା। ପ୍ରଥମେ ସିଏଚ୍ସିର ଶ୍ରୀକାନ୍ତ ବାଉରି ଟିକା ନେଇଥିଲେ।


ଟିକାକରଣ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଉପସ୍ଥିତ ଜିଲାପାଳ ଓ ଅନ୍ୟମାନେ ।


ପଦ୍ମପୁର ସିଏଚ୍ସିରେ ଜଣେ ଯୋଦ୍ଧା ଟିକା ନେଉଛନ୍ତି ।

**ପ୍ରଥମ ଦିନରେ ୬୦୯ ଜଣ ନେଲେ ଟିକା**

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ଜାନୁୟାରୀ ୧୭, ୨୦୨୧



## ସଂକ୍ଷେପରେ

### ଅଭିନେତ୍ରୀ ସୌଦାମିନୀ ପତିଙ୍କ ପରଲୋକ

ଭୁବନେଶ୍ୱର, ୧୬।୧(ବ୍ୟୁରୋ) - ବରିଷ୍ଠ ମଞ୍ଚ ଓ ଚଳଚ୍ଚିତ୍ର ଅଭିନେତ୍ରୀ ସୌଦାମିନୀ ପତିଙ୍କ ଶନିବାର ଅପରାହ୍ନରେ ପରଲୋକ ହୋଇଛି। ତାଙ୍କୁ ୭୪ ବର୍ଷ ହୋଇଥିଲା। ସେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଭିଏସ୍ଏସ୍ ନଗରସ୍ଥିତ ବାସଭବନରୁ ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୌଦାମିନୀଙ୍କ ମୃତ୍ୟୁ ଖବର ମଞ୍ଚ ଓ ସିନେ ଜଗତରେ ଶୋକର ଛାୟା ଖେଳାଇ ଦେଇଛି। ବାଲ୍ୟାବସ୍ଥାରୁ ଏଯାବତ୍ ଦୀର୍ଘ ଅର୍ଦ୍ଧଶତାବ୍ଦୀରୁ ଅଧିକ କାଳ ଧରି ଓଡ଼ିଶା ରଙ୍ଗମଞ୍ଚକୁ ଅଭିନୟ ମାଧମରେ ଚଳଚଞ୍ଚଳ କରି ରଖିଥିଲେ ସୌଦାମିନୀ। 'ଯୌତୁକ', 'ଅଶୋକସ୍ତମ୍ଭ', 'ଏମିତି ବି ହୁଏ' ଭଳି ଶତାଧିକ ମଞ୍ଚ ନାଟକ ସହିତ ଓଡ଼ିଆ ଚଳଚ୍ଚିତ୍ର 'ଅମର ପ୍ରେମ', 'ମହାସତୀ ସାବିତ୍ରୀ', 'ନିଛୁମ ରାତିର ସାଥୀ' ଓ ହିନ୍ଦୀ ଚଳଚ୍ଚିତ୍ର 'ଶୋଧ'ରେ ତାଙ୍କ ଅଭିନୟ ଅଭୁଲା ହୋଇରହିଛି। ଏହାବ୍ୟତୀତ ଆକାଶବାଣୀ, ଦୂରଦର୍ଶନ ଓ ଭାରତ ସରକାରଙ୍କ ସଙ୍ଗ୍ ଆଣ୍ଡ୍ ଡ୍ରାମା ଡିଭିଜନ୍ର ଏକାଧିକ ନାଟକରେ ସେ ଅଂଶଗ୍ରହଣ କରିଥିଲେ।

### ସ୍କୁଲ ବାରଣ୍ଡାରୁ ବୃଦ୍ଧଙ୍କ ମୃତଦେହ ଜବତ

ନିମାପଡ଼ା, ୧୬।୧(ଡି.ଏନ୍.ଏ.): ନିମାପଡ଼ା ଥାନା ଅନ୍ତର୍ଗତ ରେଞ୍ଚ ପଞ୍ଚାୟତ ବଅଁଳ ୟୁପି ସ୍କୁଲ ବାରଣ୍ଡାରୁ ଜଣେ ୭୦ବର୍ଷୀୟ ବ୍ୟକ୍ତିଙ୍କ ମୃତଦେହକୁ ଶନିବାର ପୋଲିସ ଜବତ କରିଛି। ବୃଦ୍ଧଙ୍କ ପରିଚୟ ଜଣାପଡ଼ି ନ ଥିବାବେଳେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଚାରିଛକ ମେଡିକାଲକୁ ପଠାଇଛି। ହେଲେ ଫ୍ରିଜର ବ୍ୟବସ୍ଥା ନ ଥିବାରୁ ମୃତଦେହକୁ ପୁରୀ ବ୍ୟବଚ୍ଛେଦ କେନ୍ଦ୍ରକୁ ପଠାଯାଇଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି। ବୃଦ୍ଧ ଜଣକ ସ୍ଥାନୀୟ ଅଞ୍ଚଳରେ ଗତ କିଛିଦିନ ଧରି ଭିକ୍ଷାବୃତ୍ତି କରୁଥିବାର ଲୋକେ ଦେଖିଥିଲେ। ବୃଦ୍ଧ ଜଣକ ଶୁକ୍ରବାର ରାତିରେ ଗ୍ରାମ ସ୍କୁଲ ବାରଣ୍ଡାରେ ଶୋଇଥିଲେ। ହେଲେ ଶନିବାର ସକାଳେ ସେହି ଜାଗାରେ ମରିପଡ଼ିବାର ବଅଁଳ ଗ୍ରାମର ୱାର୍ଡସଭ୍ୟ ପ୍ରକାଶ ଚନ୍ଦ୍ର ଜେନା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହ ଜବତ କରିବା ସହ ଏ ନେଇ ନଂ.୧/୨୧ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ବ୍ରହ୍ମଗିରି, ୧୬।୧(ଡି.ଏନ୍.ଏ.): ବ୍ରହ୍ମଗିରି ଥାନା ଅନ୍ତର୍ଗତ ଦଦରାକୁଣ୍ଡ ଗ୍ରାମରେ ଶୁକ୍ରବାର ରାତିରେ ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତକ ହେଲେ ଉକ୍ତ ଗ୍ରାମର ବିଭୂତି ପରିଡ଼ା(୩୫)। ଖବରପାଇ ଶନିବାର ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପରେ ପରିବାର ତରଫରୁ ଥାନାରେ ଅଭିଯୋଗ ହେବାରୁ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ବିଭୂତି ସବୁଦିନ ଭଳି ଶୁକ୍ରବାର ରାତିରେ ଘରେ ଖାଇ ନିଜ ରୁମରେ ଶୋଇଥିଲେ। ସକାଳୁ ଦୀର୍ଘ ସମୟ ପର୍ଯ୍ୟନ୍ତ ପରିବାର ଲୋକେ ଡାକିଥିଲେ ମଧ ବିଭୂତି ଉଠି ନ ଥିଲେ। ପରେ ଶୋଇବା ଘରେ ବିଭୂତିଙ୍କ ମୃତ୍ୟୁ ହୋଇଥିବା ଜାଣି ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ମୃତଦେହକୁ ଜବତ କରିଥିଲେ। ତେବେ ମୃତ୍ୟୁର କାରଣ ସ୍ପଷ୍ଟ ଜଣାପଡିନାହିଁ।

# ଶୁଭ୍ରାଙ୍କୁ କୋଲକାତାରେ ମାରାଥନ ଜେରା

ଭୁବନେଶ୍ୱର, ୧୬।୧(ବ୍ୟୁରୋ)

୧୭ ହଜାର ୫୦୦ କୋଟିର ଚିଟ୍ଫଣ୍ଡ ଠକେଇ ମାମଲାରେ ରୋଜ୍ଭ୍ୟାଲି ଗ୍ରୁପ୍ର ମୁଖ୍ୟ ଗୌତମ କୁଣ୍ଡୁଙ୍କ ସ୍ତ୍ରୀ ଅଭିନେତ୍ରୀ ଶୁଭ୍ରା କୁଣ୍ଡୁଙ୍କୁ ଶୁକ୍ରବାର ସିବିଆଇ କୋଲକାତାସ୍ଥିତ ବାସଭବନରୁ ଗିରଫ କରିଥିଲା। ଏହାପରେ ସେଠାରେ ତାଙ୍କୁ ମାରାଥନ ଜେରା ଚାଲିଛି। ତେବେ ଶନିବାର ସିବିଆଇ ଶୁଭ୍ରାଙ୍କୁ ଭୁବନେଶ୍ୱର ଆଣିବାର ଥିଲେ ମଧ୍ୟ ସେଠାରେ ଜେରା ସରି ନ ଥିବାରୁ ରିମାଣ୍ଡ ଅନୁମତି ମିଳିନି। ଓଡ଼ିଶାଠାରୁ କୋଲକାତାରେ ରୋଜ୍ଭ୍ୟାଲି ଅଧିକ ଠକେଇ କରିଛି। ଜେରା ସରିବା ପରେ ସିବିଆଇ ରିମାଣ୍ଡରେ ଓଡ଼ିଶା ଆଣିବାକୁ ଅପେକ୍ଷା କରିଛି ସିବିଆଇ। କଟକ, ଭୁବନେଶ୍ୱର ଓ ପୁରୀର ଜମାକାରୀଙ୍କଠାରୁ ରୋଜ୍ଭ୍ୟାଲି ୫ଶହ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକି ନେଇଛି। ଏଥିସହ ସାରା ରାଜ୍ୟର ହଜାର ହଜାର ଜମାକାରୀ ଏହି ଠକେଇର ଶିକାର ହୋଇଛନ୍ତି। ଏ ସଂକ୍ରାନ୍ତରେ ଖୋଳତାଡ଼ କରିବା ସହ ଅଧିକ ତଥ୍ୟ ହାସଲ କରିବାକୁ ଲକ୍ଷ୍ୟ ରଖିଛି ସିବିଆଇ। ସୂଚନା ମୁତାବକ, ଚିଟ୍ଫଣ୍ଡ ଠକେଇ ମାମଲାରେ ରୋଜ୍ଭ୍ୟାଲି ଗ୍ରୁପର ଚେୟାରମ୍ୟାନ ଗୌତମଙ୍କୁ ମନି ଲଣ୍ଡରିଂ ଆକ୍ଟ ୨୦୦୨ ଅନୁଯାୟୀ ୨୦୧୫ରେ ସିବିଆଇର ଅର୍ଥନୈତିକ ଅପରାଧ ଶାଖା ଗିରଫ କରିଥିଲା। ସେ ଏବେ ବିଚାର ବିଭାଗୀୟ ହାଜତରେ ଅଛନ୍ତି। ସେହିଭଳି ଏହି ଠକେଇରେ ସମ୍ପୃକ୍ତ ଥିବା ଅଭିଯୋଗରେ ଚଳଚ୍ଚିତ୍ର ପ୍ରାଯୋଜକ ଶ୍ରୀକାନ୍ତ ମୋହତା ଓ ତୃଣମୂଳ କଂଗ୍ରେସ ଏମ୍ପି ସୁଦୀପ ବନ୍ଦୋପାଧ୍ୟାୟ ଗିରଫ ହୋଇଥିଲେ।

**ରୋଜ୍ଭ୍ୟାଲି ଚିଟ୍ଫଣ୍ଡ ଠକେଇ ମାମଲା**



- ରିମାଣ୍ଡରେ ଆଣିବାକୁ ଆବେଦନ
- ଅପେକ୍ଷାରେ ରହିଛି ସିବିଆଇ

# ଝାରପଡ଼ା ଜେଲରେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ

**ନୟାଗଡ଼ ଅସ୍ତ୍ରାଗାର ଲୁଟ୍ ଅଭିଯୋଗରେ ଗିରଫ ହୋଇଥିଲେ**

ଭୁବନେଶ୍ୱର, ୧୬।୧(ବ୍ୟୁରୋ)

ଭୁବନେଶ୍ୱର ଝାରପଡା ଜେଲରେ ଜଣେ ବିଚାରାଧୀନ କଏଦୀଙ୍କ ଶନିବାର ମଧ୍ୟାହ୍ନରେ ମୃତ୍ୟୁ ଘଟିଛି। ସେ ହେଲେ ପଶ୍ଚିମବଙ୍ଗ ବାଙ୍କୁଡାର ରବି ଦୁଲାଇ। ୨୦୦୮ ନୟାଗଡ ଅସ୍ତ୍ରାଗାର ଲୁଟ୍ ଘଟଣାରେ ରବି ଗିରଫ ହୋଇ ଜେଲ୍ରେ ଥିଲେ। ୨୦୧୭ରେ ନୟାଗଡ଼ ଜିଲା ଏବଂ ସେସନ୍ସ ଜଜ୍କୋର୍ଟ ତାଙ୍କ ସମେତ ୮ଜଣଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଥିଲେ। ହେଲେ ରବି ଜେଲରୁ ଖଲାସ ହୋଇପାରି ନ ଥିଲେ। ଲୁଟ୍ ଓ ଡକାୟତି ମାମଲାରେ ସେ ବିଚାରାଧୀନ କଏଦୀ ଭାବେ ରହିଥିଲେ। ଶନିବାର ପୂର୍ବାହ୍ନ ସାଢେ ୧୦ଟାରେ ରବି ପିଇବା ପାଣି ନେବାକୁ ତାଙ୍କ ସେଲରୁ ବାହାରକୁ ଆସିଥିଲେ। ଆଷ୍ଟା ଗାର୍ଡରୁ ପାଣି ନେଇ ପୁଣି ସେଲକୁ ଫେରିବାବେଳେ ହଠାତ୍ ତଳେ ପଡିଯିବା ସହ ଅଚେତ ହୋଇଯାଇଥିଲେ। ତାଙ୍କୁ ପ୍ରଥମେ ଜେଲ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ନିଆଯାଇଥିଲା। ପ୍ରାଥମିକ ଚିକିତ୍ସା ସମୟରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରବିଙ୍କ ମୃତ୍ୟୁକୁ ନେଇ ଲକ୍ଷ୍ମୀସାଗର ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ପରିବାର ଲୋକଙ୍କୁ ଖବର ଦେଇଛି। ଏଥିସହ ମୃତଦେହକୁ ଶବ ସଂରକ୍ଷଣ ଗୃହରେ ରଖାଯାଇଛି ଓ ପରିବାର ଲୋକ ଆସିବା ପରେ ବ୍ୟବଚ୍ଛେଦ କରାଯାଇ ହସ୍ତାନ୍ତର କରାଯିବ ବୋଲି ଜେଲ୍ ସୁପରିଣ୍ଟେଣ୍ଡେଣ୍ଟ ଧୀରେନ୍ଦ୍ରନାଥ ବାରିକ କହିଛନ୍ତି। ସୂଚନାଯୋଗ୍ୟ, ୨୦୦୮ ଫେବୃୟାରୀ ୧୬ରେ ନୟାଗଡ଼ ଥାନା ଓ ଜିଲା ଅସ୍ତ୍ରାଗାର ଉପରେ ମାଓବାଦୀ ଆକ୍ରମଣ ହୋଇଥିଲା। ମାଓବାଦୀମାନେ ଅସ୍ତ୍ରାଗାରରୁ ବିପୁଳ ଅସ୍ତ୍ରଶସ୍ତ୍ର ବୋହି ନେବାରେ ସକ୍ଷମ ହୋଇଥିଲେ। ଆକ୍ରମଣରେ ୧୩ ପୋଲିସ ସମେତ ମୋଟ ୧୪ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୧୦ଜଣ ଆହତ ହୋଇଥିଲେ। ଏହି ଘଟଣାରେ ଅନ୍ୟମାନଙ୍କ ସହ ରବି ଗିରଫ ହୋଇଥିଲେ। ଏଥିସହ ନୟାଗଡ଼ ପୋଲିସ ଟ୍ରେନିଂ ସ୍କୁଲ୍, ଦଶପଲ୍ଲା ଥାନା ଓ ମହୀପୁର ଫାଣ୍ଡି ଉପରେ ଏକାଧିକଥର ଆକ୍ରମଣ ଘଟଣାରେ ରବି ଅନ୍ୟତମ ଅଭିଯୁକ୍ତ ଥିଲେ।



ପୁଣି ଶୀତ ଫେରିଥିବାବେଳେ ଶନିବାର ସକାଳେ ବହୁ ସମୟ ପର୍ଯ୍ୟନ୍ତ ରାଜଧାନୀ ଭୁବନେଶ୍ୱରରେ କୁହୁଡି ମାଡି ରହିଛି।

# ମାଙ୍କଡ଼ କାମୁଡ଼ାରେ ୩ ଆହତ

ଯାଁଳା, ୧୬।୧(ଡି.ଏନ୍.ଏ.)

ଜଟଣୀ ବ୍ଲକ ଅଧୀନ ଛତାବର ପଞ୍ଚାୟତର ଅରିଶଳ ଗ୍ରାମରେ ମାଙ୍କଡ଼ କାମୁଡ଼ାରେ ୩ଜଣ ଆହତ ହୋଇଛନ୍ତି। ଆହତମାନେ ହେଲେ ଏହି ଗ୍ରାମର ବବୁଲ ପ୍ରଧାନ, ପବିତ୍ର ପ୍ରଧାନ ଓ ସନ୍ଥ ଖେଲୁଆଡ। ସୂଚନା ମୁତାବକ, ଅରିଶଳ ଗ୍ରାମରେ ଏକ ମାଙ୍କଡ଼ ଦୁଇଦିନ ହେବ ଉପଦ୍ରବ କରିବା ସହ ଲୋକଙ୍କୁ କାମୁଡିବାକୁ ଗୋଡ଼ାଉଛି। ଫଳରେ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ରହିବା ସହ କେହି ଘରୁ ବାହାରୁ ନ ଥିବା ଜଣାପଡ଼ିଛି। ମାଙ୍କଡକୁ ଧରି ଜଙ୍ଗଲରେ ଛାଡ଼ିବା ପାଇଁ ଗ୍ରାମବାସୀ ବନ ବିଭାଗ ନିକଟରେ ଦାବି କରିଛନ୍ତି।

# ଏପ୍ରିଲ ୧ ପର୍ଯ୍ୟନ୍ତ ଚାଲିବ ପାର୍ବଣ ସ୍ପେଶାଲ ଟ୍ରେନ୍

ଭୁବନେଶ୍ୱର, ୧୬।୧(ବ୍ୟୁରୋ)

ପୂର୍ବତଟ ରେଳପଥ ପରିସୀମା ମଧ୍ୟରେ ସେବା ଯୋଗାଉଥିବା ୨୧ ଯୋଡ଼ା ପାର୍ବଣ ସ୍ପେଶାଲ ଟ୍ରେନଗୁଡ଼ିକର ଚଳାଚଳ ଅବଧି ଏପ୍ରିଲ ୧ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଭୁବନେଶ୍ୱରରୁ ପ୍ରତି ବୁଧବାର ଓ ରବିବାର ଏବଂ ଆନନ୍ଦ ବିହାରରୁ ପ୍ରତି ମଙ୍ଗଳବାର ଓ ଶୁକ୍ରବାର ଛାଡୁଥିବା ଭୁବନେଶ୍ୱର-ଆନନ୍ଦ ବିହାର-ଭୁବନେଶ୍ୱର ସ୍ପେଶାଲ ଟ୍ରେନ ଭୁବନେଶ୍ୱରରୁ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଓ ଆନନ୍ଦ ବିହାରରୁ ଏପ୍ରିଲ ୨ ତାରିଖ ପର୍ଯ୍ୟନ୍ତ ଚଳାଚଳ କରିବ। ଭୁବନେଶ୍ୱରରୁ ସୋମବାର ଓ ଗୁରୁବାର ଏବଂ ମୁମ୍ବାଇ ଲୋକମାନ୍ୟ ତିଳକ ଟର୍ମିନସରୁ ବୁଧବାର ଓ ଶନିବାର ଛାଡୁଥିବା ଭୁବନେଶ୍ୱର-ମୁମ୍ବାଇ ଲୋକମାନ୍ୟ ତିଳକ ଟର୍ମିନସ-ଭୁବନେଶ୍ୱର ସ୍ପେଶାଲ ଟ୍ରେନ ଭୁବନେଶ୍ୱରଠାରୁ ମାର୍ଚ୍ଚ ୨୯ ପର୍ଯ୍ୟନ୍ତ ଓ ଏଲଟିଟିଠାରୁ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଚଳାଚଳ କରିବ। ସେହିପରି ଭୁବନେଶ୍ୱର-ତିରୁପତି-ଭୁବନେଶ୍ୱର ସାପ୍ତାହିକ ସ୍ପେଶାଲ ଶନିବାର ଦିନ ଭୁବନେଶ୍ୱରରୁ ଓ ରବିବାର ତିରୁପତିରୁ ମାର୍ଚ୍ଚ ୨୮ ପର୍ଯ୍ୟନ୍ତ, ଭୁବନେଶ୍ୱର-ଚେନ୍ନାଇ-ଭୁବନେଶ୍ୱର ସାପ୍ତାହିକ ସ୍ପେଶାଲ ଗୁରୁବାର ଭୁବନେଶ୍ୱରରୁ ଓ ଶୁକ୍ରବାର ଚେନ୍ନାଇରୁ ମାର୍ଚ୍ଚ ୨୬ ପର୍ଯ୍ୟନ୍ତ, ଭୁବନେଶ୍ୱର-ବେଙ୍ଗାଲୁର କ୍ୟାଣ୍ଟ-ଭୁବନେଶ୍ୱର ସାପ୍ତାହିକ ସ୍ପେଶାଲ ରବିବାର ଭୁବନେଶ୍ୱରରୁ ଓ ମଙ୍ଗଳବାର ବେଙ୍ଗାଲୁର କ୍ୟାଣ୍ଟରୁ ମାର୍ଚ୍ଚ ୨୯ ପର୍ଯ୍ୟନ୍ତ, ଭୁବନେଶ୍ୱର-ପୁଡୁଚେରୀ-ଭୁବନେଶ୍ୱର ସାପ୍ତାହିକ ମଙ୍ଗଳବାର ଭୁବନେଶ୍ୱରରୁ ଓ ବୁଧବାର ପୁଡୁଚେରୀରୁ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ, ଭୁବନେଶ୍ୱର-ରାମେଶ୍ୱରମ୍-ଭୁବନେଶ୍ୱର ସାପ୍ତାହିକ ଶୁକ୍ରବାର ଭୁବନେଶ୍ୱରରୁ ଓ ରବିବାର ରାମେଶ୍ୱରମ୍ରୁ ମାର୍ଚ୍ଚ ୨୮ ପର୍ଯ୍ୟନ୍ତ, ସମ୍ବଲପୁର-ହାଓଡ଼ା-ସମ୍ବଲପୁର ସାପ୍ତାହିକ ସାମ୍ବଲପୁରରୁ ଶୁକ୍ରବାର ଓ ଶନିବାର ହାଓଡ଼ାରୁ ମାର୍ଚ୍ଚ ୨୭ ପର୍ଯ୍ୟନ୍ତ, ସମ୍ବଲପୁର-ମାଣ୍ଡୁଆଡିହ-ସମ୍ବଲପୁର ଦ୍ୱି-ସାପ୍ତାହିକ ସ୍ପେଶାଲ ବୁଧବାର ଓ ରବିବାର ସମ୍ବଲପୁରରୁ ଏବଂ ସୋମବାର ଓ ଗୁରୁବାର ମାଣ୍ଡୁଆଡିହରୁ ଏପ୍ରିଲ ପହିଲା ପର୍ଯ୍ୟନ୍ତ, ପୁରୀ-ପାଟନା-ପୁରୀ ସ୍ପେଶାଲ ସୋମବାର ପୁରୀରୁ ଓ ବୁଧବାର ପାଟନାରୁ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ, ପୁରୀ-ଜୟନଗର-ପୁରୀ ସ୍ପେଶାଲ ଗୁରୁବାର ପୁରୀରୁ ଓ ଶନିବାର ଜୟନଗରରୁ ମାର୍ଚ୍ଚ ୨୭ ପର୍ଯ୍ୟନ୍ତ, ପୁରୀ-ସୁରଟ-ପୁରୀ ସ୍ପେଶାଲ ରବିବାର ପୁରୀରୁ ଓ ମଙ୍ଗଳବାର ସୁରଟରୁ ମାର୍ଚ୍ଚ ୩୦ ପର୍ଯ୍ୟନ୍ତ, ପୁରୀ-ଲୋକମାନ୍ୟ ତିଳକ ଟର୍ମିନସ୍-ପୁରୀ ସାପ୍ତାହିକ ମଙ୍ଗଳବାର ପୁରୀରୁ ଓ ଗୁରୁବାର ଏଲଟିଟିରୁ ଏପ୍ରିଲ ପହିଲା ପର୍ଯ୍ୟନ୍ତ, ପୁରୀ-ଚେନ୍ନାଇ-ପୁରୀ ସ୍ପେଶାଲ ରବିବାର ପୁରୀରୁ ଓ ପ୍ରତି ସୋମବାର ଚେନ୍ନାଇରୁ ମାର୍ଚ୍ଚ ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ। ସେହିପରି ଅନ୍ୟ ସ୍ପେଶାଲ ଟ୍ରେନ୍ଗୁଡ଼ିକ ହେଲା ବିଶାଖାପଟନମ୍-ନିଜାମୁଦ୍ଦିନ-ବିଶାଖାପଟନମ୍ ଦ୍ୱିସାପ୍ତାହିକ, ବିଶାଖାପଟନମ୍-ନିଜାମୁଦ୍ଦିନ-ବିଶାଖାପାଟନମ୍ ସ୍ପେଶାଲ, ବିଶାଖାପାଟନମ୍-ଚେନ୍ନାଇ-ବିଶାଖାପାଟନମ୍ ସ୍ପେଶାଲ, ବିଶାଖାପଟନମ୍-ଲୋକମାନ୍ୟ ତିଳକଟର୍ମିନସ୍-ବିଶାଖାପଟନମ୍ ସ୍ପେଶାଲ, ବିଶାଖାପଟନମ୍-ଗାନ୍ଧୀଧାମ-ବିଶାଖାପଟନମ୍ ସ୍ପେଶାଲ, ବିଶାଖାପଟନମ୍-କଡପା-ବିଶାଖାପଟନମ୍ ସ୍ପେଶାଲ ଓ ବିଶାଖାପଟନମ୍-ଲିଙ୍ଗମପଲ୍ଲୀ-ବିଶାଖାପଟନମ୍ ସ୍ପେଶାଲ।

### ଗଛରୁ ପଡ଼ି ଯୁବକ ମୃତ

ଡେଲାଙ୍ଗ, ୧୬।୧ (ଡି.ଏନ୍.ଏ.)

ଡେଲାଙ୍ଗ ଥାନା ଅଧୀନ ଗୁଆଳିପଡ଼ା ପଞ୍ଚାୟତର ବୋଳକଣା ଗ୍ରାମରେ ଶନିବାର ମଧ୍ୟାହ୍ନ ୧୨ଟାରେ ଗଛରୁ ପଡ଼ିଯିବାରୁ ଜଣେ ଯୁବକଙ୍କର ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ରବି ନାରୟଣ ପରିଡ଼ା (୩୫)। ସୂଚନା ଅନୁଯାୟୀ, ରବି ଘର ନିକଟସ୍ଥ ଏକ ଗଛରୁ ନଡ଼ିଆ ତୋଳିବା ପାଇଁ ଚଢ଼ିଥିଲେ। ଅସାବଧାନବଶତଃ ନଡ଼ିଆ ଗଛ ଉପରୁ ହଠାତ୍ ତଳକୁ ଖସିପଡ଼ିଥିଲେ। ପଡ଼ିବାର ଶବ୍ଦ ଶୁଣି ସ୍ଥାନୀୟ ଲୋକେ ଓ ପରିବାର ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇଛନ୍ତି। ଏ ନେଇ ପୋଲିସ ନଂ. ୧/୨୧ ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ରାଜ୍ୟସ୍ତରୀୟ ୱେବିନାର ଉଦ୍ଘାଟିତ



ରାଜ୍ୟସ୍ତରୀୟ ୱେବିନାରରେ ମଞ୍ଚାସୀନ ବିଚାରପତିମାନେ।

କଟକ ଅଫିସ, ୧୬।୧

ଓଡ଼ିଶା ହାଇକୋର୍ଟ ଓ ଓଡ଼ିଶା ଜୁଡିସିଆଲ ଏକାଡେମୀର ମିଳିତ ଆନୁକୂଲ୍ୟରେ 'ମହାମାରୀ ସମୟରେ ବିଚାରାଳୟଗୁଡ଼ିକ ସମ୍ମୁଖୀନ ହୋଇଥିବା ସମସ୍ୟା' ଶୀର୍ଷକ ଦୁଇଦିନିଆ ରାଜ୍ୟସ୍ତରୀୟ ୱେବିନାର ଓଡ଼ିଶା ଜୁଡିସିଆଲ ଏକାଡେମୀର କନ୍ଫରେନ୍ସ ହଲ୍ରେ ଶନିବାର ଉଦ୍ଘାଟିତ ହୋଇଯାଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ଏସ୍. ମୁରଲୀଧର ମୁଖ୍ୟଅତିଥି ଭାବେ ଯୋଗଦେଇ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଉକ୍ତ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ। ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ଡି.ପି. ମହାପାତ୍ର ଏବଂ ପ୍ରଫେସର ସିବିକେ ମହାନ୍ତି ଯୋଗଦେଇ ବିଚାରାଳୟରେ ସୁରକ୍ଷା ଓ ନିରାପତ୍ତା ଭିତରେ କାର୍ଯ୍ୟଧାରା ସମ୍ପର୍କରେ କହିଥିଲେ। ଏହି ଅବସରରେ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜି.ବି. ପଟ୍ଟନାୟକ, ପୂର୍ବତନ ବିଚାରପତି ଅରିଜିତ ପଶାୟତ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ହାଇକୋର୍ଟ ବିଚାରପତି, ରାଜ୍ୟର ସମସ୍ତ ନ୍ୟାୟାଧିକାରୀ ଏବଂ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ହାଇକୋର୍ଟ ବିଚାରପତି ଜଷ୍ଟିସ ସଞ୍ଜୟ କୁମାର ମିଶ୍ର ସ୍ୱାଗତ ଭାଷଣ ଓ ବିଚାରପତି ଜଷ୍ଟିସ ଏସ୍.କେ. ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

# ସହଯୋଗ କରୁଥିଲେ ଦୁଇ ବନ୍ଧୁ, ବାଜ୍ୟାପ୍ତ ହେବ ସମ୍ପତ୍ତି

**ସାରା ରାଜ୍ୟକୁ ଲଘିଛି ହିମାଂଶୁଙ୍କ କିଡ୍ନୀ ଠକେଇ ର୍ୟାକେଟ**

- ରିମାଣ୍ଡର ପ୍ରଥମ ଦିନରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇଲା ପୋଲିସ
- ଶହୀଦନଗର ଥାନାରେ ଆଉଏକ ଅଭିଯୋଗ



ଭୁବନେଶ୍ୱର, ୧୬।୧(ବ୍ୟୁରୋ)

କିଡ୍ନୀ ନାଁରେ ବହୁ କୋଟି ଠକେଇ ର୍ୟାକେଟର ମାଷ୍ଟରମାଇଣ୍ଡ୍ କେନ୍ଦ୍ରାପଡ଼ାର ହିମାଂଶୁ ଭୂଷଣ ନନ୍ଦଙ୍କୁ ୩ ଦିନିଆ ରିମାଣ୍ଡରେ ଆଣିଛି କମିଶନରେଟ ପୋଲିସ। ଶନିବାର ପ୍ରଥମ ଦିନରେ ନୟାପଲ୍ଲୀ ପୋଲିସ ତାଙ୍କୁ ଘଣ୍ଟା ଘଣ୍ଟା ଧରି ମାରାଥନ ଜେରା କରିଥିଲା। ଜେରାରୁ ହିମାଂଶୁଙ୍କ ନିକଟରୁ ପୋଲିସ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇଛି। ହିମାଂଶୁ ସାରା ରାଜ୍ୟରେ କିଡ୍ନୀ ଠକେଇ ଜାଲ ବିଛାଇଥିବା ପୋଲିସ ଜାଣିବାକୁ ପାଇଛି। ଦୁଇଜଣ ବନ୍ଧୁ ଏହି ଠକେଇରେ ତାଙ୍କୁ ସାହାଯ୍ୟ କରୁଥିବା ନେଇ ହିମାଂଶୁ କହିଛନ୍ତି। ତେବେ ତାଙ୍କ ସହ କେଉଁ ପ୍ରାଇଭେଟ୍ ହସ୍ପିଟାଲ ଓ ଡାକ୍ତରଙ୍କ ସମ୍ପୃକ୍ତି ରହିଛି ତାହା ଜାଣିବାକୁ ଚେଷ୍ଟା କରୁଛି ପୋଲିସ। ଏଥିସହ ହିମାଂଶୁଙ୍କର କେଉଁ ଆକାଉଣ୍ଟରେ କେତେ ଟଙ୍କା ରହିଛି ଓ ତାଙ୍କର କେଉଁ କେଉଁ ଜାଗାରେ ସମ୍ପତ୍ତି ରହିଛି ତାହାର ସବୁକିଛି ଖୋଳତାଡ଼ ଆରମ୍ଭ ହୋଇଛି। ପରବର୍ତ୍ତୀ ସମୟରେ ସମସ୍ତ ସମ୍ପତ୍ତି ବାଜ୍ୟାପ୍ତ ହେବ ବୋଲି ଜଣେ ପୋଲିସ ଅଫିସର ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ହିମାଂଶୁଙ୍କ ନାମରେ ଶନିବାର ଶହୀଦନଗର ଥାନାରେ ଆଉ ଏକ ଅଭିଯୋଗ ହୋଇଛି। କିଡ୍ନୀ ଯୋଗାଇଦେବାକୁ କହି କେନ୍ଦ୍ରାପଡ଼ା ମାର୍ଶାଘାଇର ଆଲୋକ ରଞ୍ଜନ ଚଇନୀଙ୍କଠାରୁ ହିମାଂଶୁ ଓ ତାଙ୍କର ଜଣେ ସହଯୋଗୀ ସଞ୍ଜୟ ପଲେଇ ସାଢ଼େ ୮ ଲକ୍ଷ ଟଙ୍କା ଠକି ନେଇଛନ୍ତି। ତେବେ ହିମାଂଶୁ ନିଜକୁ ଅଙ୍ଗ ପ୍ରତ୍ୟାରୋପଣ ୟୁନିଟର ରିଜିଓନାଲ୍ କୋ-ଅର୍ଡିନେଟର୍ ପରିଚୟ ଦେଇ ୨୦୧୫ରେ ତାଙ୍କ ନିକଟରୁ ଏହି ଟଙ୍କା ଠକିନେଇଥିବା ଅଭିଯୋଗରେ ଉଲ୍ଲେଖ ରହିଛି। ଏହାକୁ ମିଶାଇ ହିମାଂଶୁଙ୍କ ନାମରେ ରାଜଧାନୀର ବିଭିନ୍ନ ଥାନାରେ ୪ ଅଭିଯୋଗ ହୋଇସାରିଲାଣି। ସେ ବହୁ କୋଟିର ଠକେଇ କରିଥିବା ପୋଲିସ ଜାଣିବାକୁ ପାଇଥିବାବେଳେ ୪ ଜଣଙ୍କ ନିକଟରୁ ୩୫ଲକ୍ଷ ୭୧ହଜାର ଟଙ୍କା ଠକି ନେଇଛନ୍ତି।

ସୂଚନାଯୋଗ୍ୟ, ହିମାଂଶୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲର ମାର୍କେଟିଂ ବିଭାଗରେ ଚାକିରି କରୁଥିଲେ। ଏହି ସମୟରେ ସେ ହସ୍ପିଟାଲରେ କିଡ୍ନୀ ଆବଶ୍ୟକ ଥିବା ଲୋକଙ୍କ ସମ୍ପର୍କରେ ତଥ୍ୟ ହାସଲ କରିଥିଲେ। ପରେ ସେମାନଙ୍କୁ ଯୋଗାଯୋଗ କରି କିଡ୍ନୀ ଦେବାକୁ ମିଥ୍ୟା ପ୍ରତିଶ୍ରୁତି ଦେଇ ଠକେଇ କରୁଥିଲେ। ନୟାପଲ୍ଲୀ ପୋଲିସ ହାତରେ ଗିରଫ ହେବା ପରେ ହିମାଂଶୁର କଳାକାରନାମା ସାମ୍ନାକୁ ଆସିଥିଲା।

# ଆଜି ଚିଲିକାରେ ଡଲଫିନ ଗଣନା

ବାଲୁଗାଁ/ବ୍ରହ୍ମଗିରି, ୧୬।୧(ଡି.ଏନ୍.ଏ.):



ସମଗ୍ର ଚିଲିକାରେ ରବିବାର 'ଇରାୱାଡ଼ି' ପ୍ରଜାତିର ଡଲଫିନ୍ ଗଣନା କରାଯିବ। ଚିଲିକା ବନ୍ୟପ୍ରାଣୀ ବିଭାଗ ଓ ଚିଲିକା ଡେଭଲପମେଣ୍ଟ ଅଥରଟି (ସିଡିଏ)ର ମିଳିତ ଆନୁକୂଲ୍ୟରେ ଏହି ଗଣନା କାର୍ଯ୍ୟ କରାଯିବ । ଏନେଇ ବିଭାଗ ପକ୍ଷରୁ ଶନିବାର ବାଲୁଗାଁସ୍ଥିତ ବନ୍ୟପ୍ରାଣୀ ବିଭାଗ ସମ୍ମିଳନୀ କକ୍ଷ ଓ ସାତପଡ଼ା ଠାରେ ଗଣନାକାରୀଙ୍କୁ ତାଲିମ ଦିଆଯାଇଛି । ଗଣନା ପାଇଁ ମୋଟ ୧୮ଟି ଦଳ ଗଠନ କରାଯାଇଛି। ପ୍ରତି ଦଳରେ ୪ଜଣ ଲେଖାଏ ପ୍ରଶିକ୍ଷଣପ୍ରାପ୍ତ କର୍ମଚାରୀ ନିୟୋଜିତ ରହିବେ। ୧୮ଟି ଡଙ୍ଗା ସମେତ ସମସ୍ତ ଦଳକୁ ଜିପିଏସ୍, ବାଇନାକୁଲାର, ୱାକିଟକି ଆଦି ଯନ୍ତ୍ରାଂଶ ଯୋଗାଇ ଦିଆଯାଇଛି ବୋଲି ଏସିଏଫ୍ ଶରତ କୁମାର ମିଶ୍ର କହିଛନ୍ତି । ସାତପଡ଼ାଠାରେ ଦିଲ୍ଲୀପ କୁମାର ନାୟକ ଓ ବାଲୁଗାଁରେ ପି.କେ. ମୁଦୁଲି ଗଣନାକାରୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ରବିବାର ଭୋର ୬ଟାରୁ ୧୨ଟା ମଧ୍ୟରେ ଏହି ଗଣନା କରାଯିବ। ଡଲଫିନ୍ ଚଳପ୍ରଚଳ ଅଞ୍ଚଳରେ ଡଙ୍ଗା ସରଳରେଖାରେ ଗତି କରିବ। ଏହି ସମୟରେ ଉଭୟ ପାର୍ଶ୍ୱରେ ଦୃଷ୍ଟିଗୋଚର ଡଲଫିନ୍ ସଂଖ୍ୟା ନିର୍ଦ୍ଧାରଣ କରାଯାଇଥାଏ। ସମଗ୍ର ଚିଲିକାକୁ ୩ଟି ସେକ୍ଟର ତଥା କେନ୍ଦ୍ରୀୟ, ଦକ୍ଷିଣ ଓ ବାହ୍ୟ ଆଦି ଅଞ୍ଚଳରେ ବିଭକ୍ତ କରାଯାଇଥାଏ। ସର୍ବାଧିକ ସଂଖ୍ୟାରେ ଡଲଫିନ୍ ଦୃଷ୍ଟିଗୋଚର ହେଉଥିବା ଅଞ୍ଚଳ ସାତପଡ଼ା, ଜହ୍ନିକୁଦା ଓ ସାତପଡ଼ାଠାରୁ ସମୁଦ୍ର ମୁହାଣ ପର୍ଯ୍ୟନ୍ତ। ଏହା କେନ୍ଦ୍ରୀୟ ସେକ୍ଟରରେ ଅନ୍ତର୍ଭୁକ୍ତ। ସେହିପରି ନଳବଣ ପାର୍ଶ୍ୱ ଚିଲିକା, ବାଲୁଗାଁ ଓ କାଳିଜାଇ ଅଞ୍ଚଳ ଦକ୍ଷିଣ ସେକ୍ଟର ଅନ୍ତର୍ଭୁକ୍ତ। ଡଲଫିନ ଗଣନାର ୫ବର୍ଷ ତଳୁ ଗଣନା କରାଯାଇଥିବା ରିପୋର୍ଟକୁ ଅନୁଧ୍ୟାନ କଲେ ଜଣାଯାଏ ଯେ, ୨୦୧୫ରୁ ୨୦୧୮ ପର୍ଯ୍ୟନ୍ତ କ୍ରମାଗତ ଭାବେ ଏହି ଅଞ୍ଚଳରେ ଡଲଫିନ୍ ସଂଖ୍ୟା ହ୍ରାସ ପାଇଥିଲା। ୨୦୧୯ରୁ ଗତ ଦୁଇ ବର୍ଷ ଧରି ଡଲଫିନ ସଂଖ୍ୟା ବୃଦ୍ଧି ପାଇଥିବା ରିପୋର୍ଟରୁ ଜଣାପଡ଼ିଛି।

**ବିଗତ ବର୍ଷର ଡଲଫିନ ଗଣନା ରିପୋର୍ଟ**

| ବର୍ଷ | ଡଲଫିନ ସଂଖ୍ୟା |
|---|---|
| ୨୦୧୫ | ୧୪୪ |
| ୨୦୧୬ | ଘନ କୁହୁଡ଼ି ଯୋଗୁ ଗଣନା ହୋଇନଥିଲା |
| ୨୦୧୭ | ୧୩୪ |
| ୨୦୧୮ | ୧୨୬ |
| ୨୦୧୯ | ୧୩୬ |
| ୨୦୨୦ | ୧୬୩ |

**ସଂକ୍ଷେପରେ**

## ତୈଳ-ଗ୍ୟାସ୍ ସଂରକ୍ଷଣ ସଚେତନତା ଅଭିଯାନ

ଭୁବନେଶ୍ୱର,୧୬।୧: ତୈଳ ଏବଂ ଗ୍ୟାସ୍ ସଂରକ୍ଷଣ ସଚେତନତା ଅଭିଯାନ ସକ୍ଷମ-୨୧ର ଉଦ୍‌ଘାଟନୀ ଉତ୍ସବ ସ୍ଥାନୀୟ ଇଣ୍ଡିଆନ ଅଏଲ ଭବନ, ଓଡ଼ିଶା ରାଜ୍ୟ କାର୍ଯ୍ୟାଳୟ, ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ତୈଳ ଏବଂ ଗ୍ୟାସ୍ ସଂରକ୍ଷଣ ସମ୍ପର୍କରେ ଅଡିଓ ଭିଜୁଆଲ ମାଧମରେ ନିଜର ବାର୍ତ୍ତା ପ୍ରଦାନ କରିଥିଲେ। ତୈଳ ସଂରକ୍ଷଣ ଉପରେ ଗୁରୁତ୍ୱ ଦେଇ ଏକ ଭାରତ ଶ୍ରେଷ୍ଠ ଭାରତ ଏବଂ ଆତ୍ମନିର୍ଭର ଭାରତ ଗଠନ ଦିଗରେ ସେ ମତ ପ୍ରକାଶ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସଭା ସଦସ୍ୟ ପଦ୍ମଭୂଷଣ ରଘୁନାଥ ମହାପାତ୍ର ଯୋଗଦେଇ ପେଟ୍ରୋଲିୟମ ସାମଗ୍ରୀ ସଂରକ୍ଷଣର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସକ୍ଷମ କେନ୍ଦ୍ର ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ-ପେଟ୍ରୋଲିୟମ ସଂରକ୍ଷଣ ଅନୁସନ୍ଧାନ ସଂଘ (ପିସିଆର୍ଏ) ଓ ତୈଳ ଶିଳ୍ପ ଦ୍ୱାରା ମିଳିତ ଭାବେ ଆୟୋଜିତ କରାଯାଇଥାଏ। ତୈଳ ଏବଂ ଗ୍ୟାସ୍ ସଂରକ୍ଷଣର ସମ୍ପର୍କିତ ସଚେତନତା ଓ ସଂରକ୍ଷଣ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ଚଳିତ ବର୍ଷ ଏହି କାର୍ଯ୍ୟକ୍ରମ ୧୬ ଜାନୁୟାରୀରୁ ୧୫ ଫେବୃୟାରୀ ଯାଏ ପାଳନ କରାଯିବ। ତୈଳ ଶିଳ୍ପ-ଓଡ଼ିଶା ପକ୍ଷରୁ ଭାରତୀୟ ତୈଳ ନିଗମ ଲିମିଟେଡ୍‌ର ମୁଖ୍ୟ ଜେନେରାଲ ମ୍ୟାନେଜର, ରାଜ୍ୟ ସଂଯୋଜକ ଶୁଭଜିତ ଘୋଷ ତାଙ୍କ ସ୍ୱାଗତ ଭାଷଣରେ ରାଜ୍ୟରେ ତୈଳ ଓ ଗ୍ୟାସ୍ ସଂରକ୍ଷଣ ସଚେତନତା ସମ୍ପର୍କିତ ବିଭିନ୍ନ ଯୋଜନା ଉପରେ ସୂଚନା ଦେଇଥିଲେ। ଏହି ଉଦ୍‌ଘାଟନୀ ଉତ୍ସବରେ ଗେଲ୍, ସିଜିଏମ୍ ଦୀନବନ୍ଧୁ ସୋରେନ, ଏଚ୍‌ପିସିଏଲ୍‌ର, ଡିଜିଏମ୍ ତଥା ଆର୍ଏସ୍, ଅଭୟଙ୍କର ଏବଂ ବିପିସିଏଲ୍,ରାଜ୍ୟ ମୁଖ୍ୟ,ଏଲ୍‌ପିଜି ସଞ୍ଜୟ ଶର୍ମାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

# ହ୍ୱାଟ୍ସଆପ୍ ୟୁଜରଙ୍କୁ ଆଶ୍ୱସ୍ତି

ନୂଆଦିଲ୍ଲୀ,୧୬।୧

**ମେ ୧୫ ଯାଏ ଲାଗୁ ହେବନି ପ୍ରିଭେସି ପଲିସି**



ହ୍ୱାଟ୍ସଆପ୍‌ର ନୂଆ ପ୍ରିଭେସି ନୀତି ଏବଂ ସେବା ସଂକ୍ରାନ୍ତ ଅନ୍ୟ ନିୟମ ଚଳିତ ବର୍ଷ ମେ ମାସ ୧୫ ଯାଏ ଲାଗୁ ହେବ ନାହିଁ। କମ୍ପାନୀ ପକ୍ଷରୁ ଶନିବାର ଏ ନେଇ ଘୋଷଣା କରାଯାଇଛି। ପ୍ରିଭେସି ନିୟମ ସମ୍ପର୍କରେ କୌଣସି ଦ୍ୱନ୍ଦ୍ୱ ରହିଥିଲେ ୟୁଜରଙ୍କ ସହ ପ୍ରତ୍ୟକ୍ଷ ଭାବେ ଯୋଡ଼ିହୋଇ ତା'ର ଉତ୍ତର ରଖାଯାଉଥିବା କମ୍ପାନୀ କହିଛି। ଫେବୃୟାରୀ ୮ରେ କୌଣସି ବ୍ୟକ୍ତିବିଶେଷଙ୍କ ଆକାଉଣ୍ଟ ରଦ୍ଦ କିମ୍ବା ହଟାଇ ଦିଆଯିବ ନାହିଁ। ମେ ମାସ ପରେ ନୂଆ ବିଜ୍‌ନେସ ପ୍ଲାନ୍ ସମ୍ପର୍କରେ ୟୁଜରଙ୍କୁ ଅବଗତ କରାଯିବ ବୋଲି ଏହି ମେସେଜିଂ ସେବା ଯୋଗାଣକାରୀ କମ୍ପାନୀ ପକ୍ଷରୁ ଶନିବାର ଟୁଇଟ ଯୋଗେ କୁହାଯାଇଛି।

ଜାନୁୟାରୀ ୬ରେ ଏହି କମ୍ପାନୀ ନୂଆ ନିୟମ ଲାଗୁ ଦ୍ୱାରା ଏହାର ମୂଳ କମ୍ପାନୀ ଫେସ୍‌ବୁକ୍ ସହ ଡାଟା ଶେୟାର କରିବା ନେଇ ୟୁଜରଙ୍କୁ କହିଥିଲା। ଏଥିରେ ୟୁଜରଙ୍କୁ କୌଣସି ବିକଳ୍ପ ପ୍ରଦାନ କରାଯାଇ ନ ଥିଲା। ନୂଆ ନିୟମକୁ ଗ୍ରହଣ ନ କଲେ ଫେବୃୟାରୀ ୮ ସୁଦ୍ଧା ହ୍ୱାଟ୍ସଆପ୍ ଅଚଳ ହୋଇଯିବ ବୋଲି କମ୍ପାନୀ ସ୍ପଷ୍ଟ କରିଥିଲା। କମ୍ପାନୀର ନୂଆ ନିୟମକୁ ନେଇ ୟୁଜର ଏବଂ ବିଶେଷଜ୍ଞ ଅନେକ ସମାଲୋଚନା କରିଛନ୍ତି। ଏହା ଡାଟା ସଂଗ୍ରହକୁ ବଢାଉଥିବା ବେଳେ ପ୍ରିଭେସି ପ୍ରତି ବିପଦ ବୋଲି ଅନେକେ କହୁଛନ୍ତି। ଏହି ପରିପ୍ରେକ୍ଷୀରେ ସାଇବର ନିରାପତ୍ତା ବିଶେଷଜ୍ଞ ଜିତେନ ଜୈନ କହିଛନ୍ତି, ନୂଆ ଅପ୍‌ଡେଟ୍‌ରେ ହ୍ୱାଟ୍ସଆପ୍ ପ୍ରିଭେସି ବିପନ୍ନତାକୁ କମାଇବା ଲାଗି କୌଣସି ପଦକ୍ଷେପ ନେଉଥିବା ଦେଖାଯାଉନାହିଁ। ବର୍ତ୍ତମାନ ଲୋକମାନେ ଏହି ନୀତିକୁ ବିରୋଧ କରୁଥିବାରୁ କମ୍ପାନୀ କେବଳ ନିୟମ କାର୍ଯ୍ୟକାରୀ କରାଇବା ସମୟକୁ ଘୁଞ୍ଚାଇଛି।

ଏପଟେ ହ୍ୱାଟ୍ସଆପ୍ ଏକ ବ୍ଲଗ୍ ପୋଷ୍ଟରେ କହିଛି, ୟୁଜରଙ୍କ ମଧ୍ୟରେ ନୂଆ ନୀତିକୁ ନେଇ ଅନେକ ଭ୍ରାନ୍ତଧାରଣା ରହିଛି। ଏ ସଂକ୍ରାନ୍ତ ପ୍ରସଙ୍ଗକୁ ବୁଝିବାରେ ଲୋକଙ୍କୁ ସହାୟତା କରାଯିବ। ଏଣ୍ଡ-ଟୁ-ଏଣ୍ଡ ଏନ୍‌କ୍ରିପଶନ ଦ୍ୱାରା ୟୁଜରଙ୍କ ସ୍ୱାର୍ଥ ରକ୍ଷା କରିବା ଦିଗରେ କମ୍ପାନୀ ଉଦ୍ୟମ ଜାରି ରଖିଛି। ଏହି ନୂଆ ନିୟମ ଦ୍ୱାରା କମ୍ପାନୀ ମଧ୍ୟ ଗ୍ରାହକଙ୍କ ମେସେଜ ପଢ଼ିବା କଷ୍ଟକର ବ୍ୟାପାର। ଭବିଷ୍ୟତରେ ମଧ୍ୟ କୌଣସି ଆକାଉଣ୍ଟ ଡିଲିଟ କରିବା ଯୋଜନା ରଖାଯାଇନାହିଁ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ଲୋକମାନେ କେଉଁ ଭଳି ଡାଟା ଶେୟାର କରିବେ ଏବଂ କେଉଁ ଆପ୍ଲିକେଶନ ବ୍ୟବହାର କରିବେ ତାହା ନିଜସ୍ୱ ପ୍ରସଙ୍ଗ। ଏଣୁ ବାଧ କରାଇ କିଛି କରାଇବା ଠିକ୍ ନୁହେଁ ବୋଲି କ୍ୟାସ୍‌ପର ସ୍କାଏର ସିନିୟର ରିସର୍ଚ୍ଚର ଆନା ଲାର୍କିନା କହିଛନ୍ତି।

## ରିଲାଏନ୍ସ ଡିଜିଟାଲର ଅଫର

ଭୁବନେଶ୍ୱର,୧୬।୧

ରିଲାଏନ୍ସ ଡିଜିଟାଲ ପକ୍ଷରୁ 'ଡିଜିଟାଲ ଇଣ୍ଡିଆ ସେଲ୍' ପ୍ରିବୁକିଂ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଚଳିତ ବର୍ଷ ଏହି ଅଫର ବଡ଼ ଏବଂ ଉନ୍ନତ ହେବା ସହ ଗ୍ରାହକଙ୍କୁ ୨ ଗୁଣ ସୁବିଧା ପ୍ରଦାନ କରିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଚଳିତ ୧୮ରୁ ୨୦ ତାରିଖ ମଧ୍ୟରେ ପ୍ରିବୁକିଂ ଅବଧି ରହିଛି। ଗ୍ରାହକ ଅଗ୍ରିମ ୧ ହଜାର ଟଙ୍କା ପ୍ରଦାନ କରି ସେମାନଙ୍କ ପ୍ରିୟ ଇଲେକ୍‌ଟ୍ରୋନିକ୍ସ ସାମଗ୍ରୀ ବୁକିଂ କରିପାରିବେ। ଡିଜିଟାଲ ଇଣ୍ଡିଆ ସେଲ୍ ସମୟରେ ଗ୍ରାହକ ଦ୍ରୁତ ରିହାତି ଏବଂ ସ୍ୱତନ୍ତ୍ର ଅଫର ଲାଭ କରିପାରିବେ। ସେହିଭଳି ୨ ହଜାର ଟଙ୍କା ଦେଇ ଗ୍ରାହକ ପ୍ରିବୁକିଂ କରିବାର ଅନ୍ୟ ଏକ ସୁଯୋଗ ରହିଛି। ଏହା ଦ୍ୱାରା ଇଏମ୍ଆଇରେ ୨ ହଜାର ଟଙ୍କାର ଛାଡ଼ ଏବଂ ଅତିରିକ୍ତ ଅଫର ମିଳିପାରିବ। ୨୨ରୁ ୨୬ ଜାନୁୟାରୀ ମଧ୍ୟରେ ଡିଜିଟାଲ ଇଣ୍ଡିଆ ସେଲ୍ ଜାରି ରହିବ। ଏହି ଅବଧିରେ ପ୍ରିବୁକିଂ ବେନିଫିଟ୍ ସୁବିଧାର ଲାଭ ମିଳିବ। ରିଲାଏନ୍ସ ଡିଜିଟାଲ, ମାଇଁ ଜିଓ ଷ୍ଟୋର ଏବଂ ଅନ୍‌ଲାଇନରେ ରିଲାଏନ୍ସ ଡିଜିଟାଲ ଡଟ୍ ଇନ୍‌ରେ ଅଫର ଏବଂ ପ୍ରିବୁକ୍ କରିହେବ। ଗ୍ରାହକ ବିଗେଷ୍ଟ ଡିଲ୍, ବୃହତ୍ ରେଞ୍ଜର ଇଲେକ୍‌ଟ୍ରୋନିକ୍ସ ଏବଂ ଦ୍ରୁତ ଡିସ୍‌କାଉଣ୍ଟ ଲାଭ କରିପାରିବେ। ଷ୍ଟୋରରେ ଗ୍ରାହକଙ୍କ ଲାଗି ନିରାପଦ କ୍ରୟ ବ୍ୟବସ୍ଥା କରାଯାଇଛି। ସେହିଭଳି ଅନଲାଇନରେ ଗ୍ରାହକ ସାମଗ୍ରୀ କିଣି ଦ୍ରୁତ ଡେଲିଭରି ଏବଂ ଷ୍ଟୋର ପିକ୍‌ଅପ୍ ଭଳି ଅନ୍ୟ ସେବା ଲାଭ କରିପାରିବେ।

## ୨୭ ଯାଏ କଟନ୍ ଫାବ୍



ଭୁବନେଶ୍ୱର,୧୬।୧


ଭୁବନେଶ୍ୱରରେ ଚାଲୁ ରହିଥିବା କଟନ ଫାବ୍ ଚଳିତ ମାସ ୨୭ ତାରିଖ ଯାଏ ଚାଲିବ। ଆୟୋଜକ ସଂସ୍ଥା ପକ୍ଷରୁ ଏ ସମ୍ପର୍କରେ ସ୍ପଷ୍ଟ କରାଯାଇଛି। ସ୍ଥାନୀୟ ୟୁନିଟ-୩ ସ୍ଥିତ ଖାରବେଳନଗର ପ୍ରଦର୍ଶନୀ ପଡ଼ିଆଠାରେ ଏହି ପ୍ରଦର୍ଶନୀ ଏବଂ ବିକ୍ରି ମେଳା ପଡିଛି। ସକାଳ ୧୦ରୁ ରାତି ୯ ଯାଏ ଗ୍ରାହକ ଏଠାରେ କିଣାକିଣି କରିବାକୁ ସୁବିଧା ପାଇପାରୁଛନ୍ତି। ଏଠାରେ ଶାଢ଼ି, ଡ୍ରେସ୍ ମ୍ୟାଟେରିଆଲ, କୁର୍ତ୍ତି, ସାଲଓ୍ୱାର କମିଜ ଏବଂ ହୋମ୍ ଫର୍ନିସିଂ ଭଳି ସାମଗ୍ରୀ ଗ୍ରାହକ କ୍ରୟ କରିପାରିବେ। ପ୍ରତି ରବିବାର ଏଠାରେ ଲକିଡ୍ର ମଧ୍ୟ ହେଉଛି। କୋଭିଡ୍ କଟକଣାକୁ ଧ୍ୟାନରେ ରଖାଯାଉଥିବା ଆୟୋଜକଙ୍କ ପକ୍ଷରୁ ସୂଚନା ମିଳିଛି। ଦେଶର ବିଭିନ୍ନ ପ୍ରାନ୍ତର ପ୍ରଡକ୍ଟ ଲୋକମାନେ ଏଠାରେ ଲାଭ କରିପାରିବେ। ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, କଶ୍ମୀର, ଗୁଜରାଟ, ପଶ୍ଚିମବଙ୍ଗ ଏବଂ ବନାରସର ସ୍ୱତନ୍ତ୍ର କଳାକୃତିର ପ୍ରଡକ୍ଟ ଏଠାରେ ମିଳିପାରିବ। ମେଳା ସମୟ ବଢିଥିବାରୁ ଲୋକମାନେ ଏଠାକୁ ଆସି କିଣାକିଣି କରିବାକୁ ଆସିପାରିବେ। ଏହାର ଲାଭ ଉଠାଇବାକୁ ଆୟୋଜକଙ୍କ ପକ୍ଷରୁ ନିବେଦନ କରାଯାଇଛି।

## 'କୋଭିଡ୍ ମୁକାବିଲା ଲାଗି ଭାରତ ନିର୍ଣ୍ଣାୟକ ପଦକ୍ଷେପ ନେଇଛି'

ନୂଆଦିଲ୍ଲୀ,୧୬।୧

କୋଭିଡ୍-୧୯ ମୁକାବିଲା ଏବଂ ଆର୍ଥିକ ସମସ୍ୟା ସମାଧାନ ଦିଗରେ ଭାରତ ନିର୍ଣ୍ଣାୟକ ପଦକ୍ଷେପ ନେଇଥିବା ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି(ଆଇଏମ୍ଏଫ୍) ଶନିବାର କହିଛି। ଆଇଏମ୍ଏଫ୍ ଏମ୍‌ଡି କ୍ରିଷ୍ଟଲିନା ଜିଓଜିଏଭା କହିଛନ୍ତି, ଜାନୁୟାରୀ ୨୬ରେ ୱାର୍ଲଡ ଇକୋନୋମିକ ରିପୋର୍ଟ ପ୍ରକାଶ ପାଇବ। ଭାରତର ଅର୍ଥନୈତିକ ପରଫରମାନ୍ସ ନେଇ ଏଠାରେ କିଛିଟା ସକାରାତ୍ମକ ଦିଗ ସ୍ଥାନିତ ହେବା ନେଇ ସେ ଆଶାବାଦୀ ରହିଛନ୍ତି। ଚଳିତ ଆର୍ଥିକ ବର୍ଷରେ ଭାରତର ଜିଡିପି ୧୦.୩% ଖସିବା ନେଇ ଆଇଏମ୍ଏଫ୍ ପୂର୍ବରୁ ଅନୁମାନ ଲଗାଇଛି। ସେହିଭଳି ୨୦୨୧-୨୨ ଆର୍ଥିକ ବର୍ଷରେ ଜିଡିପି ପୁଣି ଥରେ ଅଭିବୃଦ୍ଧି ପଥକୁ ଫେରିବା ନେଇ ଏହା ଆଶା ରଖିଛି। କରୋନା ପାଇଁ ଭାରତର ଜିଡିପିକୁ ଶକ୍ତ ଧକ୍କା ଲାଗିଛି। ଫଳରେ ପ୍ରଥମ ତ୍ରୈମାସ ଜିଡିପି ୨୩.୯% ହ୍ରାସ ହୋଇଥିଲା। ଲକ୍‌ଡାଉନ ଉଠିବା ପରେ ଆର୍ଥିକ କାର୍ଯ୍ୟକଳାପରେ ଉନ୍ନତି ପରିଲକ୍ଷିତ ହେଉଛି।

## ବଜାରରେ ଆଇ-କଲ୍ ମୋବାଇଲ




ଭୁବନେଶ୍ୱର,୧୬।୧

ଆଲ୍‌ଫା ରେଡିଓସ୍ କମ୍ପାନୀ ପକ୍ଷରୁ 'ଆଇ-କଲ୍' ବ୍ରାଣ୍ଡରେ ନୂଆ ସ୍ମାର୍ଟଫୋନ ବଜାରକୁ ଆସିଛି। କମ୍ପାନୀ ମୋଟ ୬ଟି ମଡେଲ ବଜାରକୁ ଛାଡ଼ିଛି। ୨ଜିବି ଏବଂ ୧୬ ଜିବିରେ ୩ ମଡେଲ ରହିଥିବା ବେଳେ ୩ଜିବି, ୩୨ ଜିବିର ଗୋଟିଏ, ୪ଜିବି, ୩୨ ଜିବିରେ ଗୋଟିଏ ଏବଂ ୪ ଜିବି ୬୪ ଜିବିର ଗୋଟିଏ ମଡେଲ ଏହା ମଧ୍ୟରେ ସାମିଲ ହୋଇଛି। ଏହାବାଦ କମ୍ପାନୀ ୬ ଟାବ୍‌ଲେଟ ମଡେଲ ମଧ୍ୟ ଆଣିଛି। ଏହାବାଦ ୭ରୁ ୮ ନୂଆ ଫିଚର ଫୋନ ମଡେଲ ଆଣିବାକୁ କମ୍ପାନୀ ଯୋଜନା ରଖିଛି। 'ଭୋକାଲ ଫର୍ ଲୋକାଲ'କୁ ଗୁରୁତ୍ୱ ଦେଇ ଏହି ମଡେଲଗୁଡ଼ିକୁ କମ୍ପାନୀ ସମ୍ପୂର୍ଣ୍ଣ ଭାରତୀୟ ବ୍ରାଣ୍ଡ ଭାବେ ପ୍ରସ୍ତୁତ କରୁଛି। ଅନ୍‌ଲାଇନରେ ଏହି କମ୍ପାନୀର ମଡେଲଗୁଡ଼ିକ ଉପଲବ୍ଧ ହେଉଛି। ଗତ ୧୫ ବର୍ଷ ଅନ୍‌ଲାଇନରେ ସେବା ଯୋଗାଉଛି। ନୂଆବର୍ଷ ଉପଲକ୍ଷେ ଏହା ଓଡ଼ିଶାର ପ୍ରାୟ ୮ ବିତରକଙ୍କୁ ଯୋଡ଼ିଛି। ରାଜ୍ୟରେ ଆଗାମୀ ୬ ମାସରେ ପ୍ରାୟ ୨ରୁ ୩ କୋଟି ଟଙ୍କାର କାରବାର କରିବା ନେଇ ଏହା ଯୋଜନା ରଖିଛି। ସୁଲଭ ମୂଲ୍ୟରେ ସର୍ବୋତ୍ତମ ଫିଚର ଯୋଗାଣ ଦିଗରେ ଏହା କାର୍ଯ୍ୟ କରୁଥିବା କହିଛି। ପ୍ରଡକ୍ଟର ଗୁଣବତ୍ତାକୁ ମଧ୍ୟ କମ୍ପାନୀ ଧ୍ୟାନରେ ରଖିଛି। ଓଡ଼ିଶାରେ ୨୪ ସର୍ଭିସ ସେଣ୍ଟର ସହ ଏହା ବର୍ତ୍ତମାନ ସେବା ଯୋଗାଉଥିବା ବେଳେ ଏହାକୁ ବୃଦ୍ଧି କରାଯିବ ବୋଲି କମ୍ପାନୀର ରାଜ୍ୟ ମୁଖ୍ୟ ଶିବ ପାତ୍ର ସୂଚନା ଦେଇଛନ୍ତି।

## ସାହାରା କ୍ରେଡିଟ୍ କୋ-ଅପରେଟିଭ୍ ମାମଲାରେ ନୂଆ ମୋଡ଼

ନୂଆଦିଲ୍ଲୀ,୧୬।୧

ସାହାରା କ୍ରେଡିଟ୍ କୋ-ଅପରେଟିଭ ସୋସାଇଟି ଏବଂ ସାହାରାୟନ ୟୁନିଭର୍ସାଲ ମଲ୍‌ଟି ପରପସ୍ ସୋସାଇଟିକୁ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟଙ୍କ ପକ୍ଷରୁ ଆଶ୍ୱସ୍ତି ମିଳିଛି। ହାଇକୋର୍ଟଙ୍କ ପକ୍ଷରୁ ଉଭୟ ସୋସାଇଟି ବିରୋଧରେ ସେଣ୍ଟ୍ରାଲ ରେଜିଷ୍ଟ୍ରାର ଅଫ୍ କୋ-ଅପରେଟିଭ ସୋସାଇଟିଜ୍‌ର ପ୍ରତିବନ୍ଧକ ଆଦେଶ ଉପରେ ଏହି ସ୍ଥଗିତାଦେଶ ଜାରି କରାଯିବା ସହିତ ସେଣ୍ଟ୍ରାଲ ରେଜିଷ୍ଟ୍ରାର ସକ୍ଷମରେ ଚାଲୁଥିବା କାର୍ଯ୍ୟବାହୀ ଉପରେ ମଧ୍ୟ ରୋକ୍ ଲଗାଯାଇଛି। ଚିଫ୍ ଜଷ୍ଟିସ ଡି.ଏନ୍. ପଟେଲ ଏବଂ ଜଷ୍ଟିସ ଜ୍ୟୋତି ସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ରହିତାଦେଶ ଜାରି କରିବା ସହିତ ଉକ୍ତ ମାମଲାରେ ସେଣ୍ଟ୍ରାଲ ରେଜିଷ୍ଟ୍ରାରକୁ ମଧ୍ୟ ନୋଟିସ ଜାରି କରିଛନ୍ତି। ଉଭୟ ସୋସାଇଟି ପକ୍ଷରୁ ସେଣ୍ଟ୍ରାଲ ରେଜିଷ୍ଟ୍ରାର ୨୨ ଜୁଲାଇ ୨୦୨୦, ୨୪ ସେପ୍ଟେମ୍ବର ୨୦୨୦ ଏବଂ ୧୯ ନଭେମ୍ବର ୨୦୨୦ର ଆଦେଶକୁ ମଧ୍ୟ ଚ୍ୟାଲେଞ୍ଜ କରାଯାଇଥିଲା।

**ରାଜ୍ୟ ଖବର**

## ବେଆଇନ ସସ୍ କାରଖାନା ସିଲ୍



ସସ୍ କାରଖାନାରେ ପ୍ରସ୍ତୁତ ଲିଚିକୁ ପୋଲିସ ଜବତ କରିଛି।

ଧର୍ମଶାଳା,୧୬।୧(ଡି.ଏନ.ଏ.)

ଯାଜପୁର ଜିଲା ଧର୍ମଶାଳା ଥାନା ସୁନ୍ଦୁରିଆ ପଞ୍ଚାୟତ ଷଣ୍ଢପୁର ଗ୍ରାମରେ ଚାଲିଥିବା ଏକ ବେଆଇନ ସସ୍ କାରଖାନାକୁ ଶନିବାର ସିଲ କରିଛି ପୋଲିସ। ଅତିରିକ୍ତ ତହସିଲଦାର ଦେବୀ ପ୍ରସନ୍ନ ମହାନ୍ତିଙ୍କ ଉପସ୍ଥିତିରେ କାରଖାନାକୁ ସିଲ କରାଯାଇଛି। ଶୁକ୍ରବାର ରାତିରେ ଏଠାରେ ଚଢ଼ାଉ କରାଯାଇଥିଲା। ଫୁଡ୍ ଇନ୍ସପେକ୍ଟର ପହଞ୍ଚି ସସ୍‌ର ସାମ୍ପଲ ସଂଗ୍ରହ କରିଥିଲେ। ଏହି କାରଖାନା ଚଳାଉଥିବା ମାଲିକ ଦିଲ୍ଲୀପ ଜେନାଙ୍କ ନାମରେ (ନଂ.୨୯।୨୧)ରେ ମାମଲା ରୁଜୁ କରାଯାଇଛି। ସାମ୍ପଲ ଟେଷ୍ଟରେ କିଛି ଭେଜାଲ ଜଣାପଡ଼ିଲେ ସମ୍ପୃକ୍ତ କମ୍ପାନୀ ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୋଲିସ ସୂଚନା ଦେଇଛି।

ପ୍ରକାଶଯେ, ଏଠାରେ ଦୀର୍ଘ ଦିନ ହେଲା ବେଆଇନ ସସ୍ କାରଖାନା ଚାଲିଥିବା ପୋଲିସ ନିକଟରେ ଅଭିଯୋଗ ହୋଇଆସୁଥିଲା। ଏହାକୁ ଅଧାର କରି ଯାଜପୁର ରୋଡ୍ ଏସ୍‌ଡିପିଓ ଚିନ୍ମୟ ନାୟକଙ୍କ ନେତୃତ୍ୱରେ ଧର୍ମଶାଳା ଥାନା ଅଧିକାରୀ ସରୋଜ କୁମାର ସାହୁଙ୍କ ସମେତ ଏକ ଟିମ୍ ଚଢ଼ାଉ କରିଥିଲା। ଏହି କାରଖାନାରେ ଟମାଟୋ ସସ୍ ଓ ଚିଲି ସସ ସହ ବିଭିନ୍ନ ପ୍ରକାର ଆଚାର ଓ ମୃଦୁ ପାନୀୟ ଲିଚି ଆଦି ପ୍ରସ୍ତୁତ କରାଯାଉଥିଲା।

## ଶିକ୍ଷକଙ୍କୁ ଟାଙ୍ଗିଆରେ ହାଣି ହତ୍ୟା

କୁଚିଣ୍ଡା,୧୬।୧(ଡି.ଏନ୍.ଏ.)

**ଅଭିଯୁକ୍ତ ଗିରଫ**

ସମ୍ବଲପୁର ଜିଲା କୁଚିଣ୍ଡା ଥାନା ଅନ୍ତର୍ଗତ ହାଡ଼ିପାଲି ଗ୍ରାମରେ ଶନିବାର ଜଣେ ଶିକ୍ଷକଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରାଯାଇଛି। ସେ ହେଲେ ରାମଚନ୍ଦ୍ର ଜୟପୁରିଆ (୪୫)। ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ସ୍ଥାନୀୟ କଣ୍ଢ୍ରିକଟା ଗାଁର ଦୁତିଆ ବଢ଼େଇ (୪୭)ଙ୍କୁ ପୋଲିସ ଗିରଫ କରିଛି।

ସୂଚନା ଅନୁଯାୟୀ, ରାମଚନ୍ଦ୍ରଙ୍କ ନିଜ ଘର ଲାଖୋପଡାରେ। ସେ ଘରଜ୍ୱାଇଁ ଭାବେ ହାଡିପାଲି ଗ୍ରାମରେ ରହୁଥିବାବେଳେ ଖଣ୍ଡୋକଟା ୟୁଜିଏମ୍‌ଇ ସ୍କୁଲରେ ଶିକ୍ଷକତା କରୁଥିଲେ। ସକାଳ ସାଢ଼େ ୮ଟାରେ ସେ ଝାରକଟାକୁ ଗାଧୋଇ ଯାଇଥିବାବେଳେ ଦୁତିଆ ପହଞ୍ଚି କୌଣସି କାରଣରୁ ତାଙ୍କୁ ଆକ୍ରମଣ କରିଥିଲେ। ଏଥିରେ ରାମଚନ୍ଦ୍ରଙ୍କ ମୁଣ୍ଡ ଓ ଶରୀରରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ପରିବାର ଲୋକେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ କୁଚିଣ୍ଡା ଡାକ୍ତରଖାନାକୁ ଆଣିଥିଲେ। ହେଲେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ରାମଚନ୍ଦ୍ରଙ୍କ ବାପା କଷ୍ଟଚରଣ ଜୟପୁରିଆଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ. ୧୭/୨୧) ରୁଜୁ କରି ତଦନ୍ତ ଚଳାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ତଦନ୍ତ ପରେ ପ୍ରକୃତ କାରଣ ଜଣାପଡିବ ବୋଲି ପୋଲିସ କହିଛି।

## ଅନ୍‌ଲାଇନ୍ ଗେମ୍ ନେଲା ଜୀବନ

ନୟାଗଡ଼ ଅଫିସ,୧୬।୧:

ନୟାଗଡ଼ ଜିଲା ରଣପୁର ବ୍ଲକ ଗୋପାଳପୁର ନିକଟ ରାମଚନ୍ଦ୍ରପୁର ବ୍ରାହ୍ମଣ ଶାସନରେ ଜଣେ ଯୁବକ ମୋବାଇଲରେ ଅନ୍‌ଲାଇନ୍ ଗେମ୍ ଖେଳୁଥିଲେ। ସେଥିରେ ହାରିଯିବାରୁ ସେ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ମନୋରଞ୍ଜନ ଷଡ଼ଙ୍ଗୀ (୨୦)। ସେ ଜଣେ ଆଇଟିଆଇ ଛାତ୍ର। ମୃତକ ବାପାଙ୍କ ସୂଚନା ଅନୁଯାୟୀ, ମନୋରଞ୍ଜନ ଶୁକ୍ରବାର ଅନ୍‌ଲାଇନ୍‌ରେ ଶେୟାର ମାର୍କେଟରେ ଗେମ୍ ଖେଳୁଥିବା ବେଳେ ହାରି ଯାଇଥିଲେ । ସେ ୧୭ ହଜାର କି ୫୦ ହଜାର ଟଙ୍କା ହାରିଛନ୍ତି ତାହା ଜଣାପଡିନି । ଏଥିପାଇଁ ଚିନ୍ତାରେ ଥିବା ମନୋରଞ୍ଜନ ରାତିରେ ଖାଇ ସାରି ଶୋଇବାକୁ ଯାଇଥିଲେ। ହେଲେ ବିଳମ୍ବିତ ରାତିରେ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପରିବାର ଲୋକେ କିଛି ଜାଣିପାରି ନ ଥିଲେ। ସେ ବାନ୍ତି କରିବା ପରେ ପ୍ରକୃତ କଥା ଜଣାପଡିଥିଲା। ପରିବାର ଲୋକେ ପ୍ରଥମେ ତାଙ୍କୁ ରଣପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ଅବସ୍ଥାରେ ଉନ୍ନତି ନ ଆସିବାରୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ତାଙ୍କୁ ସ୍ଥାନାନ୍ତର କରାଯାଇଥିଲା । ଶନିବାର ପୂର୍ବାହ୍ନରେ ତାଙ୍କର ମୃତ୍ୟୁ ଘଟିଛି।

## ଚାକିରି ନାଁରେ ୬.୫ ଲକ୍ଷ ଲୁଟ

ସମ୍ବଲପୁର,୧୬।୧(ବ୍ୟୁରୋ)

ଚାକିରି ଦେବାକୁ କହି ଜଣେ ବ୍ୟକ୍ତି ତାଙ୍କଠାରୁ ଲକ୍ଷାଧିକ ଟଙ୍କା ଠକି ନେଇଥିବା ନେଇ ବିଦ୍ୟୁତ୍ କୁମାର ଦେ ଶନିବାର ସମ୍ବଲପୁର ଜିଲା ଅଇଁଠାପାଲି ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ କ୍ରମେ ଝାଡ଼ଖଣ୍ଡର ମୂଳବାସିନ୍ଦା ବିଦ୍ୟୁତ୍ ନେଭିରେ କାମ କରୁଥିଲେ। ୨୦୧୬ରେ ସେ ଫେରି ନିଜ ବନ୍ଧୁ ସପନ ମହାଲିଙ୍କ ସହ ବ୍ୟବସାୟ ଆରମ୍ଭ କରିଥିଲେ। ସପନଙ୍କ ସମ୍ପର୍କୀୟ କୁଶଳ ମହାଲି ଝାରସୁଗୁଡା ଜିଲାର ଏକ ଡାକ ଅଫିସରେ କାମ କରନ୍ତି। କୁଶଳ ଡାକ ଅଫିସରେ କାମ ଦେବାକୁ କହି ବିଦ୍ୟୁତ୍‌ଙ୍କ ପାଖରୁ ଚେକ୍ ମାଧ୍ୟମରେ ୬ ଲକ୍ଷ ୫୦ ହଜାର ଟଙ୍କା ଠକି ନେଇଛନ୍ତି। ଏକବର୍ଷ ଭିତରେ ଚାକିରି ହୋଇଯିବ ବୋଲି କହିଥିଲେ ମଧ୍ୟ ହୋଇପାରି ନାହିଁ। ଟଙ୍କା ମାଗିଲା ବେଳକୁ ସେ ମିଛ ମାମଲାରେ ଫସାଇଦେବା ସହ ଜୀବନରେ ମାରିଦେବାକୁ ଧମକ ଦେଉଥିବା ଅଭିଯୋଗ କରିଛନ୍ତି।

# ବାଇକ୍ ଚୋରି ର୍‍ୟାକେଟ ଠାବ : ୯ ଗିରଫ

ଆସିକା,୧୬।୧(ଡି.ଏନ୍.ଏ.)



ଯନ୍ତ୍ରାଂଶ ଖୋଲାଯାଇଥିବା ବାଇକ୍ ଓ ଗିରଫ ଅଭିଯୁକ୍ତମାନେ।

ଗଞ୍ଜାମ ଜିଲା ଆସିକା ଥାନା ପୋଲିସ ବାଇକ୍ ଚୋରି ର୍‍ୟାକେଟର ପର୍ଦ୍ଦାଫାଶ କରିଛି। ର୍‍ୟାକେଟର ୩ ମୁଖ୍ୟ ଅଭିଯୁକ୍ତ ଓ ଚୋରା ବାଇକ୍ ଏବଂ ଯନ୍ତ୍ରାଂଶ କିଣିଥିବା ୬ ଜଣ ଏପରି ମୋଟ ୯ ଜଣଙ୍କୁ ଗିରଫ କରାଯାଇଛି। ମୁଖ୍ୟ ଅଭିଯୁକ୍ତମାନେ ହେଲେ ଧରାକୋଟ ଥାନା ଡଉଗାଁ ଗ୍ରାମର ଅଶ୍ୱିନୀ ନାହାକ, ଆସିକା ଥାନା ବରଗାଁ ଗ୍ରାମର ପ୍ରଶାନ୍ତ ବେହେରା ଓ କାଳି ପ୍ରସାଦ ବେହେରା। ବାଇକ୍ ଯନ୍ତ୍ରାଂଶ କିଣିବା ଅଭିଯୋଗରେ ଗ୍ୟାରେଜ୍ ମାଲିକ ମଙ୍ଗଳପୁରର ମନୋଜ ପ୍ରଧାନ, କରାଡଲିର ଲୋକେଶ ଜେନା, ରେଞ୍ଜୀ ଦାମୋଦରପଲ୍ଲୀର ବି. ସୁନିଲ ରେଞ୍ଜୀ ଓ ମାଗୁରାପଲ୍ଲୀ ଗ୍ରାମର ବ୍ରଜରାଜ ବେହେରା ଗିରଫ ହୋଇଛନ୍ତି। ସେହିପରି ନବରତ୍ନପୁର ଗ୍ରାମର ସନ୍ନ୍ୟାସୀ ଗୌଡ଼ ଓ ଗଜପତି ଜିଲା ରାମଗିରିର ପିଣ୍ଟୁ କାର୍ଜି ଚୋରା ବାଇକ୍ କିଣି ଗିରଫ ହୋଇଛନ୍ତି। ଶନିବାର ଆସିକା ଥାନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପ୍ରଶିକ୍ଷଣରେ ଥିବା ଆଇପିଏସ୍ ଅଧିକାରୀ ରାଘବେନ୍ଦ୍ର ରେଞ୍ଜୀ ଗୁଣ୍ଡାଲା ଓ ଆସିକା ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ ଏହି ସୂଚନା ଦେଇଛନ୍ତି।

**୨୧ ବାଇକ୍‌ର ଯନ୍ତ୍ରାଂଶ ଜବତ**

ପୋଲିସ ସୂଚନାନୁଯାୟୀ, ୩ ମୁଖ୍ୟ ଅଭିଯୁକ୍ତ ଗଞ୍ଜାମ, ଗଜପତି ଓ ସୀମାନ୍ତ ଆନ୍ଧ୍ରପ୍ରଦେଶର ବିଭିନ୍ନ ସ୍ଥାନରୁ ବାଇକ୍ ଚୋରି କରି ଗ୍ୟାରେଜ୍ ମାଲିକମାନଙ୍କୁ କମ୍ ଟଙ୍କାରେ ବିକ୍ରି କରିଥାଆନ୍ତି । ଗ୍ୟାରେଜ୍ ମାଲିକମାନେ ଚୋରି ଗାଡ଼ିର ଇଞ୍ଜିନ ଖୋଲି ଯନ୍ତ୍ରାଂଶକୁ ଲେଦ୍ ମେଶିନ, ପାଣିମୋଟର, ଡଙ୍ଗା ଆଦିରେ ବ୍ୟବହାର ଲାଗି ବିକ୍ରି କରିଥାନ୍ତି। ପରେ ଅନ୍ୟାନ୍ୟ ଯନ୍ତ୍ରାଂଶ କବାଡିଆବାଲାଙ୍କୁ ବିକ୍ରି କରୁଥିଲେ। ଚଳିତ ମାସରେ ଆସିକା ଥାନା ଇଲାକାରୁ ବାଇକ୍ ଚୋରି ନେଇ ରୁଜୁ ହୋଇଥିବା ୩ ମାମଲା ଓ ୨୦୧୮ରେ ଖଲ୍ଲିକୋଟ ଥାନାରେ ରୁଜୁ ହୋଇଥିବା ବାଇକ୍ ଚୋରି ମାମଲା ତଦନ୍ତରୁ ର୍‍ୟାକେଟ ସମ୍ପର୍କରେ ଜଣାପଡ଼ିଥିଲା। ଆସିକା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁଙ୍କ ନେତୃତ୍ୱରେ ଗଠିତ ଏକ ସ୍ୱତନ୍ତ୍ର ଟିମ୍ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲେ।

## ସମ୍ବଲପୁରରେ ଫିଲାଟେଲି ବ୍ୟୁରୋ ଉଦ୍‌ଘାଟିତ

ସମ୍ବଲପୁର,୧୬।୧(ବ୍ୟୁରୋ):



ସମ୍ବଲପୁର ମୁଖ୍ୟ ଡାକଘରେ ଫିଲାଟେଲି ବ୍ୟୁରୋ ଉଦ୍‌ଘାଟନ କରାଯାଉଛି ।

ସମ୍ବଲପୁର ମୁଖ୍ୟ ଡାକଘର ପରିସରରେ ଶନିବାର ଫିଲାଟେଲି ବ୍ୟୁରୋ ଉଦ୍‌ଘାଟିତ ହୋଇଯାଇଛି। କେନ୍ଦ୍ର ଯୋଗାଯୋଗ ମନ୍ତ୍ରଣାଳୟ ପକ୍ଷରୁ ଏହା ଖୋଲାଯାଇଛି। ସମ୍ବଲପୁର ଏମ୍‌ପି ନୀତେଶ ଗଙ୍ଗଦେବ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ, ଏସ୍ଏସ୍‌ପି ବିପିନ ବିହାରୀ ନେଗୀ, ପୋଷ୍ଟମାଷ୍ଟର ଜେନେରାଲ ଲଳିତେନ୍ଦୁ ପ୍ରଧାନ, ଫିଲାଟେଲିଷ୍ଟ ସନାତନ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଦେଶରେ ଏହା ୭୪ତମ ହୋଇଥିବାବେଳେ ପଶ୍ଚିମ ଓଡ଼ିଶାରେ ପ୍ରଥମ ହୋଇଛି। ଏହା ଉପରେ ସମ୍ବଲପୁର, ବଲାଙ୍ଗୀର, ସୁନ୍ଦରଗଡ଼, ଢେଙ୍କାନାଳ, କେନ୍ଦୁଝର, ରାଉରକେଲା, ଆର୍ଏମ୍ଏସ୍‌କେ ପୋଷ୍ଟାଲ ଡିଭିଜନ ନିର୍ଭର କରିବେ। ସମ୍ବଲପୁରର ଶୀତଳଷଷ୍ଠୀ ଯାତ୍ରା, ହୀରାକୁଦ ଡ୍ୟାମ୍, ହୁମା ବକ୍ର ମନ୍ଦିର, ଘଣ୍ଟେଶ୍ୱରୀ ମନ୍ଦିର, ସମ୍ବଲପୁର ଲୋକବାଦ୍ୟ ଓ ଲୋକନୃତ୍ୟ ଥିବା ସ୍ପେଶିଆଲ କଭର ଉନ୍ମୋଚନ କରାଯାଇଥିଲା। ପୃଥକ୍ ଭାବେ ଏହାର ସ୍ମରଣିକା ମଧ୍ୟ କରାଯାଇଛି।

**ରାଜ୍ୟରେ ତୃତୀୟ, ପଶ୍ଚିମ ଓଡ଼ିଶାରେ ପ୍ରଥମ**

ଏଠାରେ ଡାକ ଟିକଟ ସଂଗ୍ରହ କରି ରଖାଯିବା ସହ ବିକ୍ରି ମଧ କରାଯିବ। ପୂର୍ବରୁ ରାଜ୍ୟରେ କଟକ ଓ ଭୁବନେଶ୍ୱରରେ ଏହି କେନ୍ଦ୍ର ରହିଥିଲା। ଡାକ ଟିକଟ ସଂଗ୍ରହ କରିବାରେ ଲୋକମାନଙ୍କୁ ସମସ୍ୟା ହେଉଥିଲା। ଅନେକ ସମୟରେ ପଶ୍ଚିମ ଓଡ଼ିଶାର ଲୋକଙ୍କୁ ଡାକ ଟିକଟ ସଂଗ୍ରହ ପାଇଁ କଲିକତା ଉପରେ ନିର୍ଭର କରିବାକୁ ପଡୁଥିଲା।

## ଜମିବାଡ଼ି ବିବାଦରୁ ହତ୍ୟା

ସିନାପାଲି, ୧୬।୧ (ଡି.ଏନ.ଏ):

ନୂଆପଡା ଜିଲା ସିନାପାଲି ଥାନା ଗମ୍ଭାରୀଗୁଡା ଗ୍ରାମରେ ସଂଘବଦ୍ଧ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନନ୍ଦ ଖର୍ସେଲ (୩୫)। ପୋଲିସ ପହଞ୍ଚି ମୃତଦେହ ଜବତ କରିଛି। ପୋଲିସ ସୂଚନା ଅନୁସାରେ, ଗମ୍ଭାରୀଗୁଡା ଗ୍ରାମର ନନ୍ଦ ଖର୍ସେଲ ଓ ତାଙ୍କ ସମ୍ପର୍କୀୟ କାକା ବୈବସ୍ୱତ ଖର୍ସେଲଙ୍କ ମଧ୍ୟରେ ଜମିବାଡ଼ିକୁ ନେଇ ବିବାଦ ଲାଗି ରହିଛି। ଗତ ୧୫ ଦିନ ତଳେ ଏହାକୁ କେନ୍ଦ୍ର କରି ଉଭୟ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଶନିବାର ବୈବସ୍ୱତଙ୍କ ଘର ରାସ୍ତା ଦେଇ ନନ୍ଦ ଯାଉଥିବା ବେଳେ ପୂର୍ବ ଯୋଜନା ମୁତାବକ ବୈବସ୍ୱତଙ୍କ ପରିବାର ଲୋକେ ତାଙ୍କୁ ସଂଘବଦ୍ଧ ଆକ୍ରମଣ କରିଥିଲେ। ଖଡିଆଳ ଏସ୍‌ଡିପିଓ ସତକ୍ ଜୈନ, ସିନାପାଲି ଥାନାଧିକାରୀ ଜ୍ୟୋତିରଞ୍ଜନ ଗଉଡ ସଦଳବଳ ସେଠାରେ ପହଞ୍ଚି ଘଟଣାର ତଦନ୍ତ ଜାରି ରଖିଛନ୍ତି।

# ଦୀର୍ଘ ଦିନ ପରେ...

ଦୀର୍ଘ ୯ ମାସ ପରେ କେତେକ ନିର୍ଦ୍ଦିଷ୍ଟ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ପ୍ରତୀକ୍ଷାର ଘଟିଲା ଅନ୍ତ। ସରକାରଙ୍କ ବିଭିନ୍ନ କୋଭିଡ୍ କଟକଣା ମଧ୍ୟରେ ଖୋଲିଲା ଶିକ୍ଷାନୁଷ୍ଠାନ। ସ୍କୁଲ୍ କିମ୍ବା କଲେଜ୍‌କୁ ଆସିବା ବେଳେ ମାସ୍କ ବାଧ୍ୟତାମୂଳକ, ପରିସର ମଧ୍ୟରେ ହାତ ଧୋଇବା ଓ ବିଶୋଧନ କରିବାର ବ୍ୟବସ୍ଥା ରହିଛି। ସୋସିଆଲ୍ ଡିଷ୍ଟାନ୍ସିଂ ରକ୍ଷା କରି କ୍ଲାସ୍ କରିବା ର ବ୍ୟବସ୍ଥା ବି ହୋଇଛି। ତେବେ ଗୋଟେ ପଟେ ଦୀର୍ଘ ସମୟ ପରେ ଶିକ୍ଷାନୁଷ୍ଠାନରେ ଯୋଗଦେବା, ସାଙ୍ଗସାଥିଙ୍କୁ ଭେଟିବା ଆଦିକୁ ନେଇ ଛାତ୍ରୀଛାତ୍ରମାନେ ବେଶ୍ ଉତ୍ସାହିତ ଥିବା ବେଳେ ଅନ୍ୟ ପଟେ ରୋଗ ସଂକ୍ରମଣର ଭୟ ରହୁଛି। ଏଭଳି ପରିସ୍ଥିତିରେ କଲେଜ ଯିବାକୁ ନେଇ ନିଜର ପ୍ରତିକ୍ରିୟା ସମ୍ପର୍କରେ ଯାହା କୁହନ୍ତି ଏହି ଛାତ୍ରୀଛାତ୍ରମାନେ...







**ସ୍କୁଲ୍ ହେଉ ଅବା କଲେଜ ପଢୁଆ ଛାତ୍ରୀଛାତ୍ରଙ୍କର ଛୁଟି ନାଁ ଶୁଣିଲେ ଖୁସି କହିଲେ ନ ସରେ। କିନ୍ତୁ ଦୀର୍ଘ ୯ମାସ ଛୁଟି, ନା କେବେ କେହି ଭାବିଥିଲେ ନା ଦେଖିଥିଲେ। ରୋଗ ସଂକ୍ରମଣ ଆଶଙ୍କାରେ ଏ ଛୁଟିର ଅବଧି ଯେତେ ଯେତେ ବଢୁଥିଲା ଖୁସି ବଦଳରେ ପାଠପଢା ସେତେ ସେତେ ବ୍ୟାହତ ହେବାର ଚିନ୍ତା ଘାରୁଥିଲା। ତେବେ ଦୀର୍ଘ ଅପେକ୍ଷା ପରେ ସରକାରଙ୍କ ବିଭିନ୍ନ କଟକଣା ଭିତରେ କେତେକ ନିର୍ଦ୍ଦିଷ୍ଟ ବର୍ଷର ଛାତ୍ରୀଛାତ୍ରଙ୍କ ପାଇଁ ଖୋଲିଛି ସ୍କୁଲ୍ ଏବଂ କଲେଜ। ଏମିତିରେ ଏତେ ମାସ ପରେ ପ୍ରଥମ ଦିନ ନିଜ ଶିକ୍ଷାନୁଷ୍ଠାନରେ ପୁନର୍ବାର ଯୋଗଦେବା କିପରି ଅନୁଭବ ହେଉଛି ସେ ସମ୍ପର୍କରେ ଯାହା କୁହନ୍ତି ଏହି ଛାତ୍ରୀଛାତ୍ରମାନେ...**

### ସଂକ୍ରମଣ ଭୟଠୁ ଅଧିକ ରହୁଛି ଭବିଷ୍ୟତ ଚିନ୍ତା

**ସ୍ୱୟଂ ଶୁଭାଶିଷ ସାହୁ**(ଯୁକ୍ତ ଦୁଇ ଶେଷ ବର୍ଷ ବିଜ୍ଞାନ, ନୟାଗଡ଼ ଜୁନିୟର କଲେଜ)- କରୋନା କଟକଣା ଭିତରେ ଖୋଲିଛି କଲେଜ। ଏପର୍ଯ୍ୟନ୍ତ କରୋନା ସମ୍ପୂର୍ଣ୍ଣ ଭାବେ ଦୂରେଇ ଯାଇନି। ତେଣୁ ପ୍ରଥମ ଦିନ କଲେଜ ଆସିବା ବେଳେ ରୋଗ ସଂକ୍ରମଣର ଭୟ ତ ମନରେ ନିହାତି ଥିଲା ହେଲେ ଭବିଷ୍ୟତ ଚିନ୍ତାରେ ଏହା ଦୂରେଇଗଲା। ଏତେଦିନ ଛୁଟି ଭିତରେ କ୍ଲାସ୍‌ରୁମ୍ ଟିଚିଂ କେତେ ଗୁରୁତ୍ୱପୂର୍ଣ୍ଣ ସେକଥା ବି ଭଲ ଭାବେ ବୁଝି ସାରିଛି। ତେଣୁ ସରକାରଙ୍କ ସମସ୍ତ ଗାଇଡ୍‌ଲାଇନ୍ ଅନୁସାରେ ଆବଶ୍ୟକ ସତର୍କତା ପାଳନ କରି ପ୍ରତିଦିନ କଲେଜ ଆସୁଛି।


ଭାରତୀ


ସ୍ୱୟଂ ଶୁଭାଶିଷ


ହର ପ୍ରସାଦ


ମାମାଲି

### ସୋସିଆଲ୍ ଡିଷ୍ଟାନ୍ସିଂ ରଖିବାକୁ ପଡୁଛି

**ମାମାଲି ସେନାପତି**(ଯୁକ୍ତ ଦୁଇ ଶେଷ ବର୍ଷ କଳା, ଗୋବିନ୍ଦପୁର ମହିଳା ମହାବିଦ୍ୟାଳୟ)- କରୋନା ଲାଗି ମାସେ କିମ୍ବା ଦୁଇ ମାସ ନୁହେଁ ଦୀର୍ଘ ୯ମାସର ଛୁଟିରେ ସମସ୍ତ ଛାତ୍ରୀଛାତ୍ରଙ୍କ ପାଠପଢା ଅବହେଳିତ ହୋଇପଡ଼ିଛି। ଅନ୍‌ଲାଇନ୍ କ୍ଲାସ୍ ହେଉଥିଲେ ହେଁ ଏହା ଏତେଟା ଉପଯୋଗୀ ହୋଇପାରୁ ନ ଥିଲା। ତେଣୁ ଆମ ପାଇଁ କଲେଜ ଖୋଲିବା ଏକ ଖୁସି ଖବର। ଛୁଟି ପରେ ପ୍ରଥମ ଦିନ କଲେଜ ଯିବା ବେଳେ ମନରେ ଡର ତ ଥିଲା, କିନ୍ତୁ ପୁଣି କ୍ଲାସ୍ କରିବା ଏବଂ ସାଙ୍ଗମାନଙ୍କୁ ଏତେଦିନ ପରେ ଭେଟିବାର ଖୁସି ଅବର୍ଣ୍ଣନୀୟ ଥିଲା। ତେବେ ଏସବୁ ସତ୍ତ୍ୱେ ମଧ୍ୟ ସୁରକ୍ଷା ଦୃଷ୍ଟିରୁ ମାସ୍କ ପିନ୍ଧିବା ଏବଂ ସୋସିଆଲ୍ ଡିଷ୍ଟାନ୍ସିଂ ରଖିବାକୁ ଗୁରୁତ୍ୱ ଦେଉଛି।

### ପ୍ରଥମ ଥର ଛୁଟି ଖୋଲିବାରୁ ଖୁସି ଲାଗିଲା

**ହର ପ୍ରସାଦ ମହାପାତ୍ର**(ଯୁକ୍ତ ୩ ଶେଷ ବର୍ଷ ବିଜ୍ଞାନ, ବଂଶୀଧର ମହାବିଦ୍ୟାଳୟ, ଇଟାମଟି, ନୟାଗଡ଼)- କରୋନା ପ୍ରତି ଭୟ ନାହିଁ। କାରଣ, ସତର୍କ ରହିଲେ ଏ ରୋଗ ସଂକ୍ରମଣର ଆଶଙ୍କା କମ୍। କିନ୍ତୁ ଏତେଦିନ ପାଠ ପଢା ବନ୍ଦ ରହିବା ଦ୍ୱାରା କ୍ୟାରିଅର ଉପରେ ତା'ର ଯେଉଁ ନକାରାତ୍ମକ ପ୍ରଭାବ ପଡ଼ିବ ତାକୁ ସୁଧାରିବା କଷ୍ଟକର ହୋଇପଡ଼ିବ। ପୂର୍ବରୁ ସ୍କୁଲ୍ କିମ୍ବା କଲେଜ ଛୁଟି କେବେ ହେବ ଚାତକ ପରି ଚାହିଁ ରହୁଥିଲି ଏବଂ ଆଉ କିଛି ଦିନ ଛୁଟି ଥିଲେ ଭଲ ହୋଇଥାନ୍ତା ଭାବୁଥିଲି। ହେଲେ, ଏଥର ପ୍ରଥମ ଥର ପାଇଁ ଛୁଟି ଖୋଲିବାକୁ ନେଇ ବେଶି ଖୁସି ଲାଗୁଛି।

### ଅଜବ ଲାଗୁଥିଲେ ବି ନିୟମ ମାନିବାକୁ ପଡୁଛି

**ଭାରତୀ ନାୟକ**(ଯୁକ୍ତ ଦୁଇ ଶେଷ ବର୍ଷ ବିଜ୍ଞାନ, କଲେଜ ଅଫ୍ ବେସିକ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି)- ଜୀବନରେ ଏମିତି ବି ପରିସ୍ଥିତି ଆସିବ କେହି କେବେ ଚିନ୍ତା ବି କରି ନ ଥିଲେ। ରୋଗ ସଂକ୍ରମଣ ଭୟରେ ଘରୁ ବାହାରିବା ମନା, କାହାକୁ ଛୁଇଁବା ତ ଦୂରର କଥା ପାଖରେ ଠିଆ ହୋଇ ଗପିବା ବି ମନା। କରୋନା ସମସ୍ତଙ୍କ ଜୀବନକୁ ପ୍ରଭାବିତ କରିଛି। ଆମ ଭଳି ସମସ୍ତ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ପାଇଁ ଏହା ଚିନ୍ତାର କାରଣ ସାଜିଛି। ଯଦିଓ ଏବେ ବି ସଂକ୍ରମଣ ଭୟ ଯାଇନି ତଥାପି କଟକଣା ଭିତରେ କଲେଜ ଖୋଲିଥିବାରୁ ଖୁସି ଲାଗୁଛି। ତେବେ କଲେଜରେ ପୂର୍ବ ଭଳି ମାହୋଲ ଆଉ ନାହିଁ। କାରଣ ମାସ୍କ ପିନ୍ଧିବା, ସାଙ୍ଗସାଥୀଙ୍କଠାରୁ ଦୂରରେ ବସିବା, ଏକାଠି ନ ଖାଇବା, ହାତ ବାରମ୍ବାର ସାନିଟାଇଜ୍ କରିବା ଆଦି ଅଜବ ଲାଗୁଥିଲେ ହେଁ ସତର୍କତା ଦୃଷ୍ଟିରୁ ଏସବୁ ମାନିବାକୁ ପଡୁଛି।

## ଏ ସପ୍ତାହର ପ୍ରଶ୍ନ

୧-ନ୍ୟାଶନାଲ୍ ୟୁଥ୍ ପାର୍ଲିଆମେଣ୍ଟ ଫେଷ୍ଟିଭାଲ୍ ପ୍ରଥମେ....... ମସିହାରେ ଅନୁଷ୍ଠିତ ହୋଇଥିଲା ?
୨- ନ୍ୟାଶନାଲ୍ ମେଡିକାଲ୍ କମିଶନର ପ୍ରଥମ ଚେୟାରମ୍ୟାନ୍ .......... ?
୩- ନିକଟରେ ୱାର୍ଲ୍ଡ ରେକର୍ଡ଼ କରିଥିବା ଖ୍ରୀଷ୍ଟିଆନା କୋଚ୍ ପେସାରେ ଜଣେ ........... ?
୪- ଏ ଚାଇଲ୍ଡ ଅଫ୍ ଡେଷ୍ଟିନି ପୁସ୍ତକ ..........ଙ୍କ ଆତ୍ମଜୀବନୀ ?
୫- ଇମାଜିନ୍ କପ୍ ୨୦୨୧ର ଇଣ୍ଡିଆ ଏଡିଶନ୍‌ର ନଲେଜ୍ ପାର୍ଟନର୍............. ?

## ଗତ ଥରର ଉତ୍ତର

୧ ଭାରତ
୨ ଭି.ଡି. ସଭରୱାଲ
୩ କର୍ନାଟକ
୪ ଅକ୍ଟୋବର ୨୩
୫ ଏଲିଶା ଓଟିସ୍

## ଉତ୍ତରଦାତା


ଶେଖ୍ ୟାକୁବ୍, ଗୋପ


ବିପ୍ର କର, ଭୁବନେଶ୍ୱର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ-ମେଲ୍ ଠିକଣା: dharitriagamiasha @gmail.com


## ଯୁବ ପ୍ରତିଭା

# ତାଙ୍କଠାରୁ ହାରିଛି ଭିନ୍ନକ୍ଷମତା

ଇଚ୍ଛାଶକ୍ତି ଏବଂ ଦୃଢ ମନୋବଳ ଆଗରେ ଭିନ୍ନକ୍ଷମତା ବି ହାର୍ ମାନିଥାଏ। ଏକଥାକୁ ନିଜ କର୍ମ ଦ୍ୱାରା ପ୍ରମାଣ କରି ଦେଖାଇଛନ୍ତି ସେ, ଆଉ ଏକାଧାରରେ ଜଣେ ଶିକ୍ଷକ, ଲେଖକ, ଗୀତିକାର, ନାଟ୍ୟକାର, ଅଭିନେତା ଓ ନିର୍ଦ୍ଦେଶକ ଭାବରେ ସୃଷ୍ଟି କରିପାରିଛନ୍ତି ନିଜର ଏକ ସ୍ୱତନ୍ତ୍ର ପରିଚୟ। ଏଭଳି ଜଣେ ବହୁମୁଖୀ ଯୁବ ବ୍ୟକ୍ତିତ୍ୱ ହେଉଛନ୍ତି କେନ୍ଦୁଝର ଜିଲା ସଦର ବ୍ଲକ ଅନ୍ତର୍ଗତ କେରୀ ଗ୍ରାମର ଗଣନାଥ ମହାନ୍ତ। ପିଲାଦିନୁ ୭୫ ପ୍ରତିଶତ ଭିନ୍ନକ୍ଷମ ହୋଇଥିବାରୁ ସେ ଭଲଭାବରେ ଖେଳାବୁଲା କରିପାରୁ ନ ଥିଲେ। ହେଲେ ମନରେ ଥିଲା ଉଚ୍ଚ ଆଶା ଏବଂ ସମାଜରେ ନିଜକୁ ପ୍ରତିଷ୍ଠିତ କରିବାର ସ୍ୱପ୍ନ। ପିଲାବେଳୁ ସେ ବେଶ୍ କଳାପ୍ରେମୀ ମଧ୍ୟ ଥିଲେ। ଜେଜେ ବାପା ମକୁନ୍ଦ ଚରଣ ମହାନ୍ତ ଜଣେ ସଂଗୀତ ବାଦକ ଓ ଝୁମୁର ଗାୟକ ହୋଇଥିବାରୁ ଏଥିପ୍ରତି ତାଙ୍କର ଆଗ୍ରହ ବଢିଥିଲା। ତାଙ୍କଠାରୁ ଶିଖି ରାମଲୀଳାରେ ଭାଗନେଇ ନିଖୁଣ ଅଭିନୟ କରି ପ୍ରଶଂସିତ ହୋଇଛନ୍ତି। ସ୍କୁଲରେ ପାଠ ପଢିବା ବେଳେ ଆଞ୍ଚଳିକ ମଞ୍ଚରୁ ଆରମ୍ଭ କରି ଜିଲା ସ୍ତରରେ ବହୁ ଗୀତ ଗାଇ ପୁରସ୍କୃତ ହୋଇଛନ୍ତି ଏବଂ ସେବେଠୁ ସେ ଆଉ ପଛକୁ ଫେରି ଚାହିଁ ନାହାନ୍ତି।

ବି.ଏସ୍‌ସି. ପାସ କରିବା ପରେ ଡିଏଲଇଡି ପାଠ ପଢି ସେ କେତାଙ୍ଗ ଆଶ୍ରମ ବିଦ୍ୟାଳୟରେ ବିଜ୍ଞାନ ଶିକ୍ଷକ ଭାବରେ ନିଯୁକ୍ତି ପାଇଛନ୍ତି। 'ବେଟି ପଢାଓ, ଆଗେ ବଢାଓ' ଶୀର୍ଷକ କ୍ଷୁଦ୍ର ସିନେମା କରି ନିଜର ପରାକାଷ୍ଠାକୁ ପ୍ରତିପାଦନ କରି ୨୦୧୭ ମସିହାରେ କଳାକାର ସିନେ ପ୍ରଡକ୍ସନ ବାଲେଶ୍ୱର ପକ୍ଷରୁ ସିନେ ପୁରସ୍କାର ପାଇଛନ୍ତି। କଳାକାର ନାଟକ ଓ ସଂସ୍କୃତି ଅଧିକାର, ବାଲେଶ୍ୱର ପକ୍ଷରୁ ୨୦୧୮ରେ ରାଜ୍ୟ ଶିଶୁ ନାଟକ ପୁରସ୍କାର ପାଇଛନ୍ତି। ୨୦୨୦ ମସିହାରେ ଖିଚିଂ ମହୋତ୍ସବରେ ତାଙ୍କୁ ମିଳିଛି ଶିକ୍ଷକ ଗୌରବ ସମ୍ମାନ। ଏହାବ୍ୟତୀତ ସେ ଷ୍ଟପ ଚାଇଲଡ ଲେବର ଉପରେ କ୍ଷୁଦ୍ର ସିନେମା କରିବା ସହ ଏକ ସତ୍ୟ ପ୍ରେମ କାହାଣୀ ଉପରେ ଆଧାରିତ 'ଏମିତି ବି ସାବିତ୍ରୀ'ର ପରିକଳ୍ପନା କରି ଲେଖିବା ସହ ଅଭିନୟ କରିଛନ୍ତି। ସେ ବର୍ତ୍ତମାନ ସୁଦ୍ଧା ପାଖାପାଖି ୫ଶହ କୁଡୁମାଳି ଝୁମୁରଗୀତ, ୩ ଶହ ଆଧୁନିକ ଓଡିଆ ଗୀତ, ୨ ଶହ ଓଡିଆ ଭଜନ, ୫୦ ହିନ୍ଦୀ ଆଧୁନିକ ଗୀତ, ୫୦ ହିନ୍ଦୀ ଭଜନ ଲେଖି ସାରିଛନ୍ତି। ତେବେ ପ୍ରଚାର ପ୍ରସାର ଅଭାବରୁ ବଣ ମଲ୍ଲୀ ବଣରେ ରହିବା ଭଳି ସେ ଲୋକଲୋଚନକୁ ଆସି ପାରିନାହାନ୍ତି। ତାଙ୍କ ଲିଖିତ ଜାନୁରେ ଜାନୁ (ଗାୟିକା ଅସୀମା ପଣ୍ଡା ଓ ରାମକୃଷ୍ଣ), ଝିପି ଝିପି ବରଷା ରାତିରେ ତାଙ୍କୁ ଆଲବମ ଜଗତରେ ପରିଚିତ କରିଛି । ତାଙ୍କ ଅଭିନୀତ, ଲିଖିତ ତଥା ନିର୍ଦ୍ଦେଶନାରେ ଅନୁଷ୍ଠିତ ରଙ୍ଗିଲା ମାଷ୍ଟର ନାଟକ ଦର୍ଶକଙ୍କୁ ଆକୃଷ୍ଟ କରିପାରିଛି । କିଚକେଶ୍ୱରୀ ବ୍ୟାନରରେ ଅଲ ଇଣ୍ଡିଆ ରେଡିଓଠାରୁ ଆରମ୍ଭ କରି ଏକାଧିକ ଟିଭି ଚ୍ୟାନେଲରେ ତାଙ୍କର ଗୀତ ପରିବେଷଣ ହୋଇସାରିଛି। ଏହାଛଡା ବହୁ ଝୁମୁର, ମୋଟିଭେସନାଲ ଓ ସଚେତନତାମୂଳକ ଗୀତ ଲେଖିବା ସହ ଅଭିନୟ ଓ ନିର୍ଦ୍ଦେଶନା ମଧ୍ୟ ଦେଉଛନ୍ତି।

– ନରେଶ ଚନ୍ଦ୍ର ପଟ୍ଟନାୟକ


ଗଣନାଥ

## ଜାଣନ୍ତୁ ଦୁନିଆ

# ସ୍ୱିସ୍ ବ୍ୟାଙ୍କ୍

**ସ୍ୱିସ୍ ବ୍ୟାଙ୍କ୍ ନାମଟି ସମସ୍ତେ ଶୁଣିଥିବେ ନିଶ୍ଚୟ। ବିଶେଷ କରି ଅଧିକ ଧନୀ ବ୍ୟକ୍ତି ହୁଅନ୍ତୁ ଅବା କାହା ପାଖରେ କଳା ଧନ ଥିବା କଥା ସନ୍ଦେହ ହେଲେ ଏହାଙ୍କର ଟଙ୍କା ସ୍ୱିସ୍ ବ୍ୟାଙ୍କ୍‌ରେ ଥିବ ବୋଲି ସମସ୍ତଙ୍କର ଧାରଣା ଥାଏ। ତେବେ ଏହି ସ୍ୱିସ୍ ବ୍ୟାଙ୍କ୍ କ'ଣ, କେଉଁଠି ଅଛି ଇତ୍ୟାଦି ଭଳି ବିଭିନ୍ନ ପ୍ରଶ୍ନ ଆପଣମାନଙ୍କ ମନରେ ବି ଆସୁଥିବ ନିଶ୍ଚୟ। ଜାଣି ରଖିବା ଏହା ସମ୍ପର୍କରେ କିଛି ରୋଚକ ତଥ୍ୟ...**



➔ବାସ୍ତବରେ ସୁଇଜରଲାଣ୍ଡରେ ଥିବା ଫାଇନାନ୍ସିଆଲ୍ କମ୍ପାନୀ ସ୍ୱିସ୍ ବ୍ୟାଙ୍କ୍ ଭାବେ ଚର୍ଚ୍ଚିତ। ତେବେ ସେଠାରେ ଥିବା ପ୍ରାୟ ୪୦୦ ଏଭଳି କମ୍ପାନୀ ମଧ୍ୟରୁ ୟୁନିଅନ୍ ବ୍ୟାଙ୍କ୍ ଅଫ୍ ସୁଇଜରଲାଣ୍ଡ ଏବଂ କ୍ରେଡିଟ୍ ସ୍ୱିସ୍ ଗ୍ରୁପ୍ ନାମକ ଦୁଇ କମ୍ପାନୀ ସର୍ବାଧିକ ସକ୍ରିୟ। ବିଶ୍ୱର ସର୍ବବୃହତ୍ ଫାଇନାନ୍ସିଆଲ୍ କମ୍ପାନୀଗୁଡ଼ିକ ମଧ୍ୟରେ ଏହା ଅନ୍ୟତମ। ଏଥିରେ ଅନ୍ୟାନ୍ୟ ବ୍ୟାଙ୍କ୍‌ଠାରୁ ନିୟମ ସାମାନ୍ୟ ଭିନ୍ନ।




ଏହି କମ୍ପାନୀ ପୃଥିବୀର ଯେକୌଣସି ଦେଶର ନାଗରିକଙ୍କ ବ୍ୟକ୍ତିଗତ ସମ୍ପତ୍ତିକୁ ସୁରକ୍ଷିତ ରଖିବା କାର୍ଯ୍ୟ କରିଥାଏ। ସୁଇଜରଲାଣ୍ଡରେ ଏଭଳି ଅନେକ ଫାଇନାନ୍ସିଆଲ୍ କମ୍ପାନୀ ରହିଛି ; ଯାହା ମଧ୍ୟ ସ୍ୱିସ୍ ବ୍ୟାଙ୍କ ଭାବେ ପରିଚିତ।

➔ଆପଣ ଭାବୁଥିବେ ଏଥିରେ ଆକାଉଣ୍ଟ ଖୋଲିବାକୁ ହେଲେ କ'ଣ କରିବାକୁ ହେବ। ହେଲେ ଭାବନାଠାରୁ ଏହା କିନ୍ତୁ ସହଜ। କାରଣ ଆପଣ ଘରେ ବସି ମଧ୍ୟ ଇଣ୍ଟରନେଟ୍ ଜରିଆରେ ଏହି ବ୍ୟାଙ୍କ୍‌ରେ ନିଜର ଆକାଉଣ୍ଟ ଖୋଲିପାରିବେ। ତେବେ ଏଥିପାଇଁ ଆପଣଙ୍କୁ ପ୍ରଥମେ ୨, ୬୮,୦୦୦ ଟଙ୍କା ସହ କିଛି ଜରୁରୀ ଡକ୍ୟୁମେଣ୍ଟ ଦେବାକୁ ପଡ଼ିଥାଏ।

➔ତେବେ ଆକାଉଣ୍ଟଧାରୀ ଯେକୌଣସି ଦେଶର ହୋଇଥାନ୍ତୁ ଅବା ତାଙ୍କ ମୁଦ୍ରା ଯାହା ହୋଇଥାଉ, ସ୍ୱିସ୍ ବ୍ୟାଙ୍କ୍‌ରେ ଡିପୋଜିଟ୍ କରିବା ପୂର୍ବରୁ ପ୍ରଥମେ ଏହାକୁ ସ୍ୱିସ୍ ଫ୍ରେଙ୍କ୍ ମୁଦ୍ରାକୁ ବଦଳି କରିବାକୁ ହୋଇଥାଏ।

➔ଏଠାରେ ଧାରା ୪୭ ଅନୁସାରେ ଆକାଉଣ୍ଟ ଖୋଲିଥିବା ବ୍ୟକ୍ତିଙ୍କ ନାମ ଗୋପନ ରଖାଯାଇଥାଏ ଏବଂ ତାଙ୍କୁ କେବଳ ଏକ ଆକାଉଣ୍ଟ ନମ୍ବର ଦିଆଯାଇଥାଏ ; ଯାହାକୁ ସଂଗ୍ରହ କରିବା ଲାଗି ଆକାଉଣ୍ଟଧାରୀଙ୍କୁ ସୁଇଜରଲାଣ୍ଡ ଯିବାକୁ ହୋଇଥାଏ। ଏଠାରେ କାମ କରୁଥିବା କୌଣସି କର୍ମଚାରୀଙ୍କ ଦ୍ୱାରା ଯଦି ଅସାବଧାନତା ବଶତଃ କାହାର ଡାଟା ଲିକ୍ ହେଲେ ତୁରନ୍ତ ଉକ୍ତ କର୍ମଚାରୀଙ୍କୁ ଜେଲ୍ ଦଣ୍ଡ ସହ ଅଢେଇ ଲକ୍ଷ ଫ୍ରାଙ୍କ୍ ପର୍ଯ୍ୟନ୍ତ ଜରିମାନା ଦେବାକୁ ପଡ଼ିଥାଏ। ଯଦି ଜଣେ ଜାଣତରେ ଏହି ଭୁଲ୍ କରେ ତେବେ ୩ ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡ ସହ ବ୍ୟାଙ୍କ୍ ଏବଂ ଆକାଉଣ୍ଟଧାରୀଙ୍କ କ୍ଷତିକୁ ଆଖି ଆଗରେ ରଖି ଜରିମାନା ମୂଲ୍ୟ ନିର୍ଦ୍ଧାରିତ ହୋଇଥାଏ।


➔ଏଠାରେ ଆକାଉଣ୍ଟଧାରୀଙ୍କୁ ବାର୍ଷିକ ୨୦,୦୦୦ଟଙ୍କା ମେଣ୍ଟେନାନ୍ସ ଖର୍ଚ୍ଚ ଦେବାକୁ ହୋଇଥାଏ।

# ୧୮ରେ ଖୋଲିବ ଘଟଗାଁ ପୀଠ

## ଭୋଗ ଲାଗି କରିପାରିବେନି ଶ୍ରଦ୍ଧାଳୁ

କେନ୍ଦୁଝର,୧୬।୧ (ସ୍ୱ.ପ୍ର.)

କେନ୍ଦୁଝର ଜିଲା ଘଟଗାଁ ମା' ତାରିଣୀ ମନ୍ଦିର କରୋନା କଟକଣା ମଧ୍ୟରେ ଆସନ୍ତା ୧୮ ତାରିଖରେ ଖୋଲିବ। ଏ ନେଇ ଶନିବାର ବସିଥିବା ଟ୍ରଷ୍ଟ ବୈଠକରେ ନିଷ୍ପତ୍ତି ହୋଇଛି। ସୂଚନା ଅନୁଯାୟୀ, ସକାଳ ୮ଟାରୁ ଅପରାହ୍ନ ୧୨ଟା ୩୦ ଓ ୪ଟା ରୁ ସନ୍ଧ୍ୟା ୬ଟା ୩୦ ପର୍ଯ୍ୟନ୍ତ ମନ୍ଦିର ଖୋଲିବ। ଶ୍ରଦ୍ଧାଳୁମାନେ ୩ ନମ୍ବର ଗେଟ୍ ଦେଇ ସାନିଟାଇଜ୍ ହୋଇ, ମାସ୍କ ପିନ୍ଧି ସାମାଜିକ ଦୂରତା ରକ୍ଷା କରି ମୁଖଶାଳା ଦେଇ ଦର୍ଶନ କରିବାକୁ ଯାଇପାରିବେ। କିନ୍ତୁ ଶ୍ରଦ୍ଧାଳୁମାନେ ଭୋଗ ଲାଗି କରିପାରିବେ ନାହିଁ କିମ୍ବା ପାଦୁକ, ସିନ୍ଦୂର, ଚନ୍ଦନ ନେଇପାରିବେ ନାହିଁ। ୧୦ ବର୍ଷରୁ କମ୍ ବୟସର ପିଲାଙ୍କୁ ବାରଣ କରାଯାଇଛି। ସେହିପରି ଚୁଳ ସମର୍ପଣ ବନ୍ଦ ରହିବ। ମନ୍ଦିରରେ ଅନ୍ନ ପ୍ରସାଦ ସେବନ ଓ ବିକ୍ରି ପରବର୍ତ୍ତୀ ନିଷ୍ପତ୍ତି ପର୍ଯ୍ୟନ୍ତ ବନ୍ଦ ରହିବ। ୫ ନମ୍ବର ଗେଟ୍‌ରେ ଗାଡ଼ି ଭିତରକୁ ନେଇ ପୂଜା କରିପାରିବେ। ମନ୍ଦିର ପରିସରରେ ସବୁ ଦୋକାନ ପରବର୍ତ୍ତୀ ନିଷ୍ପତ୍ତି ପର୍ଯ୍ୟନ୍ତ ବନ୍ଦ ରହିବ। ପ୍ରଥମେ ପୂଜକମାନଙ୍କ ପରିବାର ଲୋକଙ୍କୁ ସକାଳ ୮ଟାରୁ ୯ ଯାଏ ଦର୍ଶନ ପାଇଁ ଛଡ଼ାଯିବ ବୋଲି ନିଷ୍ପତ୍ତି ହୋଇଛି। ସକାଳ ଆଳତି, ଅନ୍ନ ପ୍ରସାଦ ନୀତି, ସନ୍ଧ୍ୟା ଆଳତି ଓ ପହଡ଼ ସମୟରେ କୌଣସି ଭକ୍ତ ରହିବେ ନାହିଁ।



# ବନ୍ଧୁକ ଦେଖାଇ ଲୁଟିନେଲେ ଲାପ୍‌ଟପ୍, ଟଙ୍କା

- ଗ୍ରାମବାସୀଙ୍କ ସହାୟତାରେ ୩ ଡକାୟତଙ୍କୁ କାବୁ କଲା ପୋଲିସ
- ଗୋଟିଏ ରାଉଣ୍ଡ ଗୁଳି ଚଳାଇ ଖସିଯିବାକୁ ଉଦ୍ୟମ କରିଥିଲେ

ଲୋଇସିଂହା,୧୬।୧(ଡି.ଏନ୍.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କୁଶଙ୍ଗ ଗାଁର ଦୁଇ ଭାଇଙ୍କୁ ୫ଜଣ ଡକାୟତ ଶନିବାର ସକାଳେ ବନ୍ଧୁକ ଦେଖାଇ ଏକ ଲାପ୍‌ଟପ ଓ ୩୫ ହଜାର ଟଙ୍କା ଲୁଟି ନେଇ ଫେରାର ହୋଇ ଯାଇଥିଲେ। ଖବରପାଇ ଲୋଇସିଂହା ପୋଲିସ ସେମାନଙ୍କୁ ପ୍ରାୟ ୨୦ କିଲୋମିଟର ପିଛା କରିଥିଲା। ଡୁଙ୍ଗୁରିପାଲି-କୁଟାସିଂହା ମଧ୍ୟଭାଗରେ ଥିବା ଜଙ୍ଗଲ ରାସ୍ତାରେ ଦୁର୍ବୃତ୍ତମାନେ ବାଇକ୍ ଛାଡ଼ି ଖସିଯିବାକୁ ଉଦ୍ୟମ କରିଥିଲେ। ସ୍ଥାନୀୟ ଗ୍ରାମବାସୀ ଓ ପୋଲିସ ସେମାନଙ୍କୁ ପିଛା କରିଥିଲେ। ଲୁଟେରାମାନେ ଗୋଟିଏ ରାଉଣ୍ଡ ଗୁଳି ଚଳାଇ ସେମାନଙ୍କୁ ଭୟଭୀତ କରିବାକୁ ଉଦ୍ୟମ କରିଥିଲେ। ହେଲେ ୩ ଡକାୟତଙ୍କୁ ଲୋଇସିଂହା ପୋଲିସ କୌଣସିମତେ କାବୁ କରିଥିଲା। ୨ ଜଣ ସୁବର୍ଣ୍ଣପୁର ଜିଲାର ହୋଇଥିବା ବେଳେ ଅନ୍ୟ ଜଣେ ଛତିଶଗଡ ଅଞ୍ଚଳର ବୋଲି ଜଣାପଡିଛି। ସେମାନଙ୍କଠାରୁ ୨ଟି ବନ୍ଧୁକ, ଗୋଟିଏ ପଲ୍‌ସର ବାଇକ୍ (ନଂ.ଟିଏନ-୧୮-ଏପି-୨୦୭୩) ଓ ୨ ମୋଇବାଲ ଜବତ ହୋଇଥିବା ଆଇଆଇସି ଲଳିତା ଲାକ୍ରା ସୂଚନା ଦେଇଛନ୍ତି। ଅନ୍ୟ ଦୁଇ ଡକାୟତ ଖସି ପଳାଇ ଯାଇଛନ୍ତି। ତେବେ ଲୁଟ୍ ଟଙ୍କା ଓ ଲାପ୍‌ଟପ ଉଦ୍ଧାର ହୋଇ ପାରିନାହିଁ। ଖବରପାଇ ଏସ୍‌ପି ନୀତୀନ୍ କୁଶଲକର, ଏସ୍‌ଡିପିଓ ଶ୍ରୀମନ୍ତ ବାରିକ ଲୋଇସିଂହା ଥାନାରେ ପହଞ୍ଚି ଘଟଣାର ଅଧିକ ତଦନ୍ତ କରିଛନ୍ତି।

ପୋଲିସ ସୂଚନା ଅନୁଯାୟୀ, କୁଶଙ୍ଗ ଗାଁର ଜନରଞ୍ଜନ ନାଏକ ଓ ଜ୍ୟୋତିରଞ୍ଜନ ନାଏକଙ୍କ କିଓସ୍କ ବ୍ୟାଙ୍କ ଖାରମୁଣ୍ଡାରେ ରହିଛି। ଶନିବାର ପୂର୍ବାହ୍ନ ସାଢ଼େ ୯ଟାରେ ଉଭୟେ ଏକ ସ୍କୁଟିରେ ଖାରମୁଣ୍ଡା କିଓସ୍କ ବ୍ୟାଙ୍କୁ ଯାଉଥିଲେ। ସେମାନେ ଆମ୍ବପାଲି ଛକ ନିକଟରେ ପହଞ୍ଚି ଥିବା ବେଳେ ୨ଟି ବାଇକ୍‌ରେ ଆସିଥିବା ୫ଜଣ ଦୁର୍ବୃତ୍ତ ସେମାନଙ୍କୁ ଅଟକାଇଥିଲେ। ଏହାପରେ ସେମାନେ ବନ୍ଧୁକ ଦେଖାଇ ଭୟଭୀତ କରିଥିଲେ। ପରେ ସେମାନେ ଜନରଞ୍ଜନ ନାଏକ ଓ ଜ୍ୟୋତିରଞ୍ଜନ ଧରିଥିବା ଲାପଟପ ବ୍ୟାଗ୍ ଓ ସେଥିରେ ଥିବା ୩୫ ହଜାର ଟଙ୍କା ଏବଂ ସ୍କୁଟିର ଚାବି ଛଡାଇ ଖାରମୁଣ୍ଡା ପଟେ ଫେରାର ହୋଇ ଯାଇଥିଲେ। ଜନରଞ୍ଜନ ଲୋଇସିଂହା ଥାନା ଆଇଆଇସି ଲଳିତା ଲାକ୍ରାଙ୍କୁ ଘଟଣା ସମ୍ପର୍କରେ ଫୋନ ଯୋଗେ ଜଣାଇଥିଲେ। ସାଙ୍ଗେ ସାଙ୍ଗେ ଆଇଆଇସି ଓ ଅନ୍ୟ ପୋଲିସ କର୍ମଚାରୀ ଲୋଇସିଂହା ଚାରିଛକରେ ଛକି ରହିଥିଲେ। ହେଲେ ଦୁର୍ବୃତ୍ତମାନେ ସାଲେଭାଟ ପଟକୁ ପଳାଇ ଯାଇଥିଲେ। ପଲ୍‌ସର ବାଇକ୍‌ରେ ଥିବା ୩ ଦୁର୍ବୃତ୍ତ ସାଲେଭଟା-କୁଟାସିଂହା ରାସ୍ତାରେ ପଳାଉ ଥିବାବେଳେ ଲେଭଲ କ୍ରସିଂ ପଡିଥିଲା। ସେଠାରେ ଗେଟ୍ କିପରଙ୍କୁ ବନ୍ଧୁକ ଦେଖାଇ ଗେଟ ଖୋଲି ଚମ୍ପଟ ମାରିଥିଲେ। ସେଠାରୁ ୭ କିମି ଦୂର ଡୁଙ୍ଗୁରିପାଲି-କୁଟାସିଂହା ମଧ୍ୟଭାଗର ଜଙ୍ଗଲରେ ବାଇକ୍ ଛାଡି ଦୌଡ଼ି ପଳାଇବାକୁ ଦୁର୍ବୃତ୍ତମାନେ ଉଦ୍ୟମ କରିଥିଲେ। ଡୁଙ୍ଗୁରିପାଲି, କୁଟାସିଂହା ଓ ତେନ୍ତୁଲି ଗାଁର ଜନସାଧାରଣଙ୍କ ସହ ପୋଲିସ ଏସ୍‌ଆଇ ନବନ ଭୋଇ, ଏସ୍‌ଆଇ ଆର୍ତ୍ତତ୍ରାଣ ସାହୁ ଓ ଷ୍ଟାଫ ଘେରାବନ୍ଦୀ କରି ରଖିବାରୁ ସେମାନେ ଖସି ଯାଇ ପାରି ନ ଥିଲେ। ଅନ୍ୟାନୋପାୟ ହୋଇ ଦୁର୍ବୃତ୍ତମାନେ ଏକ ରାଉଣ୍ଡ ଗୁଳି ଫୁଟାଇଥିଲେ। ପରେ ପୋଲିସ ସେମାନଙ୍କୁ କାବୁ କରି ନେଇଥିଲା। ଏ ନେଇ ଲୋଇସିଂହା ଥାନାରେ ଏକ ମାମଲା (ନଂ.- ୨୦/୨୧) ରୁଜୁ ହୋଇଛି।



ଜବତ ବନ୍ଧୁକ, ମୋବାଇଲ ଫୋନ।

# ଓଡ଼ିଶା ମୋ ପରିବାର ସହଯୋଗରେ ଫେରିଲା ମୃତଦେହ

ଭୁବନେଶ୍ୱର,୧୬।୧(ବ୍ୟୁରୋ)

ଚେନ୍ନାଇରେ ପୁଅର ମୃତ୍ୟୁ ଖବର ଶୁଣିଲା ପରେ ମୁକ ପାଲଟି ଯାଇଥିଲେ ପରିବାରବର୍ଗ। ସେଠି କାହାକୁ ଯୋଗାଯୋଗ କରି ମୃତଦେହ ଫେରାଇ ଆଣିବା ଏହି ଗରିବ ପରିବାର ପକ୍ଷରେ ସମ୍ଭବ ନ ଥିଲା। ଗାଁରେ ସେମାନେ ସମ୍ପୂର୍ଣ୍ଣ ଅସହାୟ ଅବସ୍ଥାରେ ଭାଗ୍ୟକୁ ଆଦରି ରହିଥିଲାବେଳେ ଭଗବାନ ସେମାନଙ୍କ ଦୁଃଖ ବୁଝିଛନ୍ତି। 'ଓଡ଼ିଶା ମୋ ପରିବାର' ସହଯୋଗରେ ଶନିବାର ସକାଳେ ଚେନ୍ନାଇରୁ ମୃତଦେହ ଆସିବା ପରେ ଗାଁରେ ସତ୍କାର କରାଯାଇଛି।

ଘଟଣାରୁ ଜଣାପଡିଛି ଯେ, ନବରଙ୍ଗପୁର ଜିଲା ତେଲିପଡ଼ା ଗାଁର କ୍ରିଷ୍ଣା ହରିଜନ ଚେନ୍ନାଇର ଏକ ରାଇସ୍ ମିଲ୍‌ରେ ଶ୍ରମିକଭାବେ କାର୍ଯ୍ୟ କରୁଥିଲେ। ବୁଧବାର ସକାଳେ ତାଙ୍କ ମୃତଦେହ ମିଲ୍ ପରିସରରେ ସନ୍ଦେହଜନକ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ତାଙ୍କୁ କେହି ହତ୍ୟା କରିଥିବା ସନ୍ଦେହ ହୋଇଥିଲା। କିନ୍ତୁ ମିଲ୍ ମାଲିକ ମୃତଦେହକୁ ଗାଏବ କରି ଘଟଣାକୁ ଚପାଇଦେବାକୁ ଉଦ୍ୟମ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରୁ ଏହି ଖବର 'ଓଡ଼ିଶା ମୋ ପରିବାର' କାର୍ଯ୍ୟାଳୟର ନଜରକୁ ଆସିଥିଲା। କ୍ରିଷ୍ଣାଙ୍କ ମୃତଦେହକୁ ଗାଁକୁ ଫେରାଇ ଆଣିବା ଲାଗି ଓଡ଼ିଶା ମୋ ପରିବାର ଟିମ୍ ଉଦ୍ୟମ ଆରମ୍ଭ କରିଥିଲେ। ତାମିଲନାଡୁ ଅତିରିକ୍ତ ପୋଲିସ ଡିଜି ଅଶୋକ ଦାସଙ୍କ ସହିତ ଯୋଗାଯୋଗ କରାଯାଇଥିଲା। ଓଡ଼ିଶା ସରକାରଙ୍କ ବରିଷ୍ଠ ଅଧିକାରୀ ଆଇଜି ଅମିତାଭ ଠାକରୁ ମଧ୍ୟ ଏଥିରେ ସହଯୋଗ କରିଥିଲେ। ଦାସଙ୍କ ନିର୍ଦ୍ଦେଶରେ ତାମିଲନାଡୁ ଅତିରିକ୍ତ ପୁଲିସ କମିଶନର(ଟ୍ରାଫିକ) ଏ. ଅରୁଣ ଏଥିରେ ସମ୍ପୂର୍ଣ୍ଣ ସହଯୋଗ କରି ମିଲ୍ ମାଲିକଙ୍କ ହେପାଜତରୁ ମୃତଦେହ ଆଣି ଓଡ଼ିଶାକୁ ଫେରାଇବାର ବ୍ୟବସ୍ଥା କରିଥିଲେ। ସାଧାରଣତଃ ଏଭଳି ମୃତ୍ୟୁରେ, ବ୍ୟବଚ୍ଛେଦ ପରେ ମରଶରୀର ପଠାଯାଏ ନାହିଁ, କିନ୍ତୁ ଓଡ଼ିଶା ମୋ ପରିବାରର ଅନୁରୋଧ କ୍ରମେ ତାମଲିନଡୁ ପୋଲିସ ମୃତଦେହକୁ ସସମ୍ମାନେ ଓଡ଼ିଶା ପଠାଇଛନ୍ତି। ଏହାପରେ ମୋ ଓଡ଼ିଶା ପରିବାର ପକ୍ଷରୁ ଆମ୍ବୁଲାନ୍ସ ଯୋଗେ କ୍ରିଷ୍ଣାଙ୍କ ମୃତଦେହକୁ ତାଙ୍କ ଗାଁରେ ପହଞ୍ଚାଯାଇଛି।

# ବିଦେଶରେ ୧.୮୦ କୋଟି ଭାରତୀୟ

**ଜାତିସଂଘ ରିପୋର୍ଟ**

**ନ୍ୟୁୟର୍କ, ୧୬।୧**- ବିଶ୍ୱର ବିଭିନ୍ନ ଦେଶରେ ସବୁଠାରୁ ଅଧିକ ସଂଖ୍ୟାରେ ଭାରତୀୟ ପ୍ରବାସୀ ବାସ କରୁଛନ୍ତି। ୨୦୨୦ରେ ଏହି ସଂଖ୍ୟା ୧ କୋଟି ୮୦ ଲକ୍ଷ ରହିଛି। କୌଣସି ଦେଶର ଏତେ ସଂଖ୍ୟାରେ ନାଗରିକ ବାହାର ଦେଶରେ ରହିବାରେ ଭାରତ ଆଗରେ ବୋଲି ଜାତିସଂଘର ଅର୍ଥନୈତିକ ଏବଂ ସାମାଜିକ ବ୍ୟାପାର ବିଭାଗର କ୍ଲାର୍ ମେନୋଜି କହିଛନ୍ତି। ସେମାନେ ବେଶ୍ ସକ୍ରିୟ ଏବଂ ଉଦ୍ୟୋଗୀ ଗୋଷ୍ଠୀର। ୟୁନାଇଟେଡ୍ ଆରବ ଏମିରେଟ୍ (ୟୁଏଇ), ସାଉଦିଆରବ ଓ ଆମେରିକାରେ ଭାରତୀୟ ପ୍ରବାସୀଙ୍କ ସଂଖ୍ୟା ସର୍ବାଧିକ। ଏଥିସହ ଅଷ୍ଟ୍ରେଲିଆ, କାନାଡା, କୁଏତ୍, ଓମାନ, ପାକିସ୍ତାନ, କାତାର, ବ୍ରିଟେନରେ ବହୁସଂଖ୍ୟାରେ ଭାରତୀୟ ବାସ କରୁଛନ୍ତି ବୋଲି ଜାତିସଂଘର ଜନସଂଖ୍ୟା ଡିଭିଜନ ରିପୋର୍ଟରେ ପ୍ରକାଶ ପାଇଛି। ୨୦୦୦ରୁ ୨୦୨୦ ମଧ୍ୟରେ ଏହି ସଂଖ୍ୟା ୧ କୋଟି ୧୦ ଲକ୍ଷ ବୃଦ୍ଧି ପାଇଛି। ମୁଖ୍ୟତଃ ଚାକିରି ଏବଂ ପାରିବାରିକ କାରଣରୁ ଏହି ସଂଖ୍ୟା ବଢ଼ିଛି। ସେହିପରି ତାଲିକାରେ ଭାରତ ତଳେ ଦ୍ୱିତୀୟରେ ମେକ୍ସିକୋ (୧ କୋଟି ୧୦ ଲକ୍ଷ) ଏବଂ ତୃତୀୟରେ ସିରିୟା (୮୦ ଲକ୍ଷ) ରହିଛି। ଆମେରିକାକୁ ଅନ୍ୟ ଦେଶର ଲୋକେ ସର୍ବାଧିକ ସଂଖ୍ୟାରେ ଯାଉଥିବା ଜଣାଯାଇଛି। କେବଳ ୨୦୨୦ରେ ଆମେରିକାରେ ପ୍ରବାସୀଙ୍କ ସଂଖ୍ୟା ୫ କୋଟି ୧୦ ଲକ୍ଷ ରହିଛି। ଏବେ ସୁଦ୍ଧା ନିଜ ଦେଶଛାଡ଼ି ଅନ୍ୟ ଦେଶରେ ରହୁଥିବା ଲୋକଙ୍କ ସଂଖ୍ୟା ବିଶ୍ୱ ଜନସଂଖ୍ୟାର ୩.୬ ପ୍ରତିଶତ।

# କେନ୍ଦୁଝରରେ ୫୮୯୨ ଜଳ ପକ୍ଷୀ

**କେନ୍ଦୁଝର, ୧୬।୧ (ସ୍ୱ.ପ୍ର.)**-କେନ୍ଦୁଝର ବନଖଣ୍ଡର ବିଭିନ୍ନ ବନାଞ୍ଚଳରେ ଜଳ ପକ୍ଷୀ ଗଣନା ହୋଇଛି। ଡିଏଫ୍‌ଓ ସ୍ୱୟମ ମଲ୍ଲିକଙ୍କ ନିର୍ଦ୍ଦେଶ କ୍ରମେ ବିଦେଶୀ ପକ୍ଷୀ ବିଶେଷ କରି ଜଳାଶୟଗୁଡ଼ିକରେ ଦେଖିବାକୁ ମିଳୁଥିବା ଜଳ ପକ୍ଷୀ ଗଣନା ଶେଷ ହୋଇଯାଇଛି। ପକ୍ଷୀ ଗଣନା ଅନୁଯାୟୀ ଚଳିତବର୍ଷ ଜିଲାରେ ୫୮୯୨ ବିଦେଶୀ ପକ୍ଷୀ ଥିବା ଜଣାପଡ଼ିଛି। କେନ୍ଦୁଝର ରେଞ୍ଜର ନଳପଙ୍ଗା, ବଡ଼ଶାସନ ପୋଖରୀ, ଟିକରପଡ଼ା ଡ୍ୟାମ, ଚନ୍ଦନୀ ପୋଖରୀ, ସାପୁଆ, କୋଡିପଶା, କାନଝରୀ ଓ ଜଗଦଳା ଡ୍ୟାମ୍‌ରେ ଗଣନା ହୋଇଥିଲା। ଘଟଗାଁ ରେଞ୍ଜର କୁରେଇଯୋଡି, କାଳିମାଟି ଓ କାଣ୍ଡସର ଡ୍ୟାମ୍, ଭୂୟାଁ ଓ ଜୁଆଙ୍ଗ ପୀଢ଼ ରେଞ୍ଜର ବଡ଼ଘାଗରା (ସାନମାଛକାନ୍ଦଣା) ଡ୍ୟାମ୍, ତେଲକୋଇ ରେଞ୍ଜର ଖଜୁରିଆ, ଦଣ୍ଡାଧାର, ଖୁଣ୍ଟାପଡ଼ା, କାକୁଡ଼ିଅମ୍ବା, ସଲେଇକେନା ଡ୍ୟାମ୍, ଚମ୍ପୁଆ ରେଞ୍ଜର ସ୍ଲାଇମ ଡ୍ୟାମ୍ ଏବଂ ପାଟଣା ରେଞ୍ଜର ଖିରେଇ ଟାଙ୍ଗିରି ବଡ଼ବନ୍ଧରେ ଏହି ଗଣନା କରାଯାଇଥିଲା। ଏଥିପାଇଁ ସ୍ୱତନ୍ତ୍ର ଭାବେ ସେମାନଙ୍କୁ ତାଲିମ ଦିଆଯାଇ ଭୋର ସାଢ଼େ ୫ଟାରୁ ୧୧ଟା ମଧ୍ୟରେ ଏହି ଗଣନା କାର୍ଯ୍ୟ ଏକ ସପ୍ତାହ ଧରି ଚାଲିଥିଲା। ବନ ବିଭାଗ ତଥ୍ୟ ଅନୁଯାୟୀ, ୨୦୧୫ରେ ୧୧୮୫, ୨୦୧୬ରେ ୧୩୧୫, ୨୦୧୭ରେ ୨୬୯୫, ୨୦୧୮ରେ ୩୩୮୩ ଓ ୨୦୧୯ ରେ ୨୮୬୫ ପକ୍ଷୀ ଗଣନା ହୋଇଥିଲା। ୨୦୨୦ରେ ୫୪୨୬ ଓ ୨୦୨୧ରେ ୫୮୯୨ ବିଦେଶୀ ପକ୍ଷୀ ଚିହ୍ନଟ ହୋଇଛି। ସୀମିତ ଜଳାଶୟ, ଆର୍ଦ୍ର ଜମିରେ ଗଣନା ହୋଇଥିଲା।

## ପ୍ରଥମ ପୃଷ୍ଠାରୁ

### ଯୋଜନା ଅଛି, ...

ବ୍ୟାପକ ଜନସଚେତନତା କରାଯାଉନାହିଁ। ଜିଲାୱାରି ଆପିକଲର ସ୍ଥାୟୀ କର୍ମଚାରୀ ନ ଥିବାରୁ ଯୋଜନା କାର୍ଯ୍ୟକାରିତାରେ ବାଧା ସୃଷ୍ଟି ହେଉଛି। କୃଷି ଉଦ୍ୟୋଗ ସ୍ଥାପନ ପାଇଁ ପ୍ରୋତ୍ସାହିତ କରିବା ଓ ଏହି ସଂକ୍ରାନ୍ତୀୟ ବ୍ୟବସାୟିକ ଅନୁଷ୍ଠାନଗୁଡିକୁ ସୁରକ୍ଷା ଯୋଗାଇଦେବା ନିମନ୍ତେ ଯୋଜନାରେ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରିହାତି ବ୍ୟବସ୍ଥା କରାଯାଇଛି। କୃଷି, ଉଦ୍ୟାନ କୃଷି, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ୬୨ଟି ପ୍ରକଳ୍ପ ପାଇଁ ଏହି ସୁବିଧା ଉପଲବ୍ଧ ହେଉଛି। କେହି ସହାୟତା ପାଇବା ପାଇଁ ହେଲେ www.apicol.nic.in ମାଧ୍ୟମରେ ନାମ ପଞ୍ଜୀକରଣ କରିବା ବାଧ୍ୟତାମୂଳକ। ତା'ପରେ ଯୋଗ୍ୟ ବିବେଚିତ ହେଲେ ବ୍ୟାଙ୍କ ସହାୟତାରେ ହେଉ ଅବା ନିଜ ପାଣ୍ଠିରେ ଉଦ୍ୟୋଗ ପ୍ରତିଷ୍ଠା କରିପାରିବେ। ତା'ପରେ ରିହାତି ରାଶି ଯୋଗାଇ ଦିଆଯିବ। ଆପିକଲରୁ ମିଳିଥିବା ସୂଚନା ଅନୁଯାୟୀ ଜଗତ୍‌ସିଂହପୁର ଜିଲାର ୨୬ ପ୍ରକଳ୍ପ ଗୋ ଆହେଡ୍ ତାଲିକାରେ ଥିବାବେଳେ ସେଥିରୁ ୪ଟି ଅନୁମୋଦନ ଲାଭ କରିଛି। ୧୯ଟି ପ୍ରକଳ୍ପ ବ୍ୟାଙ୍କ ବିଚାରାଧୀନ ଥିବାବେଳେ ୩ଟି ବାତିଲ କରି ଦିଆଯାଇଛି। ଜଣେ ନିଜ ଉଦ୍ୟମରେ ଉଦ୍ୟୋଗ ପ୍ରତିଷ୍ଠା କରୁଛନ୍ତି। ଏଥିମଧ୍ୟରେ ଜିଲାର କୃଷି, ଉଦ୍ୟାନ କୃଷି ବିଭାଗରେ ଗୋଟିଏ ବି ପ୍ରକଳ୍ପ ଅନୁମୋଦନ ଲାଭ କରିନାହିଁ। ଏ ସମ୍ପର୍କରେ ଜିଲା ମୁଖ୍ୟ କୃଷି ଅଧିକାରୀ ରବିନାରାୟଣ ମହାପାତ୍ରଙ୍କୁ ପଚାରିବାରୁ ଆଗ୍ରୋ ସର୍ଭିସ ସେଣ୍ଟର ମାଧ୍ୟମରେ ଯୋଜନାର ସୁବିଧା ପାଇବା ବ୍ୟବସ୍ଥା ରହିଛି। କୃଷି ବିଭାଗ ଅଧୀନ ପ୍ରକଳ୍ପ ପାଇଁ ୪ଟି ବାଧ୍ୟତାମୂଳକ ଓ ଅନ୍ୟଗୁଡିକ ମଧ୍ୟରୁ ୩ଟି ଇଚ୍ଛାଧୀନ ଏହିପରି ଜଣେ ମୋଟ ୭ଟି ଯନ୍ତ୍ରପାତି ଓ ଉପକରଣ କିଣିବାକୁ ପଡୁଛି। ବାଧ୍ୟତାମୂଳକ ଭିତରେ ରହିଛି ଟ୍ରାକ୍ଟର, ଧାଡ଼ିରେ ମଞ୍ଜିବୁଣା ଯନ୍ତ୍ର, ରୋଟାଭେଟର ଓ ଟ୍ରାକ୍ଟର ଚାଳିତ ମୋଡ଼ପତ୍ର ଲଙ୍ଗଳ। ଇଚ୍ଛାଧୀନ ୬୨ଟି ଯନ୍ତ୍ରପାତି ଓ ଉପକରଣ ମଧ୍ୟରେ ଟ୍ରଲି, ୯ ଦାନ୍ତିଆ ଲଙ୍ଗଳ, ସ୍ପ୍ରେ ମେସିନ ଇତ୍ୟାଦି ରହିଛି। ପୂର୍ବରୁ ସରକାରଙ୍କ ମାଧ୍ୟମରେ କେହି ଟ୍ରାକ୍ଟର କିଣୁଥିଲେ, ପାଖାପାଖି ୩ ଲକ୍ଷ ଟଙ୍କା ରିହାତି ପାଉଥିଲେ। ପରବର୍ତ୍ତୀ ସମୟରେ ଏହା ପାଖାପାଖି ୨ ଲକ୍ଷ ଏବଂ ଏବେ ଏମ୍‌କେୟୁୱାଇରେ ମାତ୍ର ୯୦ ହଜାର ଟଙ୍କା ପର୍ଯ୍ୟନ୍ତ ରିହାତି ବ୍ୟବସ୍ଥା କରାଯାଇଛି। ଟ୍ରାକ୍ଟର ସହ ଅନ୍ୟ ୬ଟି ଯନ୍ତ୍ରପାତି କିଣିଲେ ପ୍ରକଳ୍ପ ଅନ୍ତର୍ଭୁକ୍ତ କରାଯାଉଛି। ଏ ବାବଦରେ ୧୦ ଲକ୍ଷ ଟଙ୍କାରୁ ଅଧିକ ଖର୍ଚ୍ଚ ହେଉଛି। ଅନେକ କେବଳ ଟ୍ରାକ୍ଟର କିମ୍ବା ସେମାନଙ୍କ ପସନ୍ଦର ଯନ୍ତ୍ରପାତି କିଣିବାକୁ ଚାହୁଁଛନ୍ତି। ଯେହେତୁ ଯୋଜନାରେ ତାହା ସମ୍ଭବ ହେଉନି, ତେଣୁ ଉଦ୍ୟୋଗୀମାନେ ଆକୃଷ୍ଟ ହେଉନାହାନ୍ତି ବୋଲି ମହାପାତ୍ର କହିଛନ୍ତି।

ଉଦ୍ୟାନ କୃଷି ସହକାରୀ ନିର୍ଦ୍ଦେଶକ ମିହିର କୁମାର ସାମନ୍ତରାୟ କହିଛନ୍ତି, ଏମ୍‌କେୟୁୱାଇରେ ଯେଉଁ ପ୍ରକଳ୍ପ ରହୁଛି ବିଭାଗ ପକ୍ଷରୁ ଅନ୍ୟ ଯୋଜନାରେ ମଧ୍ୟ ବିକଳ୍ପ ସୁବିଧା ରହୁଛି। ବିକଳ୍ପ ଯୋଜନାରେ ଲୋକେ ସହଜରେ ଏବଂ ଛୋଟ ପ୍ରକଳ୍ପ କରିବାର ସୁବିଧା ପାଇପାରୁଥିବାରୁ ଏମ୍‌କେୟୁୱାଇ ପ୍ରତି ଆକୃଷ୍ଟ ହେଉନାହାନ୍ତି। ଜିଲା ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ କୁହାଯାଇଛି, ଇତିମଧ୍ୟରେ ଗୋଟିଏ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ସହ ରିହାତି ଯୋଗାଇ ଦିଆଯାଇଛି। ୩ଟି ପ୍ରକଳ୍ପର ନିର୍ମାଣ କାମ ସରିଥିବାବେଳେ ୨ଟି ନିର୍ମାଣାଧୀନ ଅଛି। ଅବଶିଷ୍ଟ ୨୦ଟି ଗୋ ଆହେଡ୍ ଅନ୍ତର୍ଭୁକ୍ତ କରାଯାଇଛି। ଯେଉଁମାନେ ବ୍ୟାଙ୍କ କନସେଣ୍ଟ ଲେଟର ଦେବେ ସେମାନଙ୍କୁ ଗୋ ଆହେଡ୍ ତାଲିକାଭୁକ୍ତ କରାଯିବା ପାଇଁ ଚିନ୍ତା କରାଯାଉଛି। ଯେହେତୁ ଯୋଜନାରେ ବଡ଼ ପ୍ରକଳ୍ପ ବ୍ୟବସ୍ଥା ଅଛି ଏବଂ ବ୍ୟାଙ୍କର ସବୁଜ ସଙ୍କେତ ଦରକାର ପଡୁଛି, ତେଣୁ ଉଦ୍ୟୋଗୀମାନେ ଆକୃଷ୍ଟ ହୋଇପାରୁ ନାହାନ୍ତି। ବିଶେଷକରି ଆର୍ଥିକ ସ୍ୱଚ୍ଛଳ ବର୍ଗର ଲୋକଙ୍କ ପାଇଁ ଯୋଜନା ପ୍ରସ୍ତୁତ ହୋଇଛି। ତେଣୁ ବିକଳ୍ପ ଛୋଟ ଯୋଜନାରେ ଅଧିକ ଲୋକ ସାମିଲ ହେଉଛନ୍ତି। ଜିଲା ମତ୍ସ୍ୟ ଅଧିକାରୀ ସୁବ୍ରତ ଦାସ କହିଛନ୍ତି, ଇତିମଧ୍ୟରେ ଜଣେ ନିଜ ଉଦ୍ୟମରେ ପ୍ରକଳ୍ପ କରୁଛନ୍ତି। ଏମ୍‌କେୟୁୱାଇରେ ଯାହା ବ୍ୟବସ୍ଥା ଅଛି, ଯେପରି ପୋଖରୀ ଖୋଳିବା ପାଇଁ ସର୍ବନିମ୍ନ ୧ ଏକର ଜମି ଓ ୧୦ ହଜାର ଟଙ୍କା ଜମା କରିବା ଦରକାର ପଡୁଛି, ତାହା ଅଧିକାଂଶଙ୍କୁ ସୁହାଉନାହିଁ। ଅନ୍ୟ ଛୋଟ ଯଥା ମତ୍ସ୍ୟ ସମ୍ପଦ ଯୋଜନାରେ କମ୍ ଜମି ଓ ଭଲ ରିହାତି ବ୍ୟବସ୍ଥା ଅଛି। ୧୦ ଲକ୍ଷ ଟଙ୍କାରୁ ଅଧିକ ଖର୍ଚ୍ଚ କରିବାକୁ ହେଲେ ବ୍ୟାଙ୍କ ଋଣ ବାଧ୍ୟତାମୂଳକ। କିନ୍ତୁ ଅନେକ ସମୟରେ ବ୍ୟାଙ୍କଗୁଡ଼ିକ ଋଣ ଦେଉନାହାନ୍ତି।

ଏ ସମ୍ପର୍କରେ ଆପିକଲ ପରିଚାଳନା ନିର୍ଦ୍ଦେଶକ ପ୍ରଭାତ କୁମାର ରାଉଳଙ୍କୁ ପଚାରିବାରୁ ଯୋଜନାକୁ ସରଳୀକରଣ ପାଇଁ ଉଦ୍ୟମ ଚାଲିଛି। ବିଶେଷକରି କିଛି ବାଧ୍ୟତାମୂଳକ ରଖାଯିବ ନାହିଁ। ଆଉ କ'ଣ ସବୁ ଯୋଜନାରେ ରଖିଲେ ଉଦ୍ୟୋଗୀ ଆକୃଷ୍ଟ ହେବେ ସେ ବାବଦରେ ଗଭୀରତାର ସହ ଚିନ୍ତା କରାଯାଉଛି। ଆଗକୁ ବିଶେଷଜ୍ଞ ଦଳ ମାଧ୍ୟମରେ ଜିଲାଗୁଡିକରୁ ତଥ୍ୟ ସଂଗ୍ରହ କରାଯାଇ ପ୍ରତିକାର ପାଇଁ ଚିନ୍ତା କରାଯିବ। ଯେକୌଣସି ପ୍ରକଳ୍ପ ଆରମ୍ଭ କରିବାର ୨ ବର୍ଷ ଭିତରେ ସାରିବା କଥା। କରୋନା ଯୋଗୁ କାମରେ ବାଧା ସୃଷ୍ଟି ହୋଇଛି, ଯେଉଁଥିପାଇଁ ଅଧିକାଂଶ ପ୍ରକଳ୍ପ ଶେଷ ହୋଇପାରିନାହିଁ ବୋଲି ରାଉଳ କହିଥିଲେ।

| ଜିଲା | ଗୋ ଆହେଡ୍ | ଅନୁମୋଦିତ | ବ୍ୟାଙ୍କରେ ପଡିରହିଛି | ବ୍ୟାଙ୍କ ବାତିଲ |
|---|---|---|---|---|
| ଖୋର୍ଦ୍ଧା | ୧୬୪ | ୩୫ | ୧୧୬ | ୧୩ |
| ନୟାଗଡ଼ | ୧୨୯ | ୩୦ | ୮୪ | ୧୫ |
| କଟକ | ୧୪୬ | ୨୯ | ୧୦୬ | ୧୧ |
| ଢେଙ୍କାନାଳ | ୯୭ | ୨୫ | ୬୬ | ୬ |
| ପୁରୀ | ୧୦୯ | ୨୪ | ୭୮ | ୭ |
| ଅନୁଗୋଳ | ୭୪ | ୨୨ | ୫୧ | ୧ |
| ଗଞ୍ଜାମ | ୭୮ | ୨୨ | ୫୪ | ୪ |
| ବରଗଡ଼ | ୮୪ | ୧୭ | ୬୫ | ୨ |
| କେନ୍ଦ୍ରାପଡ଼ା | ୫୯ | ୧୪ | ୩୪ | ୧୧ |
| ବାଲେଶ୍ୱର | ୩୬ | ୧୩ | ୨୧ | ୨ |
| ମୟୂରଭଞ୍ଜ | ୩୨ | ୧୨ | ୧୯ | ୧ |
| ବୌଦ୍ଧ | ୪୨ | ୮ | ୨୫ | ୯ |
| ଦେବଗଡ଼ | ୧୨ | ୬ | ୬ | ୦ |
| ଯାଜପୁର | ୩୧ | ୬ | ୨୦ | ୪ |
| ରାୟଗଡ଼ା | ୧୩ | ୬ | ୭ | ୦ |
| କେନ୍ଦୁଝର | ୩୩ | ୫ | ୨୬ | ୨ |
| ଜଗତ୍‌ସିଂହପୁର | ୨୬ | ୪ | ୧୯ | ୩ |
| ସୁନ୍ଦରଗଡ଼ | ୯ | ୪ | ୪ | ୧ |
| ଝାରସୁଗୁଡ଼ା | ୧୮ | ୩ | ୧୪ | ୧ |
| ଭଦ୍ରକ | ୨୫ | ୨ | ୨୨ | ୧ |
| କନ୍ଧମାଳ | ୧୫ | ୨ | ୧୦ | ୩ |
| ମାଲକାନଗିରି | ୧୨ | ୨ | ୯ | ୧ |
| ବଲାଙ୍ଗିର | ୯ | ୧ | ୮ | ୦ |
| କଳାହାଣ୍ଡି | ୧୩ | ୧ | ୧୨ | ୦ |
| ନୂଆପଡ଼ା | ୧୭ | ୧ | ୧୩ | ୩ |
| ସୋନପୁର | ୨୨ | ୨ | ୧୮ | ୨ |
| ଗଜପତି | ୪ | ୦ | ୪ | ୦ |
| କୋରାପୁଟ | ୫ | ୦ | ୫ | ୦ |
| ସମ୍ବଲପୁର | ୧୩ | ୦ | ୧୩ | ୦ |
| ନବରଙ୍ଗପୁର | ୫ | ୦ | ୫ | ୦ |

### ସ୍ୱାସ୍ଥ୍ୟକର୍ମୀଙ୍କ ସହ କଥା ...

ଶୁଭେଚ୍ଛା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ୨୦୨୧ ସମସ୍ତଙ୍କ ପାଇଁ ଭଲ ଖବର ନେଇ ଆସିଛି। ଅପେକ୍ଷାର ଅନ୍ତ ଘଟିଛି। ଗତ ୧୦ ମାସ ଧରି କୋଭିଡ୍ ଯୋଦ୍ଧାମାନେ ଜୀବନକୁ ବାଜି ଲଗାଇ ସେବା କରିଚାଲିଛନ୍ତି। ସେମାନଙ୍କ ସେବା ଓ ତ୍ୟାଗକୁ ଆମେ କେବେ ଭୁଲି ପାରିବୁ ନାହିଁ। ସେମାନଙ୍କ ପାଇଁ ଆମେ ସମସ୍ତେ ଗର୍ବିତ। ଟିକାକରଣକୁ ଚଳିତବର୍ଷର ସବୁଠାରୁ ବଡ଼ ଓ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ଭାବରେ ବର୍ଣ୍ଣନା କରି ଏହାକୁ ସଫଳ କରିବା ଦିଗରେ ସମସ୍ତଙ୍କ ବିଶେଷ କରି ସ୍ୱାସ୍ଥ୍ୟକର୍ମୀମାନଙ୍କର ସହଯୋଗ କାମନା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ସମସ୍ତଙ୍କ ସହଯୋଗରେ ଓଡ଼ିଶା କୋଭିଡ୍ ମହାମାରୀକୁ ନିୟନ୍ତ୍ରଣ କରିବାରେ ସଫଳ ହୋଇପାରିଛି। ଲୋକଙ୍କ ଜୀବନ ରକ୍ଷା ପାଇଁ ରାଜ୍ୟ ସରକାର ଅନେକ ଅନନ୍ୟ ପଦକ୍ଷେପ ନେଇଛନ୍ତି। ବର୍ତ୍ତମାନ ସାରାଦେଶରେ ଅଧିକ ଆରୋଗ୍ୟ ହାର ଏବଂ କମ୍ ମୃତ୍ୟୁ ହାର ଥିବା ରାଜ୍ୟଗୁଡ଼ିକ ମଧ୍ୟରେ ଓଡ଼ିଶା ଏକ ଆଗୁଆ ରାଜ୍ୟ। ଏହି ଅବସରରେ ବୈଜ୍ଞାନିକମାନଙ୍କୁ ଅଭିନନ୍ଦନ ଜଣାଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଆମର ବୈଜ୍ଞାନିକମାନେ ରେକର୍ଡ ସମୟ ମଧ୍ୟରେ କରୋନା ଟିକା ଉଦ୍ଭାବନ କରି ଦେଶର ଗୌରବ ବୃଦ୍ଧି କରିଛନ୍ତି। ଆମ ଦେଶର ଫାର୍ମା କମ୍ପାନୀଗୁଡ଼ିକ ବିଶ୍ୱର ବିଭିନ୍ନ ଦେଶକୁ ଟିକା ଯୋଗାଉଛନ୍ତି। ଟିକା ନେଇଥିବା ଏବଂ ନେବାକୁ ଥିବା ସମସ୍ତ ସ୍ୱାସ୍ଥ୍ୟ କର୍ମୀଙ୍କର ଉତ୍ତମ ସ୍ୱାସ୍ଥ୍ୟ କାମନା କରିବା ସହ ଟିକା ନେବା ପରେ ଅଧିକ ଆତ୍ମବିଶ୍ୱାସ ସହ ସେମାନଙ୍କର ସେବା କାର୍ଯ୍ୟ ଜାରି ରଖିବେ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି। ମହାମାରୀ ପରି ଏହି କଠିନ ସମୟରେ କୋଭିଡ୍ ଯୋଦ୍ଧାମାନେ ଯେପରି ସାହସ ସହ କାର୍ଯ୍ୟ କଲେ ସେଥିପାଇଁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇବା ସହ ସମସ୍ତଙ୍କ ସହଯୋଗରେ ଟିକାକରଣ କାର୍ଯ୍ୟକ୍ରମ ସଫଳ ହେବ ବୋଲି କହିଛନ୍ତି।

ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ଝାରସୁଗୁଡ଼ାରୁ ସ୍ୱାଗତ ଭାଷଣ ଦେଇଥିବାବେଳେ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି) ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପ୍ରଥମ ଟିକା ନେଇଥିବା କ୍ୟାପିଟାଲ ହସ୍ପିଟାଲର ଜଣେ ସଫେଇ କର୍ମଚାରୀ, ସୁନ୍ଦରଗଡ଼ର ଜଣେ ମହିଳା ସ୍ୱାସ୍ଥ୍ୟ କର୍ମୀ ଏବଂ ବ୍ରହ୍ମପୁରର ଜଣେ ଡାକ୍ତରଙ୍କ ସହ କଥା ହୋଇଥିଲେ। ସେମାନେ ସମସ୍ତେ ସୁସ୍ଥ ଥିବା ଏବଂ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନ ଥିବା କଥା ମୁଖ୍ୟମନ୍ତ୍ରୀଙ୍କୁ କହିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ଓ ବରିଷ୍ଠ ଅଧିକାରୀମାନେ ଏବଂ ବିଭିନ୍ନ ଜିଲାର ଜିଲାପାଳମାନେ ଯୋଗଦେଇଥିଲେ । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ପ୍ରଥମ ଦିବସରେ ୧୬ ହଜାର ୩୧୪ ଜଣ ସ୍ୱାସ୍ଥ୍ୟ କର୍ମୀଙ୍କୁ ଟିକା ଦେବା ନେଇ ତାଲିକା କରାଯାଇଥିଲା। ସେଥିରୁ ୧୩ ହଜାର ୯୮୦ ଜଣଙ୍କୁ ଅର୍ଥାତ୍ ୮୫ ପ୍ରତିଶତ ଟିକା ପ୍ରଦାନ କରାଯାଇଛି। ଏହି ସମୟ ମଧ୍ୟରେ କୋରାପୁଟରେ ୧୦୫ ପ୍ରତିଶତ ଟିକାକରଣ କରାଯାଇଥିବା ବେଳେ ଅନୁଗୋଳ, ବରଗଡ଼ ଏବଂ କନ୍ଧମାଳ ଜିଲାରେ ଶତ ପ୍ରତିଶତ ଟିକାକରଣ କରାଯାଇଛି। ଭୁବନେଶ୍ୱର ପୌରାଞ୍ଚଳରେ ମୋଟ ୬ଟି ଟିକାଦାନ କେନ୍ଦ୍ରରେ ୬୦୦ ଟିକା ଦିଆଯିବାର ବ୍ୟବସ୍ଥା କରାଯାଇଥିଲା। ସେହିପରି କଟକର ମୋଟ ୨ଟି କେନ୍ଦ୍ରରେ ଟିକା ଦେବାର ବ୍ୟବସ୍ଥା ହୋଇଥିଲା। ପ୍ରଥମ ଦିନରେ ରାଜ୍ୟ ମେଡିକାଲ ଶିକ୍ଷା ଓ ତାଲିମ ନିର୍ଦ୍ଦେଶକ ଡା. ସିବିକେ ମହାନ୍ତି, ଅଖିଳ ଭାରତ ଆୟୁର୍ବିଜ୍ଞାନ ପ୍ରତିଷ୍ଠାନ(ଏମ୍‌ସ)ର ନିର୍ଦ୍ଦେଶିକା ଡା. ଗୀତାଞ୍ଜଳି ବତ୍ମାନାବନେ, କିମ୍ସ ନିର୍ଦ୍ଦେଶକ ଡା. ପ୍ରଦୀପ କୁମାର ପଟ୍ଟନାୟକ, ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜର ଭେଷଜ ବିଭାଗ ମୁଖ୍ୟ ଡାକ୍ତର ଜୟନ୍ତ ପଣ୍ଡା, ଯକ୍ଷ୍ମା ଓ ଛାତିରୋଗ ବିଭାଗ ପ୍ରଫେସର ଓ ବିଭାଗୀୟ ମୁଖ୍ୟ ଡାକ୍ତର ମନୋରଞ୍ଜନ ପଟ୍ଟନାୟକ, କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ଡା. ଲକ୍ଷ୍ମୀଧର ସାହୁ ପ୍ରମୁଖ ଟିକା ନେଇଛନ୍ତି। ଟିକା ନେବା ପରେ ସମସ୍ତେ ଆନନ୍ଦ ପ୍ରକାଶ କରିଥିଲେ । ଏହା ଯନ୍ତ୍ରଣା ବିହୀନ ଓ ନିରାପଦ ବୋଲି ମତ ଦେଇଥିଲେ। ଅନ୍ୟମାନେ ଏହି ଟିକା ନେଇ ପ୍ରତିଷେଧକ ଶକ୍ତିକୁ ବଢ଼ାଇବାକୁ ଆହ୍ୱାନ ଦେଇଛନ୍ତି। ଟିକା ନେବା ପରେ କୌଣସି ଗୁରୁତର ପାର୍ଶ୍ୱ ପ୍ରତିକ୍ରିୟା ଦେଖାଯାଇ ନାହିଁ। କେବଳ ଢେଙ୍କାନାଳ ମୁଖ୍ୟ ଚିକିତ୍ସା କେନ୍ଦ୍ରରେ ହେଲ୍‌ପ ଡେସ୍କ କର୍ମଚାରୀ ପ୍ରମୋଦ ସେଠୀ, କଟକ ଜିଲାର ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆଶାକର୍ମୀ ସନ୍ତୋଷିନୀ ବେହେରା ଏବଂ ଗଜପତି ଜିଲାର ରାୟଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆଶାକର୍ମୀ ଶୁଭଦ୍ରା ଦେବୀଙ୍କର ସାମାନ୍ୟ ମୁଣ୍ଡ ବୁଲାଇବା ଓ ଝାଳବୋହିବା ନଜର ଆସିଥିଲା। ପ୍ରାଥମିକ ଚିକିତ୍ସା ପରେ ସେମାନେ ଠିକ୍ ହୋଇଯାଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ରବିବାର ଟିକାକରଣ କାର୍ଯ୍ୟକ୍ରମ ବନ୍ଦ ରହିବ। ଆସନ୍ତା ୨୫ ତାରିଖ ସୁଦ୍ଧା ୩ ଲକ୍ଷ ୨୮ ହଜାର ଲୋକଙ୍କୁ ଟିକା ପ୍ରଦାନ କରାଯିବ।

### ୧.୬ ଲକ୍ଷ ...

ଭୂତାଣୁ ବିରୋଧରେ ଲଢ଼ି ଜୀବନ ଦେଇଥିବା ସ୍ୱାସ୍ଥ୍ୟକର୍ମୀ ଓ ଆଗଧାଡ଼ିର କର୍ମଚାରୀମାନଙ୍କ କଥା କହିଲା ବେଳେ ପ୍ରଧାନମନ୍ତ୍ରୀଙ୍କ କଣ୍ଠ ବାଷ୍ପରୁଦ୍ଧ ହୋଇଯାଇଥିଲା। ମହାମାରୀ ବିରୋଧରେ ଲଢ଼େଇ ଜାରି ରହିଥିବାରୁ ଟିକାକରଣ ବେଳେ ଧୈର୍ଯ୍ୟ ରଖିବାକୁ ସେ ଦେଶବାସୀଙ୍କୁ ଅନୁରୋଧ କରିଥିଲେ। ସାଧାରଣତଃ ଟିକା ପ୍ରସ୍ତୁତି ଲାଗି ବର୍ଷ ବର୍ଷ ଲାଗିଯାଇଥାଏ। କିନ୍ତୁ ଖୁବ୍ କମ୍ ସମୟ ମଧ୍ୟରେ ଭାରତରେ ଦୁଇଟି ଟିକା ପ୍ରସ୍ତୁତ ହୋଇପାରିଛି ଓ ଅନ୍ୟ ଟିକା କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି। କମ୍ ସମୟ ମଧ୍ୟରେ ଭାରତ ଦୁଇଟି ଟିକା ପାଇବା ଦେଶର ବୈଜ୍ଞାନିକମାନଙ୍କ ପ୍ରତିଭା ଓ ଦକ୍ଷତାର ପ୍ରମାଣ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଟିକା ଯଥେଷ୍ଟ ସୁରକ୍ଷିତ ବୋଲି ସୁନିଶ୍ଚିତ ହେବା ପରେ ଏହାକୁ ବ୍ୟବହାର ପାଇଁ ଅନୁମତି ଦିଆଯାଇଛି। ତେଣୁ ଜନସାଧାରଣ କୌଣସି ଅପପ୍ରଚାର ଓ ଗୁଜବରେ ପ୍ରଭାବିତ ନ ହେବାକୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଥିଲେ। ଟିକାକୁ ନେଇ ରହିଥିବା ଦୀର୍ଘଦିନର ପ୍ରତୀକ୍ଷାର ଅନ୍ତ ଘଟିଛି। ଭାରତର ସିରମ୍ ଇନ୍‌ଷ୍ଟିଚ୍ୟୁଟ୍ ପ୍ରସ୍ତୁତ କୋଭିଶିଲ୍ଡ ଏବଂ ଭାରତ ବାୟୋଟେକ୍ ପ୍ରସ୍ତୁତ କୋଭାକ୍ସିନ୍ ଟିକାକୁ ବ୍ୟବହାରିକ ଅନୁମତି ମିଳିବା ପରେ ଶନିବାରଠାରୁ ଦେଶରେ ଟିକାକରଣ ଅଭିଯାନ ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ଦେଶର ୩ କୋଟି ସ୍ୱାସ୍ଥ୍ୟସେବା କର୍ମୀ ଓ ଆଗଧାଡ଼ିର କର୍ମଚାରୀଙ୍କୁ ଏହି ଟିକା ମାଗଣାରେ ଯୋଗାଇଦିଆଯିବ। ପରେ ୫୦ ବର୍ଷରୁ ଊର୍ଦ୍ଧ୍ୱ ଏବଂ ଅଧିକ ବିପଦ ଥିବା ଲୋକମାନଙ୍କୁ ପ୍ରାଥମିକତା ଭିତ୍ତିରେ ଟିକା ଦେବାକୁ ଲକ୍ଷ୍ୟ ରଖାଯାଇଛି। ଟିକାକରଣର ପ୍ରଥମ ଦିନରେ ପ୍ରାୟ ୩ ଲକ୍ଷ ଲୋକଙ୍କୁ ଟିକାର ପ୍ରଥମ ଡୋଜ୍ ଦିଆଯାଇଛି। ଭାରତରେ କରୋନା ସଂକ୍ରମିତଙ୍କ ମୋଟ ସଂଖ୍ୟା ୧ କୋଟି ୫ ଲକ୍ଷ ୪୨ ହଜାର ୮୪୧ରେ ପହଞ୍ଚିଥିବାବେଳେ ସେମାନଙ୍କ ମଧ୍ୟରୁ ୧ କୋଟି ୧ ଲକ୍ଷ ୭୯ ହଜାର ୭୧୫ ଜଣ ସୁସ୍ଥ ହେଲେଣି। ମହାମାରୀ ଜନିତ ମୃତ୍ୟୁସଂଖ୍ୟା ୧,୫୨,୦୯୩ରେ ପହଞ୍ଚିଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡିଛି।

### ସୁପ୍ରିମକୋର୍ଟ ଗଲା ...

ସାଧାରଣତନ୍ତ୍ର ଦିବସରେ ବିଶୃଙ୍ଖଳା ସୃଷ୍ଟି ଲାଗି କୃଷକମାନେ ସେଦିନ ଦିଲ୍ଲୀରେ ଟ୍ରାକ୍ଟର ରାଲି କରିବାକୁ ନିଷ୍ପତ୍ତି ନେଇଥିବାରୁ ଏହାକୁ ବନ୍ଦ କରିବା ପାଇଁ କେନ୍ଦ୍ର ସରକାର ଦିଲ୍ଲୀ ପୋଲିସ ଜରିଆରେ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ଉକ୍ତ ପିଟିଶନ୍‌କୁ ଖାରଜ କରିଦେବା ପାଇଁ କୃଷକ ସଂଘ ଏକ ସତ୍ୟପାଠ ଜରିଆରେ ଅଦାଲତଙ୍କୁ କହିଛି। ପ୍ରସ୍ତାବିତ ଟ୍ରାକ୍ଟର ରାଲି ବିରୋଧରେ ୧୮ରେ ଶୁଣାଣି ପାଇଁ ପ୍ରଧାନ ବିଚାରପତି ଏସ୍.ଏ. ବୋବ୍‌ଡେଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ରାଜି ହୋଇଛନ୍ତି। କମିଟିରେ ଅଲ୍ ଇଣ୍ଡିଆ କିଷାନ କୋଅର୍ଡିନେଶନ କମିଟି ଚେୟାରମ୍ୟାନ୍ ଏସ୍. ଭୂପିନ୍ଦର ସିଂ ମାନ୍‌ଙ୍କ ସମେତ କୃଷି ଅର୍ଥନୀତିଜ୍ଞ ଅଶୋକ ଗୁଲାଟି, ଦକ୍ଷିଣ ଏସିଆ ଅନ୍ତର୍ଜାତୀୟ ଖାଦ୍ୟ ନୀତି ଗବେଷଣା ସଂସ୍ଥା ନିର୍ଦ୍ଦେଶକ ଡକ୍ଟର ପ୍ରମୋଦ କୁମାର ଜୋଷୀ, ମହାରାଷ୍ଟ୍ରର ଶେତ୍‌କେରି ସଙ୍ଗଠନ ମୁଖ୍ୟ ଅନିଲ ଘନୱତ୍‌ଙ୍କୁ ରଖିବା ପାଇଁ ସିଜେଆଇ ବୋବ୍‌ଡେ ପ୍ରସ୍ତାବ ଦେଇଥିଲେ। ସମସ୍ତେ କୃଷି ଆଇନ ସପକ୍ଷବାଦୀ ହୋଇଥିବାରୁ ଏହାକୁ ନେଇ ବିବାଦ ସୃଷ୍ଟି ହେବା ପରେ ଗୁରୁବାର ଉକ୍ତ କମିଟିରୁ ଭୂପିନ୍ଦର ଓହରିଯାଇଥିଲେ।

### ତଥ୍ୟ ଦେଉନାହାନ୍ତି ...

ପାଣିପାଗ ବିଭାଗକୁ କେତେକ ତଥ୍ୟ ମାଗିଥିଲେ। ତେବେ ଉଭୟ ରାଜ୍ୟକୁ କେନ୍ଦ୍ରୀୟ ସଂସ୍ଥା କୌଣସି ତଥ୍ୟ ଦେଉନାହାନ୍ତି। ୨୦୧୮ରେ ଟ୍ରିବ୍ୟୁନାଲ ଗଠନ କରାଯାଇଥିଲା। ଏହାର କାର୍ଯ୍ୟକାଳ ଆସନ୍ତା ୨୦୨୩ରେ ଶେଷ ହେବ। ମାତ୍ର କେନ୍ଦ୍ରୀୟ ସଂସ୍ଥା କୌଣସି ପ୍ରକାର ସହଯୋଗ କରୁ ନ ଥିବାରୁ ଶୁଣାଣି ବିଳମ୍ବ ହେଉଥିବା ସମ୍ପୃକ୍ତ ଅଧିକାରୀ କହିଛନ୍ତି। ଏଠାରେ ସୂଚନାଯୋଗ୍ୟ, ଆସନ୍ତା ସୋମବାର ସୁଦ୍ଧା ନିଜର ପ୍ରମାଣପତ୍ର ଦାଖଲ କରିବାକୁ ଉଭୟ ଛତିଶଗଡ଼ ଏବଂ ଓଡ଼ିଶା ସରକାରଙ୍କୁ ଟ୍ରିବ୍ୟୁନାଲ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ଦୁଇ ସପ୍ତାହ ମଧ୍ୟରେ କମନ ଫର୍ମାଟ୍ ଚୂଡ଼ାନ୍ତ ହେବ। ଫେବୃୟାରୀ ୬ରୁ ଶୁଣାଣି ଆରମ୍ଭ ହେବ।

## ଡ୍ରିମ୍‌ହୋମ୍‌କୁ ଶିଫ୍ଟ କରିବେ ବେବୋ

**ମୁମ୍ବାଇ:** ବଲିଉଡ ବିୟୁଟି କରିନା କପୁର ଖାଁ ଦ୍ୱିତୀୟ ସନ୍ତାନ ଆସିବା ପୂର୍ବରୁ ଶୈଫ ଅଲି ଖାଁଙ୍କ ସହ ତାଙ୍କ ଡ୍ରିମ ହୋମକୁ ଶିଫ୍ଟ କରିବେ। ଏବେ ସେମାନେ ଫର୍ଚ୍ୟୁନ ହାଇଟ୍ସରେ ରହୁଛନ୍ତି। ଏହାପରେ ସେମାନେ ସତଗୁରୁ ଶରଣ ନାମକ ଏକ ୪ ମହଲା ବିଲଡିଂକୁ ସିଫ୍ଟ କରିବେ । ଘରର ଇଣ୍ଟେରିୟର ଡିଜାଇନ କରୁଥିବା ଦର୍ଶନୀ ଶାହା କୁହନ୍ତି, ନୂଆ ଘର ସମ୍ପୂର୍ଣ୍ଣଭାବେ ଆରାମଦାୟକ ଏବଂ ଅଧିକ ସୁବିଧା ରଖି ଡିଜାଇନ କରାଯାଇଛି। ସେଠାରେ ତୈମୁରଙ୍କ ପାଇଁ ମଧ୍ୟ ଅଲଗା ରୁମ ରହିଛି। ଏହାସହ ବେବି ନର୍ସରୀ, ସୁଇମିଂ ପୁଲ, ଜିମ, ଆଉଟଡୋର ଏରିଆ, ଓପନ ସ୍ପେସ ଆଦିର ବ୍ୟବସ୍ଥା କରାଯାଇଛି ।

# ‘ରିଙ୍ଗ୍ ଅଫ୍ ଫାୟାର’ରେ ଭୂକମ୍ପ ଭୟ

**ବିମାନ ଦୁର୍ଘଟଣାକୁ ନେଇ ଚର୍ଚ୍ଚା ଥମି ନ ଥିବାବେଳେ ଏବେ ଇଣ୍ଡୋନେସିଆରେ ତାଣ୍ଡବ ରଚିଛି ଭୂକମ୍ପ। ପ୍ରଶାନ୍ତ ମହାସାଗରୀୟ ସଂଲଗ୍ନ ପୃଥିବୀର ସବୁଠୁ ସମ୍ବେଦନଶୀଳ ଅଞ୍ଚଳ ‘ରିଙ୍ଗ୍ ଅଫ୍ ଫାୟାର’ରେ ଅବସ୍ଥିତି କାରଣରୁ ଏଠାରେ ଲାଗିରହିଛି ଭୂକମ୍ପ, ସୁନାମି ଭୟ। କେବଳ ଏତିକି ନୁହେଁ, ଦେଶର ଭୌଗୋଳିକସ୍ଥିତି ପ୍ରଳୟଙ୍କରୀ ବାତ୍ୟା ପାଇଁ ଅନେକାଂଶରେ ଦାୟୀ।**



**ଜାକର୍ତ୍ତା:** ଭୂକମ୍ପରେ ଦୋହଲିଛି ଇଣ୍ଡୋନେସିଆ। ଶୁକ୍ରବାର ବିଳମ୍ବିତ ରାତିରେ ସଂଘଟିତ ପ୍ରକୃତିର ଏହି ତାଣ୍ଡବ ନେଇଛି ୪୦ରୁ ଊର୍ଦ୍ଧ୍ୱ ଜୀବନ। ୬୦୦ରୁ ଅଧିକ ଆହତ ହୋଇଛନ୍ତି। ସପ୍ତାହେ ପୂର୍ବରୁ ଏଠାରେ ଏକ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଅଦ୍ୟାବଧି ଏହାର ରହସ୍ୟ ଉନ୍ମୋଚନ ହୋଇନାହିଁ। ‘ରିଙ୍ଗ୍ ଅଫ୍ ଫାୟାର’ ନାମରେ ପରିଚିତ ଇଣ୍ଡୋନେସିଆ। ପୃଥିବୀର ସବୁଠାରୁ ସମ୍ବେଦନଶୀଳ ସ୍ଥାନରେ ରହିଥିବାରୁ ଲଗାତର ଭୂକମ୍ପ ଆସିଥାଏ। ସୁନାମି ଭୟ ମଧ୍ୟ ଲାଗି ରହିଥାଏ। ପ୍ରଶାନ୍ତ ମହାସାଗର ସନ୍ନିକଟ ଏହି ଦେଶ ବାତ୍ୟାପ୍ରବଣ ମଧ୍ୟ। ଏଭଳି ପ୍ରାକୃତିକ ବିପର୍ଯ୍ୟୟ ପାଇଁ ପ୍ରତିବର୍ଷ ଅନେକ ଜୀବନ ଯାଉଥିବାବେଳେ ବିପୁଳ କ୍ଷତି ସହୁଛି ଏହି ମୁସ୍‌ଲିମ୍ ଦେଶ।

ପୃଥିବୀର ସକ୍ରିୟ ଭୂକମ୍ପ ଜୋନ୍ ମଧ୍ୟରେ ଆସୁଛି ଇଣ୍ଡୋନେସିଆ, ଜାଭା, ସୁମାତ୍ରା। ଖାସ୍ ଏହି କାରଣରୁ ସମ୍ପୃକ୍ତ ଅଞ୍ଚଳକୁ ‘ରିଙ୍ଗ୍ ଅଫ୍ ଫାୟାର’ ଆଖ୍ୟା ଦିଆଯାଇଛି। ୪୦ ହଜାର ବର୍ଗ କି.ମି. ପରିବ୍ୟାପ୍ତ ଏହି ଅଞ୍ଚଳରେ ରହିଛି ପୃଥିବୀର ୭୫% ସକ୍ରିୟ ଆଗ୍ନେୟଗିରି। ସେଥିରେ ସମୟେ ସମୟେ ହେଉଥିବା ପ୍ରଚଣ୍ଡ ବିସ୍ଫୋରଣ ଭୂକମ୍ପର କାରଣ ସାଜୁଛି ଏବଂ ସୁନାମିକୁ ନିମନ୍ତ୍ରଣ କରୁଛି। ଜିଓଲୋଜିକାଲ ସର୍ଭେ ଅଫ୍ ଆମେରିକାର ଏକ ରିପୋର୍ଟ ଅନୁଯାୟୀ, ପୃଥିବୀର ମୋଟ ଭୂକମ୍ପର ୯୦% ଏବଂ ୮୧% ବଡ଼ଧରଣର ଭୂମିକମ୍ପ ‘ରିଙ୍ଗ୍ ଅଫ୍ ଫାୟାର’ ଅଞ୍ଚଳରେ ହୋଇଥାଏ। ପ୍ରତିବର୍ଷ ଏହି କାରଣରୁ କୋଟି କୋଟି ଟଙ୍କାର କ୍ଷତି ସହିଥାନ୍ତି ଏହି ଦେଶ ସମୂହ। ଏଠାରେ ବାସଗୃହ ନିର୍ମାଣ କରିବା ମଧ୍ୟ ଦୁରୂହ ବ୍ୟାପାର। ଭୂକମ୍ପ ପ୍ରତିରୋଧ ଗୃହ ଲାଗି ଏଠାରେ ପରିତ୍ୟକ୍ତ ଟାୟାର ବ୍ୟବହାର କରାଯାଉଛି।

ପୃଥିବୀ ଆଭ୍ୟନ୍ତରରେ ଥିବା ଟେକ୍ଟୋନିକ ପ୍ଲେଟ୍ ଚଳମାନ। ପ୍ରତିବର୍ଷ ୧୦ରୁ ୪୦ ମିଲିମିଟର ହିସାବରେ ଏହା ଗତିଶୀଳ। କେତେକ ପ୍ଲେଟ ୧୬୦ ମିଲିମିଟର ଯାଏ ସ୍ଥାନାନ୍ତର ହେଉଥିବା ନଜିର ରହିଛି। ଦୁଇ ପ୍ଲେଟ୍ ମଧ୍ୟରେ ଧକ୍କା ହେଲେ ଯେଉଁ ତୀବ୍ର କମ୍ପନ ସୃଷ୍ଟି ହୁଏ, ତାହା ହିଁ ସାଜିଥାଏ ଭୂକମ୍ପର କାରଣ। ଭୂକମ୍ପ ସୃଷ୍ଟିର କେନ୍ଦ୍ରସ୍ଥଳଠାରୁ ଦୂରତା ଏବଂ ତୀବ୍ରତା ଅନୁଯାୟୀ ଏହା ସାମାନ୍ୟ ବା ଭୟଙ୍କର ହୋଇପାରେ। ସମୁଦ୍ର ଭିତରେ ଭୂକମ୍ପ ପାଇଁ ପ୍ରଳୟଙ୍କରୀ ସୁନାମି ସୃଷ୍ଟି ହୁଏ। ୨୦୦୪ରେ ଇଣ୍ଡୋନେସିଆରେ ହୋଇଥିବା ଭୂକମ୍ପ ଆଜି ବି ସତେଜ। ରିକ୍ଟର ସ୍କେଲ୍‌ରେ ଏହାର ତୀବ୍ରତା ଥିଲା ୯.୧। ଏହାଯୋଗୁ ସୃଷ୍ଟି ହୋଇଥିବା ପ୍ରଳୟଙ୍କରୀ ସୁନାମି ପୃଥିବୀର ଭୟଙ୍କର ପ୍ରାକୃତିକ ବିପର୍ଯ୍ୟୟ ଭିତରୁ ଗୋଟିଏ ବୋଲି ବିବେଚନା କରାଯାଏ। ଏହାର ପ୍ରଭାବରେ ପ୍ରଭାବିତ ହୋଇଥିଲା ସୁମାତ୍ରା ସମେତ ୧୪ ଦେଶ। କେବଳ ଇଣ୍ଡୋନେସିଆରେ ୧ଲକ୍ଷ ୬୮ ହଜାର ଜୀବନ ଯାଇଥିଲା।

# ଗୁପ୍‌ଚୁପ୍ ପ୍ରେମରେ ସନ୍ନି ଲିଓନି



**ନୂଆଦିଲ୍ଲୀ:** ବଲିଉଡ୍ ଅଭିନେତ୍ରୀ ସନ୍ନି ଲିଓନିଙ୍କୁ କିଏ ନ ଜାଣେ। ନିଜର ହଟ୍ ଏବଂ ଗ୍ଲାମର୍ସ ଅନ୍ଦାଜ୍ ପାଇଁ ଫ୍ୟାନ୍‌ମାନେ ପାଗଳ। ସନ୍ନି ସୋସିଆଲ ମିଡିଆରେ ବେଶ୍ ଆକ୍ଟିଭ୍। ସେ ସବୁବେଳେ ତାଙ୍କର କିଛି ନା କିଛି ଫଟୋ ଏବଂ ଭିଡିଓ ଶେୟାର କରି ଫ୍ୟାନ୍‌ମାନଙ୍କ ସହ ଜଡ଼ିତ ରହିଥାନ୍ତି। ନିକଟରେ ତାଙ୍କର ଏକ ଭିଡିଓ ଭାଇରାଲ ହୋଇଛି, ଯେଉଁଥିରେ ସେ ଗୁପ୍‌ଚୁପ୍ ଖାଉଥିବା ନଜରକୁ ଆସିଛନ୍ତି। ଭିଡିଓରେ ସେ ନିଜ ଭ୍ୟାନିଟି ଭ୍ୟାନ୍‌ରେ କ୍ରୁ ମେମ୍ବରଙ୍କ ସହ ମସ୍ତି କରୁଥିବାବେଳେ ଗୁପ୍‌ଚୁପ୍‌ର ମଜା ଉଠାଉଛନ୍ତି। ଗୋଟିଏ ପରେ ଗୋଟିଏ ଗୁପ୍‌ଚୁପ୍ ଖାଇ ଚାଲିଛନ୍ତି। ଏହି ଭିଡିଓକୁ ବର୍ତ୍ତମାନ ସୁଦ୍ଧା ୧୪ଲକ୍ଷରୁ ଅଧିକ ଲୋକ ଦେଖିସାରିଲେଣି। ଏଥିରେ ଗୁପ୍‌ଚୁପ୍ ପ୍ରସ୍ତୁତ ମଧ୍ୟ ସନ୍ନି କରୁଥିବା ଦେଖିବାକୁ ମିଳିଛି। ତେବେ ତାଙ୍କ ହେୟାର ଡିଜାଇନର୍ କହିଛନ୍ତି, ସନ୍ନି ମାତ୍ର ୧୨ଟି ଗୁପ୍‌ଚୁପ୍ ଖାଇଛନ୍ତି। ଏଥିରେ ସନ୍ନି କହିଛନ୍ତି, ମୋ ନାଁରେ ଏତେ ବଡ଼ ମିଛ କଥା କୁହନ୍ତୁ ନାହିଁ। ମୁଁ ମାତ୍ର ଦୁଇଟି ଗୁପ୍‌ଚୁପ୍ ଖାଇଛି। ଏବେ ୩ନମ୍ବର ଖାଇବାକୁ ଯାଉଛି। ସନ୍ନିଙ୍କର ଏହି ଭିଡିଓ ଦେଖି ଫ୍ୟାନ୍‌ମାନେ ମଧ୍ୟ ଢେର୍ କମେଣ୍ଟ କରିଛନ୍ତି। ଏହି ଭିଡିଓ ଇନ୍‌ଷ୍ଟାରେ ଶେୟାର କରି ସନ୍ନି ଲେଖିଛନ୍ତି ‘ମୁଁ କେବଳ ତିନୋଟି ଗୁପ୍‌ଚୁପ୍ ଖାଇଛି।’ ସମସ୍ତଙ୍କ ସହ ମିଶି ଗୁପ୍‌ଚୁପ୍ ଖାଇବାକୁ ମୋତେ ମଜା ଲାଗିଲା। ୱାର୍କ ଫ୍ରଣ୍ଟ କଥା କହିଲେ, ଆଗକୁ ସନ୍ନିଙ୍କର ଏକ ହରର୍ କମେଡି ଫିଲ୍ମ ‘କୋକା କୋଲା’ ରିଲିଜ୍ ହେବ। ଏହାବ୍ୟତୀତ ‘ରଙ୍ଗିଲା’, ‘ବୀରମାଦେବୀ’ ଫିଲ୍ମରେ ମଧ୍ୟ ତାଙ୍କୁ ଦେଖିବାକୁ ମିଳିବ। ଏହାସହିତ ସନ୍ନି ଖୁବ୍‌ଶୀଘ୍ର ମ୍ୟାକ୍ସ ପ୍ଲେୟାରରେ ଆକ୍ସନ ସିରିଜ୍ ଅନାମିକାରେ ନଜର ଆସିବେ।

# ବିଶ୍ୱର ସବୁଠୁ ଅସନା ମଣିଷ



**ନୂଆଦିଲ୍ଲୀ:** ଦିନେ କି ଦୁଇ ଦିନ ନୁହେଁ ୬୫ ବର୍ଷ ହେଲାଣି ସେ ସ୍ନାନ କରିନାହାନ୍ତି। ସେତିକି ନୁହେଁ, ପରିଷ୍କାର ପରିଚ୍ଛନ୍ନତାକୁ ସେ ଘୃଣା କରନ୍ତି। ରନ୍ଧା ଖାଦ୍ୟ ବଦଳରେ ସେ ପଚାଶଢା ଖାଦ୍ୟ ଖାଇବାକୁ ଭଲପାନ୍ତି। ସେଥିପାଇଁ ତ ଏବେ ତାଙ୍କୁ ବିଶ୍ୱର ସବୁଠୁ ଅସନା ମଣିଷ ବୋଲି କୁହାଯାଉଛି। ବିଶ୍ୱାସ ହେଉ ନ ଥିଲେ ବି ଏଭଳି ଜଣେ ବ୍ୟକ୍ତି ହେଉଛନ୍ତି ଇରାନର ଅମଉ ହାଜି। ଅମଉ ହାଜିଙ୍କ ବୟସ ଏବେ ୮୩ ବର୍ଷ, କିନ୍ତୁ ସେ ସମ୍ପୂର୍ଣ୍ଣ ସୁସ୍ଥ। ମାତ୍ର ଅମଉଙ୍କର ଅପରିଷ୍କାର ଲାଇଫ୍‌ଷ୍ଟାଇଲ୍‌କୁ ନେଇ ଏବେ ସାରା ବିଶ୍ୱରେ ଚର୍ଚ୍ଚା। ବିଶ୍ୱର ସବୁଠୁ ଅସନା ଅପରିଷ୍କାର ବ୍ୟକ୍ତିଭାବେ ସେ ଏବେ ରେକର୍ଡ କରିଛନ୍ତି। କାହିଁକି ନା ୬୫ ବର୍ଷ ହେଲାଣି ସେ ସ୍ନାନ କରି ନାହାନ୍ତି। ସ୍ନାନ କଲେ ତାଙ୍କ ଦେହ ଖରାପ ହୋଇଯିବ ବୋଲି ସେ କହନ୍ତି। ଖାଦ୍ୟ ଜିନିଷକୁ ସେ କେବେ ପରିଷ୍କାର ରଖନ୍ତି ନାହିଁ। ଅଧିକାଂଶ ସମୟରେ ସେ ମୃତ ପଶୁପକ୍ଷୀଙ୍କ ପଚା ଶରୀରର ମାଂସ ଖାଇବାକୁ ପସନ୍ଦ କରନ୍ତି। ଏଭଳି ଖାଦ୍ୟ ତାଙ୍କ ପାଖରେ ଉପଲବ୍ଧ ନ ହେଲେ ସେ ଘରେ ଥିବା ପଚା ଶଢା ପନିପରିବା ଓ ଶାଗ ଖାଇଥାନ୍ତି। କିନ୍ତୁ ଘରେ ତିଆରି ହେଉଥିବା ସ୍ୱାଦିଷ୍ଟ ଭୋଜନ ସେ କେବେ ହେଲେ ଖାଆନ୍ତି ନାହିଁ। ଅମଉଙ୍କର ନିଜର କୌଣସି ଘର ନାହିଁ। ଗାଁ ବାହାରେ ଏକ ଗାତ ଖୋଳି ସେ ମାଟିରେ ଶୋଇବାକୁ ପସନ୍ଦ କରନ୍ତି। କୌଣସି ପ୍ରକାରର ଖରାପ ଅପରିଷ୍କାର ଜିନିଷ ପାଇଁ ତାଙ୍କର କେବେ ହେଲେ ଇନଫେକ୍‌ସନ୍ ହୁଏନି। ବରଂ ଏହି ଅପରିଷ୍କାର ଗୁଣ ଯୋଗୁଁ ସେ ଏତେ ବର୍ଷ ପର୍ଯ୍ୟନ୍ତ ସୁସ୍ଥ ଏବଂ ହୃଷ୍ଟପୁଷ୍ଟ ଅଛନ୍ତି ବୋଲି କହନ୍ତି। ଅମଉଙ୍କର ସିଗାରେଟ୍ ପିଇବାର ଅଭ୍ୟାସ ଅଛି, କିନ୍ତୁ ସିଗାରେଟ୍ ବି ଅସନା ଢଙ୍ଗରେ ସେ ପିଇଥାନ୍ତି। ଗାଁ ଲୋକେ ତାଙ୍କୁ ଦେଇଥିବା ସିଗାରେଟ୍ ସରିଯିବା ପରେ ସେ ଚିଲମରେ ବିଭିନ୍ନ ପଶୁପକ୍ଷୀଙ୍କ ମଳକୁ ଶୁଖାଇ ତାକୁ ସିଗାରେଟ୍ ଭଳି ପିଅନ୍ତି। ଦୁନିଆର ସବୁ ସୁଖସୁବିଧାକୁ ତ୍ୟାଗ କରି ଅମଉ ତାଙ୍କ ଷ୍ଟାଇଲରେ ଜୀବନକୁ ବେଶ୍ ଉପଭୋଗ କରନ୍ତି ବୋଲି କହନ୍ତି।

# ୨୪୨ ହଜାର ଏକର ଚାଷ ଜମି କିଣିଲେ ବିଲ୍ ଗେଟ୍‌ସ

**ୱାଶିଂଟନ:** ମାଇକ୍ରୋସଫ୍ଟ ସଂସ୍ଥାପକ ତଥା ପୃଥିବୀର ଚତୁର୍ଥ ଧନୀକ ଭାବେ ଖ୍ୟାତି ହାସଲ କରିଥିବା ବିଲ୍ ଗେଟ୍‌ସ ଏବେ ଆମେରିକାର ଏକ ନମ୍ବର ଚାଷୀ ପାଲଟିଛନ୍ତି। ସେ ଦେଶର ୧୮ଟି ରାଜ୍ୟରେ ମୋଟ ୨୪୨ ହଜାର ଏକର ଚାଷ ଜମି କିଣିଛନ୍ତି। କେବଳ ଚାଷ ଜମି ନୁହେଁ ସେ ୨୮, ୯୮୪ ଅନ୍ୟ ଜମି ମଧ୍ୟ କିଣିଛନ୍ତି। ଫଳରେ ୧୯ଟି ରାଜ୍ୟରେ ତାଙ୍କର ମୋଟ ଜମି ପରିମାଣ ୨,୬୮,୯୮୪ ଏକରରେ ପହଞ୍ଚିଛି। ଏରିଜୋନା ସ୍ଥିତ ଜମିରେ ସେ ସ୍ମାର୍ଟ ସିଟି ନିର୍ମାଣର ଯୋଜନା କରିଛନ୍ତି। ଲୁସିଆନାରେ ତାଙ୍କର ୬୯ ହଜାର ଏକର ଜମି ଥିବାବେଳେ ଅର୍କସସରେ ୪୮ ହଜାର ଏକର ଏବଂ ଏରିଜୋନାରେ ୨୫ ହଜାର ଏକର ଚାଷ ଜମି ରହିଛି। ତେବେ ସେ କାହିଁକି ଏତେ ଜମି କିଣିଛନ୍ତି ତାହା ଜଣାପଡ଼ି ନାହିଁ। ୨୦୧୮ରେ ବିଲ୍ ଗେଟ୍‌ସ ୱାଶିଂଟନରେ ୧୬ ହଜାର ଏକର ଜମି କିଣିଥିଲେ। ସେଥିମଧ୍ୟରେ ହେଭନ ହିଲ ଅଞ୍ଚଳର ୧୪,୫୦୦ ଏକର ଜମି ରହିଛି। ଏହି ଜମିକୁ ସେ ୧୨୫୧ କୋଟି ଟଙ୍କାରେ କିଣିଥିଲେ।




# ଘୋଡ଼ାରେ ଚଢ଼ି ପହଞ୍ଚାଉଛନ୍ତି ପାର୍ସଲ



**ଶ୍ରୀନଗର:** କିଛି ଲୋକ ଏପରି ଅଛନ୍ତି ଯେଉଁମାନେ ନିଜ କର୍ତ୍ତବ୍ୟ ପୂରା କରିବା ପାଇଁ କିଛି ବି କରିପାରନ୍ତି। ଏହାର ଏକ ଉଦାହରଣ ହେଉଛନ୍ତି ସିରାଜ ଅଲି ଖାନ୍। ପ୍ରବଳ ବରଫପାତରେ ରାସ୍ତା ବନ୍ଦ ହୋଇଯିବାରୁ ସେ ଘୋଡାରେ ଚଢି ଲୋକଙ୍କ ପାଖରେ ଖାଦ୍ୟ ପାର୍ସଲ ପହଞ୍ଚାଉଛନ୍ତି। ଜମ୍ମୁକଶ୍ମୀରର ୨୨ ବର୍ଷୀୟ ଯୁବକ ସିରାଜ ଆମାଜନ୍‌ରେ ଡେଲିଭରି ବୟଭାବେ କାମ କରନ୍ତି। ଏବେ ସେ ବିଭିନ୍ନ ଅଞ୍ଚଳରେ ଖାଦ୍ୟ ପହଞ୍ଚାଇବା ପାଇଁ ଘୋଡାରେ ଚଢି ଯାଉଛନ୍ତି। କାରଣ ପ୍ରବଳ ଥଣ୍ଡା ଯୋଗୁ ଏବେ ତୁଷାରପାତ ହୋଇ ବିଭିନ୍ନ ଅଞ୍ଚଳକୁ ଯୋଗାଯୋଗ ବନ୍ଦ ହୋଇ ଯାଇଛି। ରାସ୍ତା ଉପରେ ବରଫ ଜମା ହୋଇ ରହିଥିବାରୁ ଗାଡ଼ି ନେଇ କୌଣସି ସ୍ଥାନକୁ ଯିବା ଆସିବା ସମ୍ଭବ ହୋଇପାରୁନି। ମାତ୍ର ବିଭିନ୍ନ ସ୍ଥାନରେ ଲୋକେ ସେମାନଙ୍କର ଅନେକ ଜରୁରୀ ଜିନିଷ ପାଇଁ ଆମାଜନ୍‌କୁ ଫୋନ୍ କରୁଛନ୍ତି। କିଛି ଲୋକ ବେବି ଫୁଡ୍, ପାଠ ପଢା ସାମଗ୍ରୀ ଏମିତି କି ବିଭିନ୍ନ ପ୍ରକାରର ଔଷଧ ପାଇଁ ଆମାଜନ୍‌ର ସାହାରା ନେଉଛନ୍ତି। ଆଉ ଏସବୁ ଜିନିଷ ଅତ୍ୟନ୍ତ ଜରୁରୀ ହୋଇଥିବାରୁ ଲୋକେ ଆମାଜନ୍‌କୁ ବାରମ୍ବାର ଫୋନ କରି ସହାୟତା ମାଗୁଛନ୍ତି। ତେଣୁ ସିରାଜ ଲୋକଙ୍କ ଅସୁବିଧାକୁ ଅନୁଭବ କରି ତାଙ୍କ ସୁପରଭାଇଜରଙ୍କଠାରୁ ଅନୁମତି ନେଇ ଶ୍ରୀନଗରର ଓଲ୍ଡ ସିଟିରେ ଘୋଡାରେ ଚଢି ପାର୍ସଲ ପହଞ୍ଚାଇଥିଲେ। ସିରାଜ ଘୋଡା ଚଢିବାକୁ ବହୁତ ଭଲପାଆନ୍ତି ଏବଂ ନିଜେ ଏକ ଘୋଡା ବି କିଣିଛନ୍ତି।


## ରିଷିଙ୍କ ଅଧା କାମ ପୂରା କରିବେ ପରେଶ



**ମୁମ୍ବାଇ:** କ୍ୟାନସର ସହ ଲଢିବା ପରେ ୨୦୨୦ରେ ଜୀବନ ଯୁଦ୍ଧରେ ହାରିଯାଇଥିଲେ ବଲିଉଡର ବରିଷ୍ଠ ଅଭିନେତା ରିଷି କପୁର। ହେଲେ କିଛି ଫିଲ୍ମରେ ତାଙ୍କ କାମ ଅଧା ରହିଯାଇଛି। ଏବେ ସେହି କାମକୁ ପୂରଣ କରିବାକୁ ରାଜି ହୋଇଛନ୍ତି ବଲିଉଡ୍‌ର ଆଉ ଜଣେ ବରିଷ୍ଠ କଳାକାର ପରେଶ ରାୱଲ। ‘ଶର୍ମା ଜି ନମକିନ’ ଫିଲ୍ମର ଶେଷ କିଛି ଭାଗ ଏବେ ପରେଶ ରାୱଲଙ୍କୁ ନେଇ ଶୁଟିଂ କରାଯିବ ବୋଲି ଜଣାପଡିଛି। ଏହି ଫିଲ୍ମ ରିଷିଙ୍କ ଜନ୍ମଦିନ ଅର୍ଥାତ ସେପ୍ଟେମ୍ବର ୪ରେ ରିଲିଜ ହୋଇପାରେ। ଫିଲ୍ମର ନିର୍ମାତା କୁହନ୍ତି ଏହାକୁ ପୁରା କରିବାକୁ କିଛି ବିଶେଷ ଧରଣର ଟେକ୍‌ନିକର ସହାୟତା ନିଆଯିବ।

# ଅପହରଣ ହୋଇଥିଲେ ରେବେଲ

**କାନ୍‌ବେରା:** ଅଷ୍ଟ୍ରେଲିଆନ ଅଭିନେତ୍ରୀ, ଲେଖିକା, କମେଡିଆନ ଏବଂ ପ୍ରଯୋଜିକା ରେବେଲ ୱିଲସନ୍ ନିଜର ଦମଦାର ଅଭିନୟ ଏବଂ ଇନ୍‌ଷ୍ଟାଗ୍ରାମରେ ମଜାଳିଆ ପୋଷ୍ଟ ପାଇଁ ସେ ବେଶ ଲୋକପ୍ରିୟ। ମାତ୍ର ତାଙ୍କ ଜୀବନରେ ଏମିତି ଏକ ଘଟଣା ଘଟିଥିଲା ଯାହା ଖୁବ କମ ଲୋକ ଜାଣିଥିବେ। ଏନେଇ ଅଭିନେତ୍ରୀ ଜଣକ ଏକ ସାକ୍ଷାତକାରରେ କହିଛନ୍ତି, ଥରେ ତାଙ୍କୁ ବନ୍ଧୁକ ମୁନରେ ଆଫ୍ରିକାରେ ଅପହରଣ କରି ନିଆଯାଇଥିଲା। ସେହି ସମୟରେ ସେ ମୋଜାମ୍ବିକ୍‌ର ଏକ ଗ୍ରାମୀଣ ଅଞ୍ଚଳରେ ଥିଲେ। କେତେଜଣ ବନ୍ଧୁଙ୍କ ସହ ସେ ଟ୍ରକ୍‌ରେ ବସିଥିବାବେଳେ କିଛି ଲୋକ ବନ୍ଧୁକ ଧରି ତାଙ୍କ ନିକଟକୁ ଯାଇଥିଲେ। ପରେ ସେମାନେ ତାଙ୍କ ସହ ସହଯୋଗୀଙ୍କୁ ଏକ ଘରକୁ ନେଇଯାଇଥିଲେ। ଏହି ସମୟରେ ରେବେଲଙ୍କ ମୁଣ୍ଡରେ ନାନା ଉପାୟ ଚାଲୁଥିଲା। ପରେ ଅପହରଣକାରୀମାନେ ରେବେଲ ଏବଂ ତାଙ୍କ ସାଥୀମାନଙ୍କୁ ତଳେ ବସାଇଦେଲେ। ରେବେଲ ସେମାନଙ୍କୁ ଅନୁରୋଧ କରି କହିଲେ, ସମସ୍ତେ ସମସ୍ତଙ୍କ ହାତ ଧରାଧରି ହୋଇ ବସିବା। କେହି କାହାରିକୁ ଛାଡ଼ିବା ନାହିଁ। ସେମାନଙ୍କୁ ଲାଗୁଥିଲା ଅପହରଣକାରୀମାନେ ବୋଧେ ବୋଧହୁଏ ବଳାତ୍କାର ପାଇଁ ସେମାନଙ୍କୁ କେଉଁଆଡ଼େ ନେଉଛନ୍ତି। ମାତ୍ର ରେବେଲଙ୍କ ଭାଗ୍ୟ ବହୁତ ଭଲ ଥିଲା। ଅପହରଣକାରୀମାନେ ତାଙ୍କର କୌଣସି କ୍ଷତି କରି ନ ଥିଲେ। ସକାଳ ହେବା ପରେ ରେବେଲ ଏବଂ ତାଙ୍କ ବନ୍ଧୁମାନଙ୍କୁ ନେଇ ଟ୍ରକ ନିକଟରେ ଛାଡ଼ିଦେଇ ଆସିଲେ। ଆଫ୍ରିକା ସୀମା ପାର ହେବା ପରେ ସେମାନେ ଶାନ୍ତିରେ ନିଃଶ୍ୱାସ ମାରିଲେ। ତେବେ ଅପହରଣକାରୀଙ୍କ ଉଦ୍ଦେଶ୍ୟ କ'ଣ ଥିଲା ତାହା ସେ ଆଜି ପର୍ଯ୍ୟନ୍ତ ଜାଣିପାରି ନ ଥିବା କୁହନ୍ତି।




## ମନେ ପଡ଼ନ୍ତି

### ସପ୍ତମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତା ରାଜଲକ୍ଷ୍ମୀ ମିଶ୍ର
ସ୍ୱାମୀ ସ୍ୱର୍ଗତ ପ୍ରଫେସର ତ୍ରିଲୋଚନ ମିଶ୍ର
୩୧୬-ଏ ସହୀଦ ନଗର, ଭୁବନେଶ୍ୱର
ଆବିର୍ଭାବ: ୦୫।୦୧।୧୯୨୯
ତିରୋଧାନ: ୨୬।୧୨।୨୦୧୪
"ଗୋଟି ଗୋଟି କରି ସାତଟି ବରଷ କଟାଇଛୁ ତୁମବିନା
ତୁମ ସ୍ନେହ, ଶ୍ରଦ୍ଧା, ଦମ୍ଭ ଓ ସାହସ ପାଥେୟ କରିଛୁ ସିନା,
ସଦାତୁମ ଆତ୍ମା ଶାନ୍ତିଲଭୁ ଥାଉ ଏତିକି କରୁ ପ୍ରାର୍ଥନା
ତୁମରି ଆଶିଷ ସଦା ଝରୁଥାଉ ଏତିକି ମନେ ଭାବନା"।
-:ଶୋକସନ୍ତପ୍ତ:-
ମିଶ୍ର ପରିବାର
ଧ-୧୯୬୦୭

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ବିକ୍ରମ ପରିଡ଼ା
ଆବିର୍ଭାବ: ୨୯।୧୧।୧୯୪୫
ତିରୋଧାନ: ୩୦।୧୨।୨୦୧୯
ଚାହୁଁ ଚାହୁଁ ବର୍ଷଟିଏ ବିତିଗଲା। ଆପଣଙ୍କ ସରଳ, ନିଷ୍କପଟ, ଭଦ୍ର ବ୍ୟବହାର ଏବେବି ଅପାସୋରା ହୋଇ ରହିଛି। ଆପଣଙ୍କ ସ୍ନେହ, ଆଶୀର୍ବାଦ ଓ ଆଦର୍ଶ ଆମ ଚଳାପଥରେ ସହାୟ ହେଉ। ଆଜି ଏହି ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣ ତଳେ ପ୍ରାର୍ଥନା କରୁଛୁ ।
-:ଶୋକସନ୍ତପ୍ତ:-
ପତ୍ନୀ, ପୁଅ, ପୁତ୍ରବଧୂ, ଝିଅ, ଜ୍ୱାଇଁ ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ ।
ଧ-୧୯୬୧୦

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ଗୋପୀନାଥ ଜେନା
ଭୁବନେଶ୍ୱର, ଭରତପୁର
ତାରିଖ- ୧୭।୦୧।୨୦୨୧
ବାପା, ଚାହୁଁ ଚାହୁଁ ଏକବର୍ଷ ବିତିଗଲା। ଆମକୁ ଅଧା ବାଟରେ ଏକାକରି ଚାଲିଗଲ ଯେଉଁଠିକି କାହାର ସମ୍ପର୍କ ରହେନା। ବାପା, ତୁମର ଅମର ଆତ୍ମା ଯେଉଁଠି ଥାଉ, ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦତଳେ ଚିରଶାନ୍ତି ଲଭୁ, ଏତିକି ଆମର ଅଶ୍ରୁଭରା ମିନତି।
-ଇତି:-
ତୁମର ସ୍ତ୍ରୀ, ବଡ଼ ପୁଅ: ଉତ୍କଳ ଜ୍ୟୋତି (ପିଣ୍ଟୁ), ବଡ଼ବୋହୂ: ଲକ୍ଷ୍ମୀପ୍ରିୟା (ଲକି), ସାନ ପୁଅ: ସାଇ ସିଦ୍ଧାର୍ଥ (ଗୁଡୁ) ଓ ବନ୍ଧୁ ପରିଜନ ।
ଧ-୬୩୨୨୬

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଡକ୍ଟର ବନମାଳୀ ସ୍ୱାଇଁ
୧୨୬୬, ସାରଳା ନଗର, ଲକ୍ଷ୍ମୀସାଗର, କଟକ ରୋଡ୍, ଭୁବନେଶ୍ୱର
ଆବିର୍ଭାବ: ତା ୦୨।୦୭।୧୯୪୫(ନୟାଗଡ଼)
ତିରୋଧାନ: ତା ୦୭।୦୧।୨୦୨୧
ହେ ସୁପୁରୁଷ, ଆପଣଙ୍କ ଅବର୍ତ୍ତମାନରେ ଆମେ ସମସ୍ତେ ଗଭୀର ଶୋକ ପ୍ରକାଶ କରୁଅଛୁ। ଆପଣଙ୍କ ଆଦର୍ଶ ପଣିଆ, ତ୍ୟାଗପୂତ ଜୀବନ ଓ ନିଷ୍ଠାପରତା ଆମ୍ଭମାନଙ୍କୁ ସବୁବେଳେ ଦିଗ୍‌ଦର୍ଶନ ଦେଉଥାଉ। ଆଜିର ଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଆମ୍ଭେମାନେ ବିନମ୍ର ପ୍ରାର୍ଥନା କରୁଅଛୁ।
-:ଶୋକସନ୍ତପ୍ତ:-
ବନ୍ଧୁବାନ୍ଧବ ଓ ପରିବାରବର୍ଗ
ଧ-୬୭୪୦୬

# ନିଖିଲ ଓ ରଞ୍ଜିତା ୧୦୦ ମିଟରରେ ପ୍ରଥମ

## ରାଜ୍ୟସ୍ତରୀୟ ଜୁନିୟର ଆଥଲେଟିକ୍ସ ସିଲେକ୍ସନ ଟ୍ରାଏଲ

ଭୁବନେଶ୍ୱର, ୧୬।୧ (ସ୍ପୋର୍ଟ୍ସ ବ୍ୟୁରୋ)

ଆସାମର ଗୁଆହାଟୀଠାରେ ଜାତୀୟ ଜୁନିୟର ଆଥଲେଟିକ୍ସ ଚାମ୍ପିୟନଶିପ୍ ଆସନ୍ତା ଫେବୃୟାରୀ ୬ରୁ ୧୦ ତାରିଖ ପର୍ଯ୍ୟନ୍ତ ହେବ। ଏଥିପାଇଁ ସ୍ଥାନୀୟ କଳିଙ୍ଗଷ୍ଟାଡିୟମଠାରେ ଶନିବାରଠାରୁ ଦୁଇ ଦିନିଆ ରାଜ୍ୟସ୍ତରୀୟ ଜୁନିୟର ଆଥଲେଟିକ୍ସ ସିଲେକ୍ସନ ଟ୍ରାଏଲ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ୧୪ ବର୍ଷରୁ କମ୍ କମ୍ ଉଭୟ ବାଳିକା ଓ ବାଳକ ବିଭାଗରେ ମୋଟ ୧୦ଟି ଇଭେଣ୍ଟ ହୋଇଥିଲା। ସେହିପରି ୧୬ ବର୍ଷରୁ କମ୍ ବାଳିକା ଓ ବାଳକ ବିଭାଗର ୨୧ଟି ଇଭେଣ୍ଟ ଅନୁଷ୍ଠିତ ହୋଇଥିଲା।

୧୬ ବର୍ଷରୁ କମ୍ ବାଳକ ୧୦୦ମିଟର ଦୌଡ଼ରେ ସୁନ୍ଦରଗଡ଼ ନିଖିଲ କୁମାର ସାହୁ (୧୧.୭୬ ସେକେଣ୍ଡ)ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ କଟକର ବାପି ହାଁସ୍‌ଦା(୧୨.୩୫) ଦ୍ୱିତୀୟ ହୋଇଛନ୍ତି। ସେହିପରି ୧୬ ବର୍ଷରୁ କମ୍ ବାଳିକା ୧୦୦ ମିଟର ଦୌଡ଼ରେ ସୁନ୍ଦରଗଡ଼ର ରଞ୍ଜିତା ପିଙ୍ଗୁଆ (୧୪.୨୨ ସେକେଣ୍ଡ) ପ୍ରଥମ ହୋଇଛନ୍ତି। ସେହିପରି ଏହି ବୟସବର୍ଗ ବାଳକ ୩୦୦ ମିଟରରେ କଟକର ବାପି ହାଁସ୍‌ଦା ପ୍ରଥମ ହୋଇଛନ୍ତି। ୮୦୦ମିଟରରେ ଭୁବନେଶ୍ୱରର ବଳଭଦ୍ର ପାତ୍ର ପ୍ରଥମ ଓ କୋରାପୁଟର ବିପିନ ପାଙ୍ଗି ଦ୍ୱିତୀୟ ହୋଇଛନ୍ତି। ୨୦୦୦ ମିଟର ଦୌଡ଼ରେ ସୋନପୁରର ଦୟାନିଧି ମୁଣ୍ଡା ପ୍ରଥମ ଏବଂ ଢେଙ୍କାନାଳର ତାରିଣୀ ସେଠୀ ଦ୍ୱିତୀୟ ହୋଇଛନ୍ତି। ଲଙ୍ଗଜମ୍ପରେ ବଲାଙ୍ଗୀରର ନରେଶ ରୋହିଦାସ ପ୍ରଥମ ଏବଂ ଶଟ୍‌ପୁଟରେ ମାଲକାନଗିରିର ନଗେଶ ସୁନମ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଜାଭେଲିନ୍‌ରେ କନ୍ଧମାଳର ରତନ ମାରାଣ୍ଡି ପ୍ରଥମ ହୋଇଛନ୍ତି। ୮୦ ମିଟର ହର୍ଡଲ୍ସରେ ଭୁବନେଶ୍ୱରର ରଜେନ୍ଦ୍ର ସିନ୍ଧୁ ପ୍ରଥମ ଓ ନୀତୀଶ କୁଲୁ ଦ୍ୱିତୀୟ ହୋଇଛନ୍ତି। ୧୬ ବର୍ଷରୁ କମ୍ ବାଳିକା ୩୦୦ ମିଟର ଦୌଡ଼ରେ କିନ୍ସର ସୀମା ଧନ ପ୍ରଥମ ହୋଇଛନ୍ତି। ୮୦ ମିଟର ହର୍ଡଲ୍ସରେ ଭୁବନେଶ୍ୱରର ସବିତା ଟପ୍ପୋ ଓ ସୁଚିସ୍ମିତା ବେହେରା ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ହୋଇଛନ୍ତି। ସେହିପରି ଲଙ୍ଗଜମ୍ପ, ହାଇଜମ୍ପ ଏବଂ ଏବଂ ଶଟ୍‌ପୁଟ୍‌ରେ ଯଥାକ୍ରମେ ସବିତା ଟପ୍ପୋ, ଅଲିତା ମାରାଣ୍ଡି ଓ ଅଂଶିକା ରାଉତରାୟ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଅନ୍ୟପକ୍ଷରେ ୧୪ ବର୍ଷରୁ କମ୍ ବାଳକ ଓ ବାଳିକା ୬୦ ମିଟର ଦୌଡ଼ରେ ଯଥାକ୍ରମେ କେନ୍ଦୁଝରର ଲକ୍ଷ୍ମୀଧର ପ୍ରଧାନ ଏବଂ ସୁନ୍ଦରଗଡ଼ର ବାସନ୍ତୀ ମାଝି ପ୍ରଥମ ହୋଇଛନ୍ତି। ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଓଡ଼ିଶା ଆଥଲେଟିକ୍ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସିଲେକ୍ସନ ଟ୍ରାଏଲର ଦ୍ୱିତୀୟ ଦିବସରେ ୧୮ ଓ ୧୯ ବର୍ଷରୁ କମ୍ ବୟସ ବର୍ଗର ବିଭିନ୍ନ ଇଭେଣ୍ଟ ଅନୁଷ୍ଠିତ ହେବ। ଏଥିରେ ୧୫୦ ବାଳିକା ଓ ବାଳକ ଭାଗ ନେବେ।



ବାଳିକା ହର୍ଡଲ୍ସ ଇଭେଣ୍ଟରେ ଭାଗ ନେଇଥିବା ପ୍ରତିଯୋଗୀ।

# ପାକିସ୍ତାନରେ ପହଞ୍ଚିଲା ଦକ୍ଷିଣ ଆଫ୍ରିକା କ୍ରିକେଟ ଦଳ



କରାଚୀରେ ପହଞ୍ଚିବା ପରେ ଦକ୍ଷିଣ ଆଫ୍ରିକା କ୍ରିକେଟ ଦଳ।

ଇସ୍‌ଲାମାବାଦ, ୧୬।୧ (ଏପି)

ପାଖାପାଖି ଦୀର୍ଘ ୧୪ ବର୍ଷ ବ୍ୟବଧାନରେ ଦକ୍ଷିଣ ଆଫ୍ରିକା କ୍ରିକେଟ ଦଳ ଟେଷ୍ଟ ମ୍ୟାଚ ଖେଳିବା ଲାଗି ପାକିସ୍ତାନରେ ପହଞ୍ଚିଛି। ଖେଳାଳିମାନେ ବିମାନ ଯୋଗେ ଦକ୍ଷିଣାଞ୍ଚଳ ବନ୍ଦର ସହର କରାଚୀରେ ଓହ୍ଲାଇଛନ୍ତି। ଦକ୍ଷିଣ ଆଫ୍ରିକା ଦଳ ଶେଷଥର ପାଇଁ ୨୦୦୭ରେ ପାକିସ୍ଥାନ ଟୁର୍‌ରେ ଯାଇଥିଲା। ସେତେବେଳେ ଦଳ ୨ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ୧-୦ରେ ଜିତିଥିଲା। ଏହାପରେ ପାକିସ୍ତାନ ଦୁଇଥର ଦକ୍ଷିଣ ଆଫ୍ରିକା ବିପକ୍ଷ ଘରୋଇ ଟେଷ୍ଟ ସିରିଜ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ୨୦୧୦ ଓ ୨୦୧୩ରେ ଆୟୋଜନ କରିଥିଲା। ୨୦୦୯ରେ ଲାହୋରଠାରେ ଶ୍ରୀଲଙ୍କା ଦଳ ଉପରେ ଆତଙ୍କବାଦୀ ଆକ୍ରମଣ ପରେ ପାକିସ୍ତାନ ୟୁଏଇକୁ ଏହାର ହୋମ୍ ଭେନ୍ୟୁ ଭାବେ ବ୍ୟବହାର କରି ଆସୁଛି। ବର୍ତ୍ତମାନ ଟୁର୍‌ରେ ଦୁଇଟି ଟେଷ୍ଟ ମ୍ୟାଚ କରାଚୀ (ଜାନୁୟାରୀ ୨୬ରୁ ୩୦) ଏବଂ ରାୱଲପିଣ୍ଡି (ଫେବୃୟାରୀ ୪ରୁ୮)ରେ ଖେଳାଯିବ। ପରେ ଲାହୋରରେ ୩ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜ ଫେବୃୟାରୀ ୧୧ରୁ ଖେଳାଯିବ।

**ଦକ୍ଷିଣ ଆଫ୍ରିକା ଦଳ:** କ୍ୱିଣ୍ଟନ ଡି'କକ୍ (ଅଧିନାୟକ), ଏଡେନ ମାରକ୍ରାମ, ଡିନ୍ ଏଲ୍‌ଗାର, ଫାଫ୍ ଡୁ'ପ୍ଲେସି, ଟେମ୍ବା ବାଭୁମା, କାଗିସୋ ରାବାଡା, ଡ୍ୱେନ ପ୍ରିଟୋରିଅସ୍, କେଶବ ମହାରାଜ, ଲୁଙ୍ଗି ଏନ୍‌ଗିଡି, ରସି ଭାନ୍‌ଡର ଡୁସେନ, ଏନ୍‌ରଇଚ୍ ନୋର୍ଜେ, ୱିଆନ ମଲ୍ଡର, ଲୁଥୋ ସିପାମ୍ଲା, ବେଉରାନ ହେଣ୍ଡ୍ରିକ୍ସ, କାଇଲ୍ ଭେରିନି, ସାରେଲ ଏରୱି, କିଗାନ ପିଟରସନ, ଟାବ୍ରେଜ୍ ଶାମ୍‌ସି, ଜର୍ଜ ଲିଣ୍ଡେ, ଡେରିନ୍ ଡୁପାଭିଲନ, ମାର୍କୋ ଜାନ୍‌ସେନ୍।

# କିଟ୍‌କୁ ଅନ୍ତର୍ଜାତୀୟ କ୍ରୀଡ଼ା ପୁରସ୍କାର

ଭୁବନେଶ୍ୱର, ୧୬।୧(ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ କିଟ୍ ବିଶ୍ୱବିଦ୍ୟାଳୟକୁ ଆଉ ଏକ ଅନ୍ତର୍ଜାତୀୟ ପୁରସ୍କାର ମିଳିଛି। କିଟ୍‌କୁ ଆଇଏଫ୍‌ପିଇଏଫ୍‌ଏସ୍‌ଏସ୍ ଅନ୍ତର୍ଜାତୀୟ ସ୍ପୋର୍ଟ୍ସ ଆଡ୍‌ମିନିଷ୍ଟ୍ରେଟର ପୁରୁସ୍କାର ୨୦୨୦ ପ୍ରଦାନ କରାଯାଇଛି। ଅନ୍ତର୍ଜାତୀୟ ଓ ବିଶ୍ୱବିଦ୍ୟାଳୟସ୍ତରରେ କିଟ୍ ବିଭିନ୍ନ ବିଶ୍ୱସ୍ତରୀୟ ଇଭେଣ୍ଟ ଆୟୋଜନ କରିବା ସହ କ୍ରୀଡ଼ାର ଉଲ୍ଲେଖନୀୟ ପ୍ରଚାର ଓ ପ୍ରସାର ପାଇଁ ଏହି ସମ୍ମାନଜନକ ପୁରସ୍କାର ହାସଲ କରିଛି। କିଟ୍ କ୍ରୀଡ଼ା ନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ଏକ ଭର୍ଚୁଆଲ ଉତ୍ସବରେ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ହାଇଦ୍ରାବାଦର ଓସମାନିଆ ୟୁନିଭର୍ସିଟି ଏହି ଉତ୍ସବ ଆୟୋଜନ କରିଥିଲା। କିଟ୍ ଓ କିସ୍ ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଏନେଇ ଖୁସି ଜାହିର କରିଛନ୍ତି। ଏହି ପୁରସ୍କାର କ୍ରୀଡ଼ା ପାଇଁ ଆଗକୁ ଆହୁରି କାର୍ଯ୍ୟକରିବାକୁ ପ୍ରେରଣା ଦେବ ବୋଲି ସେ କହିଛନ୍ତି।

କିଟ୍‌ରେ ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ରହିଛି। କିଟ୍ ମଧ୍ୟ ବହୁ ଜାତୀୟ ତଥା ଅନ୍ତର୍ଜାତୀୟସ୍ତରର ଇଭେଣ୍ଟ ଅତି ସଫଳତାର ସହ ଆୟୋଜନ କରି ପୂର୍ବରୁ ବେଶ୍ ପ୍ରଶଂସିତ ହୋଇଛି। କିଟ୍‌ରେ ଜୁନିୟର ୱାର୍ଲ୍ଡ ଚେସ୍ ଚାମ୍ପିୟନଶିପ୍, ଏସିଆନ ସିଟିଜ ଚେସ୍ ଚାମ୍ପିୟନଶିପ୍, କିଟ୍ ଅନ୍ତର୍ଜାତୀୟ ଜିଏମ୍ ଚେସ୍ ଚାମ୍ପିୟନଶିପ ଆୟୋଜନ କରିଛି। ଏହି ବର୍ଷ କିଟ୍ ଦୁଇ ମେଗା ଇଭେଣ୍ଟ ଆୟୋଜନ କରିଥିଲା। ଏଠାରେ ପ୍ରଥମ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ ୨୦୨୦ ଫେବୃୟାରୀ ୨୨ରୁ ମାର୍ଚ୍ଚ ୧ ତାରିଖରେ ଆୟୋଜନ ହୋଇଥିଲା। ଏଥିରେ ୧୭ଟି କ୍ରୀଡ଼ା ସାମିଲ ରହିଥିଲା। ସେହିପରି ମାର୍ଚ୍ଚ ୩ରୁ ୭ ତାରିଖ ମଧ୍ୟରେ ୨୩ଟି କ୍ରୀଡ଼ାକୁ ନେଇ ୨୫ତମ ସର୍ବଭାରତୀୟ ଫରେଷ୍ଟ ସ୍ପୋର୍ଟ୍ସ ମିଟ୍ ମଧ୍ୟ ଆୟୋଜନ ହୋଇଥିଲା।

କିଟ୍ ମଧ୍ୟ ଅନ୍ତର୍ଜାତୀୟସ୍ତରର କ୍ରୀଡ଼ାବିତ ଦୂତୀ ଚାନ୍ଦ, ଅମିୟ ମଲିକ, ପୂର୍ଣ୍ଣିମା ହେମ୍ବ୍ରମ, ଜଉନା ମୁର୍ମୁ, ଶ୍ରୀୟଙ୍କା ଷଡ଼ଙ୍ଗୀ, ଋତୁପର୍ଣ୍ଣା ପଣ୍ଡା, ରଞ୍ଜିତ ନାୟକ, ସୁମିତ୍ରା ନାୟକ ଓ ମନ୍ଦାକିନୀ ମାଝିଙ୍କ ଭଳି ଖେଳାଳିଙ୍କୁ ପ୍ରତ୍ୟକ୍ଷ ଭାବେ ପ୍ରୋତ୍ସାହିତ କରିଆସୁଛି। ଏଥିସହ ତୃଣମୂଳସ୍ତରରେ କ୍ରୀଡ଼ାର ଉନ୍ନତି ପାଇଁ ମଧ୍ୟ କିଟ୍ କାର୍ଯ୍ୟକରିଆସୁଛି। ଏକମାତ୍ର ବିଶ୍ୱବିଦ୍ୟାଳୟ ଭାବେ କିଟ୍‌ରେ ଅନ୍ତର୍ଜାତୀୟସ୍ତରର କ୍ରୀଡ଼ା ଭିତ୍ତିଭୂମି ରହିଛି। ଏଠରେ ୨୫୦ରୁ ଊର୍ଦ୍ଧ୍ୱ କୋଚ୍ ଓ ସପୋର୍ଟ ଷ୍ଟାଫ ରହି ବିଭିନ୍ନ କ୍ରୀଡ଼ା ଇଭେଣ୍ଟ ପାଇଁ କାର୍ଯ୍ୟ କରୁଛନ୍ତି। ୩୩ଟି କ୍ରୀଡ଼ାରେ ୫ହଜାର କ୍ରୀଡ଼ାବିତ୍ ଏଠାରେ ପ୍ରଶିକ୍ଷଣ ନେଉଛନ୍ତି।

# ରୁଟ୍‌ଙ୍କ ଦ୍ୱିଶତକ: ଇଂଲଣ୍ଡ ପଲ୍ଲା ଭାରି

ଗାଲେ,୧୬।୧(ଏ.ପି.)

ଇଂଲଣ୍ଡ ଅଧିନାୟକ ଜୋ ରୁଟ୍‌ଙ୍କ ଚିତ୍ତାକର୍ଷକ ଦ୍ୱିଶତକ ପରେ ଦୁଇ ଓପନର କୁଶଲ ପେରେରା ଓ ଲାହିରୁ ଥିରିମାନେଙ୍କ ଲଢୁଆ ବ୍ୟାଟିଂ ବଳରେ ଶ୍ରୀଲଙ୍କା ମ୍ୟାଚକୁ ଫେରିଛି। ଏଠାରେ ଚାଲିଥିବା ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟରେ ଶ୍ରୀଲଙ୍କା ବିପର୍ଯ୍ୟୟର ସମ୍ମୁଖୀନ ହୋଇ ପ୍ରଥମ ଇନିଂସରେ ୪୬.୧ ଓଭରରେ ୧୩୫ ରନ କରି ଅଲଆଉଟ ହୋଇଥିଲା। ଜବାବରେ ଇଂଲଣ୍ଡ ପ୍ରଥମ ଇନିଂସରେ ରୁଟ୍‌ଙ୍କ ଦ୍ୱିଶତକୀୟ ପାଳି ବଳରେ ୧୧୭ ଓଭରରେ ୪୨୧ ରନ କରି ଅଲଆଉଟ ହୋଇଥିଲା। ଫଳରେ ଇଂଲଣ୍ଡ ୨୮୬ ରନର ବୃହତ୍ ଅଗ୍ରଣୀ ହାସଲ କରିଥିଲା। ଏହାପରେ ଦ୍ୱିତୀୟ ଇନଂସ ଆରମ୍ଭ କରି ଶ୍ରୀଲଙ୍କା ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ୬୧ ଓଭରରେ ୨ ଉଇକେଟ ହରାଇ ୧୫୬ ରନ ସଂଗ୍ରହ କରିଛି। ଫଳରେ ଶ୍ରୀଲଙ୍କା ଏବେ ୮ ଉଇକେଟ ବାକିଥାଇ ୧୩୦ ରନ ପଛରେ ପଡିଛି। ଷ୍ଟମ୍ପ ଅପସାରଣ ବେଳକୁ ଓପନର ଥିରିମାନେ ୭୬ ଓ ନାଇଟ୍ ୱାଚ୍‌ମ୍ୟାନ୍ ଲାସିଥ ଏମ୍ବୁଲଡେନିୟା ବିନା ସ୍କୋରରେ ଅପରାଜିତ ରହିଛନ୍ତି। ଅନ୍ୟତମ ଓପନର କୁଶଲ ପେରେରା ୬୨ ରନର ଅର୍ଦ୍ଧଶତକୀୟ ପାଳି ଖେଳି ସାମ କୁରାନଙ୍କ ବଲ୍‌ରେ ଜ୍ୟାକ୍ ଲିଚ୍‌ଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଏହାପରେ ୧୫ ରନ କରିଥିବା ବେଳେ କୁଶଲ ମେଣ୍ଡିସ୍ ଲିଚ୍‌ଙ୍କ ବଲ୍‌ରେ ଉଇକେଟକିପର ଜୋଶ ବଟଲରଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ବୋଲିଂରେ ଇଂଲଣ୍ଡ ତରଫରୁ କୁରାନ ଓ ଲିଚ୍ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୩୨୦/୪ରୁ ଖେଳ ଆରମ୍ଭ କରି ଇଂଲଣ୍ଡ ଅଲ୍‌ଆଉଟ୍ ହୋଇଥିଲା। ଓଭରନାଇଟ୍ ବ୍ୟାଟ୍ସମ୍ୟାନ ରୁଟ୍ ୧୬୮ରୁ ଖେଳ ଆରମ୍ଭ କରି ୨୨୮ ରନର ଦ୍ୱିଶତକୀୟ ପାଳି ଖେଳି ଦିଲରୁୱାନ ପେରେରାଙ୍କ ବଲ୍‌ରେ ମିଡ୍‌ଉଇକେଟରେ ଏମ୍ବୁଲଡେନିୟାଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଏହି କ୍ରମରେ ରୁଟ୍ କ୍ୟାରିୟରର ଚତୁର୍ଥ ଟେଷ୍ଟ ଦ୍ୱିଶତକ ଅର୍ଜନ କରିଛନ୍ତି। ସେହିପରି ଓଭରନାଇଟ୍ ସ୍କୋର ୭ରୁ ଖେଳ ଆରମ୍ଭ କରି ଜୋଶ ବଟ୍‌ଲର ୩୦ ରନକରି ଆଉଟ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜ୍ୟାକ ଲିଚ୍ ୪, ମାର୍କ ଉଡ ୨ ରନ କରି ଆଉଟ ହୋଇଥିବା ବେଳେ ଷ୍ଟୁଆର୍ଟ ବ୍ରଡ୍ ୧୧ ରନକରି ଅପରାଜିତ ରହିଥିଲେ। ସାମ କୁରାନ ଓ ଡୋମ ବେସ୍ ଖାତା ଖୋଲିପାରି ନ ଥିଲେ। ବୋଲିଂରେ ଶ୍ରୀଲଙ୍କା ତରଫରୁ ଦିଲରୁୱାନ ପେରେରା ସର୍ବାଧିକ ୪, ଏମ୍ବୁଲଡେନିୟା ୩, ଆସିଥା ଫର୍ନାଣ୍ଡୋ ୨ ଉଇକେଟ ଅକ୍ତିଆର କରିଥିଲେ।



ଚତୁର୍ଥ ଟେଷ୍ଟ ଦ୍ୱିଶତକ ହାସଲ କରିବା ପରେ ଇଂଲଣ୍ଡ ଅଧିନାୟକ ଜୋ ରୁଟ୍।

## ପ୍ରଥମ ଟେଷ୍ଟ

**ସଂକ୍ଷିପ୍ତ ସ୍କୋର:**

ଶ୍ରୀଲଙ୍କା ପ୍ରଥମ ଇନିଂସ-୪୬.୧ ଓଭରରେ ୧୩୫ ଅଲ୍‌ଆଉଟ।

ଇଂଲଣ୍ଡ ପ୍ରଥମ ଇନିଂସ- ୧୧୭.୧ ଓଭରର ୪୨୧ ଅଲ୍‌ଆଉଟ (ଜୋ ରୁଟ- ୨୨୮, ଡାନ ଲରେନ୍ସ- ୭୩, ବଟଲର- ୩୦, ବେୟାରଷ୍ଟୋ- ୪୭, ପେରେରା- ୪/୧୦୯, ଏମ୍ବୁଲଡେନିୟା- ୩/୧୭୬, ଅସିଥ ଫର୍ନାଣ୍ଡୋ- ୨/୪୪)।

ଶ୍ରୀଲଙ୍କା ଦ୍ୱିତୀୟ ଇନିଂସ: ୬୧ ଓଭରରେ ୧୫୬/୨ (ପେରେରା- ୬୨, ଥିରିମାନେ- ୭୬*, କୁରାନ- ୧/୨୫, ଲିଚ୍- ୧/୬୭)।

# ଚାର୍ଟର ଫ୍ଲାଇଟ୍‌ରେ ୩ କରୋନା ପଜିଟିଭ

## ଅଷ୍ଟ୍ରେଲିଆନ ଓପନ୍


ମେଲବୋର୍ନ, ୧୬।୧ (ଏପି)

ଅଷ୍ଟ୍ରେଲିଆନ ଓପନ ପୂର୍ବରୁ ଟେନିସ ଖେଳାଳି, କୋଚ୍ ଏବଂ ଅଫିସିଆଲଙ୍କୁ ନେଇ ମେଲବୋର୍ନ ଆସିଥିବା ଚାର୍ଟର ଫ୍ଲାଇଟ୍‌ରେ ୩ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସ୍ଥାନୀୟ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ ଓ ଟୁର୍ନାମେଣ୍ଟ ଆୟୋଜକ ଶନିବାର ଏହି ସୂଚନା ଦେଇଛନ୍ତି। କରୋନା ପ୍ରଭାବିତ ବିମାନ ଦୁଇଟି ଲସ୍‌ଏଞ୍ଜେଲ୍ସ ଓ ଆବୁଧାବିଠାରୁ ମୋଟ ୪୭ଜଣ ଖେଳାଳିଙ୍କୁ ନେଇ ଆସିଛି। ସମସ୍ତଙ୍କୁ ସେମାନଙ୍କ ହୋଟେଲ ରୁମ୍‌ରେ ୧୪ ଦିନ ବାଧ୍ୟତାମୂଳକ କ୍ୱାରାଣ୍ଟାଇନ୍‌ରେ ରଖାଯାଇଛି। ଏପରିକି ସେମାନେ ଅଭ୍ୟାସ ପାଇଁ ହୋଟେଲ ରୁମ୍ ଛାଡ଼ି ପାରିବେ ନାହିଁ। ଅଷ୍ଟ୍ରେଲିଆନ ଓପନ୍ ଫେବୃୟାରୀ ୮ରୁ ଆରମ୍ଭ ହେବ। ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷଙ୍କ କହିବା ଅନୁସାରେ ଲସଏଞ୍ଜେଲ୍ସରୁ ଆସିଥିବା ବିମାନଟିରୁ ୨ଜଣ ଏବଂ ଆବୁଧାବିରୁ ଆସିଥିବା ବିମାନରୁ ଜଣେ କରୋନା ସଂକ୍ରମିତଙ୍କୁ ଠାବ କରାଯାଇଛି। ଲସ୍ ଏଞ୍ଜେଲ୍ସରୁ ଆସିଥିବା ବିମାନରେ ଜଣେ ବିମାନ କର୍ମଚାରୀ ଓ ଅନ୍ୟଜଣେ ଯାତ୍ରୀ ଏବଂ ଆବୁଧାବିରୁ ଆସିଥିବା ବିମାନରୁ ଚିହ୍ନଟ କରୋନା ପଜିଟିଭ ଖେଳାଳି ନ ଥିବା କୁହାଯାଉଛି।

# ୟୁନିୟନ ସ୍ପୋର୍ଟିଂ, ୟୁ ଆଣ୍ଡ ମି ବିଜୟୀ

ଉଦଳା, ୧୬।୧(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଉଦଳା ଏନ୍‌ଏସିର ନାଗପାଳ ହାଇସ୍କୁଲ ପଡିଆ ଠାରେ ରାଜ୍ୟସ୍ତରୀୟ ଚତୁର୍ଥ ସତ୍ୟସ୍ୱରୂପ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ ମ୍ୟାଚ୍ ସ୍କାନ ସ୍ପୋର୍ଟିଂ ଭୁବନେଶ୍ୱର ଏବଂ ୟୁନିୟନ ସ୍ପୋର୍ଟିଂ କଟକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ୟୁନିୟନ ସ୍ପୋର୍ଟିଂ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୨୩୬ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଭେଙ୍କଟେଶ୍ ରାଣ୍ଡେ ସର୍ବାଧିକ ୧୩୬ ରନ୍ କରିଥିବା ବେଳେ ଜ୍ୟୋତିରଞ୍ଜନ ଦଳେଇ ୫୫ ରନ୍ ସ୍କୋର କରିଥିଲେ। ସ୍କାନ ଦଳ ବ୍ୟାଟିଂ ଆରମ୍ଭ କରି ସମସ୍ତ ଖେଳାଳି ମାତ୍ର ୮୦ ରନ୍ କରି ଆଉଟ୍ ହୋଇଯାଇଥିଲେ। ଫଳରେ ୟୁନିୟନ ସ୍ପୋର୍ଟିଂ ଦଳ ୧୫୬ ରନରେ ବିଜୟୀ ହୋଇଥିଲା। ୟୁନିୟନ ସ୍ପୋର୍ଟିଂର ବୋଲର ଆଲୋକ ସେଠୀ ୩୩ ରନ ଦେଇ ସର୍ବାଧିକ ୫ଟି ଉଇକେଟ୍ ଅକ୍ତିଆର କରିଥିଲେ। ୟୁନିୟନ ସ୍ପୋର୍ଟିଂ ଦଳର ବ୍ୟାଟ୍ସମ୍ୟାନ୍ ଭେଙ୍କଟେଶ୍ ରାଣ୍ଡେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଦ୍ୱିତୀୟ ମ୍ୟାଚ୍ ୟୁ ଆଣ୍ଡ ମି ବାଲେଶ୍ୱର ବନାମ ଚରମ୍ପା କ୍ରିକେଟ ଏକାଡେମୀ ଭଦ୍ରକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଭଦ୍ରକ ଦଳ ଟସ୍ ଜିତି ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୧୫ ରନ୍ କରିଥିଲେ। ଦଳ ପକ୍ଷରୁ ସାହିଲ୍ ଖାଁ ସର୍ବାଧିକ ୫୨ ବଲରେ ୬୪ ରନ୍ କରିଥିଲେ। ୟୁ ଆଣ୍ଡ ମିର ବୋଲର ସବ୍ୟସାଚୀ ଆଚାର୍ଯ୍ୟ, ରୋନାଲ୍ଡ ଦାସ ଏବଂ ବିଶାଲ ଦାସ ୩ ଗୋଟି ଲେଖାଏଁ ଉଇକେଟ୍ ଅକ୍ତିଆର କରିଥିଲେ। ୧୧୬ ରନକୁ ପିଛା କରି ୟୁ ଆଣ୍ଡ ମି ଦଳ ବ୍ୟାଟିଂ ଆରମ୍ଭ କରି ୩ଟି ଉଇକେଟ୍ ହରାଇ ଆବଶ୍ୟକ ୧୧୬ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଦିବ୍ୟଶକ୍ତି ଚକ୍ରବର୍ତ୍ତୀ ସର୍ବାଧିକ ୫୩ ରନ୍ କରିଥିଲେ। ଅନୁଷ୍ଠିତ ଏହି ଦୁଇ ଗୋଟି ମ୍ୟାଚକୁ ଅମ୍ପାୟର ଲଲାଟ କେଶରୀ ନନ୍ଦ ଏବଂ ଦୁର୍ଗା ପ୍ରସାଦ ପଟ୍ଟନାୟକ ପରିଚାଳନା କରିଥିଲେ।



ଅତିଥିଙ୍କଠାରୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି ଭେଙ୍କଟେଶ୍ ରାଣ୍ଡେ।

# ଭାଓଲେଟ୍, ଅରେଞ୍ଜ, ୟେଲୋ ବିଜୟୀ

ଭୁବନେଶ୍ୱର,୧୬।୧(ସ୍ପୋର୍ଟ୍ସ ବ୍ୟୁରୋ)

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ଆରମ୍ଭ ହୋଇଥିବା ଭିଜନ-୨୦୨୪ ଅନ୍ତର୍ଗତ ଦିନିକିଆ ମହିଳା କ୍ରିକେଟ ଲିଗ୍ ଦ୍ୱିତୀୟ ଦିବସରେ ପହଞ୍ଚିଛି। ଶନିବାର ଖେଳାଯାଇଥିବା ମ୍ୟାଚ୍‌ଗୁଡିକରେ ଓଡ଼ିଶା ଭାଓଲେଟ, ଓଡ଼ିଶା ଅରେଞ୍ଜ ଓ ଓଡ଼ିଶା ୟେଲୋ ବିଜୟ ହାସଲ କରିଛି।

## ମହିଳା କ୍ରିକେଟ ଲିଗ୍

ସ୍ଥାନୀୟ ମୂଳା ପଡିଆରେ ଅନୁଷ୍ଠିତ ଦ୍ୱିତୀୟ ଦିବସର ପ୍ରଥମ ମ୍ୟାଚ୍‌ରେ ଭାଓଲେଟ୍ ୧୬ଟି ବଲ୍ ବାକିଥାଇ ୧ ଉଇକେଟରେ ଓଡ଼ିଶା ରେଡ୍‌କୁ ହରାଇଛି। ଟସ୍ ଜିତି ରେଡ୍ ପ୍ରଥମେ ବ୍ୟାଟିଂ କରି ୫୦ ଓଭରରେ ୮ ଉଇକେଟ ହରାଇ ୧୭୭ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ଶିକ୍ଷା ସ୍ୱାଇଁ ୮୪ ବଲରୁ ଅପରାଜିତ ୫୦, ଅଧିନାୟିକା ମାଧୁରୀ ମେହେଟ୍ଟା ୩୭, ଶ୍ରୀୟା ଚକ୍ର ୨୩ ରନ ସଂଗ୍ରହ କରିଥିଲେ। ବୋଲିଂରେ ଭାଓଲେଟ୍ ତରଫରୁ ସଙ୍ଗୀତା ଖାଡିଆ ୨ ଓ ଅଧିନାୟିକା ସୁଶ୍ରୀ ଦିବ୍ୟଦର୍ଶନୀ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଭାଓଲେଟ ୪୭.୨ ଓଭରରେ ୯ ଉଇକେଟ ହରାଇ ୧୭୮ ରନକରି ବିଜୟ ହାସଲ କରିଥିଲା। ଦଳ ତରଫରୁ ଦିବ୍ୟଦର୍ଶନୀ ୭୩ ବଲରୁ ୬୩ ରନ, ବି.ଏଲ୍.ଏସ. ବୈଷ୍ଣବୀ ୨୧, ସୁଜାତା ମଲିକ ଅପରାଜିତ ୯ ରନ ସଂଗ୍ରହ କରିଥିଲେ। ବୋଲିଂରେ ରେଡ୍ ତରଫରୁ ବନଲତା ମଲିକ, ସୁଶ୍ରୀ ସିଂ ଓ ଶ୍ରୀୟା ଚକ୍ର ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।



ଭବାନୀ ଧଡ଼ା



ତରାନା ପ୍ରଧାନ



ସୁଶ୍ରୀ ଦିବ୍ୟଦର୍ଶନୀ

### ଭବାନୀଙ୍କୁ ପ୍ରଥମ ହ୍ୟାଟ୍ରିକ: ରାମେଶ୍ୱରୀଙ୍କୁ ୫ ଉଇକେଟ

ସ୍ଥାନୀୟ ବିକାଶ କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ୍‌ରେ ଓଡ଼ିଶା ଅରେଞ୍ଜ ୧୩୩ ରନରେ ଓଡ଼ିଶା ଗ୍ରୀନ୍‌କୁ ପରାସ୍ତ କରିଛି। ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଅରେଞ୍ଜ ୫୦ ଓଭରରେ ୮ ଉଇକେଟ ହରାଇ ୧୭୫ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ସରିତା ମେହେର ୪୯, ସୁନୀତା ମୁର୍ମୁ ୪୪, ରସନାରା ପରବୀନ ୨୪ ରନ ସଂଗ୍ରହ କରିଥିଲେ। ବୋଲିଂରେ ଗ୍ରୀନ୍ ପକ୍ଷରୁ ଡି.ଜେ. ରେଣ୍ଟ୍ଟୀ ଓ କଳ୍ପନା ନାୟକ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଗ୍ରୀନ ୧୬.୩ ଓଭରରେ ମାତ୍ର ୪୨ ରନ କରି ଅଲଆଉଟ ହୋଇଥିଲା। ଦଳ ତରଫରୁ କୁନୀ ବଡ଼ାର ୨୧ ରନ ସଂଗ୍ରହ କରିଥିଲେ। ବୋଲିଂରେ ଅରେଞ୍ଜ ତରଫରୁ ଭବାନୀ ଧଡା ୩ଟି ବଲ୍ ବୋଲିଂ କରି କ୍ରମାଗତ ୩ ଉଇକେଟ ନେବା ସହ ଟୁର୍ନାମେଣ୍ଟର ପ୍ରଥମ ହ୍ୟାଟ୍ରିକ୍ ଅର୍ଜନ କରିଛନ୍ତି। ସେହିପରି ରାମେଶ୍ୱରୀ ନାଏକ ୫ ଉଇକେଟ ହାସଲ କରିଥିଲେ।

### ପର୍ପଲ ୫୭ ରନରେ ହାରିଲା

ସ୍ଥାନୀୟ କିଟ୍ ଷ୍ଟାଡିୟମରେ ଅନୁଷ୍ଠିତ ତୃତୀୟ ମ୍ୟାଚ୍‌ରେ ଓଡ଼ିଶା ୟେଲୋଠାରୁ ଓଡ଼ିଶା ପର୍ପଲ ୫୭ ରନରେ ପରାସ୍ତ ହୋଇଛି। ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ୟେଲୋ ୫୦ ଓଭରରେ ୯ ଉଇକେଟ ହରାଇ ୧୮୧ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ଅଞ୍ଜଳି ସିଂ ୪୦, ତରାନା ପ୍ରଧାନ ୨୬, ସୁମିତ୍ରା ସାହୁ ୨୧ ରନ ସଂଗ୍ରହ କରିଥିଲେ। ବୋଲିଂରେ ପର୍ପଲ ପକ୍ଷରୁ ରାନୀ ପ୍ରସାଦ ଓ ଲକ୍ଷ୍ମୀପ୍ରିୟା ନାଏକ ୩ଟି ଲେଖାଏ, ମଧୁସ୍ମିତା ବେହେରା ୨ ଉଇକେଟ ଅକ୍ତିଆର କରିଥିଲେ।

ଜବାବରେ ପର୍ପଲ ୪୧.୪ ଓଭରରେ ୧୨୪ ରନରେ ଅଲଆଉଟ ହୋଇଥିଲା। ଦଳ ତରଫରୁ ଅଲିପ୍ସା ବିଶ୍ୱାଳ ୩୪, ମଧୁସ୍ମିତା ବେହେରା ୨୯ ରନ ସଂଗ୍ରହ କରିଥିଲେ। ବୋଲିଂରେ ୟେଲୋ ପକ୍ଷରୁ ପ୍ରିୟଙ୍କା ସାହୁ ଓ ନିଶୀଥ ଦତ୍ତ ୩ଟି ଲେଖାଏ, ତରାନା ପ୍ରଧାନ ଓ ଜି.ଏମ. ଅଳକାନନ୍ଦା ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା: ୧୬ Press Regd. No. R.N. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ରବିବାର, ୧୭ ଜାନୁୟାରୀ, ୨୦୨୧ Rayagada, Sunday, January 17/2021

# ଅଷ୍ଟ୍ରେଲିଆ ୩୬୯ରେ ଅଲ୍‌ଆଉଟ

ବ୍ରିସ୍‌ବେନ୍,୧୬।୧(ପି.ଟି.)

ଭାରତୀୟ ତାରକା ଓପନର ରୋହିତ ଶର୍ମା କ୍ରିଜ୍‌ରେ ଜମିଆସୁଥିଲେ ମଧ୍ୟ ଦାୟିତ୍ୱହୀନ ଶଟ୍ ଖେଳି ଆଉଟ ହୋଇଛନ୍ତି। ଫଳରେ ଏଠାରେ ଚାଲିଥିବା ଘରୋଇ ଅଷ୍ଟ୍ରେଲିଆ ବିପକ୍ଷ ଅନ୍ତିମ ତଥା ଚତୁର୍ଥ ଟେଷ୍ଟ ମ୍ୟାଚ୍‌ରେ ଭାରତକୁ ଝଟକା ଲାଗିଛି। ଶନିବାର ଦ୍ୱିତୀୟ ଦିବସର ଅନ୍ତିମ ସେସନ ଖେଳ ବର୍ଷା ଯୋଗୁ ବାତିଲ ହୋଇଛି। ଚା'ପାନ ବିରତି ପରେ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହୋଇଥିଲା। ଫଳରେ ଖେଳକୁ ବାତିଲ କରିବାକୁ ନିଷ୍ପତ୍ତି ନିଆଯାଇଥିଲା।

ଟସ୍ ଜିତି ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୧୧୫.୨ ଓଭରରେ ୩୬୯ ରନ କରି ଆଉଟ୍ ହୋଇଥିଲା। ଏହାପରେ ଭାରତ ପ୍ରଥମ ଇନିଂସ ଆରମ୍ଭ କରି ବର୍ଷାଯୋଗୁ ଦ୍ୱିତୀୟ ଦିବସର ଖେଳ ବାତିଲ ହେବା ବେଳକୁ ୨୬ ଓଭରରେ ୨ ଉଇକେଟ ହରାଇ ୬୨ ରନ ସଂଗ୍ରହ କରିଛି। ଫଳରେ ଭାରତ ୮ ଉଇକେଟ ହାତରେ ରଖି ଏବେ ବୃହତ୍ ୩୦୭ ରନ ପଛରେ ପଡ଼ିଛି। ଷ୍ଟମ୍ପ ଅପସାରଣ ବେଳକୁ ଟେଷ୍ଟ ସ୍ପେଶାଲିଷ୍ଟ ଚେତେଶ୍ୱର ପୂଜାରା ୪୯ଟି ବଲ୍ ଖେଳି ୮ ଓ ଅଧିନାୟକ ଅଜିଙ୍କ୍ୟ ରାହାନେ ୧୯ଟି ବଲ୍ ଖେଳି ୨ ରନ କରି ଅପରାଜିତ ରହିଛନ୍ତି। ଇନିଂସ ଆରମ୍ଭରୁ ଭାରତକୁ ଜବରଦସ୍ତ ଝଟକା ଲାଗିଥିଲା। ଇନ୍‌ଫର୍ମ ଯୁବ ଓପନର ଶୁବମନ ଗିଲ୍ ମାତ୍ର ୭ ରନ କରିଥିବା ବେଳେ ପ୍ୟାଟ୍ କମିନ୍ସଙ୍କ ଅଫ୍‌ସାଇଡ୍ ବାହାର ବଲକୁ ଖେଳିବାକୁ ଯାଇ ବିଫଳ ହୋଇଥିଲେ। ବଲ୍ ବ୍ୟାଟ୍‌ର ଏଜ୍ ନେଇଥିଲା ଓ ସ୍ଲିପ୍‌ରେ ସ୍ମିଥ ତାଙ୍କ କ୍ୟାଚ୍ ନେଇଥିଲେ। ଏହାପରେ ରୋହିତ ଓ ପୂଜାରା ଦ୍ୱିତୀୟ ଉଇକେଟରେ ୮୨ଟି ବଲ୍ ଖେଳି ୪୯ ରନକରି ସ୍ଥିତି ସମ୍ଭାଳିବାକୁ ପ୍ରୟାସ କରିଥିଲେ। କିନ୍ତୁ ରୋହିତ ୭୪ ବଲରୁ ୬ ଚୌକା ସହ ୪୪ ରନକରି କ୍ରିଜ୍ ନିଜର ସ୍ଥିତି ଦୃଢ଼ କରିସାରିଥିଲେ ଓ ଅତି ସହଜରେ ଶଟ୍‌ମାନ ଖେଳୁଥିଲେ ମଧ୍ୟ ପୁରୁଣା ତ୍ରୁଟିକୁ ଦୋହରାଇଥିଲେ ଓ ଠିକ୍ ଭାବେ ଶଟ୍ ଚୟନ କରି ନ ଥିଲେ। ଦାୟିତ୍ୱହୀନ ଶଟ୍ ଖେଳିବା ତାଙ୍କ ପାଇଁ ଓ ସମ୍ପୂର୍ଣ୍ଣ ଦଳ ଲାଗି ବେଶ୍ ମହଙ୍ଗା ସାବ୍ୟସ୍ତ ହୋଇଥିଲା। ଅଭିଜ୍ଞ ସ୍ପିନର ନାଥନ ଲିୟନଙ୍କ ମିଡିଲ ଓ ଲେଗ୍ ଷ୍ଟମ୍ପ ବଲ୍‌କୁ ଷ୍ଟେପ୍ ଆଉଟ କରି ଜୋରରେ ମାରିବାକୁ ପ୍ରୟାସ କରିଥିଲେ। ବଲ୍ ଓ ବ୍ୟାଟ୍‌ର ଠିକ୍ ସଂଯୋଗ ହୋଇ ନ ଥିଲା। ଫଳରେ ଲଙ୍ଗଅନ୍‌ରେ ସେ କ୍ୟାଚ୍ ଦେଇଥିଲେ। ନିଜ ଡାହାଣକୁ ଦୌଡ଼ି ଆସି ମିଚେଲ ଷ୍ଟାର୍କ ଏହି ସୁନ୍ଦର କ୍ୟାଚ୍ ନେଇ ରୋହିତଙ୍କୁ ପ୍ୟାଭିଲିୟନ ଫେରାଇଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ତରଫରୁ କମିନ୍ସ ଓ ଲିୟନ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଦ୍ୱିତୀୟ ଦିବସରେ ବଲ୍ ସେତେଟା ସୁଇଙ୍ଗ ହୋଇ ନ ଥିଲା। ତେବେ ପିଚ୍ ଦ୍ରୁତ ବୋଲରଙ୍କୁ ସୁହାଇ ଥିଲା। ଭାରତୀୟ ଦ୍ରୁତ ବୋଲରଙ୍କଠାରୁ ଅଷ୍ଟ୍ରେଲିଆ ବୋଲରମାନେ ହାରାହାରି ଘଣ୍ଟାପ୍ରତି ୬-୭ କି.ମି. ଅଧିକ ବେଗରେ ବୋଲିଂ କରିଥିଲେ। ଅତିକମ୍‌ରେ ଭାରତ ଏହି ମ୍ୟାଚ୍ ଡ୍ର ରଖିପାରିଲେ ବର୍ଡର- ଗାଭାସ୍କର ଟ୍ରଫି ବଜାୟ ରଖିବ ଓ ଏହା ନିଶ୍ଚିତ ଭାବେ ଘରୋଇ ଦଳକୁ ନିରାଶ କରିବ।



ରକ୍ଷଣାତ୍ମକ ଶଟ୍ ଖେଳୁଛନ୍ତି ରୋହିତ ଶର୍ମା।

## ବର୍ଷା ଯୋଗୁ ଅନ୍ତିମ ସେସନ ବାତିଲ

ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୨୭୪/୫ରୁ ଅଷ୍ଟ୍ରେଲିଆ ଖେଳ ଆରମ୍ଭ କରି ଶନିବାର ଅଲଆଉଟ ହୋଇଥିଲା। ଓଭରନାଇଟ୍ ସ୍କୋର ୩୮ରୁ ଖେଳ ଆରମ୍ଭ କରି ଅଧିନାୟକ ଟିମ୍ ପେନ୍ ୫୦ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଶାର୍ଦ୍ଦୁଳ ଠାକୁରଙ୍କ ବଲ୍‌ରେ ଦ୍ୱିତୀୟ ସ୍ଲିପ୍‌ରେ ରୋହିତଙ୍କୁ କ୍ୟାଚ୍ ଦେଇ ପୂର୍ବରୁ ପ୍ୟାଭିଲିୟନ ଫେରିଥିଲେ। ଓଭରନାଇଟ୍ ବ୍ୟାଟ୍ସମ୍ୟାନ କାମେରନ ଗ୍ରୀନ୍ ୨୮ରୁ ଖେଳ ଆରମ୍ଭ କରି ୪୭ ରନ କରିଥିବା ବେଳେ ଲାଇନ୍ ମିସ୍ କରି ଅଫ୍‌ସ୍ପିନର ୱାଶିଂଟନ ସୁନ୍ଦରଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ଏହାପରେ ପ୍ୟାଟ୍ କମିନ୍ସ ୨ ରନକରି ଠାକୁରଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ଲିୟନ ୨୨ ବଲରୁ ୪ ଚୌକା ସହ ୨୪ ରନ କରିଥିବା ବେଳେ ସୁନ୍ଦରଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ଶେଷ ଉଇକେଟ ଭାବେ ଜୋଶ ହାଜେଲଉଡ ୧୧ ରନ କରି ଟି. ନଟରାଜନଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ମିଚେଲ ଷ୍ଟାର୍କ ୨୦ ରନକରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ପ୍ରଥମ ସେସନ୍‌ରେ ଅନଭିଜ୍ଞ ଭାରତୀୟ ବୋଲରମାନେ ଜବରଦସ୍ତ ପ୍ରଦର୍ଶନ କରି ୯୫ ରନ ମଧ୍ୟରେ ଅଷ୍ଟ୍ରେଲିଆର ଶେଷ ୫ ଉଇକେଟ ଅକ୍ତିଆର କରିଥିଲେ। ସିରିଜ ଖେଳିବା ପ୍ରକ୍ରିୟାରେ ଭାରତ ତା'ର ୫ଜଣ ମୁଖ୍ୟ ବୋଲରଙ୍କୁ ଇଞ୍ଜୁରି କାରଣରୁ ହରାଇଛି। ଫଳରେ ନେଟ୍ ବୋଲର ନଟରାଜନ ଓ ୱାଶିଂଟନ ସୁନ୍ଦରଙ୍କୁ ଟେଷ୍ଟ ପଦାର୍ପଣ କରିବାର ସୁଯୋଗ ମିଳିଛି। ବୋଲିଂରେ ଭାରତ ପକ୍ଷରୁ ନଟରାଜନ, ଠାକୁର ଓ ସୁନ୍ଦର ୩ଟି ଲେଖାଏ ଓ ମହମ୍ମଦ ସିରାଜ ଗୋଟିଏ ଉଇକେଟ ଅକ୍ତିଆର କରିଛନ୍ତି। ଶୁକ୍ରବାର ମାର୍ନସ ଲାବୁସେନ ୧୦୮ ରନର ଶତକୀୟ ପାଳି ଖେଳିଥିଲେ।

## ଚତୁର୍ଥ ଟେଷ୍ଟ ସ୍କୋର ବୋର୍ଡ

**ଅଷ୍ଟ୍ରେଲିଆ ପ୍ରଥମ ଇନିଂସ**
ୱାର୍ନର-କ-ରୋହିତ-ବୋ-ସିରାଜ-୧
ହାରିସ-କ-ସୁନ୍ଦର-ବୋ-ଠାକୁର-୫
ଲାବୁସେନ୍-କ-ପନ୍ତ-ବୋ-ନଟରାଜନ-୧୦୮
ସ୍ମିଥ୍-କ-ରୋହିତ-ବୋ-ସୁନ୍ଦର-୩୬
ୱେଡ୍-କ-ଠାକୁର-ବୋ-ନଟରାଜନ-୪୫
ଗ୍ରୀନ୍-ବୋ-ସୁନ୍ଦର-୪୭
ପେନ୍-କ-ରୋହିତ-ବୋ-ଠାକୁର-୫୦
କମିନ୍ସ-ଏଲ୍‌ବିଡବ୍ଲ୍ୟୁ-ଠାକୁର-୨
ଷ୍ଟାର୍କ-ନଟଆଉଟ-୨୦
ଲିଅନ୍-ବୋ-ସୁନ୍ଦର-୨୪
ହାଜେଲଉଡ୍-ବୋ-ନଟରାଜନ-୧୧
ଅତିରିକ୍ତ-୨୦
ମୋଟ (୧୧୫. ୨ ଓଭର/ଅଲ୍‌ଆଉଟ) ୩୬୯।
ଉଇକେଟ ପତନ: ୧/୪, ୨/୧୭, ୩/୮୭, ୪/୨୦୦, ୫/୨୧୩, ୬/୩୧୧, ୭/୩୧୩, ୮/୩୧୫, ୯/୩୫୪।

**ବୋଲିଂ (ଭାରତ)**
ମହମ୍ମଦ ସିରାଜ ୨୫-୧୦-୬୬-୧
ଟି. ନଟରାଜନ ୨୪.୨-୩-୭୮-୩
ଶାର୍ଦ୍ଦୁଳ ଠାକୁର ୨୪-୬-୯୩-୩
ନବଦୀପ ସଇନୀ ୭.୫-୨-୨୧-୦
ୱାଶିଂଟନ ସୁନ୍ଦର ୩୧-୬-୮୯-୩
ରୋହିତ ଶର୍ମା ୦.୧-୦-୧-୦।

**ଭାରତ ପ୍ରଥମ ଇନିଂସ**
ରୋହିତ-କ-ଷ୍ଟାର୍କ-ବୋ-ଲିଅନ-୪୪
ଶୁବମନ-କ-ସ୍ମିଥ୍-ବୋ-କମିନ୍ସ-୭
ପୂଜାରା-ନଟ୍‌ଆଉଟ-୮
ରାହାନେ-ନଟ୍‌ଆଉଟ-୨
ଅତିରିକ୍ତ-୧
ମୋଟ (୨୬ ଓଭର/ ୨ ଉଇକେଟ) ୬୨।
ଉଇକେଟ ପତନ: ୧/୧୧, ୨/୬୦।

**ବୋଲିଂ (ଅଷ୍ଟ୍ରେଲିଆ)**
ମିଚେଲ ଷ୍ଟାର୍କ ୩-୧-୮-୦
ଜୋସ୍ ହାଜେଲଉଡ୍ ୮-୪-୧୧-୦
ପ୍ୟାଟ କମିନ୍ସ ୬-୧-୨୨-୧
କାମେରନ ଗ୍ରୀନ୍ ୩-୦-୧୧-୦
ନାଥାନ ଲିଅନ ୬-୨-୧୦-୧।

# ଇଣ୍ଡିଆନ ସୁପର ଲିଗ୍: ମୁମ୍ବାଇ- ହାଇଦ୍ରାବାଦ ମ୍ୟାଚ୍ ଡ୍ର

**ବାମ୍ବୋଲିମ,୧୬।୧:** ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍)ରେ ଶନିବାର ମୁମ୍ବାଇ ସିଟି ଏଫ୍‌ସି ଓ ହାଇଦ୍ରାବାଦ ଏଫ୍‌ସି ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ଗୋଲ ଶୂନ୍ୟ ଭାବେ ଶେଷ ହେବା ସହ ଡ୍ର ରହିଛି। ସ୍ଥାନୀୟ ଜିଏମ୍‌ସି ଷ୍ଟାଡିୟମରେ ଅନୁଷ୍ଠିତ ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ କୌଣସି ଦଳ ଗୋଲ ସ୍କୋର କରିବାକୁ ସକ୍ଷମ ହୋଇ ନ ଥିଲେ। ମ୍ୟାଚ୍ ପରେ ଇଞ୍ଜୁରି ଟାଇମ ବାବଦରେ ଅତିରିକ୍ତ ୩ ମିନିଟ୍ ଖେଳ ହୋଇଥିଲା। ଉଭୟ ଦଳ ଏକାଧିକ ସୁଯୋଗ ପାଇଥିଲେ ମଧ୍ୟ ଗୋଲରେ ପରିଣତ କରିପାରି ନ ଥିଲେ। ଏଥିସହି ମୁମ୍ବାଇ ୧୧ଟି ମ୍ୟାଚ୍ ଖେଳି ୮ ବିଜୟ, ୨ ଡ୍ର ଓ ୧ ପରାଜୟ ସହ ୨୬ ପଏଣ୍ଟ ହାସଲ କରି ତାଲିକାର ଶୀର୍ଷ ସ୍ଥାନରେ ରହିଛି। ସେହିପରି ହାଇଦ୍ରାବାଦ ୧୧ଟି ମ୍ୟାଚ୍ ଖେଳି ୪ ଲେଖାଏ ବିଜୟ ଓ ଡ୍ର, ୩ ପରାଜୟ ସହ ୧୬ ପଏଣ୍ଟ ପାଇ ଚତୁର୍ଥ ସ୍ଥାନରେ ରହିଛି। ବଲ୍ ପଜେଶନ, ପାସ୍ ଓ ପାସ୍ ଆକ୍ୟୁରେସିରେ ହାଇଦ୍ରାବାଦଠାରୁ ମୁମ୍ବାଇ ଯଥେଷ୍ଟ ଆଗରେ ରହିଥିଲା। ମ୍ୟାଚ ଡ୍ର ହୋଇଥିଲେ ମଧ୍ୟ ମୁମ୍ବାଇ ପ୍ରଭାବ ବିସ୍ତାର କରି ଖେଳିଥିଲା। ମୁମ୍ବାଇ ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ୨୨ ତାରିଖ ଶୁକ୍ରବାର ଇଷ୍ଟ ବେଙ୍ଗଲକୁ ଭେଟିବ। ସେହିପରି ହାଇଦ୍ରାବାଦ ୧୯ ତାରିଖ ମଙ୍ଗଳବାର ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ଓଡ଼ିଶାକୁ ଭେଟିବ।



ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।




# ମୋହନବାଗାନ ସହଜ ହେବନାହିଁ

ବାଇଚୁଙ୍ଗ ଭୁଟିଆ

ହିରୋ ଇଣ୍ଡିଆନ ସୁପର ଲିଗ୍ ଟାଇଟଲ ଦାବିଦାର ମନେହେଉଥିବା ଏଫ୍‌ସି ଗୋଆ ଓ ଏଟିକେ ମୋହନବାଗାନ ମଧ୍ୟରେ ଟକ୍କର ଜୋରଦାର ହେବ ବୋଲି ଆଶା କରାଯାଏ। ପ୍ରତିଯୋଗିତାରେ ଏଟିକେ ମୋହନବାଗାନର ଆରମ୍ଭ ଉତ୍ସାହଜନକ ଥିଲା। କିନ୍ତୁ ପରେ ଦଳର ଉତ୍ଥାନପତନ ଦେଖାଯାଇଛି। ଏପରି କି ଗୋଲ ସ୍କୋର କରିବା ଲାଗି ଦଳକୁ ସଂଘର୍ଷ କରିବାକୁ ପଡୁଥିବା ଲକ୍ଷ୍ୟ କରାଯାଇଛି। ସେ ତୁଳନାରେ ଏଫ୍‌ସି ଗୋଆ ଦଳ ବେଶ୍ ସଂଗଠିତ। ମିଡ୍‌ଫିଲ୍ଡ ଅଞ୍ଚଳକୁ ଦଳ ନିୟନ୍ତ୍ରଣରେ ରଖିବାକୁ ପ୍ରୟାସ ରଖିଥାଏ। ଦଳର ଫରୱାର୍ଡ ଲାଇନ୍ ବେଶ୍ ଶକ୍ତିଶାଳୀ। ଟେବୁଲର ଶୀର୍ଷରେ ପଏଣ୍ଟ ବ୍ୟବଧାନକୁ ନେଇ ଉଭୟ ଦଳ ପାଇଁ ଏହି ମ୍ୟାଚ ଗୁରୁତ୍ୱପୂର୍ଣ୍ଣ। ଗୋଆ ଏଫ୍‌ସି ଏକ ଆକ୍ରମଣାତ୍ମକ ଖେଳୁଥିଲେ ମଧ୍ୟ ଏଟିକେ ମୋହନବାଗାନ ଦଳ ପାଇଁ ସହଜ ହେବ ନାହିଁ। କାରଣ ଏହି ଦଳରେ ବହୁ ଅଭିଜ୍ଞ ଖେଳାଳି ଅଛନ୍ତି। ବିପକ୍ଷ ଦଳର ଯୋଜନା ପଣ୍ଡ କରିଦେବାର କ୍ଷମତା ଏହି ଦଳ ନିକଟରେ ରହିଛି। ଆକ୍ରମଣବେଳେ ବକ୍ସରେ ଅଧିକ ଖେଳାଳିଙ୍କ ଉପସ୍ଥିତି ଦରକାର। ଏଟିକେ ମୋହନବାଗାନର ବେଞ୍ଚ୍ ଷ୍ଟ୍ରେନ୍ଥ୍ ଏପରି ଯେ କେହି ଈର୍ଷା ନ କରି ରହିପାରିବ ନାହିଁ। ବର୍ତ୍ତମାନ କୋଚ୍ ଆଣ୍ଟୋନିଓ ହାବାସ୍‌ଙ୍କ ଲାଗି ଦଳର ଅନ୍ୟ ଖେଳାଳିମାନଙ୍କୁ ନେଇ ପରୀକ୍ଷା କରିବାର ସମୟ ଆସି ପହଞ୍ଚିଛି।




ଡବଲ ହେଡରର ଅନ୍ୟ ମ୍ୟାଚ୍‌ଟି ଜାମସେଦପୁର ଏଫ୍‌ସି ଓ ନର୍ଥ ଇଷ୍ଟ ୟୁନାଇଟେଡ୍ ଏଫ୍‌ସି ମଧ୍ୟରେ ହେବ। ଟପ୍ ଫୋର୍‌ରେ ପ୍ରବେଶ ଦୌଡ଼ରେ ସାମିଲ ହେବା ପାଇଁ ଏହି ମ୍ୟାଚ ଗୁରୁତ୍ୱପୂର୍ଣ୍ଣ। ଜାମସେଦପୁର ଏଫ୍‌ସିର ପ୍ରଦର୍ଶନରେ ସ୍ଥିରତା ନାହିଁ। ଏହି ଦଳ ନେରୁଜିସ୍ ଭାଲ୍ସକିସ୍‌ଙ୍କ ଉପରେ ଅଧିକ ନିର୍ଭରଶୀଳ। ଏଫ୍‌ସି ଗୋଆ ବିପକ୍ଷ ଗତ ମ୍ୟାଚରେ ଦଳ ପରାଜିତ ହୋଇଛି। ଅନ୍ୟପକ୍ଷରେ ନର୍ଥ ଇଷ୍ଟ ୟୁନାଇଟେଡ୍ ଏଫ୍‌ସିର ଆରମ୍ଭ ଖୁବ୍ ଭଲ ରହିଥିଲା। ଟପ୍ ଫୋର୍‌ରେ ପ୍ରବେଶ କରିବାକୁ ହେଲେ ଏହି ଦଳକୁ ଏଣିକି ସବୁ ମ୍ୟାଚରେ ଭଲ ପ୍ରଦର୍ଶନ କରିବାକୁ ପଡ଼ିବ। ମ୍ୟାନେଜମେଣ୍ଟ ପ୍ରତିଯୋଗିତା ମଝିରେ ମୁଖ୍ୟ କୋଚ୍ ମିଡ୍‌ସିଜନଙ୍କୁ ବିଦା କରିଦେବା ଏକ କଠିନ ନିଷ୍ପତ୍ତି। ଏହା ଏକ ଯୁବ ଦଳ। ପ୍ରତିଯୋଗିତାକୁ ପ୍ରତ୍ୟାବର୍ତ୍ତନ କରିବା ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ। ମୋର ଆହୁରି ମଧ୍ୟ ଚେନ୍ନାଇନ ଏଫ୍‌ସି ଏବଂ ଏସ୍‌ସି ଇଷ୍ଟବେଙ୍ଗଲ ମଧ୍ୟରେ ଆଗକୁ ଖେଳାଯିବାକୁ ଥିବା ମ୍ୟାଚ ଉପରେ ନଜର ରହିବ। କାରଣ ବର୍ତ୍ତମାନ ପ୍ଲେ-ଅଫ୍ ପାଇଁ ସମସ୍ତଙ୍କ ଲାଗି ପଥ ଉନ୍ମୁକ୍ତ ରହିଛି। ଏସ୍‌ସି ଇଷ୍ଟବେଙ୍ଗଲ ଏହାର ଗତ ୬ଟି ମ୍ୟାଚରେ ଅପରାଜେୟ ରହିଛି। ପ୍ରତିଟି ମ୍ୟାଚରେ ଦଳ କ୍ରମେ ଉନ୍ନତି କରିବାରେ ଲାଗିଛି। ଦଳ ଗୋଲ୍ ମଧ୍ୟ ସ୍କୋର କରୁଛି। ଏସବୁ ଦୃଷ୍ଟିରୁ ଦଳ ଲାଗି ଆଶାର ଆଲୋକ ଦେଖାଦେଇଛି। (ଗେମ୍‌ପ୍ଲାନ)

# ପାଣ୍ଡ୍ୟା ଭ୍ରାତୃଦ୍ୱୟଙ୍କ ପିତାଙ୍କ ଦେହାନ୍ତ

**ଭଦୋଦରା,୧୬।୧(ପି.ଟି.):** ଭାରତୀୟ କ୍ରିକେଟର ହାର୍ଦ୍ଦିକ ପାଣ୍ଡ୍ୟା ଓ ତାଙ୍କ ବଡ଼ ଭାଇ କ୍ରୁନାଲ ପାଣ୍ଡ୍ୟା ତାଙ୍କ ପିତାଙ୍କୁ ହରାଇଛନ୍ତି। ୭୧ ବର୍ଷ ବୟସରେ ତାଙ୍କ ପିତା ହିମାଂଶୁ ଶନିବାର ହୃଦ୍‌ଘାତରେ ମୃତ୍ୟୁବରଣ କରିଛନ୍ତି। ଚଳିତ ସୟଦ ମୁସ୍ତାକ ଅଲି ଟ୍ରଫିରେ କ୍ରୁନାଲ ବରୋଦାର ନେତୃତ୍ୱ ନେଉଛନ୍ତି। ହାର୍ଦ୍ଦିକ ମୁମ୍ବାଇରେ ଟ୍ରେନିଂ ଛାଡ଼ି ଭଦୋଦରା ଯାଇଛନ୍ତି। ଦୁଇ ଭାଇଙ୍କ ସଫଳାତା ପଛରେ ତାଙ୍କର ଯଥେଷ୍ଟ ଯୋଗଦାନ ରହିଥିଲା। ଭାରତୀୟ ଅଧିନାୟକ ବିରାଟ କୋହଲି, କ୍ରିକେଟ ଆଇକନ ସଚିନ ତେନ୍ଦୁଲକର, ଇର୍ଫାନ ଓ ୟୁସୁଫ ପଠାନ ଏବଂ କ୍ରିକେଟ ଜଗତର ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ଦୁଇ ଭାଇଙ୍କୁ ସମବେଦନା ଜଣାଇଛନ୍ତି।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ